ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ଜୁଲାଇ ୪/୨୦୨୩ (୧୪ ପୃଷ୍ଠା) | Bhubaneswar, Tuesday, July 4/2023 | Page 14 | ₹ 7.00
୪୯ଶ ଭାଗ ୨୧୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 219 | ମୂଲ୍ୟ ₹୭/-



**ବିଜୟ ସହ ସ୍ୱିଟେକଙ୍କ ଅଭିଯାନ**

ପ୍ରଥମ ରାଉଣ୍ଡରେ ସହଜ ବିଜୟ ସହ ଶୀର୍ଷ ର୍‍ୟାଙ୍କିଙ୍ଗପ୍ରାପ୍ତ ଇଗା ସ୍ୱିଟେକ ୱିମ୍ବଲେଡନ ଓପନରେ ତାଙ୍କ ଅଭିଯାନ ଆରମ୍ଭ କରିଛନ୍ତି।

୧୪

୧୧

**ଅଗଷ୍ଟ ୧୧ରେ ଅକ୍ଷୟଙ୍କ 'ଓଏମ୍‌ଜି ୨'**

ବଲିଉଡ୍ ଅଭିନେତା ଅକ୍ଷୟ କୁମାର କିଛି ବର୍ଷ ଅନ୍ତର ପରେ ପୁଣି ଫିଲ୍ମ 'ଓଏମ୍‌ଜି ୨' ସହ ବଡ଼ ପରଦାକୁ ଫେରିଛନ୍ତି। ଯାହା ଅଗଷ୍ଟ ୧୧ରେ ରିଲିଜ୍ ହେବ।





ମଣିପୁର ଜାତିଆଣ ହିଂସା ରୋକିବାରେ ବିଫଳ ମୁଖ୍ୟମନ୍ତ୍ରୀ ଏନ୍. ବିରେନ୍ ସିଂଙ୍କ ଇସ୍ତଫା ଦାବିରେ ସୋମବାର ନୂଆଦିଲ୍ଲୀଠାରେ ବିକ୍ଷୋଭ କରୁଥିବା ଅଖିଳ ଭାରତୀୟ ଯୁବ କଂଗ୍ରେସର ଜଣେ କାର୍ଯ୍ୟକର୍ତ୍ତାଙ୍କୁ ସୁରକ୍ଷା କର୍ମୀ ଉଠାଇ ନେଉଛନ୍ତି।

# ୧୩ରେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ

## ସଫ୍ଟ ଲ୍ୟାଣ୍ଡିଂରେ ସକ୍ଷମ ହେବୁ: ଇସ୍ରୋ ଅଧ୍ୟକ୍ଷ

**ନୂଆଦିଲ୍ଲୀ, ୩।୭**

ଆସନ୍ତା ୧୩ ତାରିଖରେ ଚନ୍ଦ୍ରଯାନ-୩ ଉତ୍କ୍ଷେପଣ ହେବ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଅଧ୍ୟକ୍ଷ ଏସ୍. ସୋମନାଥ ସୋମବାର ଏହି ଘୋଷଣା କରିଛନ୍ତି। ୧୩ ତାରିଖରେ କୌଣସି ପ୍ରକାର ସମସ୍ୟା ଉପୁଜିଲେ, ଚନ୍ଦ୍ରଯାନ-୩ ଉତ୍କ୍ଷେପଣ ସମୟ ସୀମା ଜୁଲାଇ ୧୯ ଯାଏ ରହିଥିବା ସୋମନାଥ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ଆମେ ଚନ୍ଦ୍ରରେ ସଫ୍ଟ ଲ୍ୟାଣ୍ଡିଂ କରିବାକୁ ସକ୍ଷମ ହେବୁ। ଚନ୍ଦ୍ରଯାନ-୩ ହେଉଛି ଭାରତର ସବୁଠୁ ଓଜନିଆ ଯାନ। ଏହାକୁ ଶ୍ରୀହରିକୋଟାସ୍ଥିତ ସତିଶ ଧୱନ ସ୍ପେସ୍ ସେଣ୍ଟରରୁ ରକେଟ୍ 'ଜିଏସ୍‌ଏଲ୍‌ଭି ମାର୍କ-୩' ଚନ୍ଦ୍ରର କକ୍ଷପଥକୁ ନେଇଯିବ। ଏହା ହେଉଛି ଚନ୍ଦ୍ରଯାନ ସିରିଜ୍‌ର ତୃତୀୟ ସଂସ୍କରଣ। ଚନ୍ଦ୍ରପୃଷ୍ଠରେ ଏହାର ସଫଳ ଅବତରଣ ଲକ୍ଷ୍ୟ ରଖାଯାଇଛି। ଏହା ସଫଳ ହେଲେ ଚନ୍ଦ୍ରପୃଷ୍ଠରେ ମହାକାଶ ଯାନ ଅବତରଣ କରିବାରେ ଭାରତ ବିଶ୍ୱରେ ଚତୁର୍ଥ ଦେଶ ହେବ। ଏକ୍ଷେତ୍ରରେ ଆମେରିକା, ଚାଇନା ଏବଂ ରୁଷିଆ ସଫଳତା ପାଇସାରିଛନ୍ତି। ସୂଚନାଥାଉ କି, ୨୦୧୯ ଜୁଲାଇ ୨୨ରେ ଚନ୍ଦ୍ରଯାନ-୨ ଉତ୍କ୍ଷେପଣ କରାଯାଇଥିଲା। ୭ ସେପ୍ଟେମ୍ବର ୨୦୧୯ରେ ଚନ୍ଦ୍ରଯାନ-୨ର ଲାଣ୍ଡର 'ବିକ୍ରମ' ଚନ୍ଦ୍ରପୃଷ୍ଠରେ ଅବତରଣ କରିବା ସମୟରେ ☞ପୃଷ୍ଠା-୪



ଚନ୍ଦ୍ରଯାନ-୩

# ମାନବୀୟ ତ୍ରୁଟି ଥିଲା, ରୋକାଯାଇ ପାରିଥାନ୍ତା

## ସ୍ପଷ୍ଟ ହେଉଛି ବାହାନଗା ଟ୍ରେନ୍ ଦୁର୍ଘଟଣାର କାରଣ

**ଭୁବନେଶ୍ୱର, ୩।୭ (ଅଭିଜିତ ଦାସ)**

ଗତ ଜୁନ୍ ୨ ବାଲେଶ୍ୱର ବାହାନଗା ଟ୍ରେନ୍ ଦୁର୍ଘଟଣାରେ ରେଲୱେର ମୁଖ୍ୟ ସେଫ୍ଟି କମିଶନର (ସିସିଆର୍‌ଏସ୍) ଓ ସିବିଆଇ ଟିମ୍ ତଦନ୍ତ କରୁଛନ୍ତି। ଗତ କିଛିଦିନ ତଳେ ସିସିଆର୍‌ଏସ୍ ପକ୍ଷରୁ ରେଲ୍‌ୱେ ବୋର୍ଡ ନିକଟରେ ସ୍ୱତନ୍ତ୍ର ତଦନ୍ତ ରିପୋର୍ଟ ଦାଖଲ କରାଯାଇଥିଲା। ଉକ୍ତ ରିପୋର୍ଟରେ ସିଗ୍‌ନାଲ ଓ ଟେଲିଂ କମ୍ୟୁନିକେଶନରେ ଏକାଧିକ ତ୍ରୁଟିରୁ ଏଭଳି ଦୁର୍ଘଟଣା ଘଟିଥିବା ଉଲ୍ଲେଖ କରାଯାଇଛି। ସିଗ୍‌ନାଲ ସିଷ୍ଟମର ଅଧିକାରୀଙ୍କ ଅପାରଗତାରୁ କରମଣ୍ଡଳ ଏକ୍ସପ୍ରେସ୍‌ଟି ଅପ୍ ଲାଇନ୍ ବଦଳରେ ଲୁପ୍ ଲାଇନକୁ ମାଡିଯାଇଥିଲା। ଯଦିଓ ସିଗନାଲରେ ତ୍ରୁଟି ଥିଲା, ତେବେ ନାଲି ପତାକା ମାଧ୍ୟମରେ ଏହି ଭୟଙ୍କର ଟ୍ରେନ୍ ଦୁର୍ଘଟଣାକୁ ରୋକା ଯାଇପାରିଥାନ୍ତା। ମାତ୍ର ତାହା କରାଯାଇ ନ ଥିଲା। ଅନ୍ୟପକ୍ଷରେ ଅପ୍ ଲାଇନ୍‌ରେ ସିଗ୍‌ନାଲ ତ୍ରୁଟି ଦେଖାଯିବାର ବହୁ ପୂର୍ବରୁ ୨ଟି ମୁଖ୍ୟ ଟ୍ରାକ୍‌କୁ ସଂଯୋଗ କରୁଥିବା ସୁଇଚର୍‌ରେ ତ୍ରୁଟି ଦେଖାଯାଇଥିଲା। ଷ୍ଟେଶନ ମ୍ୟାନେଜର ଓ ବିଭାଗୀୟ କର୍ମଚାରୀଙ୍କ ଦ୍ୱାରା ଏହା ଉପରେ ପଦକ୍ଷେପ ନିଆଯାଇ ନ ଥିଲା, ଯାହା ଦୁର୍ଘଟଣାର ଅନ୍ୟତମ କାରଣ ବୋଲି ରିପୋର୍ଟରେ ଉଲ୍ଲେଖ କରାଯାଇଛି। ତଦନ୍ତକରୀ ଟିମ୍ ଦୁର୍ଘଟଣାର ତଦନ୍ତ ସମୟରେ ସିଗ୍‌ନାଲ ସିଷ୍ଟମ୍ ଓ ସୁଇଚର୍‌କୁ ନେଇ ଏକ ପରୀକ୍ଷଣ କରିଥିଲେ। ଏହି ସମୟରେ ଉଭୟ ବିଭାଗରେ ତ୍ରୁଟି ଦେଖାଯାଇଥିଲା। ଏପରିକି ଷ୍ଟେଶନ ପୂର୍ବରୁ ଉତ୍ତର କ୍ୟାବିନ, କ୍ୟାବିନ୍ ସହ ଜଡିତ ରିଲେ ରୁମ୍ ଏବଂ ଷ୍ଟେଶନ ନିକଟ କ୍ରସିଂ ପଏଣ୍ଟ (ଗେଟ୍ ନମ୍ବର ୯୪)ରେ ସିଗ୍‌ନାଲ କମ୍ୟୁନିକେଶନରେ ଅଦଳ ବଦଳ ରିଅର ମଧ୍ୟରେ ଧକ୍କା ହୋଇଥିଲା, ଫଳରେ କ୍ରସିଂ ପଏଣ୍ଟରେ ଇଲେକ୍ଟ୍ରିକ୍ ଲିଫ୍ଟ ବ୍ୟାରେଜର ସିଗ୍‌ନାଲରେ ବାରମ୍ବାର ପରିବର୍ତ୍ତନ ଆସୁଥିଲା। ବାହାନଗା ତଦନ୍ତ ରିପୋର୍ଟ ଦାଖଲ ପରେ ସମ୍ପୂର୍ଣ୍ଣ ସିଗ୍‌ନାଲ ସିଷ୍ଟମ ଓ ସୁଇଚ୍‌ର ଯାଞ୍ଚ ସହ ଏକ ସ୍ୱତନ୍ତ୍ର ଟିମ୍ ମାଧ୍ୟମରେ ଉଚ୍ଚ ପରୀକ୍ଷଣ କରାଯିବା ଆବଶ୍ୟକ ବୋଲି ସିସିଆର୍‌ଏସ୍ ବୋର୍ଡକୁ ଜଣାଇଛନ୍ତି। ୨୦୨୨ରେ ଖଡଗପୁର ଡିଭିଜନରେ ମଧ୍ୟ ଏଭଳି ସମାନ ଘଟଣା ଦେଖିବାକୁ ମିଳିଥିଲା। ତେଣୁ ଏହାକୁ ତ୍ରୁଟିମୁକ୍ତ କରିବା ଲାଗି ସ୍ପେଶାଲ ଡ୍ରାଇଭ୍ ଆରମ୍ଭ କରାଯିବା ସହ ଏଭଳି ବିପର୍ଯ୍ୟୟର ମୁକାବିଲା ଲାଗି ଜୋନାଲ ଅଧିକାରୀମାନେ ଏନ୍‌ଡିଆରଏଫ୍ ଓ ଏସ୍‌ଡିଆର୍‌ଏଫ୍‌ଙ୍କ ମଧ୍ୟରେ ସମନ୍ୱୟ ରଖିବା ଆବଶ୍ୟକ ବୋଲି ସିସିଆର୍‌ଏସ୍ ପରାମର୍ଶ ଦେଇଛି।

# ୯୦୦ ସ୍ଥାନରେ ୩୦ ପୋଲିସଙ୍କୁ ଦାୟିତ୍ୱ

## ଶିମିଳିପାଳ ସୁରକ୍ଷା

**ଶିମିଳିପାଳ ଅଭୟାରଣ୍ୟରେ କିଛି ସପ୍ତାହ ଅନ୍ତରରେ ଶିକାରୀଙ୍କ ଗୁଳିରେ ୨ ବନ କର୍ମଚାରୀ ମୃତ୍ୟୁ ଘଟଣା ପରେ ବନ କର୍ମଚାରୀଙ୍କ ମଧ୍ୟରେ ଅସନ୍ତୋଷ ବଢିଚାଲିଛି। ସୁରକ୍ଷା ଆଦି ୫ଦଫା ଦାବିରେ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ଗତ ୧୯ତାରିଖରୁ ପାଟ୍ରୋଲିଂ ଛାଡ଼ି ଆନ୍ଦୋଳନରେ ସାମିଲ ହୋଇଛି। ବନ କର୍ମଚାରୀଙ୍କ ଦାବି ସମ୍ପର୍କରେ ରାଜ୍ୟ ସରକାରଙ୍କ ଆଲୋଚନା ବିଫଳ ହୋଇଥିବାବେଳେ ରବିବାରଠାରୁ ଶିମିଳିପାଳ ଜଗିବା ପାଇଁ ୩୦ ପୋଲିସ କର୍ମଚାରୀଙ୍କୁ ଦାୟିତ୍ୱ ମିଳିଛି। ଶିମିଳିପାଳ ପ୍ରବେଶ ପଥ ଓ ବିଟ୍ ହାଉସ୍‌ଗୁଡ଼ିକରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଏସ୍‌ପି ବି.ଗଙ୍ଗାଧର ସୋମବାର କହିଛନ୍ତି। ତେବେ ଯେଉଁ ସ୍ଥାନରେ ୯୦୦ରୁ ଊର୍ଦ୍ଧ୍ୱ ବନ କର୍ମଚାରୀ ଜଗୁଥିଲେ ସେଠାରେ ମାତ୍ର ୩୦ଜଣ ପୋଲିସ କର୍ମଚାରୀ କିଭଳି ଏତେବଡ଼ ଅଭୟାରଣ୍ୟକୁ ଜଗିବେ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।**

- ଆନ୍ଦୋଳନରେ ବନ କର୍ମଚାରୀ
- କେନ୍ଦ୍ରମନ୍ତ୍ରୀଙ୍କ ଚିଠି ସତ୍ତ୍ୱେ ନିଆଯାଉନି ପଦକ୍ଷେପ

**ବାରିପଦା, ୩।୭ (ନୀଳାଦ୍ରି ବିହାରୀ ଦଣ୍ଡପାଟ)**

ଏସିଆ ମହାଦେଶର ଦ୍ୱିତୀୟ ସର୍ବବୃହତ୍ ଅଭୟାରଣ୍ୟ ଶିମିଳିପାଳର ବନ୍ୟପ୍ରାଣୀ, ବୃକ୍ଷଲତା ଓ ସୁରକ୍ଷା ଦାୟିତ୍ୱରେ ଥିବା ବନ କର୍ମଚାରୀ ଭୟ ଓ ଆତଙ୍କ ମଧ୍ୟରେ ରହିଛନ୍ତି। ଏକମାସ ମଧ୍ୟରେ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନରେ କାର୍ଯ୍ୟରତ ଦୁଇ ବନ କର୍ମଚାରୀ ଶିକାରୀଙ୍କ ଗୁଳିରେ ନିହତ ହୋଇଛନ୍ତି। ଏହି ଘଟଣା ପରେ ସୁରକ୍ଷା ଦାବି ନେଇ ସାରା ରାଜ୍ୟରେ ବନ କର୍ମଚାରୀମାନେ ପାଟ୍ରୋଲିଂ ଛାଡ଼ି ଆନ୍ଦୋଳନ ଜାରି ରଖିଛନ୍ତି। କର୍ମଚାରୀମାନେ ଅଫିସ କାର୍ଯ୍ୟ ବ୍ୟତୀତ ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ଦିଗରେ ଅସହଯୋଗ କରି ଚାଲିଛନ୍ତି। ଅପରପକ୍ଷରେ ଶିକାରୀ ଗୁଳିରେ ବନ କର୍ମଚାରୀ ମୃତ୍ୟୁ ପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ମହାନିର୍ଦ୍ଦେଶକ ତଥା ସ୍ୱତନ୍ତ୍ର ସଚିବଙ୍କ ଅଧ୍ୟକ୍ଷତାରେ ଏକ କେନ୍ଦ୍ରୀୟ ଟିମ୍ ଶିମିଳିପାଳ ଗସ୍ତ କରି ରିପୋର୍ଟ ପ୍ରଦାନ କରିଥିଲା। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ରିପୋର୍ଟରେ ଉଲ୍ଲେଖ କରାଯାଇଥିଲା। ଏହାକୁ ନେଇ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ମନ୍ତ୍ରୀ ଭୁପେନ୍ଦର ଯାଦବ ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପରେ ଥିବା ବାଘ ଓ ସେମାନଙ୍କ ସୁରକ୍ଷା ଦାୟିତ୍ୱରେ ରହିଥିବା କର୍ମଚାରୀଙ୍କ ସୁରକ୍ଷା ପ୍ରତି ଦୃଢ଼ ପଦକ୍ଷେପ ଆବଶ୍ୟକ ବୋଲି ରାଜ୍ୟ ସରକାରଙ୍କୁ ଚିଠି ଲେଖିଥିଲେ। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଓଡ଼ିଶା ଅଣଗେଜେଟେଡ୍ ବନସେବା ସଂଘ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଜଙ୍ଗଲରେ ପାଟ୍ରୋଲିଂ, ବନ୍ୟପ୍ରାଣୀଙ୍କ ଅନୁସରଣ ଓ ବନ୍ୟପ୍ରାଣୀ ଆପ ରିପୋର୍ଟ ପ୍ରସ୍ତୁତ କରିବାରୁ ଡେପୁଟି ରେଞ୍ଜର, ଫରେଷ୍ଟର ଓ ଫରେଷ୍ଟ ଗାର୍ଡମାନେ ବିରତ ରହିଛନ୍ତି। ଅନ୍ୟପକ୍ଷରେ ଶିମିଳିପାଳକୁ ସୁରକ୍ଷା ଦେଉଥିବା ୬୦୦ରୁ ଊର୍ଦ୍ଧ୍ୱ ଶିମିଳିପାଳ ପ୍ରୋଟେକ୍ସନ ଆସିଷ୍ଟାଣ୍ଟ(ସୁରକ୍ଷା ସହାୟକ) ସଂଘ ପକ୍ଷରୁ ମଧ୍ୟ ଜୁଲାଇ ୧ତାରିଖରୁ ୭ଦଫା ଦାବି ନେଇ କାର୍ଯ୍ୟବନ୍ଦ ଜାରି ରହିଛି। ଏପରିସ୍ଥଳେ ଶିମିଳିପାଳ ସୁରକ୍ଷା ଦାୟିତ୍ୱରେ ଥିବା ସମସ୍ତ କର୍ମଚାରୀ କାର୍ଯ୍ୟ କରୁ ନ ଥିବାରୁ ଶିମିଳିପାଳ ଅସୁରକ୍ଷିତ ହୋଇପଡ଼ିଛି। ଶିମିଳିପାଳ ଉତ୍ତର ଓ ଦକ୍ଷିଣ ଡିଭିଜନର ୮୪୫ ବର୍ଗ କି.ମି. କୋର ଅଞ୍ଚଳରେ ୧୭ଟି ରେଞ୍ଜ ଅଫିସ ସହ ୨୭୧ଟି ବିଟ୍ ହାଉସ ରହିଛି। ୮୮ ଫରେଷ୍ଟର ପଦବୀ ରହିଥିବା ବେଳେ ୩୬ ଖାଲି ପଡ଼ିଛି। ସେହିପରି ୨୭୧ ଫରେଷ୍ଟ ଗାର୍ଡ ମଧ୍ୟରୁ ୧୨୨ ପଦବୀ ଖାଲି ପଡ଼ିଛି। ଫଳରେ ୧୭ ରେଞ୍ଜ ଅଫିସର ଓ ଏସିଏଫ୍‌ମାନଙ୍କ ଦ୍ୱାରା ଶିମିଳିପାଳ ସୁରକ୍ଷା ଅସମ୍ଭବ ହୋଇପଡ଼ିଛି। ଶିକାରୀମାନେ ନିର୍ଭୟରେ ପଶି ହାତୀ ଓ ମହାବଳ ବାଘ ଶିକାର କରିବା ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯଶୀପୁର ଅଞ୍ଚଳରୁ ରବିବାର ୪ଟି ହାତୀ ଦାନ୍ତ ଜବତ ଘଟଣା ଶିମିଳିପାଳରେ ଶିକାରୀଙ୍କ ପ୍ରାଦୁର୍ଭାବକୁ ସ୍ପଷ୍ଟ ପ୍ରମାଣିତ କରୁଛି।

ଏ ସଂକ୍ରାନ୍ତରେ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ ତଥା କ୍ଷେତ୍ର ☞ପୃଷ୍ଠା-୪




# ଲାଲୁ, ରାବ୍ରୀ, ତେଜସ୍ୱୀଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍

## ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲା

**ନୂଆଦିଲ୍ଲୀ, ୩।୭**

ନିଯୁକ୍ତି ପାଇଁ ଜମି ଦୁର୍ନୀତି ମାମଲାରେ ସିବିଆଇ ସୋମବାର ପୂର୍ବତନ ରେଳମନ୍ତ୍ରୀ ତଥା ଆର୍‌ଜେଡି ମୁଖ୍ୟ ଲାଲୁ ପ୍ରସାଦ ଯାଦବ ଏବଂ ତାଙ୍କ ସ୍ତ୍ରୀ ତଥା ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ରାବ୍ରୀ ଦେବୀଙ୍କ ବିରୋଧରେ ଚାର୍ଜଶିଟ୍ ଦାଖଲ କରିଛି। ଉକ୍ତ ମାମଲାରେ ସ୍ୱତନ୍ତ୍ର ଅଦାଲତରେ ସିବିଆଇର ଏହା ଦ୍ୱିତୀୟ ଅଭିଯୋଗ ଫର୍ଦ୍ଦ ଦାଖଲ। ଏଥିରେ ପ୍ରଥମ ଥର ପାଇଁ ବିହାର ଉପମୁଖ୍ୟମନ୍ତ୍ରୀ ତେଜସ୍ୱୀ ଯାଦବଙ୍କୁ ଅଭିଯୁକ୍ତ କରାଯାଇଛି। ଯାଦବ ପରିବାରର ଉକ୍ତ ୩ ସଦସ୍ୟଙ୍କ ବ୍ୟତୀତ ଚାର୍ଜଶିଟ୍‌ରେ ୧୪ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ରାଜ୍ୟ କରୁ ଜନଗଣନା**

# ବିଦ୍ରୋହ ପରେ ଦୁଇଗୋଷ୍ଠୀ ଟଣାଓଟରା

## ଟାଟ୍‌କାରେଙ୍କୁ ମହାରାଷ୍ଟ୍ର ଏନ୍‌ସିପି ମୁଖ୍ୟ ଘୋଷଣା କଲେ ଅଜିତ ଗୋଷ୍ଠୀ

## ପ୍ରଫୁଲ ପଟେଲ, ଟାଟ୍‌କାରେଙ୍କୁ ବହିଷ୍କାର କଲେ ପାୱାର

**ମୁମ୍ବାଇ, ୩।୭**

ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି)ରେ ବିଦ୍ରୋହ ପରେ ମହାରାଷ୍ଟ୍ର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ଗୋଷ୍ଠୀ ସୋମବାର ଲୋକ ସଭା ଏମ୍‌ପି ସୁନିଲ ଟାଟ୍‌କାରେଙ୍କୁ ରାଜ୍ୟ ଏନ୍‌ସିପି ମୁଖ୍ୟ ଘୋଷଣା କରିଛନ୍ତି। ଏନ୍‌ସିପି ବିଦ୍ରୋହୀ ଗୋଷ୍ଠୀର ଅନ୍ୟତମ ନେତା ପ୍ରଫୁଲ ପଟେଲ ଏକ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି। ଦଳର ମହାରାଷ୍ଟ୍ର ସଭାପତି ପଦରୁ ଜୟନ୍ତ ପାଟିଲଙ୍କୁ ବହିଷ୍କାର କରାଯାଇ ତାଙ୍କ ସ୍ଥାନରେ ଟାଟ୍‌କାରେଙ୍କୁ ନିଯୁକ୍ତ କରାଯାଇଛି। ଏଣିକି ମହାରାଷ୍ଟ୍ର ପାଇଁ ଏନ୍‌ସିପିର ସମସ୍ତ ନିଷ୍ପତ୍ତି ଟାଟ୍‌କାରେ ନେବେ ବୋଲି ପଟେଲ କହିଛନ୍ତି।

ଅନ୍ୟପକ୍ଷରେ ଏନ୍‌ସିପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଶରଦ ପାୱାର ସୋମବାର ଦଳର କାର୍ଯ୍ୟକାରୀ ଅଧ୍ୟକ୍ଷ ପ୍ରଫୁଲଙ୍କୁ ତାଙ୍କ ପଦବୀ ସମେତ ଦଳରୁ ବହିଷ୍କାର କରିବା ସହ ଲୋକ ସଭା ଏମ୍‌ପି ଟାଟ୍‌କାରେଙ୍କୁ ଦଳବିରୋଧୀ କାର୍ଯ୍ୟ ପାଇଁ ଦଳରୁ ବହିଷ୍କାର କରିଛନ୍ତି। ଅଜିତ ପାୱାର ୮ ଜଣ ଏନ୍‌ସିପି ବିଧାୟକଙ୍କ ସହ ଏକନାଥ ଶିନ୍ଦେ-ଭାଜପା ସରକାରରେ ସାମିଲ ହେବାର ଦିନକ ପରେ ପାୱାର ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅଜିତଙ୍କ ସହ ଥିବା ୩ ଏନ୍‌ସିପି ନେତାଙ୍କୁ ପାୱାର ବହିଷ୍କାର କରିବା ସହ ୯ ଜଣ ବିଧାୟକ ଏବଂ ୨ ଏମ୍‌ପିଙ୍କୁ ଅଯୋଗ୍ୟ ଘୋଷଣା କରିଛନ୍ତି। ଏହି ଏମ୍‌ପିମାନେ ରବିବାର ଶପଥ ଗ୍ରହଣ ଉତ୍ସବରେ ଯୋଗଦେଇଥିଲେ। ବହିଷ୍କୃତ ନେତାଙ୍କ ମଧ୍ୟରେ ଅଛନ୍ତି ଦଳର ଆଞ୍ଚଳିକ ସାଧାରଣ ସମ୍ପାଦକ ଶିବାଜୀ ରାଓ ଗାର୍ଜେ, ଦଳର ଆକୋଲା ସିଟିର ଜିଲା ସଭାପତି ବିଜୟ ଦେଶମୁଖ ଏବଂ ମୁମ୍ବାଇ ଡିଭିଜନର କାର୍ଯ୍ୟକାରୀ ସଭାପତି ନରେନ୍ଦ୍ର ରାଣେ। ଏହି ନେତାମାନଙ୍କ କାର୍ଯ୍ୟ ଦଳର ଶୃଙ୍ଖଳା ବିରୋଧୀ ଏବଂ ଦଳୀୟ ନୀତିର ବିରୁଦ୍ଧାଚରଣ କରୁଥିବାରୁ ସେମାନଙ୍କ ସଭ୍ୟପଦ ଓ ଦଳୀୟ ପଦବୀକୁ ତୁରନ୍ତ ରଦ୍ଦ କରାଗଲା ବୋଲି ଏନ୍‌ସିପି ପକ୍ଷରୁ କୁହାଯାଇଛି। ଏହା ବ୍ୟତୀତ ଦଳବିରୋଧୀ କାର୍ଯ୍ୟରେ ସମ୍ପୃକ୍ତ ୯ ଜଣ ଏନ୍‌ସିପି ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିବା ନେଇ ଏକ ପ୍ରସ୍ତାବକୁ ଦଳର ରାଜ୍ୟ ଶୃଙ୍ଖଳା କମିଟିରେ ଗୃହୀତ କରାଯାଇଛି।

ଏକନାଥ ଶିନ୍ଦେ ମନ୍ତ୍ରିମଣ୍ଡଳରେ ସାମିଲ ହୋଇଥିବା ଅଜିତ ପାୱାର ଓ ଅନ୍ୟ ୮ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଏନ୍‌ସିପି ପକ୍ଷରୁ ହୋଇଥିବା ଆବେଦନ ଉପରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମହାରାଷ୍ଟ୍ର ବିଧାନସଭା ବାଚସ୍ପତି ରାହୁଲ ନରୱେକର କହିଛନ୍ତି। ଅଜିତଙ୍କ ସମେତ ୯ ବିଧାୟକଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଦଳ ପକ୍ଷରୁ ପ୍ରସ୍ତାବ ଗୃହୀତ ହେବା ପରେ ଭାରତର ନିର୍ବାଚନ କମିଶନଙ୍କୁ ଇମେଲ୍ ଯୋଗେ ଜଣାଇଦିଆଯାଇଥିବା ଏନ୍‌ସିପି ରାଜ୍ୟ ସଭାପତି ଜୟନ୍ତ ପାଟିଲ କହିଥିଲେ।



ସୁନୀଲ ଟାଟ୍‌କାରେ

# ୩ ପିଲାଙ୍କୁ କୂଅରେ ଫିଙ୍ଗି ଡେଇଁପଡ଼ିଲେ ମା'

## ପାରିବାରିକ କଳହର କରୁଣ ପରିଣତି

- ସାନ ଝିଅ-ପୁଅଙ୍କ ମୃତ୍ୟୁ, ଉଦ୍ଧାର ପରେ ମା' ଜିଭ କାଟିଲେ
- ଶ୍ୱଶୁରଙ୍କ ଏତଲା ପ୍ରକାରେ ବୋହୂଙ୍କ ନାଁରେ ହତ୍ୟା ମାମଲା

**ଶେରଗଡ଼ (ସୂର୍ଯ୍ୟ ନାରାୟଣ ଦାଶ)/ ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ), ୩।୭**

ଗଞ୍ଜାମ ଜିଲା ଶେରଗଡ଼ ବ୍ଲକ କରଡ଼କଣା ପଞ୍ଚାୟତ ଲାଉଗୁଡ଼ା ଗ୍ରାମରେ ପାରିବାରିକ କଳହର କରୁଣ ପରିଣତି ଦେଖିବାକୁ ମିଳିଛି। ରବିବାର ବିଳମ୍ବିତ ରାତିରେ ୩ ଛୁଆଙ୍କୁ କୂଅରେ ଫିଙ୍ଗି ମା' ମଧ୍ୟ କୂଅକୁ ଡେଇଁ ପଡ଼ିଥିଲେ। ଏଥିରେ ୨ ନିଷ୍ପାପ ଶିଶୁଙ୍କ ମୃତ୍ୟୁ ଘଟିଛି। କୂଅରୁ ମା' ରଶ୍ମିତା ଗୌଡ଼ (୩୨) ଓ ବଡ଼ଝିଅ ଗୁଞ୍ଜନ(୯)ଙ୍କୁ ଗ୍ରାମବାସୀ ଉଦ୍ଧାର କରିଛନ୍ତି। ଅଗ୍ନିଶମ କର୍ମଚାରୀ ୮ମାସର ଝିଅ ଆଲିଶା ଓ ୪ ବର୍ଷୀୟ ପୁଅ ଆଶିଷଙ୍କ ମୃତଦେହ ବାହାର କରିଛନ୍ତି। ତେବେ ହିତାହିତ ଜ୍ଞାନ ଭୁଲି ଏପରି କାଣ୍ଡ କରିଥିବା ରଶ୍ମିତା ଉଦ୍ଧାର ପରେ ନିଜ ଜିଭ କାଟି ଦେଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାଯାଇଛି। ଶେରଗଡ଼ ଥାନାରେ ଶ୍ୱଶୁରଙ୍କ ଏତଲା ପ୍ରକାରେ ରଶ୍ମିତାଙ୍କ ନାଁରେ ହତ୍ୟା ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ଲାଉଗୁଡା ଗ୍ରାମର ବଳରାମ ଗୌଡ଼ ୧୨ ବର୍ଷ ପୂର୍ବେ ରଶ୍ମିତାଙ୍କୁ ବିବାହ କରିଥିଲେ। ସେମାନଙ୍କର ୨ ଝିଅ ଓ ଗୋଟିଏ ପୁଅ। ଆର୍ଥିକ ସ୍ଥିତି ଭଲ ନ ଥିବାରୁ ବଳରାମ ଦାଦନ ☞ପୃଷ୍ଠା-୪

## ସଂକ୍ଷେପରେ

### ବ୍ୟାଙ୍କକୁ ୭୬% ୨୦୦୦ ଟଙ୍କିଆ ଫେରିଲାଣି

**ମୁମ୍ବାଇ,୩।୭:** ଭାରତର ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ୨୦୦୦ ଟଙ୍କିଆ ନୋଟ୍ ପ୍ରତ୍ୟାହାର କରିନେବା ଲାଗି ଗତ ମେ’ ୧୯ ତାରିଖରେ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା ୭୬ ପ୍ରତିଶତ ୨୦୦୦ ଟଙ୍କିଆ ବ୍ୟାଙ୍କଗୁଡ଼ିକୁ ଫେରିଥିବା ସୋମବାର ଆର୍‌ବିଆଇ କହିଛି। ଜନସାଧାରଣ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ଏହି ନୋଟ୍‌କୁ ବ୍ୟାଙ୍କରେ ଜମା କରିପାରିବେ କିମ୍ବା ବଦଳ କରିପାରିବେ ବୋଲି ସମୟ ଦିଆଯାଇଥିଲା। ବ୍ୟାଙ୍କଗୁଡ଼ିକରୁ ମିଳିଥିବା ତଥ୍ୟ ଅନୁଯାୟୀ ଜୁନ୍ ୩୦ ତାରିଖ କାରବାର ଶେଷ ସୁଦ୍ଧା ୨.୭୨ ଲକ୍ଷ କୋଟି ଟଙ୍କାର ୨୦୦୦ ଟଙ୍କିଆ ବ୍ୟାଙ୍କକୁ ଫେରିଛି। ବର୍ତ୍ତମାନ ବଜାରରେ ଆଉ ୦.୮୪ ଲକ୍ଷ କୋଟି ଟଙ୍କାର ଏହି ନୋଟ୍ ରହିଥିବା ଆର୍‌ବିଆଇ ପକ୍ଷରୁ ଏକ ବିବୃତିରେ କୁହାଯାଇଛି।

### ଛାତ୍ରୀଙ୍କୁ ପୋଷାକ ଖୋଲିବାକୁ କହି ପ୍ରଫେସର ବହିଷ୍କୃତ

**ୱାଶିଂଟନ୍,୩।୭:** ଶ୍ରେଣୀ ଗୃହରେ ଛାତ୍ରୀମାନଙ୍କୁ ପୋଷାକ ଖୋଲିବାକୁ କହିବା ନେଇ ଆମେରିକା ମୋଣ୍ଟଗୋମରି କଲେଜର ଟାକୋମା/ସିଲଭର ସ୍ପ୍ରିଙ୍ଗ କ୍ୟାମ୍ପସ୍‌ର ଜଣେ ପ୍ରଫେସରଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ଅଭିଯୋଗ ପରେ ଶିକ୍ଷା ବିଭାଗ ଓ ନାଗରିକ ଅଧିକାର କାର୍ଯ୍ୟାଳୟ ପକ୍ଷରୁ ୩ ମାସ ଧରି ଘଟଣାର ଯାଞ୍ଚ କରାଯାଇଥିଲା। ଛାତ୍ରୀମାନଙ୍କ ଡ୍ରେସ୍ ଖୋଲିବା ସହ ସେମାନଙ୍କ ବକ୍ଷକୁ ନେଇ ଉକ୍ତ ପ୍ରଫେସର ଖରାପ କମେଣ୍ଟ କରୁଥିବା ଯାଞ୍ଚରୁ ଜଣାପଡ଼ିଛି। ପାଖାପାଖି ୧୧ ଛାତ୍ରୀ ପ୍ରଫେସରଙ୍କ ଦ୍ୱାରା ନିର୍ଯାତିତ ହୋଇଛନ୍ତି। ୨୦୧୯ରେ ପ୍ରଥମ ଥର ଲାଗି ପ୍ରଫେସରଙ୍କ ନାଁରେ ଅଭିଯୋଗ ଆସିଥିଲା। ତେବେ ଅଦ୍ୟାବଧି ପ୍ରକାଶିତ ରିପୋର୍ଟରେ ପ୍ରଫେସରଙ୍କ ନାଁ କିମ୍ବା ପରିଚୟ ପ୍ରକାଶ କରାଯାଇ ନାହିଁ।

### ଦଳଗୁଡ଼ିକ ଆର୍ଥିକ ବିବରଣୀ ଦାଖଲ ଲାଗି ପୋର୍ଟାଲ ସ୍ଥାପନ କଲେ ଇସି




**ନୂଆଦିଲ୍ଲୀ,୩।୭:** ପଞ୍ଜୀକୃତ ରାଜନୈତିକ ଦଳଗୁଡ଼ିକ ସେମାନଙ୍କର ଆର୍ଥିକ ବିବରଣୀ ଦାଖଲ କରିବା ପାଇଁ ନିର୍ବାଚନ କମିଶନ (ଇସି) ସୋମବାର ଏକ ପୋର୍ଟାଲ ଶୁଭାରମ୍ଭ କରିଛନ୍ତି। ଏଥିରେ ଦଳଗୁଡ଼ିକ ସେମାନଙ୍କର ଚାନ୍ଦା ରିପୋର୍ଟ, ଅଡିଟ ହୋଇଥିବା ବାର୍ଷିକ ହିସାବ ଏବଂ ନିର୍ବାଚନ ବ୍ୟୟ ସମ୍ପର୍କିତ ବିବରଣୀ ଦାଖଲ କରିବେ। ରାଜନୈତିକ ଦଳଗୁଡ଼ିକ ଘୋଷଣା କରୁଥିବା ଆୟବ୍ୟୟ ବିବରଣୀରେ ସ୍ୱଚ୍ଛତା ପାଇଁ ପୋର୍ଟାଲ ବ୍ୟବସ୍ଥା କରାଯାଇଛି। ଦଳୀୟ ପାଣ୍ଠି ସଂଗ୍ରହ ଓ ବ୍ୟୟରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱକୁ ସୁଦୃଢ଼ କରିବା ପାଇଁ ନିର୍ବାଚନ କମିଶନଙ୍କ ୩ସି ରଣନୀତି (କ୍ଲିନ୍‌ଅପ୍, କ୍ରାକ୍‌ଡାଉନ, କମ୍ପ୍ଲିଆନ୍ସ)ରେ ସମନ୍ୱିତ ନିର୍ବାଚନ ବ୍ୟୟ ପର୍ଯ୍ୟବେକ୍ଷଣ ବ୍ୟବସ୍ଥା’ ଏକ ଅଂଶ ବୋଲି ନିର୍ବାଚନ କମିଶନଙ୍କ ପକ୍ଷରୁ କୁହାଯାଇଛି।



ଡେରାଡୁନ୍‌ର ନିର୍ମାଣାଧୀନ ସୈନିକ ଧାମଠାରେ ସୋମବାର ଅମର ଯବାନ ଜ୍ୟୋତିର ଶିଳାନ୍ୟାସ ଉତ୍ସବରେ ଉତ୍ତରାଖଣ୍ଡ ରାଜ୍ୟପାଳ ଗୁରୁମିତ୍ ସିଂ, ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍ ଜେନେରାଲ ଅନିଲ ଚୌହାନ ଏବଂ ମନ୍ତ୍ରୀ ଗଣେଶ ଜୋଷୀ ରାଜ୍ୟର ବିଭିନ୍ନ ଜିଲାରୁ ଶହୀଦମାନଙ୍କ ଅଗଣାରୁ ସଂଗୃହୀତ ମୃତ୍ତିକା ପକାଉଛନ୍ତି।

# ସେନାରେ ଅଫିସରଙ୍କ ଅଭାବ

■ମୁଖ୍ୟାଳୟ ନିଯୁକ୍ତି ହ୍ରାସ ପାଇପାରେ

■କଂଗ୍ରେସର ସମାଲୋଚନା

ନୂଆଦିଲ୍ଲୀ, ୩।୭



ଭାରତୀୟ ସୈନ୍ୟବାହିନୀର ୟୁନିଟଗୁଡ଼ିକରେ ମେଜର, କ୍ୟାପଟେନ୍ ଭଳି ମଧ୍ୟମ ବର୍ଗ ଅଫିସର ସଂଖ୍ୟାରେ ଘୋର ଅଭାବ ଦେଖାଦେଇଛି, ଯାହା ଅତ୍ୟନ୍ତ ଗମ୍ଭୀର ପ୍ରସଙ୍ଗ। ବିଭିନ୍ନ କର୍ପସ, କମାଣ୍ଡ ଏବଂ ଡିଭିଜନ ମୁଖ୍ୟାଳୟରେ ୬ ବର୍ଷ ସେବା ସମ୍ପୂର୍ଣ୍ଣ କରିଥିବା ଅଫିସରଙ୍କ ସ୍ଥାନରେ ନୂଆ ନିଯୁକ୍ତି ହୋଇ ନ ଥିବା ମେଜର ର୍‌ୟାଙ୍କର ଅଫିସରମାନେ ପ୍ରଥମ ଥର ପାଇଁ ପ୍ରଘଟ କରିଛନ୍ତି। ମେଜର ଏବଂ କ୍ୟାପ୍‌ଟେନ୍ ସ୍ତରରେ ଗୁରୁତର ଅଫିସର ସଙ୍କଟ ଥିବାବେଳେ ଏହାକୁ ଭରଣା କରିବା ପାଇଁ ସେନା ବିଭିନ୍ନ ମୁଖ୍ୟାଳୟଗୁଡ଼ିକରେ ଷ୍ଟାଫ ଅଫିସର ନିଯୁକ୍ତି କମାଇବାକୁ ଯୋଜନା କରିଛି। ସେହି ପଦବୀଗୁଡ଼ିକରେ ପୂର୍ବତନ ଅଫିସରମାନଙ୍କୁ ପୁନଃ ନିଯୁକ୍ତି ଦେବା ଲାଗି ବିଚାର କରାଯାଉଛି। ଏଥିପାଇଁ ସେନା ବିଭିନ୍ନ କମାଣ୍ଡରୁ ତଥ୍ୟ ମାଗିଛି।

ବର୍ତ୍ତମାନ ସେନାରେ ମେଡିକାଲ କର୍ପସ, ଡେଣ୍ଟାଲ କର୍ପସ ସମେତ ୮,୧୨୯ ଅଫିସରଙ୍କ ଅଭାବ ରହିଛି। ନୌସେନା ଏବଂ ବାୟୁସେନାରେ ଯଥାକ୍ରମେ ୧,୬୫୩ ଏବଂ ୭୨୧ ଅଫିସରଙ୍କ ଅଭାବ ଥିବା ଜଣାପଡ଼ିଛି। ଅଫିସର ସଙ୍କଟକୁ ଦୃଷ୍ଟିରେ ରଖି ସେନା ପୂର୍ବରୁ ପ୍ୟାନେଲଭୁକ୍ତ ହୋଇ ନ ଥିବା ୪୬୧ ଜଣ ଅଫିସରଙ୍କୁ ନିଯୁକ୍ତି ଦେଇଥିଲା। ଅଫିସର ସଙ୍କଟ ନ କମିବା ପର୍ଯ୍ୟନ୍ତ ହେଡ୍‌କ୍ୱାର୍ଟର୍ସଗୁଡ଼ିକରେ କର୍ମଚାରୀ ନିଯୁକ୍ତି ସାମୟିକ ହ୍ରାସ କରିବା ପାଇଁ ପ୍ରସ୍ତାବ ରହିଛି। ପ୍ରସ୍ତାବ ଅନୁଯାୟୀ ବିଭିନ୍ନ ହେଡକ୍ୱାର୍ଟର୍ସରେ ନିଯୁକ୍ତ ହୋଇଥିବା ଜୁନିୟର ଏବଂ ମଧ୍ୟମବର୍ଗର ଅଫିରମାନେ ସେମାନଙ୍କର ୨୪ ମାସ କାର୍ଯ୍ୟକାଳ ଶେଷ କରିବା ପରେ ବିନା ରିଲିଫରେ ପୋଷ୍ଟିଂ ହେବେ। ଏହି ପଦବୀଗୁଡ଼ିକରେ ପୁନଃନିଯୁକ୍ତ ଅଫିସରଙ୍କୁ ନିଯୁକ୍ତି ଦେବା ଲାଗି ବିଚାର କରାଯାଉଛି। ପୁନଃନିଯୁକ୍ତ ଅଫିସର ହେଉଛନ୍ତି, ବ୍ରିଗେଡିୟର ଏବଂ କଲୋନେଲ ର୍‌ୟାଙ୍କର ଅଫିସର, ଯେଉଁମାନେ ଅବସର ନେବା ପରେ ସେନାରେ ୨ରୁ ୪ ବର୍ଷ କାର୍ଯ୍ୟ କରିଥାନ୍ତି। ସେନାରୁ ଅବସର ନେବା ପରେ ଅଫିସର ଅଭାବ ପୂରଣ ଲାଗି ସେମାନଙ୍କୁ ପୁନଃନିଯୁକ୍ତ କରାଯାଇଥାଏ।

ସେନାରେ ଅଫିସର ଅଭାବକୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ସୋମବାର କେନ୍ଦ୍ର ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି। ରାଜନୈତିକ ଦଳଗୁଡ଼ିକୁ ଭାଙ୍ଗିବା ପାଇଁ ନରେନ୍ଦ୍ର ମୋଦି ସରକାରଙ୍କର ପର୍ଯ୍ୟାପ୍ତ ସମୟ ଥିବାବେଳେ ସଶସ୍ତ୍ର ବଳରେ ଗୁରୁତ୍ୱପୂର୍ଣ୍ଣ ଖାଲି ପଦବୀ ପୂରଣ ପାଇଁ ସମୟ ନାହିଁ ବୋଲି ଖାର୍ଗେ ଟୁଇଟ୍ କରିଛନ୍ତି। ଯେଉଁମାନେ ଦୈନନ୍ଦିନ ଜାତୀୟତାବାଦର ତୂରୀ ବଜାଉଛନ୍ତି, କେବଳ ସେହିମାନେ ଆମର ସଶସ୍ତ୍ର ବଳକୁ ପ୍ରତାରିତ କରୁଛନ୍ତି ବୋଲି ଖାର୍ଗେ କହିଛନ୍ତି। ସଶସ୍ତ୍ର ବଳ ଏବଂ କେନ୍ଦ୍ରୀୟ ସଶସ୍ତ୍ର ପୋଲିସ ବଳରେ ବର୍ତ୍ତମାନ ୨ ଲକ୍ଷରୁ ଅଧିକ ପଦବୀ ଖାଲି ରହିଛି। ମୋଦି ସରକାରଙ୍କର ଦେଶର ସୈନିକମାନଙ୍କ ପାଇଁ ପାଣ୍ଠି ନାହିଁ। ଅଗ୍ନିପଥ ଯୋଜନା ଏହାର ଏକ ସ୍ପଷ୍ଟ ସ୍ୱୀକାର। ଓଆର୍‌ଓପି (ଗୋଟିଏ ର୍‌ୟାଙ୍କ୍ ଗୋଟିଏ ପେନ୍‌ସନ ବ୍ୟବସ୍ଥା) କାର୍ଯ୍ୟକାରିତାରେ ପ୍ରତିରକ୍ଷା ବିଭାଗ ପ୍ରତି ମୋଦି ସରକାର ପ୍ରତାରଣା କରି ଯବାନମାନଙ୍କ ମଧ୍ୟରେ ବିଭେଦର ପ୍ରାଚୀର ସୃଷ୍ଟି କରିଛନ୍ତି। ମୋଦି ସରକାର ଏବଂ ଭାଜପା ପାଇଁ ଜାତୀୟ ସୁରକ୍ଷା ପ୍ରାଥମିକତା ନୁହେଁ, କେବଳ ଜନାଦେଶକୁ ପ୍ରତାରିତ କରିବା ପ୍ରାଥମିକତା ବୋଲି କଂଗ୍ରେସ ଅଧ୍ୟକ୍ଷ କହିଛନ୍ତି।

> “ରାଜନୈତିକ ଦଳଗୁଡ଼ିକୁ ଭାଙ୍ଗିବା ପାଇଁ ମୋଦି ସରକାରଙ୍କର ପର୍ଯ୍ୟାପ୍ତ ସମୟ ଥିବାବେଳେ ସଶସ୍ତ୍ର ବଳରେ ଗୁରୁତ୍ୱପୂର୍ଣ୍ଣ ଖାଲି ପଦବୀ ପୂରଣ ପାଇଁ ସମୟ ନାହିଁ ।
> – ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ



## ଶିନ୍ଦେଙ୍କୁ ହଟାଇବା ପାଇଁ ଭାଜପା ସହ ହାତ ମିଳାଇଛନ୍ତି ଅଜିତ

### ଉଦ୍ଧବ ସେନା ମୁଖପତ୍ରରେ ଦାବି

ମୁମ୍ବାଇ, ୩।୭



ଅଜିତ ପାୱାର

ମହାରାଷ୍ଟ୍ର ସରକାରରେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥବା ଏନ୍‌ସିପି ନେତା ଅଜିତ ପାୱାର ଖୁବ୍‌ଶୀଘ୍ର ମୁଖ୍ୟମନ୍ତ୍ରୀ ପଦରୁ ଏକନାଥ ଶିନ୍ଦେଙ୍କୁ ହଟାଇବେ ବୋଲି ଉଦ୍ଧବ ଠାକ୍‌ରେଙ୍କ ଶିବସେନା (ୟୁବିଟି) ମୁଖପତ୍ର ‘ସାମନା’ର ସମ୍ପାଦକୀୟରେ ଉଲ୍ଲେଖ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହାଙ୍କ ନେତୃତ୍ୱରେ ଭାଜପା କେବଳ ମହାରାଷ୍ଟ୍ରର ନୁହେଁ ସାରା ଦେଶର ରାଜନୀତିକୁ କଳୁଷିତ କରିଛି। ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାରେ ଅଜିତ ରେକର୍ଡ କରିଛନ୍ତି। ଏଥର ଡିଲ୍ ବହୁତ ଦୃଢ଼ ବୋଲି ସେନା ମୁଖପତ୍ର କହିଛି। ଅଜିତ କେବଳ ସେଠାକୁ ଉପମୁଖ୍ୟମନ୍ତ୍ରୀ ହେବାକୁ ଯାଇନାହାନ୍ତି। ଶିନ୍ଦେ ଏବଂ ସେନାର ବିଦ୍ରୋହୀ ବିଧାୟକମାନଙ୍କୁ ଖୁବ୍‌ଶୀଘ୍ର ଅଯୋଗ୍ୟ ଘୋଷଣା କରାଯିବ ଏବଂ ଅଜିତଙ୍କୁ ମୁଖ୍ୟମନ୍ତ୍ରୀ ପଦରେ ଅଭିଷିକ୍ତ କରାଯିବ ବୋଲି ସାମନା ସମ୍ପାଦକୀୟରେ କୁହାଯାଇଛି। ମହାରାଷ୍ଟ୍ର ରାଜନୀତିରେ ଏଭଳି ପରମ୍ପରା ନ ଥିଲା। ଜନସାଧାରଣ କଦାପି ଏହାକୁ ସମର୍ଥନ କରିବେ ନାହିଁ ବୋଲି ସେନା ମୁଖପତ୍ରରେ ଦାବି କରାଯାଇଛି। ଅଜିତ ପାୱାର ରବିବାର ଏନ୍‌ସିପିର ୮ ବିଧାୟକଙ୍କ ସହ ଏକନାଥ ଶିନ୍ଦେ ସରକାରରେ ସାମିଲ ହୋଇଥିଲେ।

## କାନାଡ଼ାରେ ଭାରତୀୟ କୂଟନୀତିଜ୍ଞଙ୍କୁ ଖଲିସ୍ତାନୀଙ୍କ ଧମକ ପୋଷ୍ଟର



### ସତର୍କ କରାଇଲେ ଜୟଶଙ୍କର

ନୂଆଦିଲ୍ଲୀ,୩।୭

ବିଚ୍ଛିନ୍ନତାବାଦୀ ନେତା ହରଦୀପ ସିଂ ନିଜ୍ଜାର ହତ୍ୟା ଘଟଣା ସହ ଭାରତୀୟ କୂଟନୀତିଜ୍ଞମାନଙ୍କୁ ସାମିଲ କରି କାନାଡ଼ାରେ ଖଲିସ୍ତାନୀମାନେ ପୋଷ୍ଟର ଲଗାଇଛନ୍ତି। ଏଥିରେ କୂଟନୀତିଜ୍ଞମାନଙ୍କୁ ‘ଟରଣ୍ଟୋରେ ହତ୍ୟାକାରୀ’ ବୋଲି ଲେଖାଯାଇଛି। ଖଲିସ୍ତାନୀ ତତ୍ତ୍ୱଙ୍କୁ ସ୍ଥାନ ଦେଉଥିବା କାନାଡ଼ା ଓ ଅନ୍ୟ ଦେଶ ସହ ଭାରତର ସମ୍ପର୍କ ପ୍ରଭାବିତ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଚେତାବନୀ ଦେଇଛନ୍ତି। ଖଲିସ୍ତାନୀ ପୋଷ୍ଟରରେ ଭାରତୀୟ କୂଟନୀତିଜ୍ଞମାନଙ୍କ ଫଟୋ ସମ୍ପର୍କରେ ନୂଆଦିଲ୍ଲୀ କାନାଡା କର୍ତ୍ତୃପକ୍ଷଙ୍କ ଦୃଷ୍ଟିଆକର୍ଷଣ କରିଛି। ଖଲିସ୍ତାନୀଙ୍କୁ ନିଜ ଦେଶରେ ସ୍ଥାନ ନ ଦେବା ଲାଗି ଜୟଶଙ୍କର କାନାଡା ଏବଂ ବ୍ରିଟେନକୁ ଅନୁରୋଧ କରିଛନ୍ତି। ସେମାନଙ୍କୁ ସ୍ଥାନ ଦେଲେ ସହଯୋଗୀ ଦେଶଗୁଡ଼ିକ ସହ ସମ୍ପର୍କ ଖରାପ ହେବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସତର୍କ କରାଇଦେଇଛନ୍ତି।

## ମନ୍ତ୍ରିମଣ୍ଡଳ ବୈଠକ ଫଳପ୍ରଦ ହୋଇଛି: ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୩।୭ (ପି.ଟି.)

ପ୍ରଗତି ମଇଦାନ ସମ୍ମିଳନୀ କେନ୍ଦ୍ରରେ ସୋମବାର ଅନୁଷ୍ଠିତ ମନ୍ତ୍ରିମଣ୍ଡଳ ବୈଠକ ଅତ୍ୟନ୍ତ ଫଳପ୍ରଦ ହୋଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କହିଛନ୍ତି। ବୈଠକରେ ଅଧ୍ୟକ୍ଷତା କରିବା ବେଳେ ବିଭିନ୍ନ ନୀତି ସଂକ୍ରାନ୍ତରେ ଢେର ଆଲୋଚନା ହୋଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। କ୍ୟାବିନେଟ ଅଦଳବଦଳ ନେଇ ଗତ କିଛି ଦିନ ହେବ ଭାଜପାର ବରିଷ୍ଠ ନେତାଙ୍କ ମଧ୍ୟରେ ଏକାଧିକ ବୈଠକ ଅନୁଷ୍ଠିତ ହେବା ପରିପ୍ରେକ୍ଷୀରେ ଏବର ବୈଠକ ଗୁରୁତ୍ୱ ବହନ କରିଛି।

ବୈଠକରେ କେତେକ ମନ୍ତ୍ରୀ ସେମାନଙ୍କ କାର୍ଯ୍ୟ ନେଇ ତଥ୍ୟ ଉପସ୍ଥାପନ କରିବା ସହ ପ୍ରଧାନମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ଚଳିତବର୍ଷ ଶେଷ ଆଡ଼କୁ ୫ ରାଜ୍ୟ ବିଧାନସଭା ଓ ଆସନ୍ତାବର୍ଷ ଲୋକ ସଭା ନିର୍ବାଚନ ହେବାକୁ ଥିବାରୁ ପ୍ରଧାନମନ୍ତ୍ରୀ ଗୁରୁତ୍ୱପୂର୍ଣ୍ଣ ରାଜନୈତିକ ବାର୍ତ୍ତା ଦେଇଥାଇପାରନ୍ତି ବୋଲି କୁହାଯାଉଛି। ଆସନ୍ତା ୨୦ ତାରିଖରେ ସଂସଦର ମୌସୁମୀ ଅଧିବେଶନ ବସିବାକୁ ଥିବାରୁ ସରକାର କାର୍ଯ୍ୟସୂଚୀ ପ୍ରସ୍ତୁତ କରୁଛନ୍ତି। ସରକାରଙ୍କୁ ଅଡୁଆରେ ପକାଇବା ଲାଗି ବିରୋଧୀ ଏକକ ଦେୱାନି ସଂହିତା (ୟୁସିସି) ପ୍ରସଙ୍ଗ ଉଠାଇପାରନ୍ତି ବୋଲି ଅନୁମାନ କରାଯାଉଛି। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ୟୁସିସି ସପକ୍ଷରେ ନିକଟରେ ଦୃଢ଼ ମତ ଦେଇଥିବାରୁ ଏହି ପ୍ରସଙ୍ଗ ଏବେ ଦେଶବ୍ୟାପୀ ପ୍ରମୁଖ ଚର୍ଚ୍ଚାର ବିଷୟ ରହିଆସିଛି।

## ସୁଧାରଗୃହରୁ ୮ ନାବାଳକ ଫେରାର୍

ମୋରେନା,୩।୭

ମଧ୍ୟପ୍ରଦେଶ ମୋରେନା ନୈନାଗଡ ରୋଡ୍‌ସ୍ଥିତ ସୁଧାରଗୃହରୁ ୮ ନାବାଳକ ଫେରାର୍ ହୋଇଯାଇଛନ୍ତି। ସେମାନଙ୍କ ବିରୋଧରେ ବଳାତ୍କାର, ହତ୍ୟା ଭଳି ଜଘନ୍ୟ ଆପରାଧିକ ମାମଲା ରହିଛି। ରବିବାର ରାତି ୭ଟାବେଳେ ଗାଧୁଆଘର କାନ୍ଥ ଭାଙ୍ଗି ଖସି ପଳାଇଥିବା ସ୍ଥାନୀୟ ଏସ୍‌ପି ଅତୁଲ ସିଂ କହିଛନ୍ତି। ପୋଲିସ ପକ୍ଷରୁ ସର୍ଚ୍ଚ ଅପରେଶନ୍ ଆରମ୍ଭ କରାଯାଇଛି।

## ଅନିଲ ଅମ୍ବାନୀଙ୍କୁ ଇଡି ଜେରା

ମୁମ୍ବାଇ,୩।୭



ବିଦେଶ ବିନିମୟ ପରିଚାଳନା ଆଇନ (ଫେମା), ୧୯୯୯ ଉଲ୍ଲଂଘନ ଅଭିଯୋଗରେ ଶିଳ୍ପପତି ଅନିଲ ଅମ୍ବାନୀଙ୍କୁ ସୋମବାର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ଜେରା କରିଛି। ରିଲାଏନ୍ସ ଗ୍ରୁପ୍‌ର ମୁଖ୍ୟ ଅନିଲ ପୂର୍ବାହ୍ନ ୧୦ଟାରେ ଇଡିର ମୁମ୍ବାଇ କାର୍ଯ୍ୟାଳୟରେ ପହଞ୍ଚି ବୟାନ ରେକର୍ଡ କରାଇଥିଲେ। ଏହା ଅନିଲଙ୍କ କମ୍ପାନୀରେ ପୁଞ୍ଜିନିବେଶକୁ ନେଇ ଏକ ସାନି ମାମଲା। ୪୨୦ କୋଟି ଟଙ୍କାର ଟିକସ ଫାଙ୍କି ଅଭିଯୋଗରେ ଗତବର୍ଷ ବମ୍ବେ ହାଇକୋର୍ଟରୁ ଅନିଲ ଆଶ୍ୱସ୍ତି ପାଇଥିଲେ। ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା ଲାଗି ହାଇକୋର୍ଟ ଆୟକର ବିଭାଗକୁ କହିଥିଲେ।



ମିଲିଟାରି ଅପରେଶନ ବେଳେ ପାଲେଷ୍ଟିନୀୟ ଏବଂ ଇସ୍ରାଏଲ ସେନା ମଧ୍ୟରେ ସଂଘର୍ଷ ବେଳର ଦୃଶ୍ୟ

## ଇସ୍ରାଏଲ ସେନା ଆକ୍ରମଣରେ ୮ ପାଲେଷ୍ଟିନୀୟ ନିହତ

**ଜେନିନ,୩।୭:** ୱେଷ୍ଟ ବ୍ୟାଙ୍କର ଜେନିନସ୍ଥିତ ଶରଣାର୍ଥୀ ଶିବିର ଉପରେ ସୋମବାର ସକାଳେ ଇସ୍ରାଏଲ ସେନା ପକ୍ଷରୁ ଆକ୍ରମଣ କରାଯାଇଛି। ଆକ୍ରମଣରେ ୮ ପାଲେଷ୍ଟିନୀୟଙ୍କ ମୃତ୍ୟୁ ଘଟିଥିବାବେଳେ ଡଜନରୁ ଅଧିକ ଆହତ ହୋଇଥିବା ଜଣାପଡ଼ିଛି। ଶିବିର ନିକଟରେ ଶତାଧିକ ଇସ୍ରାଏଲ ସେନା ଛାଉଣୀ କରାଯାଇଛି। ଜେନିନ ଶରଣାର୍ଥୀ ଶିବିରରେ ମଧ୍ୟାହ୍ନ ପର୍ଯ୍ୟନ୍ତ ଇସ୍ରାଏଲ ସେନା ଉପସ୍ଥିତ ଥିଲେ। ଗତମାସରେ ଇସ୍ରାଏଲ ସେନା ଓ ପାଲେଷ୍ଟିନୀୟଙ୍କ ମଧ୍ୟରେ ସଂଘର୍ଷ ହେବା ଯୋଗୁ ଇସ୍ରାଏଲର ୪ ଜଣଙ୍କ ମୃତ୍ୟୁ ଘଟିଥିଲା।

## ଫ୍ରାନ୍ସ ହିଂସା ବିରୋଧରେ ରାଲି ପାଇଁ ମେୟରଙ୍କ ଆହ୍ୱାନ

ପ୍ୟାରିସ,୩।୭



ପ୍ୟାରିସ୍‌ରେ ବିକ୍ଷୋଭ ବେଳେ ଓଲଟି ପଡ଼ିଥିବା କାର୍ ନିକଟଦେଇ ଜଣେ ପୋଲିସ ଅଫିସର ଯାଉଛନ୍ତି।

ଫ୍ରାନ୍ସର ସ୍ଥିତି ଧୀରେ ଧୀରେ ସୁଧୁରିବାରେ ଲାଗିଛି। ରବିବାର ରାତିରେ ଅଳ୍ପ କିଛି ସ୍ଥାନରେ ବିକ୍ଷୋଭକାରୀଙ୍କ ନାରାବାଜି ଦେଖାଯାଇଥିବାବେଳେ କମ୍ ସଂଖ୍ୟକ ଲୋକଙ୍କୁ ଗିରଫ କରାଯାଇଛି। ରାଷ୍ଟ୍ରପତି ଇମାନୁଏଲ୍ ମାକରଁଙ୍କ ନିର୍ଦ୍ଦେଶକ୍ରମେ ରାସ୍ତାରେ ପୋଲିସ ଛାଉଣୀ କରାଯାଇଛି। ଅନ୍ୟପକ୍ଷେ ବିକ୍ଷୋଭଜନିତ ହିଂସା ଓ ଲୁଟ୍ ବିରୋଧରେ ଟାଉନ୍ ହଲ୍ ସମ୍ମୁଖରେ ରାଲି କରାଯିବା ନେଇ ସୋମବାର ମେୟରମାନଙ୍କ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସ୍ଥିତି ଆୟତ୍ତକୁ ଆସିବା ନେଇ ନଣ୍ଟେରେ ମେୟର କହିଛନ୍ତି, ନହେଲଙ୍କ ନ୍ୟାୟ ଦାବି କରି ରାସ୍ତାକୁ ଓହ୍ଲାଇଥିବା ବିକ୍ଷୋଭକାରୀଙ୍କ ଦ୍ୱାରା ହେଉଥିବା ହିଂସା କମିଛି। ସାରା ଦେଶରେ ବିଶୃଙ୍ଖଳା ସୃଷ୍ଟି କରିଥିବା ବିକ୍ଷୋଭକୁ ଅଣ ଦେଖା କରାଯାଇ ପାରିବ ନାହିଁ। ବିକ୍ଷୋଭ ଯୋଗୁ ଭିଡ଼ ଜମୁଥିବା ସ୍ଥାନର ଦୋକାନ ଭାଙ୍ଗି ବହୁ ଜିନିଷ ଚୋରି କରାଯାଇଥିବା ମେୟର କହିଛନ୍ତି। ଶନିବାର ପୋଲିସ ୭୦୦ ବିକ୍ଷୋଭକାରୀଙ୍କୁ ଗିରଫ କରିଥିବାବେଳେ

### ସୁଧୁରୁଛି ସ୍ଥିତି

ରବିବାର ୧୫୦ ଜଣ ଗିରଫ ହୋଇଥିଲେ। ଅନ୍ୟପକ୍ଷେ ନହେଲଙ୍କ ଜେଜେ ମା’ ହିଂସା ଶେଷ କରିବାର ଅନୁରୋଧ କରିଛନ୍ତି। ପ୍ରତିବାଦକାରୀମାନେ ସ୍କୁଲବସ୍ ଜାଳି ଦେଉଥିବାବେଳେ ଏ ପରି କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ସେ କହିଥିଲେ। ତେବେ ଜୁଲାଇ ୧ରେ ନହେଲଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପରିବାର ଲୋକଙ୍କ ସମେତ ବନ୍ଧୁ ଏଥିରେ ଉପସ୍ଥିତ ଥିଲେ। ପୋଲିସ ଗୁଳିରେ ନାବାଳକ ଡ୍ରାଇଭର ନହେଲଙ୍କ ମୃତ୍ୟୁ ଘଟିଥିଲା। ତାଙ୍କୁ ନ୍ୟାୟ ଦାବିରେ ଦେଶବ୍ୟାପୀ ବିକ୍ଷୋଭ ଆରମ୍ଭ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଜୁଲାଇ, ୨୦୨୩



# ନିଜ ସ୍କୁଲରେ ଯୁକ୍ତ ୨ ପଢ଼ିବେ ଦିବ୍ୟାଙ୍ଗ ଛାତ୍ରୀଛାତ୍ର

## ଭୀମ ଭୋଇ ଦୃଷ୍ଟିବାଧିତ, ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ଉଚ୍ଚମାଧମିକ ସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

### ରାଜ୍ୟ ପଣ୍ୟାଗାର ନିଗମ କର୍ପୋରେଟ ବିଲ୍ଡିଂର ଶିଳାନ୍ୟାସ

ଭୁବନେଶ୍ୱର,୩।୭(ଅନିଲ ଦାସ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଭୁବନେଶ୍ୱର ୟୁନିଟ -୩ ସ୍ଥିତ ଭୀମ ଭୋଇ ଦିବ୍ୟାଙ୍ଗ ସରକାରୀ ଉଚ୍ଚ ବିଦ୍ୟାଳୟ ଓ ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ସରକାରୀ ଉଚ୍ଚ ବିଦ୍ୟାଳୟକୁ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରୂପେ ଲୋକାର୍ପିତ କରିଛନ୍ତି। ଏହାଦ୍ୱାରା ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଦୃଷ୍ଟିବାଧିତ ଓ ଶ୍ରୁତିବାଧିତ ପିଲାମାନେ ଆସି ଛାତ୍ରାବାସରେ ରହି ଯୁକ୍ତ ୨ ପଢ଼ିବାର ସୁଯୋଗ ପାଇ ପାରିବେ। ପୂର୍ବରୁ ଏହି ପିଲାମାନେ ସାଧାରଣ ବର୍ଗର ପିଲାଙ୍କ ପାଇଁ ଉଦ୍ଦିଷ୍ଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶିକ୍ଷା ଲାଭ କରୁଥିଲେ। ସେଠାରେ ସେମାନଙ୍କ ପାଇଁ ବିଶେଷ ସୁବିଧା ଉପଲବ୍ଧ ନ ଥିଲା। ଏହି ଛାତ୍ରୀଛାତ୍ରଙ୍କୁ ଅଧିକ ଉତ୍ସାହିତ କରିବା ପାଇଁ ଧନ୍ଦାମୂଳକ ଶିକ୍ଷାରେ ଆଇ.ଟି. ଓ ଆଇ.ଟି. ସମ୍ବଳିତ ସେବା ବିଷୟରେ ଶିକ୍ଷାଦାନର ସୁବିଧା କରାଯାଇଛି। ଭୀମ ଭୋଇ ଦୃଷ୍ଟିବାଧିତ ସରକାରୀ ଧନ୍ଦାମୂଳକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ କଳା ବିଷୟ ସହିତ ଆଇ.ଟି. ଖୋଲାଯାଇଥିବା ବେଳେ ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଜ୍ଞାନ ବିଷୟ ସହିତ ଆଇ.ଟି. ଶିକ୍ଷାର ସୁଯୋଗ ସୃଷ୍ଟି କରାଯାଇଛି।

ଏହି ଅବସରରେ ଦୃଷ୍ଟିବାଧିତ ପିଲାଙ୍କ ନିମନ୍ତେ ଉଦ୍ଦିଷ୍ଟ ଅଡିଓ ଷ୍ଟୁଡିଓ ଏବଂ ଶ୍ରୁତିବାଧିତ ପିଲାଙ୍କ ନିମନ୍ତେ ଭର୍ଚୁଆଲ ଷ୍ଟୁଡିଓକୁ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ଏଥିସହିତ ଦୁଇ ବିଦ୍ୟାଳୟର ସମସ୍ତ ପିଲାଙ୍କୁ ନୂଆ ସ୍କୁଲ ବ୍ୟାଗ, ଦୃଷ୍ଟିହୀନ ପିଲାଙ୍କ ପାଇଁ ବ୍ରେଲିସ୍ଲେଟ, ବିଭିନ୍ନ ଖେଳ ସାମଗ୍ରୀ ମୁଖ୍ୟମନ୍ତ୍ରୀ ବଣ୍ଟନ କରିଛନ୍ତି। ଉଭୟ ଛାତ୍ରାବାସର ଅନ୍ତେବାସୀଙ୍କ ବ୍ୟବହାର ନିମିତ୍ତ ନୂଆ ବିଛଣା, ଖାଇବା ବାସନ ଆଦି ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ ପ୍ରଦାନ କରାଯାଇଛି। ଏଥିସହିତ ଥଣ୍ଡା ପାନୀୟ ଜଳ ସୁବିଧା ପାଇଁ ଫ୍ରିଜ ଓ ଶିକ୍ଷଣ କାର୍ଯ୍ୟକ୍ରମ ଓ ମନୋରଞ୍ଜନ ପାଇଁ ଉଭୟ ଛାତ୍ରାବାସକୁ ଟିଭି ପ୍ରଦାନ କରାଯାଇଛି। ଭୀମ ଭୋଇ ଦୃଷ୍ଟିବାଧିତ ବିଦ୍ୟାଳୟରୁ ଚଳିତବର୍ଷ ୧୦ ଜଣ ଓ ବିପିନ ବିହାରୀ ଚୌଧୁରୀ ଶ୍ରୁତିବାଧିତ ବିଦ୍ୟାଳୟରୁ ୧୪ ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏଠାରେ ପିଲାମାନଙ୍କର ନିଃଶୁଳ୍କ ନାମଲେଖାର ବ୍ୟବସ୍ଥା କରାଯାଇଛି। ୫-ଟି ରୂପାନ୍ତରଣ କାର୍ଯ୍ୟକ୍ରମରେ ୨ ବିଦ୍ୟାଳୟରେ ଉପଯୋଗୀ ସ୍ମାର୍ଟ ଶ୍ରେଣୀ ଗୃହ, ଇ-ପାଠାଗାର, ବିଜ୍ଞାନାଗାର, ବିଭିନ୍ନ ଖେଳ ସୁବିଧା ଆଦି କରାଯାଇଛି। ସ୍କୁଲ ଖୋଲିବାର ଆଦେଶନାମା ଛାତ୍ର, ଶିକ୍ଷକ ଓ ଅଭିଭାବକ ମହଲରେ ଖୁସି ଆଣିଛି।

ପ୍ରାରମ୍ଭରେ ଭୀମ ଭୋଇ ଦୃଷ୍ଟିହୀନ ବିଦ୍ୟାଳୟର ପିଲାମାନେ ବାଦ୍ୟ ଓ ସଂଗୀତ ପରିବେଷଣ କରି ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

ଏହି ଅବସରରେ ସ୍କୁଲ ଓ ଗଣଶିକ୍ଷା ମନ୍ତ୍ରୀ ସୁଦାମ ମାରାଣ୍ଡି ଉପସ୍ଥିତ ରହି ଉଭୟ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ୫-ଟି ସଚିବ ଭି.କେ. ପାଣ୍ଡିଆନ୍, ବିଭାଗୀୟ ସଚିବ ଅଶ୍ୱଥି ଏସ, ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ରଘୁରାମ ଆର ଆୟାର, ଓସେପାର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଅନୁପମ ଶାହା, ଖୋର୍ଦ୍ଧା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ସୁଶାନ୍ତ କୁମାର ଦାଶ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଜ୍ୟୋତିରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହା ପରେ ମୁଖ୍ୟମନ୍ତ୍ରୀ ରାଜ୍ୟ ପଣ୍ୟାଗାର ନିଗମର କର୍ପୋରେଟ ବିଲ୍ଡିଂର ଶିଳାନ୍ୟାସ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅନନ୍ତ ଜେନା, ରାଜ୍ୟ ପଣ୍ୟାଗାର ନିଗମ ଅଧ୍ୟକ୍ଷ ପ୍ରମୁଖ ଉପସ୍ଥିତ ଥିଲେ।




ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ରାଜ୍ୟ ପଣ୍ୟାଗାର ନିଗମ କର୍ପୋରେଟ ବିଲ୍ଡିଂର ଶିଳାନ୍ୟାସ କରିବା ଅବସରରେ।

# ଚଳିତବର୍ଷରୁ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଇଣ୍ଟିଗ୍ରେଟେଡ୍ ଏମ୍ଏପିଏଚ୍‌ଡିରେ ନାମଲେଖା

## ଅଗଷ୍ଟ ୧୩ରେ ପ୍ରବେଶିକା ପରୀକ୍ଷା

ଭୁବନେଶ୍ୱର,୩।୭(ଅନୁରାଧା ମହାରଣା)

ସତ୍ୟବାଦୀ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ଚଳିତ ୨୦୨୩-୨୪ ଶିକ୍ଷାବର୍ଷଠାରୁ ଇଣ୍ଟିଗ୍ରେଟେଡ୍ ଏମ୍ଏପିଏଚ୍‌ଡିରେ ନାମଲେଖା ଅନୁଷ୍ଠିତ ହେବ। ଓଡ଼ିଆ ଭାଷା ଓ ସାହିତ୍ୟ, ଭାଷା ବିଜ୍ଞାନ ଏବଂ ପ୍ରାକୃତିକ ଭାଷା ପ୍ରକ୍ରିୟାକରଣ ଏବଂ ଆଞ୍ଚଳିକ ଏବଂ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ଆଦି ୩ଟି ବିଷୟରେ ଏହି ପାଠ୍ୟକ୍ରମ ଆରମ୍ଭ ହେବାକୁ ଯାଉଛି। ଏଥିରେ ନାମଲେଖାଇବା ପାଇଁ ଅଗଷ୍ଟ ୧୩ରେ ସ୍ୱତନ୍ତ୍ର ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ ବୋଲି ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏଥିପାଇଁ ଜୁଲାଇ ୮ରୁ ୧୫ ତାରିଖ ଯାଏ ଆବେଦନ ଚାଲିବ। ଆବେଦନକାରୀଙ୍କ ତଥ୍ୟ ୧୮ ଜୁଲାଇରେ ରାଜ୍ୟ ଚୟନ ବୋର୍ଡ(ଏସ୍ଏସ୍ବି)କୁ ପଠାଯିବ। ଅଗଷ୍ଟ ୭ରେ https://ssbodisha.ac.inରେ ଲଗଇନ୍ କରି ଏସ୍ଏସ୍ବି ୱେବସାଇଟ୍ କିମ୍ବା ସାମ୍ସ ୱେବ୍‌ସାଇଟ୍‌ରୁ ଆବେଦନକାରୀ ଆଡମିଟ୍ କାର୍ଡ ବା ହଲ ଟିକେଟ୍ ଡାଉନ୍‌ଲୋଡ କରିପାରିବେ। ଅଗଷ୍ଟ ୧୩ରେ ଭୁବନେଶ୍ୱର, ବାଲେଶ୍ୱର, ବ୍ରହ୍ମପୁର ଓ ସମ୍ବଲପୁର ଆଦି ୪ଟି ଜୋନ୍‌ରେ ପ୍ରବେଶିକା ପରୀକ୍ଷା ଅନୁଷ୍ଠିତ ହେବ। ଏସ୍ଏସ୍ବି ଅଗଷ୍ଟ ୧୮ରେ ପରୀକ୍ଷା ଫଳ ଓକାକକୁ ହସ୍ତାନ୍ତର କରିବେ। ଅଗଷ୍ଟ ୨୩ ଅପରାହ୍ଣ ୨ଟାରେ ବିଷୟ ଆଧାରରେ ମେଧା ତାଲିକା ପ୍ରକାଶ ପାଇବ। ୨୬ରେ ସିଟ୍ ଆବଣ୍ଟନ ନେଇ ପ୍ରୋଭିଜନାଲ ତାଲିକା ପ୍ରକାଶ ପାଇବ। ୨୮ ତାରିଖରେ ନାମଲେଖା ଅନୁଷ୍ଠିତ ହେବା ପରେ ଏ ସମ୍ପର୍କିତ ସମସ୍ତ ତଥ୍ୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଇ-ସ୍ପେସରେ ଦାଖଲ କରାଯିବ। ତେବେ ପରୀକ୍ଷା ସମ୍ବନ୍ଧୀୟ କୌଣସି ସୂଚନା ପାଇବା ପାଇଁ ବିଭାଗ ପକ୍ଷରୁ ଟୋଲ୍ ଫ୍ରି ନଂ.୧୫୫୩୩୫ ଓ ୧୮୦୦-୩୪୫-୬୭୭୦ ଜାରି କରାଯାଇଛି।

# ତାରିଣୀଙ୍କ ସନ୍ଧ୍ୟା ଆଳତି ଅଧାରୁ ବନ୍ଦ

- ନୀତିକାନ୍ତିରେ ଚରମ ବିଶୃଙ୍ଖଳା
- ଲାଇଟ୍, ବାଜା ବନ୍ଦ କରିଦେଲେ

ଘଟଗାଁ, ୩।୭(ରାଜେନ୍ଦ୍ର କୁମାର ପଟ୍ଟନାୟକ)

କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀଙ୍କ ନୀତିକାନ୍ତିରେ ବିଶୃଙ୍ଖଳା ଦେଖାଯାଇଛି। ସନ୍ଧ୍ୟା ଆଳତି ସମୟରେ ଲାଇଟ୍ ଓ ବାଜା ବନ୍ଦ କରିଦିଆଯାଇଥିବା ଅଭିଯୋଗ ହୋଇଛି। ଫଳରେ ଅଧାରୁ ଆଳତି ବନ୍ଦ ହୋଇଯିବାରୁ ଭକ୍ତ ଉତ୍ତେଜିତ ହୋଇ ମନ୍ଦିର କାର୍ଯ୍ୟାଳୟ ଘେରି ପାଟିତୁଣ୍ଡ କରିଥିଲେ। ମା'ଙ୍କ ଆଳତିରେ ବିଭ୍ରାଟକୁ ନେଇ ଭକ୍ତଙ୍କ ମହଲରେ ଅସନ୍ତୋଷ ଦେଖାଯାଇଛି।

ଖବର ଅନୁଯାୟୀ, ରବିବାର ସନ୍ଧ୍ୟା ଆଳତି ନିର୍ଦ୍ଧାରିତ ସମୟ ୭.୩୦ ମିନିଟ୍‌ରେ ଆରମ୍ଭ ହୋଇଥିଲା। ମା'ଙ୍କୁ କର୍ପୂର ଆଳତି ସମୟରେ ଲାଇଟ୍ ଓ ବାଜା ପିଟିବା ବନ୍ଦ କରିଦିଆଯାଇଥିଲା। ଏ ନେଇ ପୂଜକ ଓ ଉପସ୍ଥିତ ଭକ୍ତ ମନ୍ଦିର ପରିଚାଳନା କାର୍ଯ୍ୟାଳୟକୁ ଯାଇଥିଲେ। ସେଠାରେ କୌଣସି ଅଧିକାରୀଙ୍କୁ ନ ପାଇ ପାଟିତୁଣ୍ଡ କରିଥିଲେ। ଆଳତି ସମୟରେ ଘଟଗାଁ ଥାନା ଅଧିକାରୀ ପ୍ରତିଭା ମଞ୍ଜରୀ ସାହୁ ଉପସ୍ଥିତ ଥିବା ବେଳେ ଘଟଣା ଦେଖି ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ମନ୍ଦିର କର୍ମଚାରୀ ହରେକୃଷ୍ଣ ବେହେରାଙ୍କୁ ଆଳତି ସମ୍ପୂର୍ଣ୍ଣ କରିବା ପାଇଁ କହିବା ପରେ ଆଉ ଥରେ ଆଳତି ହୋଇଥିଲା। ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୀବ କୁମାର ମହାପାତ୍ର ଆଳତିରେ ବିଭ୍ରାଟ କଥା ସ୍ୱୀକାର କରିଥିଲେ। ଲାଇଟ୍ ବନ୍ଦ କରାଯାଇ ନ ଥିଲା। କୌଣସି କାରଣରୁ ବନ୍ଦ ହୋଇଯାଇଥିଲା। ସଙ୍ଗେ ସଙ୍ଗେ ଆଳତି ବ୍ୟବସ୍ଥା କରାଯାଇଥିବା ସେ କହିଥିଲେ।

## ଆଇଏଏସ୍ ଅଫିସର ସ୍ତରରେ ଅଦଳବଦଳ

# ଯାମିନୀ ଷଡ଼ଙ୍ଗୀ ହେଲେ ଓଏଭିର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ

## ନୃସିଂହ ଚରଣ ସ୍ୱାଇଁ ହେଲେ ବୌଦ୍ଧ ଜିଲାପାଳ

ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆଇଏଏସ୍ ଅଫିସର ସ୍ତରରେ ଛୋଟ ଧରଣର ଅଦଳବଦଳ କରିଛନ୍ତି। ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ଯାମିନୀ ଷଡ଼ଙ୍ଗୀଙ୍କୁ ରାଜ୍ୟ ସରକାର ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି) ସଙ୍ଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ନୂଆ ଦାୟିତ୍ୱ ଦେଇଛନ୍ତି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ସୋମବାର ଏନେଇ ବିଜ୍ଞପ୍ତି ପ୍ରକାଶ ପାଇଛି। ସେ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗର ଓଏସ୍‌ଡି ଥିଲେ। ତାଙ୍କ ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନର ପ୍ରକଳ୍ପ ନିର୍ଦ୍ଦେଶକ ପଦବୀକୁ ଆଇଏଏସ୍ କ୍ୟାଡରରେ ଅତିରିକ୍ତ ସଚିବ ପାହ୍ୟାକୁ ଉନ୍ନୀତ କରାଯାଇଛି। ଏହାସହିତ ଷଡ଼ଙ୍ଗୀ ଅର୍ଥ ବିଭାଗର ଅତିରିକ୍ତ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ଆଦର୍ଶ ବିଦ୍ୟାଳୟ ସଂଗଠନର ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିବା ପଦୋନ୍ନତି ପ୍ରାପ୍ତ ଆଇଏଏସ୍ ଅଫିସର ସଂଗ୍ରାମ କେଶରୀ ମହାପାତ୍ରଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି। ଧର୍ମଗଡ଼ ଉପଜିଲାପାଳ ତଥା ଧର୍ମଗଡ଼ ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ୨୦୨୦ ବ୍ୟାଚ୍ ଆଇଏଏସ୍ ଅଫିସର ବେଦଭୂଷଣ ସମ୍ବଲପୁର ମହାନଗର ନିଗମର କମିଶନର ଭାବେ ବଦଳି ହୋଇଛନ୍ତି। ସମ୍ବଲପୁର ମ୍ୟୁନିସିପାଲ କର୍ପୋରେଶନ କମିଶନର ପଦବୀରେ ତାଙ୍କୁ ଆଇଏଏସ୍ କ୍ୟାଡରରେ ଅନୁ ସଚିବ ପାହ୍ୟା ଅନୁଯାୟୀ ସବୁ ସୁବିଧା ମିଳିବ। ସେହିପରି ବରିଷ୍ଠ ଓଏଏସ୍ ଅଫିସର ତଥା ଅର୍ଥ ବିଭାଗ ସ୍ୱତନ୍ତ୍ର ସଚିବ ନୃସିଂହ ଚରଣ ସ୍ୱାଇଁଙ୍କୁ ବୌଦ୍ଧ ଜିଲାପାଳ ଭାବେ ବଦଳି କରାଯାଇଛି। ବୌଦ୍ଧ ଜିଲାପାଳ ବରିଷ୍ଠ ଓଏଏସ୍ ଅଫିସର ସତ୍ୟରଞ୍ଜନ ସାହୁ ଜୁନ୍ ୩୦ରେ ସରକାରୀ ଚାକିରିରୁ ଅବସର ନେବାପରେ ଏହି ପଦବୀ ଖାଲି ପଡ଼ିଥିଲା। ସୂଚନାଯୋଗ୍ୟ, ୨୦୦୮ ବ୍ୟାଚ୍ ଆଇଏଏସ୍ ଅଫିସର ଯାମିନୀ ଷଡ଼ଙ୍ଗୀ ଆମେରିକାର 'ମାଷ୍ଟର ଇନ୍ ପବ୍ଲିକ ପଲିସି'ରେ ପାଠ ପଢ଼ିବା ନିମନ୍ତେ ୨୦୨୨ ଜୁଲାଇ ୧ରୁ ଷ୍ଟଡି ଲିଭ୍‌ରେ ଥିଲେ। ରାଜ୍ୟ ସରକାର ତାଙ୍କୁ ଏହି ଅବଧିରେ ସାଧାରଣ ପ୍ରଶାସନ ବିଭାଗର ଅତିରିକ୍ତ ସଚିବ ପାହ୍ୟାରେ ଓଏସ୍‌ଡି ଭାବେ ନିଯୁକ୍ତି ଦେଇଥିଲେ।




E-BOOK* TODAY AT WWW.MARUTISUZUKI.COM OR VISIT YOUR NEAREST MARUTI SUZUKI ARENA DEALERSHIP

**NARAYANI MOTORS**
BHUBANESHWAR: RASULGARH: 9583022019, 7440019592, 9583022013. JAGATSINGHPUR: 9583022090. PURI: 9583022035. NIMPARA: 7381094851. PARADEEP: 9583022034/ 48. PURI HIGHWAY PIPILI: 9583022013.

**SKY AUTOMOBILES**
BHUBANESWAR: PATIA: 7381045356. CUTTACK: 9776677771, 7381873818, DHENKANAL: 7381045357. NARSINGHPUR: 7381045357. KAMAKHYANAGAR: 7381045357. JAJPUR: 9776900777. SALEPUR: 9583544555. CHANDIKHOL : 9583544555. TANGI: 7381045356.

**TUSHI MOTORS**
CUTTACK: 9078076450. PANIKOILI: 9078076450. ATHAGARH: 9078076450.

**ODYSSEY MOTORS**
ANGUL: 7752076136, 9776901481. PALLAHARA: 7873565435, 9437831123.

**JYOTE MOTORS**
BHUBANESWAR: LEWIS ROAD: 9798190190. NAYAPALLI: 9798190190. KEONJHAR: 9798190190. NAYAGARH: 9798190190. BALUGAON: 9798190190. ANANDPUR: 9798190190. KENDRAPARA: 9798190190. BALASORE: 9798190190. BHADRAK: 9798190190. BARIPADA: 9798190190. UDALA: 7064499950. RAIRANGPUR: 9853446906. JALESWAR: 7064499950. BASUDEVPUR: 9798190190.

*Terms and conditions apply. Creative Visualization. Black Glass on the vehicle is due to lighting effect. Features and accessories shown may not be part of standard fitment. Images used are for illustration purposes only **Ex – Showroom Price Delhi.

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଚି ଚିଆଁ ଶାରୀ**
**ଚିକ୍କଣିଆ ଭଣ୍ଡାରି**
**ଚାହିଁ ଜଳକୀ ବିଟପୀ ନାରୀ**
**ସଖୀ ବଡ଼ ମନ୍ଦ ଏ।**

ଅହରହ ରା ରା କରୁଥିବା ଶାରୀକୁ କେହି ପସନ୍ଦ କରି ନ ଥାନ୍ତି। ସେହିପରି ଚିକ୍କଣିଆ କଥା କହୁଥିବା ଭଣ୍ଡାରି ଓ ବିଟପୀ ନାରୀ, ଏମାନେ ସମସ୍ତେ ଖରାପ ସ୍ୱଭାବର ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଚୋରି, ନାରୀ, ଖୁଣୀ**
**ଏ ତିନି କଥା ଛାଡ଼ି**
**ଯେଣେ ଯାଉଥା ପୁଣି।**

ଚୋରି, ପର ସ୍ତ୍ରୀ ଅପହରଣ ଏବଂ ହତ୍ୟା ଆଦି ମଣିଷର ଖରାପ ଚରିତ୍ର ହୋଇଥିବା ବେଳେ ଏଗୁଡ଼ିକ ମଣିଷକୁ ଅପରାଧୀ ସଜାଇ ଦେଇଥାଏ। ଏହି ପ୍ରମୁଖ ତିନି କୁଚରିତ୍ରକୁ ପରିହାର କରି ମଣିଷ ଅନ୍ୟ ଯେ କୌଣସି ପଥରେ ଗଲେ ବିଶେଷ କ୍ଷତି ନାହିଁ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




# ଜଳରେ ଶବଦାହ

**ଲଣ୍ଡନ,୩।୭**

ବାୟୁ ପ୍ରଦୂଷଣକୁ ରୋକିବା ଦିଗରେ ଅନେକ ଦେଶ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରିବାରେ ଲାଗିଛନ୍ତି। ବିଶେଷ ଭାବେ ଜୀବାଶ୍ମ ଇନ୍ଧନରୁ ନିର୍ଗତ ହେଉଥିବା ସବୁଜଗୃହ ବାଷ୍ପ ବାୟୁମଣ୍ଡଳକୁ ଅଧିକ ବିଷାକ୍ତ କରୁଛି। ଏହାର ନିରାକରଣ ପାଇଁ ବ୍ରିଟେନ୍‌ର କୋ-ଓପି ଫ୍ୟୁନେରାଲ କେୟାର ପକ୍ଷରୁ ଆଗାମୀ ଦିନରେ ମୃତକଙ୍କ ଅନ୍ତିମ ସଂସ୍କାର ପାଇଁ ସଲୀଳ ବା ଜଳ ସମାଧି (ୱାଟର କ୍ରିମେଶନ୍) ମେଥଡ୍ ଆରମ୍ଭ କରାଯିବ।

ଶବଦାହ ପାଇଁ ବ୍ୟବହାର ହେବାକୁ ଥିବା ଏହି ନୂଆ ପ୍ରଣାଳୀରେ ନିଆଁ ପରିବର୍ତ୍ତେ ପୋଟାସିୟମ୍ ପେରୋକ୍ସାଇଡ୍ ଏବଂ ଜଳର ବ୍ୟବହାର କରାଯିବ, ଯାହା ମନୁଷ୍ୟ ଶରୀରକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରିଦେବ। ତେବେ ଶବଦାହର ଏହି ମେଥଡ୍‌କୁ ରିଜୋମେଶନ ବୋଲି କୁହାଯାଏ। ପ୍ରଥମେ ବାୟୋଡିଗ୍ରେଡେବୁଲ ବ୍ୟାଗ୍‌ରେ ମୃତଦେହକୁ ଏକ ବାୟୋଗ୍ରେଡେବୁଲ ବ୍ୟାଗ୍‌ରେ ଭର୍ତ୍ତି କରି ପୋଟାସିୟମ୍ ହାଇଡ୍ରୋକ୍ସାଇଡ୍ ଓ ପ୍ରେସରାଇଜ୍ଡ ୱାଟର (ଆବଶ୍ୟକସ୍ଥଳରେ ଜଳ ପ୍ରବାହକୁ କମ୍ ବା ବେଶି କରାଯାଇପାରିବ) ବ୍ୟବସ୍ଥା ଥିବା ଏକ କଣ୍ଟେନରରେ ରଖାଯାଏ। ୪ ଘଣ୍ଟାର ଏହି ପ୍ରଣାଳୀରେ ଅସ୍ଥି ପାଉଁଶ ହୋଇ ବାହାରିଯାଏ। ଏହାକୁ 'ବଏଲ୍ ଇନ୍ ଦ ବ୍ୟାଗ୍' ବୋଲି ମଧ୍ୟ କୁହାଯାଏ। ତେବେ ଏହାଦ୍ୱାରା ଶବ ସଂସ୍କାର କଲେ ବାୟୁ ପ୍ରଦୂଷଣ କଲା ଭଳି କୌଣସି ବିଷାକ୍ତ ଗ୍ୟାସ୍ କିମ୍ବା ପ୍ରଦୂଷକ ଉତ୍ପନ୍ନ ହେଉ ନ ଥାଏ। ଏହି ପ୍ରଣାଳୀରେ ଦାହ ସଂସ୍କାର କରିବା ଖର୍ଚ୍ଚ ସାପେକ୍ଷ।

# 'ରେଙ୍ଗାଲୀ ନଦୀବନ୍ଧ ବିସ୍ଥାପିତଙ୍କୁ ସ୍ଥାୟୀ ପଟ୍ଟା ଦିଆଯାଉ'

## ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଧର୍ମେନ୍ଦ୍ର

**ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)**

ରେଙ୍ଗାଲୀ ନଦୀବନ୍ଧ ଯୋଜନା ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକଙ୍କ ପାଇଁ ରାଜ୍ୟ ସରକାରଙ୍କ ତରଫରୁ ପୂର୍ବରୁ ଘୋଷଣା ହୋଇଥିବା କ୍ଷତିପୂରଣ ରାଶି ଦିଆଯାଉ। ଏହାସହ ସେମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯିବା ସହିତ ସେମାନଙ୍କ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଚିଠି ଲେଖି ଅନୁରୋଧ କରିଛନ୍ତି। ଧର୍ମେନ୍ଦ୍ର ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ୧୯୮୦ ଦଶକରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ରେଙ୍ଗାଲୀ ନଦୀବନ୍ଧ ଯୋଜନା ଓଡ଼ିଶାର ୨ୟ ବୃହତ୍ତମ ନଦୀବନ୍ଧ ଯୋଜନା। ଏହା ଦ୍ୱାରା ଆମର ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ କ୍ଷମତା ବହୁଗୁଣିତ ହୋଇପାରିଛି। ତେବେ ବିକାଶର ଏ ରୂପ ଆମକୁ ଅନେକ ବିଷାଦ ମଧ୍ୟ ଦେଇଛି। ବାସଚ୍ୟୁତ ଓ ବିସ୍ଥାପିତଙ୍କ ଦୁର୍ଦ୍ଦଶାର ପ୍ରାୟ ୪ ଦଶନ୍ଧିର ବିକଳ ଚିତ୍ର ବର୍ତ୍ତମାନ ମଧ୍ୟ ଆମକୁ ମର୍ମାହତ କରୁଛି। ୧୯୯୭ ମସିହାରେ ଗଠିତ ରେଙ୍ଗାଲୀ ବନ୍ଧ ବାସଚ୍ୟୁତ ସୁରକ୍ଷା ସମିତି ହିଁ ଏ


ଧର୍ମେନ୍ଦ୍ର ପ୍ରଧାନ

ଦୁରବସ୍ଥାର ସାକ୍ଷୀ। ରେଙ୍ଗାଲୀ ଯୋଜନାରେ ୧୯୭୮ରୁ ୧୯୮୪ ମସିହା ମଧ୍ୟରେ ମୋଟ ୨୩୬ ଗୋଟି ରାଜସ୍ୱ ଗ୍ରାମର ପ୍ରାୟ ୧୩ ହଜାର ପରିବାର ବାସହରା ହେଲେ। ଉପଯୁକ୍ତ ଥଇଥାନ ଓ କ୍ଷତିପୂରଣ ଅଭାବରୁ ଏଭଳି ଅନେକ ହଜାର ପରିବାର ହନ୍ତସନ୍ତ ହୋଇଛନ୍ତି। ଗଣଧାରଣା, ଅନଶନ, ପ୍ରତିବାଦ ଓ ବିକ୍ଷୋଭ ଭିତରେ ମଧ୍ୟ ସେମାନଙ୍କ ଦୁର୍ଦ୍ଦଶା କମିନାହିଁ। ଗତ ସେପ୍ଟେମ୍ବର ୨୦୧୦ରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ବିସ୍ଥାପିତଙ୍କୁ କ୍ଷତିପୂରଣ ବାବଦ ପ୍ରାୟ ୧୫୨ କୋଟି ଟଙ୍କାର ଅନୁକମ୍ପା ରାଶି ଦେବା ଲାଗି ଆକଳନ କରାଯାଇଥିଲା। ପରିତାପର ବିଷୟ, ଏ ଅର୍ଥରାଶି ଏ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତଙ୍କୁ ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ନିଜର ଭିଟାମାଟି ହରାଇ ସର୍ବହରା ହୋଇଥିବା ବିସ୍ଥାପିତଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ ଓ ସେମାନଙ୍କ ଗ୍ରାମଗୁଡ଼ିକୁ ରାଜସ୍ୱ ଗ୍ରାମର ମାନ୍ୟତା ଦାବିକୁ ପୂରଣ କରିବା ପାଇଁ ସରକାର ହସ୍ତକ୍ଷେପ କରନ୍ତୁ। ଓଡ଼ିଶା ସରକାର ଏଭଳି ଏକ ସମ୍ବେଦନଶୀଳ ପ୍ରସଙ୍ଗରେ ଆନ୍ତରିକତା ଦେଖାଇବା ସଙ୍ଗେ ସଙ୍ଗେ ଏଥି ନିମନ୍ତେ ସମୟୋଚିତ ପଦକ୍ଷେପ ନେବେ ଏବଂ ବିସ୍ଥାପିତଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରିବାରେ ତତ୍ପର ହେବେ ବୋଲି ଧର୍ମେନ୍ଦ୍ର ତାଙ୍କ ଚିଠିରେ ଆଶାବ୍ୟକ୍ତ କରିଛନ୍ତି।

# ପୁନର୍ବାସ ଓ ଥଇଥାନ ସ୍କିମ୍ ବିରୋଧ ମାମଲାକୁ ଖାରଜ କଲେ ସୁପ୍ରିମକୋର୍ଟ

## ସମଲେଶ୍ୱରୀ ମନ୍ଦିର ନବୀକରଣ ପ୍ରସଙ୍ଗ

**ଭୁବନେଶ୍ୱର,୩।୭(ଅନିଲଦାସ)**

ସମଲେଶ୍ୱରୀ ମନ୍ଦିର ନବୀକରଣ ପାଇଁ ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ସ୍କିମ୍‌କୁ ବିରୋଧ କରି ଦାଖଲ ହୋଇଥିବା ସ୍ପେଶାଲ ଲିଭ୍ ପିଟିଶନକୁ ସୋମବାର ସୁପ୍ରିମକୋର୍ଟ ଖାରଜ କରି ଦେଇଛନ୍ତି। ସୁପ୍ରିମ୍‌କୋର୍ଟଙ୍କ ୨ ଜଣିଆ ଖଣ୍ଡପୀଠ ଜଷ୍ଟିସ ବି.ଆର. ଗାଭାଏ ଏବଂ ଜେ.ବି. ପରଦିୱାଲା ଓଡ଼ିଶା ହାଇକୋର୍ଟଙ୍କ ମାମଲାରେ ହସ୍ତକ୍ଷେପ କରିବାକୁ ମନା କରି ଦେଇଛନ୍ତି। ହାଇକୋର୍ଟଙ୍କ ଆଦେଶ ଉପରେ ଆମେ କୌଣସି ପ୍ରକାର ହସ୍ତକ୍ଷେପ କରିବାକୁ ଚାହୁଁ ନାହୁଁ କହି ଖଣ୍ଡପୀଠ ସ୍ପେଶାଲ ଲିଭ୍ ପିଟିଶନକୁ ଖାରଜ କରି ଦେଇଛନ୍ତି। ମାମଲା ଶୁଣାଣି ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ଆଇନଜୀବୀ ଶିବ ଶଙ୍କର ମିଶ୍ର ହାଇକୋର୍ଟଙ୍କ ଆଦେଶ ବିରୋଧରେ ଦିଆଯାଇଥିବା ପିଟିଶନକୁ ବିରୋଧ କରିଥିଲେ। ମାଆ ସମଲେଶ୍ୱରୀ ମନ୍ଦିର ବିକାଶ ପାଇଁ ରାଜ୍ୟ ସରକାର ନେଇଥିବା ବିଭିନ୍ନ ପଦକ୍ଷେପ ଏବଂ ପଶ୍ଚିମଓଡ଼ିଶା ଲୋକମାନଙ୍କ ବିକାଶ ସମ୍ପର୍କିତ ପ୍ରସ୍ତାବକୁ ଖଣ୍ଡପୀଠଙ୍କ ନିକଟରେ ଦାଖଲ କରିଥିଲେ। ସମଲେଶ୍ୱରୀ ଟେମ୍ପୁଲ ଏରିଆ ମ୍ୟାନେଜମେଣ୍ଟ ଆଣ୍ଡ ଲୋକାଲ ଇକୋନୋମିକ୍ ଇନିସିଏଟିଭ (ସମଲେଇ) ଯୋଜନା କାର୍ଯ୍ୟକାରୀ ପାଇଁ ଘରୋଇ ଜମି ଅଧିଗ୍ରହଣର ଆବଶ୍ୟକତା ଥିଲା। ଏଥିସହିତ ମନ୍ଦିର ଚାରିପାଖରେ ଥିବା ସରକାରୀ ଜବରଦଖଲକୁ ହଟାଯାଇଛି। ରାଜ୍ୟ ସରକାରଙ୍କ ପୁନର୍ବାସ ଓ ଥଇଥାନ ନୀତି ଅନୁଯାୟୀ ବସ୍ତିବାସିନ୍ଦାଙ୍କୁ ସହାୟତା ରାଶି ପ୍ରଦାନ କରାଯିବା ସହ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିବା ସେ ଯୁକ୍ତି ବାଢ଼ିଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ୨୦୨୩ ଜାନୁୟାରୀ ୩୧ ତାରିଖରେ ହାଇକୋର୍ଟ ଆବେଦନକାରୀଙ୍କ ପ୍ରସ୍ତାବ ଉପରେ ବିଚାର କରିବାକୁ ସମ୍ବଲପୁର ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଆବେଦନକର୍ତ୍ତା ରାକେଶ ସୁନା ରାଜ୍ୟ ସରକାରଙ୍କ ଦ୍ୱାରା ସମଲେଇ ଯୋଜନା ପାଇଁ କରାଯାଇଥିବା ପୁନର୍ବାସ ଓ ଥଇଥାନ ସ୍କିମ୍‌କୁ ରଦ୍ଦ କରି ରିହାବିଲିଟେଶନ ଆଣ୍ଡ ରିସେଟଲମେଣ୍ଟ ଆଇନ-୨୦୧୩ ଅନୁଯାୟୀ କ୍ଷତିପୂରଣ ଓ ଅନ୍ୟାନ୍ୟ ସୁବିଧା ଦେବାକୁ ଦାବି କରିଥିଲେ।

# ମାଟ୍ରିକ୍ ସପ୍ଲିମେଣ୍ଟାରୀ ପରୀକ୍ଷା ଆରମ୍ଭ

**କଟକ,୩।୭(ସୁପ୍ରିୟା ପ୍ରିୟଦର୍ଶିନୀ)**

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଓ ରାଜ୍ୟ ଓପନ୍ ସ୍କୁଲ ପରୀକ୍ଷା ସୋମବାରଠାରୁ ଆରମ୍ଭ ହୋଇଛି। ଏହା ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ଚାଲିବ। ସାରା ରାଜ୍ୟରେ ୮୦ଟି କେନ୍ଦ୍ରରେ ଏହି ପରୀକ୍ଷା ଅନୁଷ୍ଠିତ ହେଉଛି। ମାଟ୍ରିକରେ ୧,୩୧୧ ଜଣ ଛାତ୍ରୀଛାତ୍ର ସପ୍ଲିମେଣ୍ଟାରୀ ପରୀକ୍ଷା ଦେଉଛନ୍ତି। ସେହିପରି ୮,୯୦୦ରୁ ଅଧିକ ଛାତ୍ରୀଛାତ୍ର ରାଜ୍ୟ ମୁକ୍ତ ବିଦ୍ୟାଳୟ ପରୀକ୍ଷା ଦେଉଥିବା ସୂଚନା ମିଳିଛି। ପରୀକ୍ଷା ପରିଚାଳନାରେ ଅନିୟମିତତା ରୋକିବାକୁ ବୋର୍ଡ ପକ୍ଷରୁ ୧୫ଟି ସ୍କ୍ୱାଡ୍ ଗଠନ କରାଯାଇଛି। ସେହିପରି ଜିଲାସ୍ତରରେ ଡିଇଓମାନେ ପୃଥକ ସ୍କ୍ୱାଡ୍ ଗଠନ କରିଛନ୍ତି। ଯେଉଁ ଛାତ୍ରୀଛାତ୍ରମାନେ ମାଟ୍ରିକ ପରୀକ୍ଷାରେ ଫେଲ୍ ହୋଇଥିଲେ କିମ୍ବା କୌଣସି କାରଣରୁ ପରୀକ୍ଷା ଦେଇପାରି ନ ଥିଲେ ସେମାନେ ଏହି ପରୀକ୍ଷା ଦେବାକୁ ସୁଯୋଗ ପାଇଛନ୍ତି।

# ହିଂସା ରୋକିବାକୁ କ'ଣ ପଦକ୍ଷେପ ନେଇଛ ଜଣାଅ

## ସୁପ୍ରିମକୋର୍ଟରେ ମଣିପୁର ହିଂସା ମାମଲା

**ନୂଆଦିଲ୍ଲୀ, ୩।୭(ପି.ଟି.)**

ହିଂସା କ୍ଷତିଗ୍ରସ୍ତ ମଣିପୁରରେ ଘରଦ୍ୱାର ହରାଇଥିବା ଲୋକମାନଙ୍କ ଥଇଥାନ ପାଇଁ କ'ଣ ପଦକ୍ଷେପ ନେଇଛ, ଆଇନ ଶୃଙ୍ଖଳା ସ୍ଥିତିରେ କିଭଳି ଉନ୍ନତି ହୋଇଛି ଓ ଲୁଟ୍ ହୋଇଥିବା ଅସ୍ତ୍ରଶସ୍ତ୍ର ଉଦ୍ଧାର ସମ୍ପର୍କିତ ସଂଶୋଧିତ ଷ୍ଟାଟସ୍ ରିପୋର୍ଟ ଦାଖଲ କରିବା ପାଇଁ ସୁପ୍ରିମକୋର୍ଟ ସୋମବାର ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳା ସ୍ଥିତିରେ ଧୀରେ ଧୀରେ ସୁଧାର ଆସୁଛି। ବର୍ତ୍ତମାନ କର୍ଫ୍ୟୁ ସମୟ ଦିନକୁ ୫ ଘଣ୍ଟାକୁ ହ୍ରାସ କରାଯାଇଛି ବୋଲି ରାଜ୍ୟ ସରକାର ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼ଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠଙ୍କୁ କହିଥିଲେ। ଖଣ୍ଡପୀଠରେ ଜଷ୍ଟିସ ପି.ଏସ୍. ନରସିଂହ ଏବଂ ମନୋଜ ମିଶ୍ରା ରହିଛନ୍ତି। ଥଇଥାନ ଶିବିର, ଆଇନ ଶୃଙ୍ଖଳା ଓ ଅସ୍ତ୍ର ଉଦ୍ଧାର କରିବାରେ କ'ଣ ପଦକ୍ଷେପ ନିଆଯାଇଛି, କେବଳ ତାହା ଜଣାଅ ବୋଲି ଖଣ୍ଡପୀଠ ମଣିପୁର ହିଂସା ଉପରେ ଏକାଧିକ ପିଟିଶନ୍‌ର ଶୁଣାଣି କରିବା ପରେ କହିଥିଲେ। ମାମଲାର ପରବର୍ତ୍ତୀ



ଶୁଣାଣି ଜୁଲାଇ ୧୦କୁ ଧାର୍ଯ୍ୟ କରାଯାଇଛି।

କେତେକ ଉଗ୍ରପନ୍ଥୀ ଗୋଷ୍ଠୀ ରାଜ୍ୟ ସରକାରଙ୍କ ପ୍ରାୟୋଜିତ ବୋଲି କୁକି ସଂଖ୍ୟାଲଘୁ ସଂଗଠନରୁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ କୋଲିନ ଗନସାଲ୍‌ଭେସ୍ ଯୁକ୍ତି ବାଢ଼ିଥିବାବେଳେ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଏହାକୁ ଖଣ୍ଡନ କରିବା ସହ ଅଭିଯୋଗ ଦୁର୍ଭାଗ୍ୟଜନକ ବୋଲି କହିଥିଲେ। କୁକି ପକ୍ଷର ଓକିଲ ହିଂସାକାଣ୍ଡକୁ କୌଣସି ସାମ୍ପ୍ରଦାୟିକ ମୋଡ଼ ନ ଦେବା ଲାଗି ସେ ପରାମର୍ଶ ଦେଇଥିଲେ। ଧୀରେ ଧୀରେ ହେଲେ ମଧ୍ୟ ରାଜ୍ୟ ସ୍ଥିତିରେ ଉନ୍ନତି ଆସିଛି। ଯାହାକିଛି ସମସ୍ୟା ଥିଲା ତାହାର ସମାଧାନ କରାଯାଉଛି। ରାଜ୍ୟ ପୋଲିସ ବ୍ୟତୀତ ସେଠାରେ ଭାରତୀୟ ରିଜର୍ଭ ବାଟାଲିୟନ, ମଣିପୁର ରାଇଫଲ୍ସ, କମାଣ୍ଡୋ, ସିଏପିଏଫ୍‌ର ୧୧୪ କମ୍ପାନୀ, ସେନାର ୧୮୪ କଲମ୍ ଯବାନ ଶାନ୍ତି ଶୃଙ୍ଖଳା ରକ୍ଷାରେ ନିୟୋଜିତ ହୋଇଛନ୍ତି। ହିଂସା ପ୍ରପୀଡ଼ିତଙ୍କ ଥଇଥାନ ପାଇଁ ୩୫୫ ରିଲିଫ କ୍ୟାମ୍ପ ଖୋଲିଥିବା ସଲିସିଟର ଜେନେରାଲ ଖଣ୍ଡପୀଠଙ୍କୁ ଜଣାଇଥିଲେ। ସୂଚନାଯୋଗ୍ୟ, ୨ ମାସ ହେଲା ମଣିପୁରରେ ଜାତିଆଣ ହିଂସାକାଣ୍ଡ ଲାଗିରହିଥିବାବେଳେ ଏଥିରେ ଶତାଧିକ ଲୋକଙ୍କ ମୃତ୍ୟୁ ଘଟିବା ସହ ହଜାର ହଜାର ଲୋକ ଘରଦ୍ୱାର ହରାଇ ରିଲିଫ ଶିବିରରେ ଆଶ୍ରୟ ନେଇଛନ୍ତି।

## ପ୍ରଥମ ପୃଷ୍ଠାରୁ...

### ୩ ପିଲାଙ୍କୁ କୂଅରେ ...

ଖଟିବାକୁ ଚେନ୍ନାଇ ଯାଇଛନ୍ତି। ଅଭାବ ଅସୁବିଧା ପାଇଁ ଘରେ ସବୁବେଳେ ଅଶାନ୍ତି ଲାଗି ରହିଥିଲା। ରବିବାର କୌଣସି କଥାକୁ ନେଇ ରଶ୍ମିତା ଓ ବଳରାମଙ୍କ ମଧ୍ୟରେ ଫୋନରେ ଯୁକ୍ତିତର୍କ ହୋଇଥିଲା। ରଶ୍ମିତା ମାନସିକ ଦୁଶ୍ଚିନ୍ତାରେ ଥିଲେ। ବିଳମ୍ବିତ ରାତିରେ ସେ ୩ ପିଲାଙ୍କୁ ଧରି କୂଅ ନିକଟକୁ ଯାଇଥିଲେ। ଗୋଟିଏ ପରେ ଗୋଟିଏ ପିଲାଙ୍କୁ କୂଅକୁ ଠେଲି ଶେଷରେ ରଶ୍ମିତା ମଧ୍ୟ ଡେଇଁ ପଡିଥିଲେ। କୂଅରେ କିଛି ପଡ଼ିବା ଶବ୍ଦ ଶୁଣି ସାହି ଲୋକେ ସେଠାରେ ରୁଣ୍ଡ ହୋଇଥିଲେ। ରଶ୍ମିତା ଓ ବଡ଼ଝିଅ ଗୁଞ୍ଜନ କୂଅରେ ପଥରକୁ ଧରି ରହିଯାଇଥିବାରୁ ତୁରନ୍ତ ସେମାନଙ୍କୁ ଉଦ୍ଧାର କରିଥିଲେ। ସାନଝିଅ ଆଲିଶା ଓ ଆଶିଷ ପାଣିରେ ବୁଡ଼ିଯାଇଥିବାରୁ ରାତିରେ ଉଦ୍ଧାର କରିବା ସମ୍ଭବ ହୋଇ ନ ଥିଲା। ଗ୍ରାମବାସୀଙ୍କ ଠାରୁ ଖବରପାଇ ଶେରଗଡ଼ ଅଗ୍ନିଶମ ଅଗ୍ନିଶମ ଅଧିକାରୀ ବିପ୍ରଚରଣ ପ୍ରଧାନ ଓ ତାଙ୍କ ଟିମ୍ ସୋମବାର ସକାଳେ ପହଞ୍ଚି କୂଅରୁ ସେମାନଙ୍କ ମୃତଦେହ ବାହାର କରିଥିଲେ। ଦୁଇ ପିଲାଙ୍କ ଜୀବନ ଯାଇଥିବା ଜାଣିବା ପରେ ରଶ୍ମିତା ନିଜ ଜିଭ କାଟି ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଶେରଗଡରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଏମ୍‌କେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସେ ଏବେ ସର୍ଜରି ୱାର୍ଡରେ ଅଛନ୍ତି। ନାତି, ନାତୁଣୀଙ୍କୁ ବୋହୂ ମାରିଦେଇଥିବା ଶ୍ୱଶୁର କୋରା ଗୌଡ଼ଙ୍କ ଅଭିଯୋଗକୁ ଭିତ୍ତିକରି ଶେରଗଡ଼ ଥାନାରେ ଆଇପିସି ଧାରା ୩୦୨ ଓ ୩୦୭ରେ ରଶ୍ମିତାଙ୍କ ବିରୋଧରେ ହତ୍ୟା ମାମଲା (୩୪୫/୨୩) ରୁଜୁ ହୋଇଛି। ରଶ୍ମିତାଙ୍କୁ ମେଡିକାଲରେ ୪ଜଣିଆ ପୋଲିସ ଟିମ୍ ଜଗି ରହିଛି। ସେ ସୁସ୍ଥ ହେବା ପରେ ତୁରନ୍ତ ଗିରଫ କରି କୋର୍ଟ ଚାଲାଣ କରାଯିବ ବୋଲି ଶେରଗଡ ଥାନା ଅଧିକାରୀ ମନୋଜ କୁମାର ପ୍ରଧାନ କହିଛନ୍ତି।

### ୧୩ରେ ଚନ୍ଦ୍ରଯାନ-୩ ...

ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଚନ୍ଦ୍ରପୃଷ୍ଠରୁ ୨.୧ କିଲୋମିଟର ଉଚ୍ଚତାରେ ଥିବା ସମୟରେ ବିକ୍ରମ ଲ୍ୟାଣ୍ଡରରୁ ଇସ୍ରୋକୁ ସମସ୍ତ ଯୋଗାଯୋଗ ବିଚ୍ଛିନ୍ନ ହୋଇଯାଇଥିଲା। ଏହା ନିର୍ଦ୍ଧାରିତ କକ୍ଷପଥରୁ ବିଚ୍ୟୁତ ହୋଇ ପ୍ରାୟ ଏକ କିଲୋମିଟର ଦୂରରେ ଦୁର୍ଘଟଣାଯୁକ୍ତ ଅବତରଣ କରିଥିଲା। ଏହି ଅଭିଯାନ ପୂର୍ବରୁ ୨୦୦୮ ଅକ୍ଟୋବର ୨୨ରେ ଚନ୍ଦ୍ରଯାନ-୧ ଚନ୍ଦ୍ରପୃଷ୍ଠକୁ ପ୍ରକ୍ଷେପଣ କରାଯାଇଥିଲା। ୧୪ ନଭେମ୍ବର ୨୦୦୮ରେ ଚନ୍ଦ୍ରଯାନରୁ ଅଲଗା ହେଇ ଚନ୍ଦ୍ରପୃଷ୍ଠରେ ଅବତରଣ କରିଥିଲା 'ମୁନ ଇମ୍ପାକ୍ଟ ପ୍ରୋବ'(ଚନ୍ଦ୍ରର ପୃଷ୍ଠଭୂମି ଏବଂ ବାୟୁମଣ୍ଡଳର ତଥ୍ୟ ସଂଗ୍ରହ ପାଇଁ ଇସ୍ରୋ ଦ୍ୱାରା ନିର୍ମିତ ସ୍ୱୟଂଚାଳିତ ଉପକରଣ)। ୨୯ ଅଗଷ୍ଟ ୨୦୦୯ରେ କୌଣସି କାରଣ ଯୋଗୁ ଚନ୍ଦ୍ରଯାନ ସହ ସମ୍ପର୍କ ହେଇପାରିଲା ନାହିଁ, ତେଣୁ ଆନୁଷ୍ଠାନିକ ଭାବେ ଏହି ପ୍ରଥମ ସଂସ୍କରଣ ଅଭିଯାନର ସମାପ୍ତି ଘୋଷଣା କରାଯାଇଥିଲା ।

### ୯୦୦ ସ୍ଥାନରେ ୩୦...

ନିର୍ଦ୍ଦେଶକ ପ୍ରକାଶ ଚାନ୍ଦ ଗୋଗିନେନି କୁହନ୍ତି, ପ୍ରୋଟେକ୍ସନ ଆସିଷ୍ଟାଣ୍ଟମାନଙ୍କ ଦାବି ପୂରଣ ଦିଗରେ ପଦକ୍ଷେପ ଗ୍ରହଣ କରାଯାଉଛି । ଶିମିଳିପାଳ ସୁରକ୍ଷା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଛି। ମୁଖ୍ୟ ଶାସନ ସଚିବ, ପୋଲିସ ମହାନିର୍ଦ୍ଦେଶକ ଓ ପ୍ରମୁଖ ମୁଖ୍ୟ ବନ୍ୟ ସଂରକ୍ଷକ(ପିସିସିଏଫ୍)ଙ୍କ ସହ ଆଲୋଚନା ପରେ ୩ ପ୍ଲାଟୁନ ପୋଲିସ ଫୋର୍ସ ନିୟୋଜିତ କରିବାକୁ ନିର୍ଦ୍ଦେଶ ମିଳିଛି। ଏହାସହ କରଞ୍ଜିଆ, ରାଇରଙ୍ଗପୁର ଓ ଅନ୍ୟାନ୍ୟ ଡିଭିଜନରୁ ୧୫୦ ବନ କର୍ମଚାରୀଙ୍କୁ ଶିମିଳିପାଳ ସୁରକ୍ଷା ଦାୟିତ୍ୱ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ସେହିପରି ଶିମିଳିପାଳ ପାଦଦେଶରେ ଥିବା ଲୋକ ଓ ଜନପ୍ରତିନିଧିଙ୍କୁ ନେଇ ଶିମିଳିପାଳ ସୁରକ୍ଷା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ଶିମିଳିପାଳକୁ ସୁରକ୍ଷା ଦେଉଥିବା କର୍ମଚାରୀଙ୍କ ଦାବି ପ୍ରତି ଦୃଷ୍ଟି ଦେଇ ତୁରନ୍ତ ପଦକ୍ଷେପ ଗ୍ରହଣ କରାଗଲେ ଶିମିଳିପାଳକୁ ବଞ୍ଚାଇ ହେବ ବୋଲି ପ୍ରାକ୍ତନ ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ଭାନୁମିତ୍ର ଆଚାର୍ଯ୍ୟ କହିଛନ୍ତି।

### ଲାଲୁ, ରାବ୍ରୀ, ତେଜସ୍ୱୀଙ୍କ ...

ବ୍ୟକ୍ତିବିଶେଷ ଓ ସଂସ୍ଥାର ନାଁ ରହିଛି। ସେମାନଙ୍କୁ ଆପରାଧିକ ଷଡ଼ଯନ୍ତ୍ର, ଠକେଇ ଆଦି ଆଇପିସିର ବିଭିନ୍ନ ଦଫାରେ ଅଭିଯୁକ୍ତ କରାଯାଇଛି। ୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବା ଲାଗି ଗତ ମାସ ୨୩ରେ ପାଟନାରେ ଅନୁଷ୍ଠିତ ବିରୋଧୀ ଦଳଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ବୈଠକରେ ଲାଲୁ ଯାଦବଙ୍କ ଆର୍‌ଜେଡି ସାମିଲ ହୋଇଥିଲା। ତେଜସ୍ୱୀଙ୍କୁ ଉପମୁଖ୍ୟମନ୍ତ୍ରୀ ପଦରୁ ବହିଷ୍କାର ପାଇଁ ଭାଜପା ସୋମବାର ଦାବି କରିଛି। ସୂଚନାଯୋଗ୍ୟ, ୨୦୦୪ରୁ ୨୦୦୯ ଲାଲୁ ରେଳମନ୍ତ୍ରୀ ଥିବାବେଳେ ଦାମୀ ଜମି ବଦଳରେ ରେଲୱେରେ ଗ୍ରୁପ୍-ଡି ପଦବୀରେ କେତେଜଣଙ୍କୁ ନିଯୁକ୍ତ କରାଯାଇଥିଲା। ଏହି ଜମି ଲାଲୁଙ୍କ ପରିବାର କିମ୍ବା ସହଯୋଗୀଙ୍କ ନାମରେ ସ୍ଥାନାନ୍ତର କରାଯାଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ନବମସ୍ଥ ଚନ୍ଦ୍ରଙ୍କ ଯୋଗୁ ପାରିବାରିକ ସଦ୍‌ଭାବ ବୃଦ୍ଧି ପାଇବା ସାଙ୍ଗକୁ ବନ୍ଧୁଙ୍କ ସହ ମନୋମାଳିନ୍ୟ ଦୂର ହେବ। ଦୀର୍ଘଦିନରୁ ଅପେକ୍ଷା କରିଥିବା କାମରେ ଶୁଭ ସୂଚନା ପାଇବେ। ପାଖପଡ଼ୋଶୀମାନେ ଆପଣଙ୍କ ପରାମର୍ଶ ଲୋଡ଼ିପାରନ୍ତି। କିଛି ସମ୍ପତ୍ତିକୁ କେନ୍ଦ୍ରକରି ଭାଇ ଭାଇ ଭିତରେ ଟଣାଓଟରା ଦେଖାଦେଇପାରେ।

**ବୃଷ** ଆଜି ଟିକିଏ ଜୋର୍ ଦେଇ କଥା କହିବା କାରଣରୁ ପରିବେଶ ସରଗରମ ହୋଇପାରେ। ବନ୍ଧୁ ସବୁ ଶୁଣିବେ ଓ ବୁଝିବେ କିନ୍ତୁ ସାହାଯ୍ୟର ପ୍ରତିଶ୍ରୁତି ଦେବେ ନାହିଁ। ଦିନ ଭରି ଆନୁଷ୍ଠାନିକ କାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି ,କିନ୍ତୁ କରୁଥିବା କାମରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ଆଂଶିକ ସଫଳତା ପାଇବେ।

**ମିଥୁନ** ବାକ୍‌ଚାତୁରୀ ଯୋଗୁ ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇବେ। ଅସୁବିଧାରେ ପଡ଼ିଥିବା ଲୋକଟି ପ୍ରତି ଦୟାଭାବ ପୋଷଣକରି ପ୍ରଶଂସାଭାଜନ ହେବେ। ଜିଜ୍ଞାସୁମାନେ ପାଠପଢ଼ାରେ ମନ ଦେବେ କିମ୍ବା ବୁଦ୍ଧିଜୀବୀଙ୍କ ଦୃଷ୍ଟି ଆକର୍ଷଣ କରିବେ। ବ୍ୟବସାୟୀ କାମ ହାସଲ ସକାଶେ ଉଚ୍ଚବର୍ଗର ଲୋକମାନଙ୍କ ସଂସ୍ପର୍ଶରେ ଆସିପାରନ୍ତି।

**କର୍କଟ** ସମସ୍ୟାର ଅନ୍ତିମ ପାହାଚରେ ପାଦ ଥାପିବାର ସମୟକୁ ଅନୁଭବ କରିପାରିବେ। ସଂଯମ ଅଭାବରୁ ଆଦୌ ପଢୁ ନ ଥିବା ବ୍ୟକ୍ତି ଦ୍ୱାରା ପ୍ରଭାବିତ ହୋଇ ଅସମ୍ମାନିତ ହେବେ। କର୍ମକ୍ଷେତ୍ରରେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ରକରି ଝଗଡ଼ା ଲାଗିପାରେ। ମାଲିମକଦ୍ଦମାରେ ପରିସ୍ଥିତିକୁ ଯେତେଟା ଜଟିଳ ମନେକରୁଛନ୍ତି ସେପରି କିଛି ହେବନାହିଁ।

**ସିଂହ** ଟେନ୍‌ସନ ଲାଗି ରହିବା ସାଙ୍ଗକୁ ପାରିବାରିକ କ୍ଷେତ୍ରରେ ବିଭିନ୍ନ ସମସ୍ୟା ମନକୁ ଆନ୍ଦୋଳିତ କରିବ। ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ, କିନ୍ତୁ ବହୁ ଝଡ଼ଝଞ୍ଜା ମଧ୍ୟରେ। ପାରିବାରିକ ଜୀବନରେ ତିକ୍ତତା ଦେଖାଦେଇପାରେ। ସାହିତ୍ୟ, ସାମ୍ବାଦିକତା, ଗବେଷଣା ତଥା ସଭାସମିତିରେ ସମ୍ମାନିତ ହେବେ।

**କନ୍ୟା** ପାରିବାରିକ ସମସ୍ୟା ଓ ପୂର୍ବ ବିବାଦ କାରଣରୁ ମାନସିକ ସ୍ଥିତି ଭଲ ରହିବ ନାହିଁ। ଅତି ନିକଟରେ ରହୁଥିବା ଲୋକଟି ଆପଣଙ୍କ ସକାଶେ ବହୁ ଉପକାରରେ ଆସିବ। କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। କିନ୍ତୁ ପ୍ରତ୍ୟେକ କ୍ଷେତ୍ରରେ ସଂଯମ ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡ଼ିବେ।

**ତୁଳା** ସାଧାରଣ କଥାକୁ କେନ୍ଦ୍ରକରି ଆକସ୍ମିକ ଭାବରେ ପାରିବାରିକ କଳହର ସମ୍ଭାବନା ରହିଛି। ନିଜ ପରିସରରେ କୌଣସି ଯୁବକଠାରୁ ଯଥେଷ୍ଟ ସହାୟତା ପାଇବେ। ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। କାର୍ଯ୍ୟ ହାସଲ ପରିପ୍ରେକ୍ଷୀରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ।

**ବିଛା** ସ୍ଥଗିତ କାମ ତ୍ୱରାନ୍ୱିତ କରାଇବାରେ ବନ୍ଧୁ ସାହାଯ୍ୟ କରିବେ। ବ୍ୟୟ ଅଟକଳ ତଥା ଅନ୍ୟାନ୍ୟ କାମ ସକାଶେ ଖର୍ଚ୍ଚ ଦିଗୁଣା ହୋଇପାରେ। ଘରୋଇ କଳହକୁ ନେଇ ଅଶାନ୍ତି ଲାଗିରହିବ। ଅନୁରାଧା ସକାଶେ ପରିବାରରେ ବୁଝାମଣା ଠିକ୍ ରହିବ ନାହିଁ। ପ୍ରକାଶନ, ସାମ୍ବାଦିକତା, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇବେ।

**ଧନୁ** ସମସ୍ୟା ଭିତର ଦେଇ ଗତି କରୁଥିବା କାରଣରୁ ଅଧିକାଂଶ ସମୟ ଅନ୍ୟମନସ୍କ ରହିବେ। ଅଧିକାଂଶ କ୍ଷେତ୍ରରେ ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ପିଲାଙ୍କ ସ୍ୱାସ୍ଥ୍ୟହାନି, ବନ୍ଧୁଙ୍କ ଅଭିଯୋଗ ଓ ପାରିବାରିକ ଅସହଯୋଗରୁ ଚିନ୍ତିତ ହେବେ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ ଅବଶ୍ୟ ହେବ।

**ମକର** ପ୍ରତିଦ୍ୱନ୍ଦ୍ୱିତା ଓ ବିବାଦୀୟ ପରିସ୍ଥିତି ମଧ୍ୟରେ ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ ଅସୁବିଧା ହେବନାହିଁ। ପିଲାମାନଙ୍କ ପଢ଼ା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। କର୍ମକ୍ଷେତ୍ରରେ ପ୍ରଶଂସା ଓ ପ୍ରୋତ୍ସାହନ ପାଇଁ ମନୋବଳ ବୃଦ୍ଧି ପାଇବ। ରୋଗ, ଋଣ ଓ ଶତ୍ରୁତା ହେତୁକ ଚିନ୍ତାରେ ସମୟ କାଟିବେ।

**କୁମ୍ଭ** କଳହ, ପ୍ରତିହିଂସା, ବାଦବିବାଦ, ଧନହାନି ଓ ବିଭିନ୍ନ ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବନ୍ଧୁଙ୍କ ପରାମର୍ଶରେ ନୂଆ ଯୋଜନା ଉପରେ ଗୁରୁତ୍ୱ ଦେଇପାରନ୍ତି। ତଥାପି ଶତଭିଷାର ପ୍ରତ୍ୟେକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବ। ପାରିବାରିକ କ୍ଷେତ୍ରରେ ବନ୍ଧୁଙ୍କ ଅକାଟ୍ୟ ଯୁକ୍ତିକୁ ଗ୍ରହଣ କରିବାକୁ ବାଧ୍ୟ ହେବେ।

**ମୀନ** ଆଜି ପରିବାର ମଧ୍ୟରେ ହଠାତ୍ ପ୍ରତିକ୍ରିୟାଶୀଳ ହେଲେ ସମସ୍ୟା ସୃଷ୍ଟି ହୋଇପାରେ। ବନ୍ଧୁଗହଣରେ ଶାସ୍ତ୍ରାନୁଚିନ୍ତନ, ତାର୍କିକ ଆଲୋଚନା ମଧ୍ୟରେ ସମୟ ଅତିବାହିତ ହୋଇପାରେ। ରାଜନୀତିରେ ଦୃଢ଼ ସାହାଯ୍ୟ ଓ ସମର୍ଥନ ଯୋଗୁ ଆଗେଇଯାଇପାରନ୍ତି। ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାଇଲେ ସମସ୍ୟାଗ୍ରସ୍ତ ହେବାକୁ ପଡ଼ିପାରେ।

ଆଜି ଶ୍ରାବଣ କୃଷ୍ଣ ପ୍ରତିପଦାଯୁକ୍ତ ଦ୍ୱିତୀୟା, ମଙ୍ଗଳବାର, ଜୁଲାଇ ୪ ତାରିଖ। ସ୍ୱାମୀ ବିବେକାନନ୍ଦଙ୍କ ତିରୋଧାନ ଦିବସ, ବୋଲ୍‌ବମ୍ ଯାତ୍ରା ଆରମ୍ଭ। ରାଶି ନକ୍ଷତ୍ର-ଦିବା ଘ.୦୮।୨୪ ଗତେ ଉତ୍ତରାଷାଢ଼ା/ଧନୁ, ପ୍ରତିପଦା ଓ ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫।୧୫ ଗତେ, ଘ.୦୬।୫୪ ମଧ୍ୟେ, ଘ.୦୯।୩୯ ଗତେ, ଘ.୧୨।୧୭ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୩।୦୮ ଗତେ, ଘ. ୦୪।୪୭ ମଧ୍ୟେ ରାହୁକାଳ।



ରାଜ୍ୟରେ ପନିପରିବାର ଅହେତୁକ ଦରଦାମ ବୃଦ୍ଧି ପ୍ରତିବାଦରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ବିରୋଧ କରି ମହିଳା କଂଗ୍ରେସ ପକ୍ଷରୁ ସୋମବାର ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନ୍‌ଠାରେ ୬୦ ଟଙ୍କାରେ ଟମାଟୋ ବିକ୍ରି କରାଯାଉଛି।

# ୩ ମାସରେ ଗଲାଣି ୧୬୦୦ ଜୀବନ

**ଭୁବନେଶ୍ୱର,୩।୭(ଅନିଲ ଦାସ)**

## ଦୁର୍ଘଟଣାରେ ଲାଗୁନି ବ୍ରେକ

### ୧୧ ଜିଲାରେ ସର୍ବାଧିକ ଦୁର୍ଘଟଣା

ରାଜ୍ୟରେ ସଡ଼କ ଦୁର୍ଘଟଣାକୁ ନିୟନ୍ତ୍ରଣ କରାଯାଇ ପାରୁନାହିଁ। ବେପରୁଆ ଗାଡ଼ି ଚାଳନା ଯୋଗୁ ଉଜୁଡ଼ି ଯାଉଛି ବହୁମୂଲ୍ୟ ଜୀବନ। ରାସ୍ତାଘାଟ ନିର୍ମାଣରେ ଉନ୍ନତି ହେବା ସହ ଗମନାଗମନ ସୁଗମ ହୋଇଥିଲେ ମଧ୍ୟ ଅନିୟନ୍ତ୍ରିତ ଗାଡ଼ି ଚାଳନା ଦୁର୍ଘଟଣାକୁ ବଢ଼ାଇ ଚାଲିଛି। ରାଜ୍ୟରେ ବଢୁଥିବା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟ ସରକାର ଯେତେ ଯାହା ପଦକ୍ଷେପ ନେଲେ ମଧ୍ୟ ଦୁର୍ଘଟଣାରେ ବ୍ରେକ ଲାଗିପାରୁ ନାହିଁ।

ଦୁର୍ଘଟଣା ବୃଦ୍ଧିକୁ ଦେଖିଲେ ଜଣାପଡୁଛି, ସତେ ଯେମିତି ରାସ୍ତାଘାଟ ମରଣ ଯନ୍ତାପାଲଟିଛି। ଗତ ୩ ମାସରେ ରାଜ୍ୟରେ ୧୬୦୦ ଲୋକଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ୨୦୨୨ ତୁଳନାରେ ୨୦୨୩ରେ ଦୁର୍ଘଟଣା ହାର ୧୬.୪୧ ପ୍ରତିଶତ ବଢ଼ିବା ସହିତ ମୃତାହତଙ୍କ ସଂଖ୍ୟା ମଧ୍ୟ ବୃଦ୍ଧି ପାଇଛି। ବାଣିଜ୍ୟ ଓ ପରିବହନ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ୨୦୨୨ ଜାନୁୟାରୀରୁ ମାର୍ଚ୍ଚ ୩୧ ମଧ୍ୟରେ ରାଜ୍ୟରେ ମୋଟ ୨୮୯୫ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ୧୩୫୯ ଜଣଙ୍କର ମୃତ୍ୟୁ ହୋଇଛି। ୧୩୫୯ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ତେବେ ୨୦୨୩ରେ ଦୁର୍ଘଟଣା ସଂଖ୍ୟା କମିବା ପରିବର୍ତ୍ତେ ବଢ଼ିଛି। ଉକ୍ତ ୩ ମାସ ମଧ୍ୟରେ ରାଜ୍ୟରେ ମୋଟ ୩୩୭୦ ଦୁର୍ଘଟଣା ହୋଇଥିବା ବେଳେ ୧୫୯୪ ଜଣଙ୍କର ମୃତ୍ୟୁ ହୋଇଛି। ସୁନ୍ଦରଗଡ଼, ପୁରୀ, ମୟୂରଭଞ୍ଜ, କୋରାପୁଟ, କେନ୍ଦୁଝର, ଖୋର୍ଦ୍ଧା, କଟକ, ଢେଙ୍କାନାଳ, ଅନୁଗୋଳ, ଗଞ୍ଜାମ, ଯାଜପୁର ଆଦି ଜିଲାରେ ଦୁର୍ଘଟଣା ବହୁ ମାତ୍ରାରେ ଘଟୁଛି।

ରାଜ୍ୟରେ ଶଟ୍‌ଡାଉନ ଏବଂ ଲକ୍‌ଡାଉନ ଯୋଗୁ ୨୦୨୦ରେ ଦୁର୍ଘଟଣା ଜନିତ ମୃତ୍ୟୁହାର ସାମାନ୍ୟ ହ୍ରାସ ହୋଇଥିବା ବେଳେ ୨୦୨୧ରୁ ଦୁର୍ଘଟଣା ଜନିତ ମୃତ୍ୟୁ ପୁଣି ବଢ଼ିଛି। ଜାତୀୟ ହାର ତୁଳନାରେ ରାଜ୍ୟରେ ଅଧିକ ଦୁର୍ଘଟଣାଜନିତ ମୃତ୍ୟୁ ଘଟିଛି। ପ୍ରତି ୧୦୦ ଦୁର୍ଘଟଣାରେ ଜାତୀୟ ସ୍ତରରେ ମୃତ୍ୟୁ ସଂଖ୍ୟା ୩୬ ଥିବା ବେଳେ ରାଜ୍ୟରେ ୪୮। ରାଜ୍ୟରେ ବଢୁଥିବା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ନେଇ ସୁପ୍ରିମକୋର୍ଟଙ୍କ ସଡ଼କ ସୁରକ୍ଷା କମିଟି ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ୨୦୧୫ରୁ ପ୍ରତ୍ୟେକ ବର୍ଷ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁକୁ ୧୦ ପ୍ରତିଶତ ହ୍ରାସ କରିବାକୁ ପଦକ୍ଷେପ ନେବା ସକାଶେ କମିଟି ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ ତାହା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ଦ୍ରୁତବେଗରେ ଗାଡ଼ି ଚାଳନା ଯୋଗୁ ୬୯ ପ୍ରତିଶତ, ରାସ୍ତା ପାର୍ଶ୍ୱ ପାର୍କିଂ ଯୋଗୁ ୨୫ ପ୍ରତିଶତ ଏବଂ ୨୦ ପ୍ରତିଶତ ହିଟ୍ ଆଣ୍ଡ ରନ୍ ଦୁର୍ଘଟଣା ଘଟୁଛି। ରାଜ୍ୟରେ ଥିବା ବ୍ଲାକସ୍ପଟ ଗୁଡ଼ିକରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏକ ସର୍ଭେ ଅନୁଯାୟୀ ଭାରତରେ ୭୬.୨ ପ୍ରତିଶତ ୧୮ରୁ ୪୫ ବର୍ଷର ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ଦୁର୍ଘଟଣା ଯୋଗୁ ୫୦ ପ୍ରତିଶତ ମହିଳା ଘର ଚଳାଇବା ନେଇ ଭୟଙ୍କର ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସଡ଼କ ଦୁର୍ଘଟଣା ଯୋଗୁ ଦେଶକୁ ବାର୍ଷିକ ଜିଡିପିର ୩.୧୪ ପ୍ରତିଶତ ଆର୍ଥିକ କ୍ଷତି ସହିବାକୁ ପଡୁଛି।

ଦୁର୍ଘଟଣା ହ୍ରାସ କରିବାକୁ ରାଜ୍ୟ ସରକାର ଅନେକ ପଦକ୍ଷେପ ନେଉଛନ୍ତି। ସଡ଼କ ସୁରକ୍ଷା ସପ୍ତାହ ପାଳନ କରାଯାଉଥିବା ବେଳେ ମଦ୍ୟପ ଡ୍ରାଇଭରଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି। ନିୟମିତ ବ୍ୟବଧାନରେ ଯାନବାହନ ଯାଞ୍ଚ କରାଯାଉଛି। ଡ୍ରାଇଭିଂ ଟ୍ରେନିଂ ସେଣ୍ଟରରେ ଭାରିଯାନ ଚାଳକମାନଙ୍କୁ ତାଲିମ ଦିଆଯାଉଛି। ଏଥିସହିତ ଗାଡ଼ି ଚାଳକମାନେ ସାବଧାନ ଓ ସଚେତନ ହେବା ଜରୁରୀ ବୋଲି ପରିବହନ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

# ଏସ୍‌ଆର୍‌ସି ଅନୁଦାନ: ୧୨ ବର୍ଷର ୟୁସି ଦାଖଲ ହୋଇନି

**ଯାଜପୁର,୩।୭(ହର୍ଷବର୍ଦ୍ଧନ ବେହେରା)**

## ପାଣ୍ଠି ଫେରାଇବାକୁ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶକଙ୍କ ପତ୍ର

ରାଜ୍ୟ ଗ୍ରାମ୍ୟ ଉନ୍ନୟନ ବିଭାଗର ୧୦ ଜଣ ନିର୍ବାହୀ ଯନ୍ତ୍ରୀ ୧୨ ବର୍ଷ ହେଲା ସ୍ପେଶାଲ ରିଲିଫ କମିଶନ (ଏସ୍‌ଆର୍‌ସି) ଅନୁଦାନର ହିସାବ ତଥା ବିନିଯୋଗ ପତ୍ର(ୟୁସି) ଦାଖଲ କରିବାରେ ବିଫଳ ହୋଇଛନ୍ତି। ଏଥିରେ ପ୍ରାଣୀ ପାଳନ ଓ ପ୍ରାଣୀ ଚିକିତ୍ସା ନିର୍ଦ୍ଦେଶାଳୟକୁ ଆବଣ୍ଟିତ ୨୦ କୋଟି ୫୦ ଲକ୍ଷ ଟଙ୍କା ମଧ୍ୟରୁ ୮୫ ଲକ୍ଷ ୪୪ ହଜାର ୫୯୩ ଟଙ୍କାର ୟୁସି ରହିଛି। ଏଥିଯୋଗୁ ଉପରୋକ୍ତ ଯୋଜନାର ପରବର୍ତ୍ତୀ ଅନୁଦାନ ପ୍ରଦାନ କରିବାରେ ସମସ୍ୟା ସୃଷ୍ଟି ହୋଇଛି। ଏନେଇ ବିଭାଗୀୟ ନିର୍ଦ୍ଦେଶକ ବାକି ଥିବା ପାଣ୍ଠି ଫେରାଇବାକୁ ଗ୍ରାମ୍ୟ ନିର୍ମାଣ ବିଭାଗକୁ ଅନୁରୋଧ କରିଛନ୍ତି। ଏହି ଆଧାରରେ ଗ୍ରାମ୍ୟ ନିର୍ମାଣ ବିଭାଗର ଚିଫ୍ ଇଞ୍ଜିନିୟର ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଡେପୁଟି ସେକ୍ରେଟାରିଙ୍କୁ ଜଣାଇଥିବା ସୂଚନା ମିଳିଛି।

ସମୁଦ୍ର ଉପକୂଳବର୍ତ୍ତୀ ଏବଂ ନଦୀକୂଳିଆ ଜିଲାବାସୀଙ୍କ ପାଇଁ ବନ୍ୟା ଓ ବାତ୍ୟା ଚିର ସହଚର।ନିୟମିତ ବ୍ୟବଧାନରେ ହେଉଥିବା ବନ୍ୟା ଯୋଗୁ ଏହି ଅଞ୍ଚଳବାସୀଙ୍କ ସମସ୍ୟା ଅସମାହିତ ହୋଇରହିଛି। ଏଥିରେ ଲକ୍ଷାଧିକ ଗୃହପାଳିତ ପ୍ରାଣୀଙ୍କ ମୃତ୍ୟୁ ହେଉଥିବାବେଳେ ସେମାନଙ୍କ ଆବଶ୍ୟକ ଚିକିତ୍ସା ପାଇଁ ଏସ୍‌ଆରସି ପକ୍ଷରୁ ବିପୁଳ ପାଣ୍ଠିର ବିନିଯୋଗ ହେଉଛି। ଏହିକ୍ରମରେ ଯାଜପୁର-୧ ଗ୍ରାମ୍ୟ ନିର୍ମାଣ ଡିଭିଜନରେ ୨୦୧୧-୧୨ ଆର୍ଥିକ ବର୍ଷର ୩୭ ଲକ୍ଷ ୫ ହଜାର ୬୪୮ ଟଙ୍କା, କଟକ-୧ ଡିଭିଜନରେ ୧୫ ଲକ୍ଷ ୧୭ ହଜାର ୨୯୮ ଟଙ୍କା, ଢେଙ୍କାନାଳ-୨ ଡିଭିଜନରେ ୧ ଲକ୍ଷ ୧୨ ହଜାର, କେନ୍ଦ୍ରାପଡ଼ା-୧ ଡିଭିଜନରେ ୧୩ ଲକ୍ଷ ୧୨ ହଜାର ୩୮୮ ଟଙ୍କା, କେନ୍ଦ୍ରାପଡ଼ା-୨ ଡିଭିଜନରେ ୭ ଲକ୍ଷ ୭୪ ହଜାର ୬୩ ଟଙ୍କା, ପୁରୀ ଡିଭିଜନରେ ୨ ଲକ୍ଷ ୮୩ ହଜାର ୮୧୯ ଟଙ୍କା, ସୋନପୁର ଡିଭିଜନରେ ୬ ଲକ୍ଷ ୬୦ ହଜାର, ବାଲେଶ୍ୱର-୨ ଡିଭିଜନରେ ୩୯ ହଜାର ଟଙ୍କା, ଭଦ୍ରକ-୧ ଡିଭିଜନରେ ୪୮ ହଜାର ୭୪୧ ଟଙ୍କା ଏବଂ ଭଦ୍ରକ-୨ ଡିଭିଜନରେ ୯୧ ହଜାର ୬୩୬ ଟଙ୍କାର ୟୁସି ପଡ଼ିରହିଛି। ଏହିସବୁ ତଥ୍ୟକୁ ଅବଲୋକନ କଲେ ଅନୁଦାନ ବିନିଯୋଗର ସ୍ୱଚ୍ଛତା ଉପରେ ସଂଶୟ ସୃଷ୍ଟି ହେବା ସହ ଏକ ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହେଉଛି।

# ସିଦ୍ଧାନ୍ତଙ୍କୁ ଏସ୍‌ଟିଏର ପ୍ରଶଂସା

## ଗୋଲ୍ଡେନ୍ ଆୱାର୍‌ରେ ଦୁର୍ଘଟଣାଗ୍ରସ୍ତଙ୍କୁ ଉଦ୍ଧାର କରିବା ଘଟଣା

**ଭୁବନେଶ୍ୱର,୩।୭(ସତ୍ୟଜିତ୍ ରାଉତ)**

ସଡ଼କ ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ଗୋଲ୍ଡେନ୍ ଆୱାର ମଧ୍ୟରେ ଉଦ୍ଧାର କରିବା ସହ ମେଡିକାଲରେ ଭର୍ତ୍ତି କରି ଉଦାହରଣ ସୃଷ୍ଟି କରିଛନ୍ତି ସିନେ ତାରକା ତଥା ପୂର୍ବତନ ଏମ୍‌ପି ସିଦ୍ଧାନ୍ତ ମହାପାତ୍ର। ଏଥିପାଇଁ ତାଙ୍କୁ ବିଭିନ୍ନ ମହଲରୁ ପ୍ରଶଂସା କରାଯାଉଛି। ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ସୋମବାର ଏକ ଟୁଇଟ୍ ମାଧ୍ୟମରେ ସିଦ୍ଧାନ୍ତଙ୍କୁ ପ୍ରଶଂସା କରିବା ସହ ତାଙ୍କ ପରି ଅନ୍ୟମାନେ ଦୁର୍ଘଟଣାଗ୍ରସ୍ତଙ୍କୁ ତୁରନ୍ତ ସାହାଯ୍ୟ ପାଇଁ ଆଗେଇ ଆସିବାକୁ ନିବେଦନ କରାଯାଇଛି। ଦୁର୍ଘଟଣା ଘଟିଲେ ପଛଘୁଞ୍ଚା ନ ଦେଇ ଅନ୍ୟ କାହାକୁ ଅପେକ୍ଷା ନ କରି ଗୋଲ୍ଡେନ୍ ଆୱାର ଭିତରେ ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନାରେ ପହଞ୍ଚାଇଲେ ମୂଲ୍ୟବାନ ଜୀବନ ବଞ୍ଚିଯିବ ବୋଲି ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଏସ୍‌ଟିଏ କହିଛି।

ସୂଚନାଯୋଗ୍ୟ, ସୋମବାର ଅପରାହ୍ନରେ ପାହାଲ ଫ୍ଲାଏଓଭର୍ ନିକଟରେ ଆଇନଜୀବି ମଦନ ସ୍ୱାଇଁ ଦୁର୍ଘଟଣାର ଶିକାର ହୋଇଥିଲେ। ସେ ବାଇକ୍‌ରେ ଯିବା ସମୟରେ ଏକ ଭ୍ୟାନ୍ ପଛରୁ ତାଙ୍କୁ ଧକ୍କା ଦେଇ ଘୋଷାଡ଼ି ନେଇଥିଲା। ଫଳରେ ମଦନ ଗୁରୁତର ଆହତ ହୋଇଥିଲେ। ଏହି ସମୟରେ ଯାଉଥିବା ସିଦ୍ଧାନ୍ତ ନିଜ ଗାଡ଼ିରୁ ଓହ୍ଲାଇ କାଳବିଳମ୍ବ ନ କରି ସ୍ଥାନୀୟ ଲୋକଙ୍କ ସହଯୋଗରେ ମଦନଙ୍କୁ ଉଦ୍ଧାର କରିଥିଲେ। ଏଥିସହ ଭୁବନେଶ୍ୱର ଫରେଷ୍ଟ ପାର୍କସ୍ଥିତ ଏକ ଘରୋଇ ହସ୍ପିଟାଲକୁ ଆମ୍ବୁଲାନ୍ସ ଯୋଗେ ମଦନକୁ ପହଞ୍ଚାଇବାରେ ସହଯୋଗ କରି ଉଦାହରଣ ସୃଷ୍ଟି କରିଥିଲେ ସିଦ୍ଧାନ୍ତ।

# ସୀମାନ୍ତରେ ୨ ଗାଡ଼ି ଜାଳି ଦେଲେ ମାଓବାଦୀ

**ମାଲକାନଗିରି,୩।୭(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ନାରାୟଣପୁରରେ ମାଓବାଦୀମାନେ ଏକ ଟ୍ରକ ଓ ପିକ୍‌ଅପ୍‌ରେ ନିଆଁ ଲଗାଇ ଦେଇଛନ୍ତି। ଛତିଶଗଡର ନାରାୟଣପୁରରେ ଥିବା ଆମଡାଇ ଲୁହା ମାଇନ୍ସରେ ପରିବହନ ପାଇଁ ନିୟୋଜିତ ଦୁଇଟି



ଗାଡି ଖଣିଜ ସାମଗ୍ରୀ ନେଇ ଯାଉଥିବା ବେଳେ ନୟାପାରା ନିକଟରେ ମାଓବାଦୀମାନେ ଗାଡି ଦୁଇଟିକୁ ଅଟକାଇ ନିଆଁ ଲଗାଇ ଦେଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ନିଆଁକୁ ଆୟତ୍ତ କରିଥିବାରୁ ଗାଡିଗୁଡିକର ବିଶେଷ କ୍ଷତି ହୋଇନାହିଁ। ତେବେ ମାଓବାଦୀମାନେ ମାଇନ୍ସକୁ ବିରୋଧ କରି ଏହିପରି କାଣ୍ଡ ଘଟାଇଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାର ତଦନ୍ତ ଚଳାଇଛି।

# ମିଳିଲା ଆଉ ୩ ପ୍ଲଟ୍, ୬ ବେନାମୀ ଆକାଉଣ୍ଟ୍

**ଭୁବନେଶ୍ୱର,(ସତ୍ୟଜିତ୍ ରାଉତ)/ ସୁନ୍ଦରଗଡ଼, ୩।୭ (ଜୟନାରାୟଣ ମେଣ୍ଡୁଲି)**

## ସରିଲା ରିମାଣ୍ଡ, ଜେଲ ଫେରିଲେ ବହିଷ୍କୃତ ଅତିରିକ୍ତ ଉପଜିଲାପାଳ

- ବେନାମୀ ଆକାଉଣ୍ଟରେ ଜମା ହୋଇଛି ୧.୨ କୋଟି
- ଗୋଟିଏ ବ୍ୟାଙ୍କ ଲକର୍ ମଧ୍ୟ ଠାବ ହେଲା

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ଫସିଥିବା କୋଟିପତି ବହିଷ୍କୃତ ନବରଙ୍ଗପୁର ଅତିରିକ୍ତ ଉପଜିଲାପାଳ ପ୍ରଶାନ୍ତ ରାଉତଙ୍କ ସୋମବାର ୫ଦିନିଆ ରିମାଣ୍ଡ ଅବଧି ସରିଛି। ତାଙ୍କୁ ସୁନ୍ଦରଗଡ଼ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟରେ ହାଜର କରାଯିବା ପରେ ପୁଣିଥରେ ଜେଲକୁ ପଠାଇ ଦିଆଯାଇଛି। ତେବେ ଏହି ରିମାଣ୍ଡ ଅବଧିରେ ପ୍ରଶାନ୍ତଙ୍କୁ ଭିଜିଲାନ୍ସ ଟିମ୍ ଜେରା କରି ଆହୁରି ବିପୁଳ ସମ୍ପତ୍ତି ଠାବ କରିଛି। ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ପ୍ରଶାନ୍ତଙ୍କଠାରୁ ଦୁଇ ବେନାମୀ ପ୍ଲଟ୍ ସମେତ ଆଉ ୩ଟି ପ୍ଲଟ୍ ଠାବ ହୋଇଛି। ଏଥିମଧ୍ୟରୁ ଗୋଟିଏ ଭଦ୍ରକରେ ସ୍ତ୍ରୀଙ୍କ ନାମରେ ଥିବାବେଳେ ଅନ୍ୟ ଦୁଇଟି ବେନାମୀ ପ୍ଲଟ୍ ଭଦ୍ରକ ଓ ଭୁବନେଶ୍ୱର ଉପକଣ୍ଠ ମଳିପଡ଼ାରେ ରହିଛି। ସେହିପରି ୬ଟି ବେନାମି ଆକାଉଣ୍ଟ ମଧ୍ୟ ଠାବ ହୋଇଛି। ଏସବୁ ଆକାଉଣ୍ଟକୁ ପ୍ରଶାନ୍ତ ବିଭିନ୍ନ ଲୋକଙ୍କ ନାଁରେ ଖୋଲିଥିବାବେଳେ ସେଥିରେ ସେ ୧.୨ କୋଟି ଟଙ୍କା ଜମା କରିଛନ୍ତି। ଏହା ଛଡ଼ା ଭଦ୍ରକ ୟୁକୋ ବ୍ୟାଙ୍କରେ ପ୍ରଶାନ୍ତଙ୍କର ଏକ ବ୍ୟାଙ୍କ ଲକର୍ ମଧ୍ୟ ରହିଥିବା ଜଣାପଡ଼ିଛି। ତେବେ ଏହି ଲକରରେ କେତେ ସୁନା ଓ ଟଙ୍କା ରହିଛି ସେନେଇ ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇନାହିଁ।

ସୂଚନା ଅନୁଯାୟୀ, ଜୁନ୍ ୨୩ରେ ଭିଜିଲାନ୍ସ ଟିମ୍ ପ୍ରଶାନ୍ତଙ୍କ ଘର ସମେତ ନବରଙ୍ଗପୁର, ଭୁବନେଶ୍ୱର ଓ ଭଦ୍ରକର ୯ଟି ସ୍ଥାନରେ ଏକକାଳୀନ ଚଢ଼ାଉ କରି ଘରୁ ନଗଦ ୩.୦୨ କୋଟି ଟଙ୍କା ସହ ମୋଟ ୫କୋଟି ୨୧ଲକ୍ଷ ୯ ହଜାର ୬୫୯ ଟଙ୍କାର ଆୟବହିର୍ଭୂତ ସମ୍ପତ୍ତି ଠାବ କରିଥିଲା। ଏହା ତାଙ୍କ ପ୍ରକୃତ ଆୟଠାରୁ ୫୦୬ ପ୍ରତିଶତ ଅଧିକ ବୋଲି କୁହାଯାଇଥିଲା। ଏନେଇ ରାଉରକେଲା ଭିଜିଲାନ୍ସ ଥାନାରେ ପ୍ରଶାନ୍ତ ଓ ତାଙ୍କ ସ୍ତ୍ରୀଙ୍କ ନାମରେ ଏକ ମାମଲା (ନଂ.୧୫/୨୦୨୩) ରୁଜୁ କରାଯାଇଥିଲା। ପ୍ରଶାନ୍ତଙ୍କୁ ଜୁନ ୨୪ରେ ଗିରଫ କରାଯାଇ କୋର୍ଟଚାଲାଣ କରାଯିବା ପରେ ସେ ଜେଲ ଯାଇଥିଲେ। ଜୁନ୍ ୨୭ରେ ରାଜ୍ୟ ସରକାର ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଥିଲେ। ଅଧିକ ପଚରାଉଚରା ପାଇଁ ଜୁନ୍ ୨୮ରେ ଭିଜିଲାନ୍ସ ତାଙ୍କୁ ୫ ଦିନିଆ ରିମାଣ୍ଡରେ ଆଣିଥିଲା। ତେବେ ଏହି ମାମଲାରେ ଭିଜିଲାନ୍ସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ଦିଆଯାଇଛି।



ପେଟରୁ ବାହାରିଥିବା ୨ଟି ମାଂସ ପିଣ୍ଡୁଳା।

# ପେଟରୁ ବାହାରିଲା ୨ କେଜିର ମାଂସ ପିଣ୍ଡୁଳା

**ମାଲକାନଗିରି, ୩।୭(ଦୁର୍ଯ୍ୟୋଧନ ପାତ୍ର)**

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ଚିମିଟାପାଲ୍ଲୀ ଗ୍ରାମର ଶୁକ୍ରା ମୁଦୁଲି(୫୫) ଦୀର୍ଘ ବର୍ଷ ହେଲା ପେଟ ଯନ୍ତ୍ରଣା ଭୋଗୁଥିଲେ। ଏଥିସହ ତାଙ୍କ ପେଟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଥିଲା। ସେ ବହୁ ଚେରମୂଳୀ ଔଷଧ ବ୍ୟବହାର କରୁଥିଲେ ମଧ୍ୟ ସେଥିରୁ ସୁଫଳ ମିଳି ନ ଥିଲା। ଶେଷରେ ସେ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେବାକୁ ଆସିଥିବା ବେଳେ ତାଙ୍କ ପେଟ ଫଟୋ ଉଠିବା ପରେ ଦୁଇଟି ମାଂସ ପିଣ୍ଡୁଳା ଥିବା ଡାକ୍ତର ସପନ କୁମାର ଡିଣ୍ଡା ଜାଣିବାକୁ ପାଇଥିଲେ। ଶୁକ୍ରାଙ୍କ ର ସୋମବାର ଅସ୍ତ୍ରୋପଚାର କରି ପେଟରୁ ଗୋଟିଏ ୧୧୦୦ ଗ୍ରାମ ଓ ଅନ୍ୟଟି ୮୦୦ ଗ୍ରାମର ଦୁଇଟି ମାଂସ ପିଣ୍ଡୁଳା ବାହାର କରାଯାଇଥିଲା। ଅସ୍ତ୍ରୋପଚାର ପରେ ଶୁକ୍ରା ସୁସ୍ଥ ଥିବା ଡାକ୍ତର ଡିଣ୍ଡା କହିଛନ୍ତି।

# ଦଳିତ ବୋଲି ମିଳୁନି ଘରଭଡ଼ା

**ସମ୍ବଲପୁର,୩।୭(ଶୁଭାଶିଷ ପାଢ଼ୀ)**

- ଖୋଲା ଆକାଶ ତଳେ ୫୦ ପରିବାର
- ବେରୋଜଗାର ହେବା ପରେ ଋଣ ଶୁଝିବା ଚିନ୍ତା

ଜାତିକୁ ନେଇ ଆଜି ବି ସମାଜରେ ବିଭେଦ ଲାଗିରହିଛି। ଛୁଆଁଅଛୁଆଁ ଭାବ ସତେ ଯେମିତି ଲୋକଙ୍କୁ କବଳିତ କରିରଖିଛି। ଦଳିତ ଶ୍ରେଣୀର ହୋଇଥିବାରୁ ପରିବାରକୁ ମିଳିଲାନାହିଁ ଘରଭଡ଼ା। ଫଳରେ ଖୋଲା ଆକାଶ ତଳେ ଦୟନୀୟ ଭାବେ କାଳ କାଟୁଛନ୍ତି ପରିବାର ସଦସ୍ୟ। ଏଭଳି ଏକ ଘଟଣା ସମ୍ବଲପୁର ଜିଲାରେ ଦେଖିବାକୁ ମିଳିଛି। ରେଳ ବିଭାଗ ଜମି ଜବରଦଖଲ କରି ବସବାସ କରିଆସୁଥିବା ପରିବାରକୁ ବିଭାଗ ନିଜସ୍ୱ ବ୍ୟବହାର ପାଇଁ ଉଚ୍ଛେଦ କରିଛି।

ପଡ଼ାର ଭକ୍ତ ବାଗ ଓ ଅନ୍ୟମାନଙ୍କ କହିବା ଅନୁଯାୟୀ, ସମ୍ବଲପୁର ଷ୍ଟେଶନ ଚେରୁଆପଡ଼ା ନିକଟରେ ରେଳ ବିଭାଗ ଜମିରେ ୫୦ବର୍ଷରୁ ଅଧିକ ସମୟ ଧରି ବସବାସ କରିଆସୁଥିଲେ। ପୂର୍ବରୁ ଅନେକଥର ନୋଟିସ ଦିଆଯାଇଥିଲା। ହେଲେ ଜୁଲାଇ ୧ତାରିଖ ସକାଳୁ ହଠାତ୍ ପୋଲିସ ଫୋର୍ସ ଆସି ସମସ୍ତ ଘର ଭାଙ୍ଗି ଦେଇଥିଲେ। ଫଳରେ ଦିନମଜୁରିଆ ଶ୍ରେଣୀର ପ୍ରାୟ ୫୦ ପରିବାର ଦୟନୀୟ ଅବସ୍ଥାରେ ଦିନ କାଟୁଛନ୍ତି। ପଡ଼ାରେ ବିଜୁଳି, ପାଣି ସହ ସରକାରୀ ଯୋଜନାରେ ପିଡିଏସ୍, ଭତ୍ତା ଆଦି ସୁବିଧା ମିଳୁଥିଲା। ଘରଗୁଡ଼ିକ ଭାଙ୍ଗି ଦିଆଯିବା ପରେ ପରିବାର ସଦସ୍ୟଙ୍କୁ ଋଣ ଶୁଝିବା ଚିନ୍ତା ଘାରିଛି। ଭାଙ୍ଗିବା ପୂର୍ବରୁ ଥଇଥାନ କରିବାର କୌଣସି ବ୍ୟବସ୍ଥା କରାଗଲା ନାହିଁ। କିଛି ପରିବାର ଯୁବତୀ ଓ ମହିଳାମାନଙ୍କୁ ନିଜ ସମ୍ପର୍କୀୟଙ୍କ ଘରକୁ ନେଇ ଛାଡ଼ି ଦେଇଛନ୍ତି। ଏବେ ମଧ୍ୟ ଘଟଣାସ୍ଥଳରେ ମହିଳାପୁରୁଷ ସହାୟତାକୁ ଚାହିଁ ବସିଛନ୍ତି। ଭକ୍ତ ବାଗ ଆହୁରି କହିଛନ୍ତି, ୨ଦିନ ହେଲା ଆଖପାଖ ପଡ଼ାରେ ଘରଭଡା ନେବା ପାଇଁ ଖୋଜାଖୋଜି କରିଥିଲୁ। ୩ ପରିବାର ସଦସ୍ୟ ଘର ଭଡ଼ା ସୂତ୍ରରେ ଦେଖିଥିଲେ। ମାସିକ ୭ ହଜାର ଟଙ୍କା ମଧ୍ୟ ଦେବା ପାଇଁ ରାଜି ହୋଇଥିଲେ। କିଛି ସାମଗ୍ରୀ ନେଇ ଉକ୍ତ ଘରେ ଛାଡ଼ି ଆସିଥିଲେ। ପରେ ଅଟୋରେ ସାମଗ୍ରୀ ନେଇ ଯାଉଥିବା ବେଳେ ଘର ମାଲିକ ଜାତି ବିଷୟରେ ପଚାରିଥିଲେ। ଯୁବତୀମାନେ ଗଣ୍ଡା ଜାତିର ବୋଲି କହିବାରୁ ଭଡ଼ା ଦେବାକୁ ମନା କରିଦେଇ ସାମଗ୍ରୀ ଫେରାଇନେବାକୁ କହିଥିଲେ। ଶେଷରେ ନିରାଶ ହୋଇ ସେମାନେ ଫେରିଆସିଥିଲେ। ଦଳିତ ଶ୍ରେଣୀର ହୋଇଥିବାରୁ ଏବେ ଘର ଭଡ଼ା ମଧ୍ୟ ମିଳୁନାହିଁ। ପ୍ରଶାସନ ଅସ୍ଥାୟୀ କ୍ୟାମ୍ପରେ ଆଶ୍ରୟ ଦେଇ ଖୋଲା ଆକାଶ ତଳେ ରହୁଥିବା ପରିବାର ପ୍ରତି ସହାନୁଭୂତି ଦେଖାଉ। ଘରଭଡ଼ା ମିଳିବା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉ ବୋଲି ସେ କହିଥିଲେ।

DSPL-132

GOVERNMENT OF ODISHA
OFFICE OF THE
ENGINEER-IN-CHIEF ELECTRICITY-CUM-PRINCIPAL
CHIEF ELECTRICAL INSPECTOR, ODISHA
UNIT-V, POWER HOUSE SQUARE, BHUBANESWAR
Tel.-0674-2394873, Fax-0674-2391255
Email: eic-epcei@nic.in

ସୂଚନା

ବିଜ୍ଞପ୍ତି କ୍ରମାଙ୍କ. ୩୪୮୧ ଦିନାଙ୍କିତ:୦୩.୦୭.୨୦୨୩

ସୁପରଭାଇଜର ସାର୍ଟିଫିକେଟ ପ୍ରଦାନ ନିମନ୍ତେ ଇଲେକ୍ଟ୍ରିକାଲ ଲାଇସେନ୍ସ ବୋର୍ଡ଼ ଓଡ଼ିଶା, ଏକ ଅତ୍ୟନ୍ତ ନିରପେକ୍ଷ ଏବଂ ସ୍ୱଚ୍ଛ ପରୀକ୍ଷା ପ୍ରକ୍ରିୟା ଅନୁସରଣ କରେ । କିଛି ବେନାମୀ ବ୍ୟକ୍ତି ସୁପରଭାଇଜର ସାର୍ଟିଫିକେଟ କରେଇଦେବାର ମିଥ୍ୟା ପ୍ରତିଶ୍ରୁତି ଦେଇ ପରୀକ୍ଷାର୍ଥୀମାନଙ୍କୁ ଆର୍ଥିକ ଶୋଷଣ ଉଦ୍ଦେଶ୍ୟରେ ପ୍ରାର୍ଥୀମାନଙ୍କ ନିକଟତର ହେଉଥିବାର ଏହି କାର୍ଯ୍ୟାଳୟର ଦୃଷ୍ଟିଗୋଚର ହୋଇଛି । କମ୍ପ୍ୟୁଟର ଆଧାରିତ ସୁପରଭାଇଜର ପରୀକ୍ଷାରେ ଅଂଶଗ୍ରହଣ କରିଥିବା ଆଶାୟୀ ପ୍ରାର୍ଥୀଙ୍କୁ ଏଭଳି ବ୍ୟକ୍ତିଙ୍କ ଜାଲରେ ନ ପଡ଼ିବା ପାଇଁ ସତର୍କ କରାଇ ଦିଆଯାଉଛି । ଏଭଳି ଅସାଧୁ ବ୍ୟକ୍ତି ବିଶେଷଙ୍କ ଦ୍ୱାରା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର କୌଣସି ପ୍ରତିଶ୍ରୁତିକୁ ଅଣଦେଖା କରିବା ପରିବର୍ତ୍ତେ ଏହାର ପ୍ରତିକାର ପାଇଁ ପୋଲିସ୍ ସହିତ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାନ୍ତୁ ।

ଯୋଗାଯୋଗ ମାଧ୍ୟମ- ଦୂରଭାଷ ନମ୍ବର-୦୬୭୪-୨୩୯୪୫୭୨

Sd./-
ସର୍ବୋଚ୍ଚ ଯନ୍ତ୍ରୀ (ବିଦ୍ୟୁତ୍)-ତଥା-ପ୍ରମୁଖ ବୈଦ୍ୟୁତିକ ନିରୀକ୍ଷକ (ଓଡ଼ିଶା)

OIPR-04025/13/0012/2324

ସବୁ କୁତ୍ସିତ ଓ ଖରାପ କଥା ପଛରେ ଗୋଟିଏ ସୌନ୍ଦର୍ଯ୍ୟ ଲୁଚି ରହିଛି ଏବଂ ତାହା ପ୍ରକାଶିତ ହେବାକୁ ଚେଷ୍ଟା କରୁଛି। ତୁମକୁ ଏହି କଥା ଭଲ ଲାଗିବା ଉଚିତ। ... ଏହା ହିଁ ତୁମର ସ୍ୱପ୍ନ ଓ ଆକାଂକ୍ଷାର ବିଷୟବସ୍ତୁ ହେବା ଉଚିତ। –ଶ୍ରୀମା

# ରାଜ୍ୟ କରୁ ଜନଗଣନା

ଯାହା କରିପାରିଲା ଚାଇନା, ଇଂଲଣ୍ଡ ଓ ଆମେରିକା ତାହା କରିବାରେ ଭାରତ ସକ୍ଷମ ହେଉନାହିଁ। ଏଭଳି ଅନେକ କାର୍ଯ୍ୟ ଅଛି ଯାହା ଭାରତ ସରକାର କରିବାରେ ଅକ୍ଷମ ବା ଅନିଚ୍ଛୁକ। ଉଦାହରଣ ସ୍ୱରୂପ, ଜନଗଣନା ଏହି ଦେଶରେ ୨୦୨୧ ମସିହାରେ ଅନୁଷ୍ଠିତ ହେବାର କଥା, ଯାହାର ଫଳାଫଳ ୨୦୨୨-୨୩ରେ ପ୍ରକାଶ ହୋଇଥାଆନ୍ତା। କରୋନାର ଦ୍ୱାହି ଦେଇ ଜନଗଣନାକୁ କେନ୍ଦ୍ର ସରକାର ବନ୍ଦ କରିଦେଲେ। ସେହି କୋଭିଡ୍ ସମୟରେ ଅନେକ ଦେଶ ଯଥା ଚାଇନା, ବ୍ରିଟେନ ଓ ଆମେରିକା ତାଙ୍କ ଜନଗଣନା କରାଇପାରିଛନ୍ତି। ଭାରତରେ, ଇତିମଧ୍ୟରେ, ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଏବଂ ଜାତୀୟ ନାଗରିକ ପଞ୍ଜୀକରଣ(ଏନ୍ଆର୍‌ସି)ର ଅଳିଆ ଟାଣି ଆଣିବା ଫଳରେ ହୁଏତ ଜନସଂଖ୍ୟା ଗଣନାରେ କ୍ଷମତାସୀନ ଲୋକଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥାଆନ୍ତା। ଭାରତରେ ପ୍ରତି ୧୦ ବର୍ଷରେ ଥରେ ଜନଗଣନା କରାଯାଏ। ପ୍ରଥମେ ଏହା ୧୮୭୨ ମସିହାରୁ ଆରମ୍ଭ ହୋଇ ୧୮୮୧ରେ ଶେଷ ହୋଇଥିଲା। ପରେ ଠିକ୍ ସମୟରେ ଏହା ହୋଇଆସୁଥିବାବେଳେ ୨୦୨୧ ଜନଗଣନା ଏଯାବତ୍ ହୋଇପାରିନାହିଁ। ଏହା ଘୁଞ୍ଚି ଚାଲିଛି। ଗତକାଲି ଏହାକୁ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ୨୦୨୪-୨୫କୁ ଘୁଞ୍ଚାଇ ଦିଆଯାଇଛି। କୁହାଯାଇପାରେ, ଭାରତରେ ଜନଗଣନାର ୧୫୨ ବର୍ଷ ଇତିହାସରେ ଏତେ ବିଳମ୍ବ ହୋଇ ନ ଥିଲା କି ଏମିତି କେବେ ବନ୍ଦ କରାଯାଇ ନ ଥିଲା। ସ୍ୱାଧୀନତା ପୂର୍ବରୁ ୧୯୪୧ (ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ) ହେଉ କିମ୍ବା ୧୯୬୧ (ଚାଇନା ଯୁଦ୍ଧ ଯୋଗୁ) ଓ ୧୯୭୧ (ବାଂଲାଦେଶ ମୁକ୍ତି ଯୁଦ୍ଧବେଳେ)ର ଜନଗଣନା ସାମାନ୍ୟ ବାଧାର ସମ୍ମୁଖୀନ ହୋଇଥିଲେ ମଧ୍ୟ ଏହାକୁ ବନ୍ଦ କରାଯାଇ ନ ଥିଲା। ତେବେ ୨୦୨୧ ଜନଗଣନାକୁ କୋଭିଡ୍ ମହାମାରୀ ଯୋଗୁ ବନ୍ଦ କରାଯାଇଥିବା ପ୍ରଥମେ କୁହାଯାଇଥିଲେ ବି ଏବେ ପୁନର୍ବାର ଘୁଞ୍ଚାଇ ଦିଆଯିବାର କୌଣସି କାରଣ ଦର୍ଶାଯାଇନାହିଁ। ସମ୍ଭବତଃ ୨୦୨୪ ନିର୍ବାଚନ ପରେ ଜନଗଣନା ଆରମ୍ଭ ହେବ। ମହାମାରୀ ଯେ ଏହାର ଏକ ମାତ୍ର ବାଧକ ଏହା ସହଜରେ ଗ୍ରହଣ କରିହେଉନାହିଁ। ଅନ୍ୟ ଏକ ଦିଗକୁ ବିଚାର କଲେ ଜଣାପଡ଼େ ଯେ, ଜୋରଦାର ପ୍ରଚାର କରି କୋଭିଡ୍ ସମୟରେ ବିହାର, ତାମିଲନାଡୁ, ପଶ୍ଚିମବଙ୍ଗ, କେରଳ, ଉତ୍ତରପ୍ରଦେଶ ଏବଂ ଉତ୍ତରାଖଣ୍ଡରେ ନିର୍ବାଚନ କରାଯାଇଥିବାବେଳେ ଜନଗଣନାକୁ ବନ୍ଦ ରଖାଗଲା। ଜନଗଣନା ଘୁଞ୍ଚାଇବା ସରକାରଙ୍କର ଏକ କୌଶଳ ଭଳି ମନେହୁଏ। ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଦେଶରେ ପଛୁଆବର୍ଗଙ୍କ ସ୍ଥିତି, ନିର୍ଦ୍ଦିଷ୍ଟ ଧର୍ମୀୟ ବର୍ଗଙ୍କ ବିକାଶ ଓ ଜନ୍ମ ହାର ସମ୍ପର୍କିତ ବାସ୍ତବ ତଥ୍ୟ ପ୍ରକାଶ ପାଇବା ଏବଂ ସର୍ବୋପରି ବିଭିନ୍ନ ଯୋଜନାର ସୁଫଳକୁ ନେଇ ସରକାରଙ୍କ ଅସଲ ଚେହେରା ଜଣାପଡ଼ିଯିବା ଭୟ ଯୋଗୁ ଜନଗଣନା ଘୁଞ୍ଚାଯାଉଛି ବୋଲି କୁହାଯାଇପାରେ। ଦେଖାଯାଉଛି, କିଛି ବର୍ଷ ହେଲା ଭାରତ ଗୁରୁତ୍ୱପୂର୍ଣ୍ଣ ମାନକଗୁଡ଼ିକର ସରକାରୀ ପରିସଂଖ୍ୟାନ ପ୍ରକାଶ କରିବାରେ ଧିମା ପଡ଼ିଯାଇଛି। ଅନ୍ତଃରାଷ୍ଟ୍ରୀୟ ସ୍ତରରେ ବିଭିନ୍ନ କ୍ଷେତ୍ରରେ ଯେଉଁ ମାନକ ପ୍ରକାଶ ପାଉଛି ସେଥିରେ ଦେଶର ସ୍ଥିତିକୁ ସରକାର ସ୍ୱୀକାର କରିବାକୁ ପ୍ରସ୍ତୁତ ହେଉନାହାନ୍ତି। ତେବେ ଜନଗଣନା ସମୟରେ ଯେଉଁସବୁ ତଥ୍ୟ ନିଆଯାଉଛି ତାହାଦ୍ୱାରା ଦେଶର ଛବି ସ୍ପଷ୍ଟ ବୁଝାପଡ଼ନ୍ତା। ସେଥିପାଇଁ କଠୋର ସତ୍ୟଠାରୁ ବଞ୍ଚିରହିବା ପାଇଁ ଆଜିର ସରକାର ଜନଗଣନା କାର୍ଯ୍ୟକୁ ବନ୍ଦ ରଖୁଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ଗ୍ରାମ, ସହର ଓ ୱାର୍ଡ ସ୍ତରରୁ ପ୍ରାଥମିକ ତଥ୍ୟ ପାଇବାରେ ଜନଗଣନା ହେଉଛି ବଡ଼ ଏବଂ ଏକ ମାତ୍ର ଉତ୍ସ। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଥିବା ଅଫିସ ଅଫ୍ ଦି ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ(ଭାରତର ରେଜିଷ୍ଟ୍ରାର ଜେନେରାଲଙ୍କ କାର୍ଯ୍ୟାଳୟ)ଦ୍ୱାରା କରାଯାଉଥିବା ଏହି ଜନଗଣନାରୁ ସାକ୍ଷରତା ସ୍ତର, ଶିକ୍ଷା, ପରିବାର, ଜନ୍ମ ଓ ମୃତ୍ୟୁ, ଭାଷା, ଧର୍ମ ଏବଂ ସାମାଜିକ, ସାଂସ୍କୃତିକ ତଥା ବୟସ ଓ ଲିଙ୍ଗଗତ ତଥ୍ୟ ଇତ୍ୟାଦି ମିଳିଥାଏ। ସାମ୍ପ୍ରତିକ ଜନଗଣନା କାର୍ଯ୍ୟ ମାଧ୍ୟମରେ ଅର୍ଥନୈତିକ ଜନସଂଖ୍ୟା ବୃଦ୍ଧି କିମ୍ବା ହ୍ରାସ ତଥ୍ୟ ପଦାରେ ପଡ଼ିଯିବ। ହୁଏତ ତାହା ଏକ ଅସୁବିଧାଜନକ ପରିସ୍ଥିତି ସୃଷ୍ଟି କରିପାରେ, ଯେଉଁଥିପାଇଁ କେନ୍ଦ୍ର ସରକାର ଏହି କାର୍ଯ୍ୟକୁ ବନ୍ଦ ରଖିଛନ୍ତି। ଏହା ବ୍ୟତୀତ ବିହାର ସମେତ ଅନ୍ୟ କେତୋଟି ରାଜ୍ୟରେ ଧର୍ମ ଅପେକ୍ଷା ଜାତିଭିତ୍ତିକ ଜନଗଣନା କରାଇବା ପାଇଁ ଦାବି ଉପୁଜିଛି। ସେଭଳି କସରତକୁ ଭାଜପା ନେତୃବୃନ୍ଦ ଭୟ କରିବା ସ୍ୱାଭାବିକ।

ସମୟ ଆସିଲାଣି ଏବେ ସଂଘୀୟ ବ୍ୟବସ୍ଥାରେ ଜନଗଣନା କରାଯିବା ଦରକାର। ଏହାର ଅର୍ଥ ହେଲା, ପ୍ରତ୍ୟେକ ରାଜ୍ୟ ନିଜସ୍ୱ ଜନଗଣନା କରିବା ଉଚିତ ହେବ। ଏଥିପାଇଁ ମୌଳିକ କାର୍ଯ୍ୟପ୍ରଣାଳୀକୁ କେନ୍ଦ୍ର ସରକାର ମାର୍ଗଦର୍ଶନ କରିପାରେ ଏବଂ ପ୍ରତ୍ୟେକ ରାଜ୍ୟର ଅଧିକ ତଥ୍ୟ ମାଗିବାର ସ୍ୱାଧୀନତା ରହନ୍ତା। ଏଠାରେ ମନେରଖିବା ଦରକାର ଯେ, କେନ୍ଦ୍ର ସରକାର କରାଉଥିବା ଜନଗଣନା ସବୁବେଳେ ରାଜ୍ୟ ସରକାରଙ୍କ ବ୍ୟବସ୍ଥା ଉପରେ ନିର୍ଭରଶୀଳ ରହିଥାଏ। ତେଣୁ ରାଜ୍ୟ ସରକାରଙ୍କ ପାଇଁ ଏଭଳି ବିରାଟକାୟ କାର୍ଯ୍ୟ ଅସ୍ୱାଭାବିକ ହେବ ନାହିଁ। ଆଜିର ଅନୁମାନ ଅନୁଯାୟୀ, ପ୍ରାୟ ୧୦ କୋଟି ଗରିବ ଲୋକ ପିଡିଏସ୍(ରାଶନ)ରୁ ବଞ୍ଚିତ ହେଉଛନ୍ତି। ଜନଗଣନା କରାଯାଇପାରିଲେ କୌଣସି ନାଗରିକ ପ୍ରତି ଅନ୍ୟାୟ ହେବ ନାହିଁ।



ଚିତ୍ର ଚରିତ୍ର

# ଷାଠିଏ ପୁଅଙ୍କ ବାପା

ଅଧ୍ୟାପକ ନିରଞ୍ଜନ ପାଢ଼ୀ

କଥାଟି ଯାହାଙ୍କ ସମ୍ପର୍କରେ କୁହାଯାଉଛି, ସେ ସଂସାର ଛାଡ଼ି ଆରପୁରକୁ ବାହୁଡ଼ିଯିବାର ୩୦ବର୍ଷରୁ ଊର୍ଦ୍ଧ୍ୱ ହୋଇଗଲାଣି। ବହୁଦିନ ପୂର୍ବରୁ ତାଙ୍କ ସ୍ମୃତି ଉପରେ ମଇଳା ଜମିଯାଇଥିବା ବେଳେ ଏଇ ଅଳ୍ପଦିନ ତଳେ ବାହାନଗା ରେଳ ଦୁର୍ଘଟଣାରେ ଅକାଳରେ ଝଡ଼ିପଡ଼ିଥିବା ହତଭାଗ୍ୟ ମୃତକଙ୍କ ଦଶାହରେ ତିଳତର୍ପଣ କରି ଲଣ୍ଡା ହୋଇଥିବା ଲୋକମାନଙ୍କୁ ଦେଖି ସେ ପୁଣି ମନେପଡ଼ିଯାଇଥିଲେ। ବୈଦିକ ରୀତି ଅନୁଯାୟୀ ନିଜ ପରିବାରର କେହି ଆତ୍ମୀୟ ସ୍ୱଜନ ଅବା କେହି ନିକଟ ପରିଜନଙ୍କ ବିୟୋଗରେ ତାଙ୍କ ଦଶାହ ଘାଟରେ ପୁଅ, ନାତି ଓ ଅନ୍ୟ ସମ୍ପର୍କୀୟମାନେ ଲଣ୍ଡା ହୁଅନ୍ତି। ଆଜିକାଲିର କେତେଜଣ ଉଚ୍ଚଶିକ୍ଷିତ ପୁଅ, ନାତି ଏ ପ୍ରକାର ରୀତିନୀତିକୁ ପୁରୁଣା କଥା କହି ଲଣ୍ଡା ହେବାକୁ ଅସ୍ୱୀକାର କରୁଥିବା ବେଳେ ସାମାନ୍ୟ ସମ୍ପର୍କ ବା ପରିଚୟ ନ ଥାଇ ବାହାନଗାର କେତେଜଣ ଲୋକ ସେଇ ଅଚିହ୍ନା ଅଜଣା ମୃତକଙ୍କ ପାଇଁ ଲଣ୍ଡାହୋଇ ପଡ଼ିବା ମାନବିକତାର ଭିନ୍ନ ଏକ ନିଦର୍ଶନ। ସେମିତି ଏକ ନିଦର୍ଶନର ଅନ୍ୟ ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ଥିଲେ ପ୍ରାୟ ୩୨ ବର୍ଷ ତଳେ ଏ ଲେଖକ ଭେଟିଥିବା ଖଡ଼ଗପୁରର ସେହି ଇଡ୍‌ଲି ମାଷ୍ଟରଙ୍କୁ। ତାଙ୍କୁ ସଭିଏଁ ଡାକୁଥିଲେ 'ଇଡ୍‌ଲି ମାଷ୍ଟର' ଯଦିଓ ତାଙ୍କ ପିତୃଦତ୍ତ ନାମ ଥିଲା ମୁରାଲି ରଙ୍ଗାରାଓ। ସେ ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଅଞ୍ଚଳର ବାସିନ୍ଦା। ଭଲ ଇଡ୍‌ଲି ତିଆରି କରିବାରେ ମାଷ୍ଟର ନ ଥିଲେ ବରଂ ମାଷ୍ଟର ବୃତ୍ତିରେ ଥାଇ ଇଡ୍‌ଲି ତିଆରିକରି ବିକୁଥିଲେ ବୋଲି ଅର୍ଜନ କରିଥିଲେ ଏମିତି ଏକ ନାମ 'ଇଡ୍‌ଲି ମଷ୍ଟର'। ବହୁବର୍ଷ ତଳେ ଖଡ଼ଗପୁର ଆଇଆଇଟିରେ କାର୍ଯ୍ୟ କରୁଥିବା ଜଣେ ସମ୍ପର୍କୀୟଙ୍କ ଘରକୁ ବୁଲିଯାଇଥିବା ବେଳେ ଏହି ବିଚିତ୍ର ବ୍ୟକ୍ତିତ୍ୱଙ୍କ ସଂସ୍ପର୍ଶରେ ଆସିଥିଲା ଏ ଲେଖକ। ଗୋଟିଏ ସାଇକେଲରେ ବରା, ଇଡ୍‌ଲି ଆଦି ଦକ୍ଷିଣ ଭାରତୀୟ ଟିଫିନ୍ ଝୁଲାଇ ଆଇଆଇଟି ପରିସରର ଗଳିକନ୍ଦି ବୁଲି ବିକୁଥିଲେ ଆଦ୍ୟ ବାର୍ଦ୍ଧକ୍ୟରେ ପାଦଦେଇଥିବା ରଙ୍ଗାରାଓ। ତାଙ୍କଠୁ ବରା, ଇଡ୍‌ଲି ଖାଇବାକୁ ଅଳି କରୁଥିବା ଟିକି ଟିକି ପିଲାଙ୍କ ଠାରୁ ଆରମ୍ଭକରି ସେମାନଙ୍କ ବାପାମା'ଙ୍କ ଯାଏଁ ସଭିଙ୍କ ପାଇଁ ଇଡ୍‌ଲି ମାଷ୍ଟର ଥିଲେ ପ୍ରାଚୀ ଆକାଶର ପ୍ରଭାତୀ ସୂର୍ଯ୍ୟଙ୍କ ପରି ଏକ ନିଶ୍ଚିତ ଉପସ୍ଥିତି। ତାଙ୍କ ବିନା ଖଡ଼ଗପୁର ଆଇଆଇଟି ପରିସରରେ ସକାଳ ଆସୁ ନ ଥିଲା ଯେମିତି।

ରଙ୍ଗାରାଓଙ୍କ ଅତୀତ ଜୀବନ କିନ୍ତୁ ଥିଲା ସମ୍ପୂର୍ଣ୍ଣ ଭିନ୍ନ। ଗୁଣ୍ଟୁରର ଏକ ଗ୍ରାମ୍ୟ ପ୍ରାଥମିକ ବିଦ୍ୟାଳୟରେ ସେ ଶିକ୍ଷକତା କରୁଥିଲେ। ନିଜର ଏକମାତ୍ର ପୁତ୍ର ସର୍ବଭାରତୀୟ ମେଧା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଖଡ଼ଗପୁର ଆଇଆଇଟିରେ ଇଞ୍ଜିନିୟରିଂ ପଢୁଥିଲେ। ଜୀବନ ଯାହା ଯେମିତି ଯେଉଁ ଧାରାରେ ଚାଲୁଥିଲା ବେଳେ ଅଚାନକ ଭାଗ୍ୟ ତାଙ୍କଠୁ ମୁହଁ ଫେରାଇନେଲା। ତାଙ୍କ ପାଇଁ ବୃତ୍ତିରୁ ଅବସର ନେବା ତଥାପି ୩ବର୍ଷ ବାକି ଥିଲାବେଳେ ହଠାତ୍ ପତ୍ନୀ ତାଙ୍କର ଜୀବନରୁ ଅବସର ନେଇ ଆରପାରିକୁ ଚାଲିଗଲେ। ଏହାପରେ ଆଉ ଏକ ଅଘଟଣ ଉପକ୍ରମ ଦେଖାଗଲା। ନିଜ ମାଆକୁ ଗଭୀର ଭଲ ପାଉଥିବା ପୁଅ ମାତୃବିୟୋଗ ଦୁଃଖରେ



ପାଠପଢ଼ା ଛାଡ଼ି ଗାଁକୁ ଫେରିଆସିଲା। ନିଜର ବର୍ତ୍ତମାନଠାରୁ ପୁଅର ଭବିଷ୍ୟତକୁ ବଡ଼ ବିଚାରୁଥିବା ରଙ୍ଗାରାଓ କିଛିଦିନ ଚିନ୍ତାରେ ରହିଲେ । ପରେ ଏକ ଅସ୍ୱାଭାବିକ ନିଷ୍ପତ୍ତି ନେଇ ନିଜ ଚାକିରି ଓ ଗାଁ ପରିତ୍ୟାଗ କରି ପୁଅକୁ ନେଇ ଖଡ଼ଗପୁର ଚାଲି ଆସିଲେ ଏବଂ ତା' ପାଇଁ କମ୍ ବାପା ଓ ଅଧିକ ମା' ପାଲଟିଗଲେ।

ବାପାଙ୍କ ମହନୀୟ ତ୍ୟାଗ ଭିତରେ ପୁଅଟି ନିଜ ମାଆକୁ ଖୋଜିପାଇଲା କି ନାହିଁ, ମାତ୍ର ଖଡ଼ଗପୁର ଆଇଆଇଟି ଉପକଣ୍ଠର ବସ୍ତିବାସିନ୍ଦାମାନେ ରଙ୍ଗାରାଓଙ୍କ ଭଳି ଜଣେ ଭିନ୍ନ ମଣିଷଙ୍କୁ ପାଇ ଯାହା ଅର୍ଜନ କଲେ , ସେ ପ୍ରକାର ଉପଲବ୍ଧି ଏ ସଂସାରରେ ପ୍ରାୟତଃ ବିରଳ।

ରଙ୍ଗାରାଓ ନିଜ ଶିକ୍ଷକ ବୃତ୍ତିକୁ ବହୁ ଦୂରରେ ଛାଡ଼ି ଆସିଥିଲେ ବି ଶିକ୍ଷା ଓ ଶିକ୍ଷକତାକୁ ପରିହାର କରିପାରି ନ ଥିଲେ। ସୁତରାଂ, ନିଜ ପୁଅକୁ ରାନ୍ଧିବାଢ଼ି ଦେବା ପରେ ସେ ବରା, ଇଡ୍‌ଲି ତିଆରି କରି କଲୋନିରେ ତ ବିକୁଥିଲେ, ତା' ସହ ପ୍ରତିଦିନ ସନ୍ଧ୍ୟାରେ ବସ୍ତିର ନିରକ୍ଷର ପିଲାମାନଙ୍କୁ ପାଠ ପଢ଼ାଉଥିଲେ। ନିଜ ପିତାମାତାଙ୍କ ଦାରିଦ୍ର୍ୟ ଅବା ଶିକ୍ଷା ସଂସ୍କାରର ଅଭାବ ହେତୁ ଯେଉଁ ପିଲାମାନେ ଆଦୌ ସ୍କୁଲ ଯାଉ ନ ଥିଲେ ବା ଅଧାରୁ ସ୍କୁଲ ଛାଡ଼ିଥିଲେ, ସେମାନଙ୍କୁ ବୁଝାଇସୁଝାଇ ପାଠ ପଢ଼ାଉଥିଲେ।

ନିଜ ଜନ୍ମସ୍ଥାନକୁ ବିସ୍ମରି ଗୋଟିଏ ନୂଆ ସ୍ଥାନକୁ ଆପଣେଇନେବା ଓ କାମ ସରିଗଲେ ବି ସେଇ ସ୍ଥାନକୁ ଭଲ ପାଇ ସବୁଦିନ ପାଇଁ ସେଇଠି ରହିଯିବା କିଛି ଗୋଟିଏ ବଡ଼କଥା ନୁହେଁ। ମାତ୍ର ରଙ୍ଗାରାଓଙ୍କ କଥା ଥିଲା ପୂରା ଅଲଗା। ପୁଅ ୪ବର୍ଷ ପରେ ଇଞ୍ଜିନିୟରିଂ ପାସ୍ କରି ମୋଟା ଦରମାରେ ବଡ଼ ଚାକିରିଟିଏ ପାଇ ଯେତେବେଳେ ବେଙ୍ଗାଲୁରୁରେ ଅବସ୍ଥାପିତ ହେଲେ ସେତେବେଳେ ଖଡ଼ଗପୁର ଛାଡ଼ି ପୁଅ ସହ ବେଙ୍ଗାଲୁରୁ ଯିବାକୁ ସ୍ପଷ୍ଟ ମନା କରିଦେଲେ ସେ। ନିଜ ପୁଅର ଦାୟିତ୍ୱରୁ ମୁକୁଳି ମଧ୍ୟ ବସ୍ତିର ଟିକି ଟିକି ପୁଅଙ୍କ ଦାୟିତ୍ୱରୁ ସେ ନିଜକୁ ମୁକ୍ତ କରିପାରିଲେ ନାହିଁ ଓ ସେ ସବୁଦିନ ପାଇଁ ସେଠାରେ ରହିଗଲେ। ଆଦର୍ଶବାଦୀ ବାପାଙ୍କ ବିରୋଧରେ ଯିବାକୁ ପୁଅଟି ସାହସ ଜୁଟାଇ ନ ପାରି ନିଜ କର୍ମନିଯୁକ୍ତି ଅନୁଯାୟୀ ପ୍ରଥମେ ବେଙ୍ଗାଲୁରୁ ଓ ପରେ ପରେ ଆମେରିକା ଚାଲିଗଲେ।

ଏହାପରେ ପରବର୍ତ୍ତୀ ୧୦ବର୍ଷ ଯାଏଁ ରଙ୍ଗାରାଓ ଓରଫ ଇଡ୍‌ଲି ମାଷ୍ଟର ସେଇଠି ପଡ଼ି ରହିଲେ ଦିନରେ ଇଡ୍‌ଲି ବିକି ଓ ରାତିରେ ବସ୍ତିର ପିଲାମାନଙ୍କୁ ପାଠ ପଢ଼ାଇ। ବାର୍ଦ୍ଧକ୍ୟର ଚାପରେ ଶେଷରେ ଦିନେ ସେ ସଂସାର ଛାଡ଼ି ଚାଲିଗଲେ। ଗୁଣ୍ଟୁରର ମୁରାଲି ରଙ୍ଗାରାଓରୁ ଖଡ଼ଗପୁରର ଇଡ୍‌ଲି ମାଷ୍ଟର- ବଡ଼ ଦୀର୍ଘ ସାଧନାର ଯାତ୍ରା ଯେ । ଏ ଯାତ୍ରାରେ ସମସ୍ତେ ଯାଇପାରନ୍ତି ନାହିଁ। ଚେଷ୍ଟା କଲେ ବି ସମସ୍ତେ ଇଡ୍‌ଲି ମାଷ୍ଟର ହୋଇପାରନ୍ତି ନାହିଁ। ପୁଅର ଭବିଷ୍ୟତ ଗଢ଼ିବାକୁ ନିଜର ଭିଟାମାଟି ଛାଡ଼ି, ଚାକିରି ପରିତ୍ୟାଗକରି ଦେଶାନ୍ତର ଗମନ କରୁଥିବା ବାପାଙ୍କ ନଜିର ହୁଏତ ଆଉ କେଉଁଠି ଖୋଜିଲେ ମିଳିପାରେ। ମାତ୍ର ବସ୍ତି ଅଞ୍ଚଳର ବାରବୁଲା ପିଲାମାନଙ୍କୁ ସାକ୍ଷର କରିବା ଲକ୍ଷ୍ୟରେ ପ୍ରତିଷ୍ଠା ଓ ପ୍ରାଚୁର୍ଯ୍ୟର ଶିଖରରେ ଥିବା ନିଜର ଏକମାତ୍ର ପୁଅକୁ ପରିତ୍ୟାଗ କରିଥିବା ପିତାଙ୍କ ଦୃଷ୍ଟାନ୍ତ ଆଉ କେଉଁଠି ମିଳିବ ନାହିଁ।

ମନେଅଛି, ତାଙ୍କ ମୃତ୍ୟୁ ଖବର ଜଣାଇ ଟେଲିଫୋନ୍‌ରେ ଏ ଲେଖକର ସମ୍ପର୍କୀୟ କହୁଥିଲେ, ''ଲଣ୍ଡିତ ମସ୍ତକ ପ୍ରାୟ ଷାଠିଏ ଲୋକଙ୍କ ପଟୁଆର ଅତୀତରେ କେବେ ଆମ ଏଇ ସହରରେ କେହି ଦେଖି ନ ଥିଲେ। ଇଡ୍‌ଲି ମାଷ୍ଟରଙ୍କ ଭଳି ଜଣେ ସାଧାରଣ ଲୋକ କେତେ ଅସାଧାରଣ, ଏ କଥା ସେ ମରିଗଲା ପରେ ହିଁ ଜଣାଯାଏ।'' ପ୍ରକୃତରେ ଜୈବିକ ସୂତ୍ରରେ ଜନ୍ମ ନେଇଥିବା କେବଳ ଜଣେ ପୁଅ ନୁହେଁ, ଯେତେବେଳେ କାହାର ମୃତ୍ୟୁରେ ଗୋଟିଏ ସହରର ଭିନ୍ନ ଭିନ୍ନ ବୟସର ପ୍ରାୟ ଷାଠିଏ ଜଣ ପୁଅ ଦଶାହ ସମ୍ପନ୍ନ ପୂର୍ବକ ଲଣ୍ଡା ହୋଇପଡ଼ନ୍ତି, ସେତେବେଳେ ଜଣାପଡ଼େ ନିଜ ଜୀବଦ୍ଦଶାରେ ସେ ଥିଲେ କେତେ ଅନନ୍ୟ, କେତେ ଅସାଧାରଣ। ତାଙ୍କ ସହ ସାକ୍ଷାତ ଅବସରରେ ତାଙ୍କ ଭିନ୍ନ ଜୀବନ ପାଇଁ ଏ ଲେଖକ ସମ୍ମାନ ଜଣାଇଥିବା ବେଳେ ମୃଦୁ ପ୍ରତିବାଦକରି ସେଦିନ ରଙ୍ଗାରାଓ କହିଥିଲେ, ''ଜଣେ ଶିକ୍ଷକର ଧର୍ମ ହେଲା ଶିକ୍ଷାଦାନ କରି କେଇବର୍ଷ ତଳେ ସେଠାରେ ପଢ଼ାଉଥିଲି, ଏବେ ଏଠାରେ ପଢ଼ାଉଛି। ତହିଁରେ ଯାତ୍ରା ଭିନ୍ନ ହେଲା କିପରି? ତାଙ୍କ ଦଶାହରେ ବସ୍ତି ଅଞ୍ଚଳର ଯେଉଁ ଷାଠିଏ ଜଣ ଲଣ୍ଡା ହୋଇ ତିଳତର୍ପଣ କରିଥିଲେ, ସେମାନଙ୍କୁ ଇଡ୍‌ଲି ମାଷ୍ଟର ଦେଖିଥାନ୍ତେ ସିନା, ଜାଣିଥାନ୍ତେ ସେ କେମିତି ଭିନ୍ନ ଥିଲେ, କେମିତି ଥିଲେ କୋଟିକରେ ଗୋଟିଏ!!

–ପ୍ରଜ୍ଞା ନିଳୟ, ବିଦ୍ୟାପତିନଗର, ଚକେଇସିହାଣୀ, ଭୁବନେଶ୍ୱର
ମୋ–୮୮୯୫୬୨୪୧୦୫



# କୃଷି ଉଦ୍ୟୋଗୀକରଣ

ଡି. ଶୁଭମ୍

ଉଦ୍ୟୋଗ, ଉଦ୍ୟୋଗୀ ଆଉ ଉଦ୍ୟୋଗୀକରଣ- ଏ ୩ଟି ଶବ୍ଦ ଏବେ ବେଶ୍ ଚର୍ଚ୍ଚାରେ ଅଛି। କାରଣ ଏଇ ଶବ୍ଦଗୁଡ଼ିକ ଶୁଣିବାକୁ ସହଜ ଲାଗୁଥାଇପାରେ, କିନ୍ତୁ ଏହା ମଣିଷକୁ ସଫଳତାର ଶିଖରରେ ପହଞ୍ଚାଇବା ସହ ନୂଆ କିଛି କରିବାର ଅଦମ୍ୟ ସ୍ପୃହା ଯୋଗାଉଛି। ପ୍ରଥମ କଥା ହେଲା - ଏବେ ଜଣକୁ ଉଦ୍ୟୋଗୀ ହେବା ପାଇଁ ବୟସ କି ପାଠପଢ଼ାଠାରୁ ଅନ୍ତର୍ନିହିତ କଳା ଓ ଜ୍ଞାନକୌଶଳର ଅଧିକ ଆବଶ୍ୟକତା ରହିଛି। ୨୦-୩୦ ବର୍ଷ ତଳେ ଏ ଶବ୍ଦଗୁଡ଼ିକ ଲୋକମାନେ ଜାଣିଥିଲେ ସୁଦ୍ଧା ବ୍ୟବହାର ହେଉ ନ ଥିଲା। କିନ୍ତୁ ୨୦୧୬ରୁ ଯେବେ ଷ୍ଟାଣ୍ଡ ଅପ୍ ଇଣ୍ଡିଆ ଓ ଏହା ପରେ ପରେ ଷ୍ଟାର୍ଟ ଅପ୍ ଓଡ଼ିଶାର କଥା ଲୋକେ ଜାଣିଲେ, ସେବେ ଅନେକେ ନୂଆ କିଛି କରିବାକୁ ଚେଷ୍ଟାକଲେ। ସଫଳତା ବି ପାଇଲେ। ଆଜି ଷ୍ଟାର୍ଟ ଅପ୍ ଓଡ଼ିଶା - କେବଳ ସଫଳତା ନୁହେଁ, ସଫଳ ତଥା ଶ୍ରେଷ୍ଠ ମଣିଷମାନଙ୍କୁ ଗଢ଼ିବାରେ ମୁଖ୍ୟ ଭୂମିକା ନେଇଛି।

୨୦୨୦ର ମାର୍ଚ୍ଚ ବେଳକୁ ଯେବେ ଭାରତରେ ମହାମାରୀ କରୋନା ନିଜର କାୟା ବିସ୍ତାର କଲା, ସେବେ ଦାଦନ ଖଟିବାକୁ ଯାଉଥିବା ଲୋକମାନଙ୍କର ଅବସ୍ଥା କଥା ସଭିଏଁ ଜାଣିଛନ୍ତି। ଏହାକୁ ଦୋହରାଇବାର କୌଣସି ଆବଶ୍ୟକତା ନାହିଁ। ଏହା ଭିତରେ ଯେବେ ଲୋକମାନେ ନିଜର କର୍ମସଂସ୍ଥାନ ହରାଇ ବସିଲେ ସେବେ ନୂଆ କିଛି କରିବାକୁ ବାଟ ଖୋଜିଲେ। କଥାରେ ଅଛି ଅଭାବ ଓ ଅସୁବିଧା ହିଁ ଉଦ୍ଭାବନର ଜନନୀ। ଏହା ସେବେଠାରୁ ହିଁ ଅଧିକ ପ୍ରତିଫଳିତ ହେବାକୁ ଲାଗିଲା। ଲୋକେ ନିଜ ଭିତରର ଶ୍ରେଷ୍ଠତ୍ୱକୁ ଖୋଜିବାର ପ୍ରୟାସ ଆରମ୍ଭକଲେ। ସେହିଠାରୁ ଜନ୍ମନେଲା ଉଦ୍ୟୋଗର ନୂଆ ସୂର୍ଯ୍ୟୋଦୟ। ବିଭିନ୍ନ କ୍ଷେତ୍ରରେ ଆଜି ଅନେକ ଉଦ୍ୟେଗୀ ନିଜକୁ ପ୍ରତିଷ୍ଠିତ କରିବା ସହ ଲାଭବାନ୍ ମଧ୍ୟ ହୋଇପାରିଛନ୍ତି। ଏ ବିଭିନ୍ନ କ୍ଷେତ୍ର ମଧ୍ୟରୁ ଆଜି ଆମେ କୃଷି ଉଦ୍ୟୋଗର କଥା ଆଲୋଚନା କରିବା। ଏହା ନିଃସନ୍ଦେହ ଯେ କୃଷିକ୍ଷେତ୍ରରେ ଏବେ ଅନେକ ଷ୍ଟାର୍ଟ ଅପ୍ ଆଜି ଓଡ଼ିଶା ତଥା ଭାରତରେ ବେଶ୍ ସୁନାମ କରିଲେଣି।

ଆମ ବାପା ଅଜା ଅମଳରେ ହୁଏତ ଏ ଉଦ୍ୟୋଗର କଥା ଲୋକେ ଜାଣି ନ ଥିଲେ। ଗାଁ ଚାଷଜମିରେ ଖରିଫ ଆଉ ରବିରେ ଧାନ ଆଉ ମୁଗ ବୁଣି ସେସବୁକୁ ବିକ୍ରିକରି ନିଜର ପରିବାର ପ୍ରତିପୋଷଣ କରୁଥିଲେ। କିନ୍ତୁ ଆଜି ସେ ଚାଷଜମିରେ ହିଁ ଉଦ୍ୟୋଗର କଥା ବାହାରୁଛି। ମୁଖ୍ୟ କଥା ହେଲା ଚାଷକୁ କେବଳ ଶାରୀରିକ ଶ୍ରମ ବୋଲି ନୁହେଁ ବରଂ ଏହା ଦ୍ୱାରା କିପରି ଉଦ୍ୟୋଗୀକରଣର କଥା କୁହାଯାଇପାରିବ, ସେ ଦିଗରେ ଆମେ ଯତ୍ନବାନ୍ ହେବା ଦରକାର। ଚାଷଜମିରେ ଧାନ, ମୁଗ, ବିରି, ସୋରିଷ ଏମିତି ଫସଲ ହେବା କିଛି ନୂଆ କଥା ନୁହେଁ। ତେବେ ଏସବୁ ଭିତରେ ଯଦି ଆମେ କିଛି ନୂଆ କଥା ଦେଖାଇପାରିବା, ନୂଆ କିଛି କରିପାରିଲେ, ତାହା ହିଁ ଉଦ୍ୟୋଗ।

ଆଜି ଚାଷଜମିରେ ଚାଷ କରାଯାଉଥିବା ଫସଲଗୁଡ଼ିକର ରୋଗ ପୋକ ଚିହ୍ନଟ ପାଇଁ ମୋବାଇଲ ଆପ୍ ବାହାରିଛି। ଚାଷୀଟିଏ ଗୋଟିଏ କ୍ଲିକ୍‌ରେ ନିଜ ଫସଲର ସମସ୍ୟା ଜାଣିପାରୁଛି। ଚାଷୀକୁ ଏ ଦିଗରେ ଆଉ ଅଧିକ ସମୟ ନଷ୍ଟକରିବାକୁ ପଡୁନାହିଁ। ଚାଷୀମାନଙ୍କୁ ଅନ୍‌ଲାଇନ ପ୍ରଶିକ୍ଷଣ



ଦିଆଯାଉଛି। କେବଳ ୟୁରିଆ,ପଟାସ, ଗ୍ରୋମୋର ନୁହେଁ ଏବେ ଅନେକ ଉଦ୍ୟୋଗୀ ଜୈବିକ କୀଟନାଶକ ଓ ଜୈବିକ ସାରର ଉଦ୍ୟୋଗ ବନାଇଲେଣି। ଚାଷୀମାନଙ୍କୁ ପାଣିପାଗ ସମ୍ପର୍କିତ ସୂଚନା ଦେବା ପାଇଁ ନୂଆ ମୋବାଇଲ ଆପ୍ଲିକେଶନ ଓ ଯନ୍ତ୍ର ବାହାରିଲାଣି। ଚାଷୀ କ୍ଷଣିକରେ ପାଣିପାଗର ସୂଚନା ପାଇପାରୁଛନ୍ତି। ଯେଉଁ ଚାଷଜମିରେ କୀଟନାଶକ ସ୍ପ୍ରେ ପାଇଁ ଘଣ୍ଟା ଘଣ୍ଟା ସମୟ ଲାଗୁଥିଲା, ମଜୁରିର ଆବଶ୍ୟକତା ପଡୁଥିଲା, ଆଜି ସେସବୁର ସମାଧାନ କରିଛି ଡ୍ରୋନ୍। ୬ ରୁ ୧୦ ମିନିଟ୍ ଭିତରେ ୧ ଏକର ଜମିରେ ଖୁବ୍ ସହଜରେ କୀଟନାଶକ ସ୍ପ୍ରେ କରାଯାଇପାରୁଛି। ଏ କ୍ଷେତ୍ରରେ ଗୋଟିଏ ଛୋଟ ଉଦାହରଣ ଦେବାକୁ ଚାହିଁବି। ଭଦ୍ରକ ବାସୁଦେବପୁରର ଛାତ୍ର ବୋଧିସତ୍ତ୍ୱ ସଂଘପ୍ରିୟ ଓ ଓମ୍ ପ୍ରକାଶ ଦାସ ବୁର୍ଲାରୁ ଇଞ୍ଜିନିୟରିଂ ପଢ଼ି ଏବେ ନିଜର ଉଦ୍ୟୋଗ 'ଆଇଜି ଡ୍ରୋନ୍'କୁ ସାରା ବିଶ୍ୱରେ ପହଞ୍ଚାଇବା ସହ ଏହା କୃଷକମାନଙ୍କୁ ଚାଷଜମିରେ ବେଶ୍ ସାହାଯ୍ୟ କରିପାରୁଛି। ଆଜି ଏ ଉଦ୍ୟୋଗ କେବଳ ଓଡ଼ିଶା ନୁହେଁ ବରଂ ଅନ୍ତର୍ଜାତୀୟ ସ୍ତରର ବିଭିନ୍ନ କନ୍‌କ୍ଲେଭରେ ପୁରସ୍କୃତ ହେଉଛି। ଏମିତିକି ଏବେ ଚାଷୀମାନଙ୍କୁ ଚାଷ କରିବା ପୂର୍ବରୁ ନିଜ ମାଟି ପରୀକ୍ଷା ପାଇଁ ବି ଅନେକେ ମୃତ୍ତିକା ପରୀକ୍ଷଣ ଉଦ୍ୟୋଗ ପ୍ରତିଷ୍ଠା କଲେଣି। ଚାଷୀଟିଏ କମ୍ ସମୟରେ ନିଜ ଜମିର ଯବକ୍ଷାରଜାନ, କାର୍ବନ, ପିଏଚ୍, ଫସ୍‌ଫରସ ପରି ଅନେକ ଉପାଦାନକୁ ଠିକ୍ ଭାବରେ ଜାଣିବା ସହ ପରବର୍ତ୍ତୀ ପଦକ୍ଷେପ ସହଜରେ ନେଇପାରୁଛି। ଏବେ ଯୁବକମାନେ ଏ ଦିଗରେ ବେଶ୍ ଆଗକୁ ଆସିଲେଣି। ଅନେକ ଯୁବକ ଆଜି କୃଷିକୁ ନିଜର ଉଦ୍ୟୋଗ ବନାଇ ସକ୍ଷମହେବା ସହ ଆତ୍ମନିର୍ଭରଶୀଳ ହୋଇପାରିଛନ୍ତି।

କେବଳ ଏତିକି ନୁହେଁ, ସହରାଞ୍ଚଳ କୃଷି ଏବେ ଘରେ ଘରେ ବେଶ୍ ଆଦର ଲାଭ କଲାଣି। ଲୋକେ ଘରର ଛାତ ଉପରେ ହାଇଡ୍ରୋପନିକ୍ସ କରି ବେଶ୍ ଲାଭବାନ୍ ହୋଇପାରୁଛନ୍ତି। ବିନା ମାଟିରେ ଚାଷକରି ଏବେ ସଫଳତା ପାଉଛନ୍ତି। ଆକ୍ୱାପନିକ୍ସ, ବାୟୋଫ୍ଲକ୍ ପରି ମତ୍ସ୍ୟ ଉଦ୍ୟୋଗ ଏବେ ସ୍ୱାବଲମ୍ବୀ ହେବାର ନୂଆ ନିଶା ଦେଖାଇଛି। ଏସବୁ ହିଁ କୃଷିକ୍ଷେତ୍ରରେ ସଫଳ ଉଦ୍ୟୋଗୀକରଣ। ଏଥିରୁ ସହଜରେ ଅନୁମେୟ ଯେ କୃଷି ଆଉ କେବଳ ମାଟି କାଦୁଅରେ ଚାଷ ନୁହେଁ, ବରଂ ଏହାରି ମଧ୍ୟରେ ଅନେକ କିଛି ନୂଆ କରାଯାଇପାରିବ,ଏଥିରେ ସନ୍ଦେହ ନାହିଁ। ଏଥିପାଇଁ ନିଜର ଇଚ୍ଛାଶକ୍ତି,ଉଦ୍ୟମ ଏବଂ କୌଶଳର ଆବଶ୍ୟକତା ଅଛି। କଥାରେ ଅଛି ବସି ଖାଇଲେ ନଈବାଲି ସରେ। ଏହି ପରିପ୍ରେକ୍ଷୀରେ ଆମେ ଚାଷ ଆଉ ଚାଷଜମିରୁ କିପରି ଆହୁରି ଅନେକ ଉଦ୍ୟୋଗ କରାଯାଇପାରିବ, ସେ ଦିଗରେ ଚିନ୍ତା କରିବା ଆବଶ୍ୟକ। ନିଜେ ପଢ଼ିଥିବା ପାଠକୁ ଜୀବନଶୈଳୀରେ କିପରି ଉପଯୋଗ କରାଯାଇପାରିବ, ସେ ଦିଗରେ ଅନୁଧ୍ୟାନ କରିବାର ଅଛି। ବର୍ତ୍ତମାନ ସମୟରେ ଷ୍ଟାର୍ଟ ଅପ୍ ଓଡ଼ିଶା ଏସବୁକୁ ଅଧିକ ପ୍ରୋତ୍ସାହନ ଦେବା ସହ ସହଯୋଗ ମଧ୍ୟ କରୁଛନ୍ତି। ଏତଦ୍‌ବ୍ୟତୀତ ରାଜ୍ୟ ସରକାର କୃଷି ଉଦ୍ୟୋଗୀମାନଙ୍କ ପାଇଁ ସ୍ୱତନ୍ତ୍ର ଯୋଜନା ପ୍ରଣୟନ କରୁଛନ୍ତି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାଠାରୁ ଆରମ୍ଭକରି ଗୋ ସୁଗମ୍ ଯାଏଁ ସବୁଠି ଜଣେ ନିଜ ଉଦ୍ୟୋଗକୁ ଶ୍ରେଷ୍ଠ ରୂପ ଦେଇପାରିବେ। ଆସନ୍ତୁ, କୃଷି ଉଦ୍ୟୋଗୀକରଣର ସଫଳତାକୁ ଅଧିକରୁ ଅଧିକ ଲୋକଙ୍କ ପାଖରେ ପହଞ୍ଚାଇବା ସହ ଏକ ସବୁଜିମାମୟ ଓଡ଼ିଶା ଗଠନରେ ଭାଗୀଦାର ହେବା।

ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର
ମୋ: ୯୪୩୮୪୬୭୦୭୯

## ଏଇ ଭାରତରେ

ବାରାଣସୀର ଡ. ସୁବୋଧ କୁମାର ସିଂ ଶିଶୁମାନଙ୍କ ପାଇଁ ଦେବଦୂତ ପାଲଟିଛନ୍ତି। ସେ ଏବେ ସୁଦ୍ଧା ୩୭,୦୦୦ ଶିଶୁଙ୍କର ଅସ୍ତ୍ରୋପଚାର କରିସାରିଲେଣି ଓ ଏହା ଦ୍ୱାରା ୨୫,୦୦୦ ପରିବାର ଉପକୃତ ହୋଇପାରିଛନ୍ତି। ସୁବୋଧଙ୍କ ପିଲାଦିନ ବହୁ କଷ୍ଟରେ କଟିଥିଲା। ୪ ସନ୍ତାନ ମଧ୍ୟରେ ସେ ଥିଲେ ସର୍ବକନିଷ୍ଠ। ହୃଦ୍‌ଘାତରେ ପିତାଙ୍କ ମୃତ୍ୟୁବେଳକୁ ସୁବୋଧଙ୍କ ବୟସ ଥିଲା ୧୩। ଅଭାବ ଭିତରେ ବଡ଼ ଭାଇଙ୍କ ରୋଜଗାରରେ ପରିବାର ଚଳିଲା ଓ ସେ ପଢ଼ିଲେ। ଏମିତି କି ତାଙ୍କୁ ମଧ୍ୟ ଦୋକାନରେ କାମ କରିବାକୁ ପଡ଼ିଛି। ତେବେ ଉଚ୍ଚଶିକ୍ଷା ପାଇ ଡାକ୍ତର ହେବା ପରେ ସେ ପିଲାଦିନର ଅଭାବକୁ ସ୍ମରଣ କରି ଅସହାୟ ଶିଶୁମାନଙ୍କ ସେବା ମାଗଣାରେ କରିବାକୁ ନିଷ୍ପତ୍ତି ନେଇଥିଲେ। ସେ ମୁଖ୍ୟତଃ ନବଜାତକଙ୍କ ଗ୍ରହଣଖଣ୍ଡିଆ ସମସ୍ୟା ଅସ୍ତ୍ରୋପଚାର ଦ୍ୱାରା ଦୂର କରୁଛନ୍ତି। ଏହାଦ୍ୱାରା ଶିଶୁମାନେ ଭଲରେ କଥା କହିବାକୁ ସକ୍ଷମ ହେଉଛନ୍ତି। ସେ ୧୯୯୩ରେ ପ୍ରାକ୍ଟିସ ଆରମ୍ଭ କରିଥିଲେ ଓ ୨୦୦୪ରେ ସେ ତାଙ୍କ ପିତାଙ୍କ ସ୍ମୃତିରେ ଜି.ଏସ. ମେମୋରିଆଲ ହସ୍ପିଟାଲ ପ୍ରତିଷ୍ଠା କରି ଏହି ମାଗଣା ସେବା ଯୋଗାଇ ଆସୁଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୪ ଜୁଲାଇ ୧୯୯୮

- ଦୂରଦର୍ଶନରେ ପ୍ରସାରଣ ବାବଦରେ ପାଉଥିବା ରୟାଲିଟି ଅର୍ଥର ପରିମାଣ ବୃଦ୍ଧି ଦାବିରେ ଦୂରଦର୍ଶନ କେନ୍ଦ୍ର ଆଗରେ ଓଡ଼ିଶା ଚଳଚ୍ଚିତ୍ର ପ୍ରଯୋଜକଙ୍କ ଧାରଣା।
- ବିଦେଶୀ ମୁଦ୍ରା ନିୟନ୍ତ୍ରଣ ଆଇନ (ଫେରା) ଉଲ୍ଲଂଘନ ମାମଲାରେ ବେନେଟ୍ ଆଣ୍ଡ କୋଲେମାନ କମ୍ପାନୀ ଲିମିଟେଡ୍‌ର ଚେୟାରମ୍ୟାନ୍ ଅଶୋକ ଜୈନ ଗିରଫ।
- ମହାରାଷ୍ଟ୍ରର ଷ୍ଟ୍ରଙ୍ଗମ୍ୟାନ୍ ଭାବେ ପରିଚିତ ଶରଦ ପାୱାରଙ୍କ ଅନୁଗତ ଭାବେ ଜଣାଶୁଣା ରାଜ୍ୟର କଂଗ୍ରେସ ସଭାପତି ରଜତ ଦେଶମୁଖଙ୍କ ପଦରୁ ଇସ୍ତଫା।

## ଚିରନ୍ତନୀ

ଜୀବନ ପରେ ଏ ଦେହ ହୁଏ
ଜଡ଼ହୁଁ ବେଶି ହୀନ
ଚିହ୍ନ ତାର ନ ରହେ କାହିଁ ଲେଶ,
ଅସୀମ କାଳ କରଇ ଖେଳ
ଆସଇ ନିଶିଦିନ
ନାହିଁ କି ଲୟ, ନାହିଁ କି ତା'ର ଶେଷ!
(ଅମର ଆଶା)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 3 | 9 | |
| | | | | | 9 | | | 6 |
| 1 | | | | | | | 8 | 7 |
| | | | | | 6 | 5 | | 3 |
| | 6 | | | 9 | | | | 1 |
| | 3 | | | 1 | | | | 8 |
| | 2 | | | | 7 | | | |
| | | | 1 | 4 | | | | |
| | | 7 | 6 | | | | 2 | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁକୁ ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 1 | 4 | 9 | 5 | 6 | 2 | 3 | 8 |
| 6 | 5 | 3 | 8 | 4 | 2 | 1 | 7 | 9 |
| 2 | 9 | 8 | 3 | 7 | 1 | 5 | 6 | 4 |
| 3 | 7 | 9 | 5 | 8 | 4 | 6 | 1 | 2 |
| 8 | 2 | 1 | 6 | 3 | 9 | 4 | 5 | 7 |
| 4 | 6 | 5 | 2 | 1 | 7 | 9 | 8 | 3 |
| 9 | 4 | 7 | 1 | 6 | 3 | 8 | 2 | 5 |
| 5 | 3 | 6 | 4 | 2 | 8 | 7 | 9 | 1 |
| 1 | 8 | 2 | 7 | 9 | 5 | 3 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### କୁମ୍ଭୀର ଆକ୍ରମଣର ପ୍ରତିକାର ହେଉ

ମହାଶୟ,

ପ୍ରତିବର୍ଷ କୁମ୍ଭୀର ଆକ୍ରମଣରେ ବହୁ ଜୀବନହାନି ହେଉଛି। ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ଓ ବେପରୁଆ ମନୋଭାବ ଆଜି ଜନସାଧାରଣଙ୍କ ମୁଖ୍ୟ ଆଲୋଚନା ପାଲଟିଛି। କୁମ୍ଭୀର ଆକ୍ରମଣରୁ ସୁରକ୍ଷା ପାଇଁ ଦୀର୍ଘକାଳୀନ ଯୋଜନା ଓ ସୁରକ୍ଷା ବ୍ୟବସ୍ଥା ଅଛି। ପ୍ରତିକାର, ସଚେତନତା ସହ କଠୋର ଆଇନ କାର୍ଯ୍ୟକାରୀ କରାଯିବା ସାଙ୍ଗକୁ ନଦୀରେ ଗାଧୋଇବା ନେଇ କଟକଣା ରଖାଯାଉ। ନଦୀକୂଳରେ ସେଲ୍‌ଫି ଉଠାଇ ଖୁସିବ୍ୟକ୍ତ କରୁଥିବା ଲୋକମାନଙ୍କ ଉପରେ ଜରିମାନା ଲାଗୁ ହେଉ। ଏଥିପ୍ରତି ରାଜ୍ୟ ସରକାରଙ୍କ ନୀରବ କାହିଁକି। ମଣିଷକୁ କୁମ୍ଭୀର ଆକ୍ରମଣକରି ମାରିଦେବା ପରେ ଲକ୍ଷ ଲକ୍ଷ ଦେଇଦେଲେ କ'ଣ ଭବିଷ୍ୟତରେ ଆକ୍ରମଣ ବନ୍ଦ ହୋଇଯିବ। ସଚେତନତାର ମଧ୍ୟ ଅଭାବ ଅଛି। ପ୍ରତିବର୍ଷ କୁମ୍ଭୀର ଦାଉରୁ ରକ୍ଷା ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ହେଲେ ଉକ୍ତ ଅର୍ଥ ଯାଉଛି କୁଆଡ଼େ ?

– ଆଦିକନ୍ଦ ସାହୁ, ଏକମାଣିଆ, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

କମ୍ପ୍ୟୁଟର କିଣାରେ ଦୁର୍ନୀତି

# ରିପୋର୍ଟ ମାଗିଲେ ଲୋକାୟୁକ୍ତ

ଯାଜପୁର,୩।୭(ହର୍ଷବର୍ଦ୍ଧନ ବେହେରା)

ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱୀକୃତି ମିଳିଥିବା ନିର୍ଦ୍ଦିଷ୍ଟ ବ୍ରାଣ୍ଡେଡ୍ କମ୍ପାନୀ ବଦଳରେ ଅତି ନିମ୍ନମାନର କମ୍ପ୍ୟୁଟର ସେଟ୍ ଯୋଗାଣ ଯାଜପୁର ଜିଲା ସମଗ୍ର ଶିକ୍ଷା ଅଭିଯାନ ବିଭାଗକୁ ମହଙ୍ଗା ପଡ଼ିଛି। ଟେଣ୍ଡର ଫିକ୍ସିଂ କରି ଏକ ନିର୍ଦ୍ଦିଷ୍ଟ ଯୋଗାଣକାରୀ ସଂସ୍ଥାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଅଭିଯୋଗକୁ ନେଇ ଲୋକାୟୁକ୍ତରେ ୨୧୭/୨୦୨୩ ନମ୍ବରରେ ଏକ ମାମଲା ରୁଜୁ ହୋଇଛି। ଏନେଇ ଲୋକାୟୁକ୍ତଙ୍କ ପକ୍ଷରୁ ଜୁଡିସିଆଲ ମେମ୍ବର ପରବର୍ତ୍ତୀ ଶୁଣାଣି ୨୨।୮।୨୦୨୩ ସୁଦ୍ଧା ସ୍କୁଲ ଓ ଗଣ ଶିକ୍ଷା ବିଭାଗ କମିଶନରଙ୍କ ସମେତ ଯାଜପୁର ଜିଲାପାଳ, ଜିଲା ସମଗ୍ର ଶିକ୍ଷା ଅଭିଯାନର ପ୍ରକଳ୍ପ ସଂଯୋଜକ, ଜିଲା ଶିକ୍ଷାଧିକାରୀ, ସିଲିକନ ଇନ୍‌ଫୋ କେୟାର(ଓପିସି)ର ପରିଚାଳନା ନିର୍ଦ୍ଦେଶକ, ସୁଶ୍ରୀ କମ୍ପ୍ୟୁଟର ଆଣ୍ଡ କନସଲଟେନ୍ସି ପ୍ରାଇଭେଟ୍ ଲିମିଟେଡ୍ ଓ ଜେଷ୍ଟ ଟେକ୍ନୋଲୋଜି ପରିଚାଳନା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ହୋଇଛି।

ସୂଚନା ଅଧିକାରୀ ଆଇନ ବଳରେ ମିଳିଥିବା ତଥ୍ୟକୁ ଆଧାରକରି ଲୋକାୟୁକ୍ତରେ ହୋଇଥିବା ଅଭିଯୋଗ ଅନୁସାରେ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଭର୍ନମେଣ୍ଟ ଇ ମାର୍କେଟପ୍ଲେସ୍ (ଜିଇଏମ୍) ବିଡିଂ ମାଧ୍ୟମରେ ଜିଲାର ବିଭିନ୍ନ ବିଦ୍ୟାଳୟ ପାଇଁ ଡେସ୍କଟପ୍ କମ୍ପ୍ୟୁଟର ଯୋଗାଇ ଦିଆଯାଇଛି। ଖଣି ଲୁଟ୍ ଜରିମାନା ଅର୍ଥରେ

## ଯାଜପୁର ଜିଲା ସମଗ୍ର ଶିକ୍ଷା ଅଭିଯାନ

ପ୍ରଣିତ ଓଡ଼ିଶା ଖଣିଜ ଧାରଣ ଅଞ୍ଚଳ ଉନ୍ନୟନ ନିଗମ(ଓଏମବିଏଡିସି) ପାଣ୍ଠିରୁ ଏଥିପାଇଁ ପ୍ରାୟ ୪ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି। ସେଥିରୁ ଅଧିକାଂଶ ପୁରୁଣା ସଂସ୍କରଣର ଡେସ୍କଟପ୍ କମ୍ପ୍ୟୁଟର ସହିତ ଆଣ୍ଟି ଭାଇରସ୍ ସଫ୍ଟୱେର ଓ ୟୁପିଏସ୍ ଚଢ଼ା ଦରରେ କ୍ରୟ କରାଯାଇ ବିପୁଳ ଅର୍ଥ ହରିଲୁଟ ହୋଇଥିବା ଅଭିଯୋଗ ହୋଇଛି। ଏନେଇ ରାଜ୍ୟ ସୂଚନା ଅଧିକାର ଆଇନର ଆବାହକ ପ୍ରଦୀପ ପ୍ରଧାନ ୪।୫।୨୦୨୩ରେ ଲୋକାୟୁକ୍ତରେ ମାମଲା ରୁଜୁ କରିବାକୁ ଆବେଦନ କରିଥିଲେ। ଆବେଦନର ସମସ୍ତ କାଗଜପତ୍ରକୁ ସମୀକ୍ଷା ପରେ ଲୋକାୟୁକ୍ତଙ୍କ ପକ୍ଷରୁ ମାମଲା ରୁଜୁ ହୋଇଛି।

ଅଭିଯୋଗରେ ଦର୍ଶାଯାଇଛି ଯେ, ସମ୍ପ୍ରତି ପ୍ରଚଳିତ ସର୍ବାଧୁନିକ ସଂସ୍କରଣ ପରିବର୍ତ୍ତେ ବହୁ ପୁରାତନ ସଂସ୍କରଣର ଡେସ୍କଟପ କମ୍ପ୍ୟୁଟର, ଅନାମଧେୟ ବ୍ରାଣ୍ଡର ୟୁପିଏସ୍ ସହିତ ଆଣ୍ଟି ଭାଇରସ୍ ସଫ୍ଟୱେର କିଣାଯାଇଛି। ଏହିସବୁ ପୁରୁଣା ସଂସ୍କରଣର ସାମଗ୍ରୀ ଅଳ୍ପ ସମୟ ମଧ୍ୟରେ ଖରାପ ହୋଇଯିବା ସହ ଖୁବ୍‌ଶୀଘ୍ର ସେସବୁ ପରିତ୍ୟକ୍ତ ହୋଇ ପଡ଼ିବା ଆଶଙ୍କା କରାଯାଇଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ଜିଇଏମ୍ ବିଡିଂରେ ସାଧାରଣ ନିୟମ ଅନୁଯାୟୀ ପ୍ରାରମ୍ଭିକ ଭାବେ ତନଖି ନିମନ୍ତେ କୌଣସି ସାମଗ୍ରୀର ସାମ୍ପଲ ବିଡରମାନଙ୍କୁ ମଗାଯାଇ ନ ଥିଲା। ସାମଗ୍ରୀ ଉତ୍ପାଦନ କରୁଥିବା କମ୍ପାନୀଠାରୁ ଆବଶ୍ୟକ ପରିମାଣର ସାମଗ୍ରୀ ଯୋଗାଣ ନେଇ ମଧ୍ୟ ସ୍ୱୀକୃତି ପତ୍ର ଆହ୍ୱାନ କରା ନଯାଇ କେବଳ ବିଡରଙ୍କୁ ଏଥିନେଇ ନିଜର ଏକ ସ୍ୱୀକୃତି ପତ୍ର ଦେବାକୁ କୁହାଯାଇଥିଲା। ଇତିମଧ୍ୟରେ ସମ୍ପୃକ୍ତ ଠିକା ସଂସ୍ଥା ତୁରନ୍ତ ଅର୍ଦ୍ଧାଧିକ ଡେସ୍କଟପ୍ କମ୍ପ୍ୟୁଟର ସହିତ ଆଣ୍ଟି ଭାଇରସ୍ ସଫ୍ଟୱେର ଓ ୟୁପିଏସ୍ ଯୋଗାଇ ଦେଇ ତାହା ବାବଦରେ ଅର୍ଥ ରାଶି ନେବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିକଟରେ ବିଲ୍ ଦାଖଲ କରିଥିବା ଜଣାପଡ଼ିଛି। ତେବେ ଜିଇଏମ୍ ମାର୍ଗଦର୍ଶିକା ଅନୁସାରେ ବିଡିଂର ଅନୁମୋଦନ ସାମଗ୍ରୀ ଭିନ୍ନ ଅନ୍ୟ ସାମଗ୍ରୀ ଯୋଗାଣ ଆଦୌ ଗ୍ରହଣୀୟ ନୁହେଁ। ସମସ୍ତ ସାମଗ୍ରୀ ଯୋଗାଣ ପରେ ତନ୍ମଧ୍ୟରୁ କିଛି ସାମଗ୍ରୀର ଦକ୍ଷତା ଓ ମାନ ଏବଂ ବିଡିଂରେ ଧାର୍ଯ୍ୟ ଦକ୍ଷତା ଓ ମାନ ସହ ସମାନ କି ନାହିଁ ବୈଷୟିକ ଅଧିକାରୀଙ୍କ ଦ୍ୱାରା ତନଖି ହେବା କଥା। ଏହାପରେ ଯାଇ ବିଲ୍ ଉପରେ ଅର୍ଥରାଶି ପୈଠ ହେବା ନିୟମ ରହିଛି। କିନ୍ତୁ ନିଜ ସ୍ୱାର୍ଥକୁ ଚରିତାର୍ଥ କରିବାକୁ ଯାଇ ଶିକ୍ଷା ବିଭାଗୀୟ ଅଧିକାରୀମାନେ ସମସ୍ତ ନୀତିନିୟମକୁ ଚାପି ଦେଇଥିବା ଅଭିଯୋଗ ହୋଇଛି। ଏ ସଂକ୍ରାନ୍ତରେ ଯାଜପୁର ଜିଲା ଶିକ୍ଷାଧିକାରୀ ରଞ୍ଜନ ଗିରିଙ୍କ ମତାମତ ନେବାକୁ ତାଙ୍କ ମୋବାଇଲକୁ ସୋମବାର ସନ୍ଧ୍ୟା ୬ଟା ୪୨ ମିନିଟ୍‌ରେ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ କଲ୍ ଗ୍ରହଣ କରି ନଥିଲେ।

ଏସ୍‌ପି ସାଗରିକା ନାଥଙ୍କ ମା’ ବାପାଙ୍କଠୁ ଲୁଟ୍ ଉଦ୍ୟମ

# ଅଭିଯୁକ୍ତଙ୍କ ଟେର୍ ପାଉନି ପୋଲିସ

**ଭୁବନେଶ୍ୱର, ୩।୭(ସୂର୍ଯ୍ୟକାନ୍ତ ବେହେରା):** ଆଇପିଏସ୍ ଅଫିସର ତଥା ବାଲେଶ୍ୱର ଏସ୍‌ପିଙ୍କ ମା’, ବାପାଙ୍କଠାରୁ ଲୁଟ ଉଦ୍ୟମ ଘଟଣାରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲେ ମଧ୍ୟ ଏଯାବତ ଧରିପାରିନାହିଁ। ସେମାନେ ବ୍ୟବହାର କରୁଥିବା ଚୋରା ବାଇକକୁ ଜବତ କରି ପୋଲିସ ତଦନ୍ତ ଚଳାଇଛି। ବାଇକଟି ଯାଜପୁର ଅଞ୍ଚଳର ବୋଲି ଜଣାପଡିଥିଲେ ମଧ୍ୟ ଗାଡିର ପ୍ରକୃତ ମାଲିକଙ୍କ ବିଷୟରେ ଜଣାପଡିନାହିଁ। ଏନେଇ ଭରତପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଏସ୍‌ପି ସାଗରିକାଙ୍କ ମା’ ବାପା ଗତ ଶନିବାର କୌଣସି କାମରେ କାର ଯୋଗେ ବାହାରକୁ ଯାଉଥିବା ବେଳେ ୨ଜଣ ଯୁବକ ବାଇକରେ ଆସି ଠିକଣା ପଚାରିଥିଲେ। ଏହାପରେ ହଠାତ୍ ସେମାନେ ସାଗରିକାଙ୍କ ମା’ଙ୍କ ବେକରୁ ଚେନ ଝାମ୍ପିବାକୁ ଉଦ୍ୟମ କରିଥିଲେ। ତେବେ ଲୁଟେରାଙ୍କ ଧରିବା ପାଇଁ ଗାଡିରେ ବସିଥିବା ତାଙ୍କ ବାପା ଅଭିଯୁକ୍ତଙ୍କ ଗାଡିକୁ ଧକ୍କା ଦେବାରୁ ସେମାନେ ତଳେ ପଡ଼ିଯାଇଥିଲେ। ଧରାପଡିଯିବା ଭୟରେ ସେମାନେ କାର ଉପରକୁ ପଥର ମାଡ଼ କରି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲେ। ଘଟଣା ସଂକ୍ରାନ୍ତରେ ଏସପି ସାଗରିକାଙ୍କ ବାପା ପୋଲିସକୁ ଖବର ଦେଇଥିଲେ।


**ୟୁକୋ ବ୍ୟାଙ୍କ**

ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, ଫୋନ୍: ୦୬୭୪-୨୬୨୦୪୨୩

**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

(ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ର ରୁଲ୍ ୮ ଅନୁଯାୟୀ ସ୍ଥାବର ସମ୍ପତ୍ତି ନିମନ୍ତେ)

ନିମ୍ନ ସ୍ୱାକ୍ଷରକାରୀ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା**ର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ନଂ. ୫୪) ଏବଂ ଧାରା ୧୩ (୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟର ଧାରା ୧୩(୨) ଅନୁସାରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇ ନୋଟିସ୍ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥ ସହିତ ଚୁକ୍ତି ହାରରେ ସୁଧ ସହିତ ଆନୁସଙ୍ଗିକ ଖର୍ଚ୍ଚ ଏବଂ ଆଇନଗତ ଖର୍ଚ୍ଚ ନୋଟିସ୍ ପ୍ରାପ୍ତି ତାରିଖଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଯେହେତୁ ଋଣଗ୍ରହୀତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ଉପର ବର୍ଣ୍ଣିତ ଆଇନର ଧାରା ୧୩(୪) ସହିତ କଥିତ ରୁଲ୍‌ର ରୁଲ୍ ୮ ଅନୁସାରେ କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ **ଦଖଲ** ନେଇଛନ୍ତି। ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡ଼ିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଅନ୍ୟଥା ସମ୍ପତ୍ତିଗୁଡ଼ିକ ଉପରେ କୌଣସି ପ୍ରକାର କାରବାର ପାଇଁ **ୟୁକୋ ବ୍ୟାଙ୍କ, ସମ୍ପୃକ୍ତ ଶାଖା** ନିକଟରେ ସମସ୍ତ ଦେୟ ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ।

| ଶାଖା/ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ରାଶିର ପରିମାଣ | ଡିମାଣ୍ଡ ନୋଟିସ୍/ ଦଖଲ ନୋଟିସ୍ ତାରିଖ | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ |
|---|---|---|---|
| **ବାଣପୁର ଶାଖା /** ଋଣଗ୍ରହୀତା: ମେସର୍ସ ମୋବି ଏକ୍ସପ୍ରେସ୍, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ଲକ୍ଷ୍ମୀଧର ସୁବୁଦ୍ଧି / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଝରଣା ସୁବୁଦ୍ଧି, ସ୍ୱାମୀ: ଶ୍ରୀ ଲକ୍ଷ୍ମୀଧର ସୁବୁଦ୍ଧି, ଉଭୟଙ୍କ ଠିକଣା- ସା: ରଘୁନାଥପୁର, ଧର୍ମଶାଳା ରୋଡ଼, ପୋ/ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା | ୩୧.୧୨.୨୦୨୨ ସୁଦ୍ଧା ଟ.୧୭,୩୮,୦୪୯.୪୪ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୦୨.୨୦୨୩ / ୨୮.୦୬.୨୦୨୩ | ଶ୍ରୀମତୀ ଝରଣା ସୁବୁଦ୍ଧି, ସ୍ୱାମୀ: ଶ୍ରୀ ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ରଘୁନାଥପୁର, ଥାନା: ବାଣପୁର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୪୧୦/୪୧, ପ୍ଲଟ୍ ନଂ.: ୫୯/୧୨୪୧, କ୍ଷେତ୍ର: ଏକର୦.୦୧୫ ଡ଼ିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ବଳରାମ ସୁବୁଦ୍ଧି, ଉତ୍ତର: ବଳରାମ ସୁବୁଦ୍ଧି, ଦକ୍ଷିଣ: ବଳରାମ ସୁବୁଦ୍ଧି |
| **ଗଙ୍ଗାଧରପୁର ଶାଖା /** ଋଣଗ୍ରହୀତା: ମେସର୍ସ ପ୍ରଧାନ ଟ୍ରେଡର୍ସ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ହିମାଂଶୁ ଶେଖର ପ୍ରଧାନ / ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀମତୀ ସୁରମା ପ୍ରଧାନ, ସ୍ୱାମୀ: ଶ୍ରୀ ହଜାରୀ ପ୍ରଧାନ, ୨) ଶ୍ରୀ ହଜାରୀ ପ୍ରଧାନ, ସମସ୍ତଙ୍କ ଠିକଣା- ସା/ପୋ: ନାଚୁଣୀ ବାଏ ପାସ୍ ରୋଡ଼, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା | ୦୨.୧୦.୨୦୨୨ ସୁଦ୍ଧା ଟ.୧୧,୩୫,୪୫୬.୬୧ + ସେବାବଦ ପରବର୍ତ୍ତୀ ସୁଧ ଏବଂ ଅନ୍ୟାନ୍ୟ ଦେୟ | ୧୫.୧୧.୨୦୨୨ / ୨୮.୦୬.୨୦୨୩ | ଶ୍ରୀମତୀ ସୁରମା ପ୍ରଧାନ, ସ୍ୱାମୀ: ଶ୍ରୀ ହଜାରୀ ପ୍ରଧାନଙ୍କ ନାମରେ ଥିବା ସ୍ଥାବର ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ନାଚୁଣୀ, ଥାନା: ବାଣପୁର (୩୬୭), ତହସିଲ: ବାଣପୁର (୩୬୭), ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୫୫୨, ପ୍ଲଟ୍ ନଂ.: ୧୬୭୮, ଜମିର କ୍ଷେତ୍ର: ଏକର୦.୦୯୧ ଡ଼ିସିମିଲି, କିସମ: ଘରବାରୀ, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିଳାସିନୀ ମହାରଣା, ପୂର୍ବ: ସରକାରୀ ଜମି, ଦକ୍ଷିଣ: ରାସ୍ତା, ପଶ୍ଚିମ: ପ୍ରକାଶ କୁମାର ସାହୁ |

ସ୍ଥାନ: ଭୁବନେଶ୍ୱର, ତାରିଖ : ୦୩.୦୭.୨୦୨୩ — କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ


# ୨୩ ଜିଲାରେ ୫୦ ପେପରଲେସ୍ କୋର୍ଟ ଆରମ୍ଭ

- ଆଉ ମାସକରେ ପୁଣି ୫୦ ପେପରଲେସ୍ କୋର୍ଟ ଖୋଲିବ
- ବିଚାର ବିଭାଗରେ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ବୃଦ୍ଧି ହୋଇଛି: ମୁଖ୍ୟ ବିଚାରପତି



ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ପେପରଲେସ୍ କୋର୍ଟଗୁଡ଼ିକୁ ଉଦ୍‌ଘାଟନ କରୁଛନ୍ତି। (ଫଟୋ- ରାଜକିଶୋର ମହାନ୍ତି)

କଟକ,୩।୭(କାର୍ତ୍ତିକ ସାହୁ)

ରାଜ୍ୟର ୨୩ଟି ଜିଲାରେ ସୋମବାରଠାରୁ ୫୦ଟି ପେପରଲେସ୍ କୋର୍ଟ କାର୍ଯ୍ୟକ୍ଷମ ହୋଇଛି। ହାଇକୋର୍ଟର ମୁଖ୍ୟ ବିଚାରପତି ଡ. ଏସ୍. ମୁରଲୀଧର ଭର୍ଚୁଆଲ ମାଧ୍ୟମରେ ପେପରଲେସ୍ କୋର୍ଟଗୁଡ଼ିକୁ ଉଦ୍‌ଘାଟନ କରି କହିଲେ, ଦ୍ୱିତୀୟ ପର୍ଯ୍ୟାୟରେ ୫୦ଟି ପେପରଲେସ୍ କୋର୍ଟ ଆରମ୍ଭ ହୋଇଛି। ଅବଶିଷ୍ଟ ୫୦ଟି ପେପରଲେସ୍ କୋର୍ଟ ପରବର୍ତ୍ତୀ ପର୍ଯ୍ୟାୟରେ ମାସକ ମଧ୍ୟରେ କାର୍ଯ୍ୟକ୍ଷମ ହେବ। କୋଭିଡ୍ ମହାମାରୀ ଯୋଗୁ ବିଚାର ବିଭାଗରେ ବୈଷୟିକ ଜ୍ଞାନକୌଶଳର ବ୍ୟବହାର ବୃଦ୍ଧି ପାଇଛି। ବିଚାର ବିଭାଗୀୟ ଅଧିକାରୀମାନେ ଅଦାଲତ ପରିଚାଳନାରେ ବୈଷୟିକ ଜ୍ଞାନକୌଶଳକୁ ଅଗ୍ରାଧିକାର ଦେଇଥିବାରୁ ମୁଖ୍ୟ ବିଚାରପତି ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ନିଜର ଅଭିଜ୍ଞତା ବର୍ଣ୍ଣନା କରି ମୁଖ୍ୟ ବିଚାରପତି କହିଲେ, ଡିଜିଟାଲ କେସ୍ ରେକର୍ଡ ବିଚାରପତିମାନଙ୍କ ମାମଲା ପରିଚାଳନା ପାଇଁ ଅପେକ୍ଷାକୃତ ସହଜ ହୋଇଛି। ଯୁବ ଆଇନଜୀବୀମାନଙ୍କ ପାଇଁ ଡିଜିଟାଲ ଡିଭାଇସ୍‌ରେ ମାମଲାର ସଫ୍ଟ କପି ପ୍ରାପ୍ତ କରିବା ଇ-ମୋଡ୍‌ରେ ବହୁଭାବେ ଫଳପ୍ରଦ ହୋଇପାରୁଛି। ବିଶେଷକରି ଡିଜିଟାଇଜେଶନ୍, ଇ-ଫାଇଲିଂ ଏବଂ ପେପରଲେସ୍ କୋର୍ଟ ବ୍ୟବସ୍ଥା ଦ୍ୱାରା ନ୍ୟାୟ ପ୍ରଦାନ ପ୍ରକ୍ରିୟା ଅତ୍ୟନ୍ତ ପ୍ରଭାବଶାଳୀ ଓ ସହଜ ହୋଇପାରିଛି ବୋଲି ମୁଖ୍ୟ ବିଚାରପତି କହିଥିଲେ।

ହାଇକୋର୍ଟର ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଆଣ୍ଡ ଇନ୍‌ଫରମେଶନ୍ ଟେକ୍ନୋଲୋଜି କମିଟି ଅଧ୍ୟକ୍ଷ ତଥା ବିଚାରପତି ଶୁଭାଶିଷ ତାଳପତ୍ର କହିଲେ, ବିଚାର ବ୍ୟବସ୍ଥାରେ ବୈଷୟିକ ଜ୍ଞାନକୌଶଳର ଉପଯୋଗ ଦ୍ୱାରା ଆର୍ଥିକ ଦୁର୍ବଳ ଶ୍ରେଣୀର ଲୋକମାନେ ଉପକୃତ ହେବେ। ସାଧାରଣ ଲୋକଙ୍କ ନିକଟରେ ନ୍ୟାୟ ପହଞ୍ଚାଇବା ନିମନ୍ତେ ଓଡ଼ିଶା ଜୁଡ଼ିସିଆରି ବୈଷୟିକ ଜ୍ଞାନକୌଶଳକୁ ଉପଯୋଗ କରିଆସୁଛି।

ବିଚାରପତି ସଞ୍ଜିବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେବା ଅବସରରେ କହିଲେ, ପାଶ୍ଚାତ୍ୟ ଦେଶଗୁଡ଼ିକ ପେପରଲେସ୍ କୋର୍ଟ କାର୍ଯ୍ୟକ୍ଷମ କରିବା ପାଇଁ ସଂଘର୍ଷ କରୁଥିବାବେଳେ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ଉଦ୍ୟମ ଯୋଗୁ ଏହା ଜିଲାସ୍ତରରେ କାର୍ଯ୍ୟକ୍ଷମ ହୋଇପାରିଛି। କାର୍ଯ୍ୟକ୍ରମରେ ବିଚାରପତି ବି.ଆର୍. ଷଡ଼ଙ୍ଗୀ ଆଡ୍‌ଭୋକେଟ ଜେନେରାଲ ଅଶୋକ କୁମାର ପରିଜା, ଓଡ଼ିଶା କମ୍ପ୍ୟୁଟର ଆପ୍ଲିକେଶନ ସେଣ୍ଟରର ମୁଖ୍ୟ କାର୍ଯ୍ୟନିର୍ବାହୀଙ୍କ ସମେତ ହାଇକୋର୍ଟର ବିଚାରପତିମାନେ ଉପସ୍ଥିତ ଥିଲେ। ବିଭିନ୍ନ ଜିଲାକୋର୍ଟରୁ ଜିଲା ଜଜ୍ ଓ ବିଚାର ବିଭାଗୀୟ ଅଧିକାରୀମାନେ ଭର୍ଚୁଆଲ ମାଧ୍ୟମରେ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇଥିଲେ।

# ଏନ୍‌ଏଚ୍‌ଆର୍‌ସିରେ ଅଭିଯୋଗ ଦାଖଲ

## ଲୋୟର ସୁକତେଲ ପ୍ରକଳ୍ପ ପ୍ରଭାବିତ ଗ.ଡୁଙ୍ଗୁରିପାଲିରେ ବିଜୁଳି କାଟ୍, ପାଣି ଯୋଗାଣ ବନ୍ଦ ପ୍ରସଙ୍ଗ

ବଲାଙ୍ଗୀର, ୩।୭ (ବୀରେନ୍ଦ୍ର କୁମାର ଝାଙ୍କର)

ଲୋୟର ସୁକ୍‌ତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ଗ.ଡୁଙ୍ଗୁରିପାଲି ଗାଁରେ ବିସ୍ଥାପନ ପ୍ରକ୍ରିୟା ଜାରି ରହିଛି। ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇ ନ ଥିବାବେଳେ କିଛିଦିନ ତଳେ ପ୍ରଶାସନ ପକ୍ଷରୁ ଏହି ଗାଁରେ ବିଜୁଳି କାଟ୍ ଓ ପାନୀୟ ଜଳ ଯୋଗାଣ ବନ୍ଦ କରାଯାଇଥିବା ନେଇ ଗ୍ରାମବାସୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଥିଲେ। ଏହା ମାନବାଧିକାର ଉଲ୍ଲଂଘନ ବୋଲି ଅଭିଯୋଗ କରିଥିଲେ। ଏହି ଘଟଣାକୁ ନେଇ ମିଥ୍ୟା ମକଦ୍ଦମା ବିରୋଧୀ ଅଭିଯାନ, ଓଡ଼ିଶା ଏବଂ ଲୋକଶକ୍ତି ଅଭିଯାନ ପକ୍ଷରୁ ଜାତୀୟ ମାନବିକ ଅଧିକାର କମିଶନ(ଏନ୍‌ଏଚ୍‌ଆରସି)ଙ୍କ ନିକଟରେ ଅଭିଯୋଗ ହୋଇଥିବା ଜଣାପଡିଛି।

ବର୍ଷାଦିନେ ବିଜୁଳି ସଂଯୋଗ ଓ ପାନୀୟ ଜଳଯୋଗାଣ ବନ୍ଦ କରି ଦିଆଯିବା ଫଳରେ ଗ.ଡୁଙ୍ଗୁରିପାଲି ଗାଁର ଆବାଳବୃଦ୍ଧବନିତା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଅଦ୍ୟାବଧି ପ୍ରକଳ୍ପ ପ୍ରଭାବିତ ଅନେକ ଗାଁ ଲୋକଙ୍କୁ ସରକାରଙ୍କ ଦ୍ୱାରା ଘୋଷିତ କ୍ଷତିପୂରଣ ରାଶି ମିଳି ନ ଥିବା ଏବଂ ଉପଯୁକ୍ତ ଥଇଥାନ ହୋଇ ନ ଥିବାବେଳେ ପ୍ରଶାସନର ଏଭଳି ପଦକ୍ଷେପ ଅମାନବୀୟ ଓ ମାନବାଧିକାର ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି। ଇତିମଧ୍ୟରେ ୭୦୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଥିବା ଗ.ଡୁଙ୍ଗୁରିପାଲିର ସ୍କୁଲକୁ ଭାଙ୍ଗି ଦିଆଯାଇଛି। ଶିକ୍ଷାନୁଷ୍ଠାନର ସମସ୍ତ ଛାତ୍ରୀଛାତ୍ରଙ୍କ ସ୍କୁଲ ଟ୍ରାନ୍ସଫର୍ ସାର୍ଟିଫିକେଟ ସେମାନଙ୍କ ଅଭିଭାବକଙ୍କୁ ଜବରଦସ୍ତ ପ୍ରଦାନ କରାଯାଉଥିବା ଅଭିଯୋଗ ହେଉଛି। ବାସହରାମାନଙ୍କୁ ଘୋଷିତ କ୍ଷତିପୂରଣ ମିଳି ନ ଥିବା ଓ ବର୍ଷା ଦିନେ ବିସ୍ଥାପିତମାନେ କୁଆଡେ ଯିବେ ଯୋଜନା କରୁଥିବା ବେଳେ ହଠାତ୍ ଜିଲା ପ୍ରଶାସନର ବିଜୁଳି କାଟ୍ ଓ ପାନୀୟ ଜଳ ଯୋଗାଣ ବନ୍ଦ। ଘଟଣା ସମ୍ବିଧାନର ମୌଳିକ ଅଧିକାର ଧାରା-୨୧ର ସ୍ପଷ୍ଟ ଉଲ୍ଲଂଘନ ବୋଲି ଅଭିଯୋଗ କରାଯାଇଛି। ମିଥ୍ୟା

### ମାନବାଧିକାର ଉଲ୍ଲଂଘନ, ପ୍ରତି ପରିବାରକୁ ୧୦ ହଜାର କ୍ଷତିପୂରଣ ଦାବି

ମକଦ୍ଦମା ବିରୋଧୀ ଅଭିଯାନର ରାଜ୍ୟ ଆବାହକ ତଥା ସାମାଜିକ କର୍ମୀ ନରେନ୍ଦ୍ର ମହାନ୍ତି ରବିବାର ଜାତୀୟ ମାନବାଧିକାର କମିଶନଙ୍କ ପୋର୍ଟାଲ ଜରିଆରେ ଏହି ଅଭିଯୋଗ କରିଛନ୍ତି। ମାନବାଧିକାର ଉଲ୍ଲଂଘନର ଶିକାର ହୋଇଥିବା ଗ.ଡୁଙ୍ଗୁରିପାଲି ଗ୍ରାମବାସୀଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ସେ ନିବେଦନ କରିଛନ୍ତି। ଅବିଳମ୍ବେ ଗ୍ରାମକୁ ବିଜୁଳି ସଂଯୋଗ ଓ ପାନୀୟ ଜଳ ଯୋଗାଣ କରିବା, ରାଜ୍ୟ ତଥା ଜିଲା ପ୍ରଶାସନର ଏଭଳି ଅମାନବୀୟ କାର୍ଯ୍ୟ ତଥା ମାନବାଧିକାର ଉଲ୍ଲଂଘନ ଯୋଗୁ ପ୍ରତ୍ୟେକ ପରିବାରକୁ ୧୦ ହଜାର ଟଙ୍କା ଲେଖାଏ କ୍ଷତିପୂରଣ ରାଶି ପାଇଁ ନିର୍ଦ୍ଦେଶ ଦେବା ଏବଂ ବିସ୍ଥାପନ କରିବା ପୂର୍ବରୁ ସମସ୍ତ ବିସ୍ଥାପିତଙ୍କୁ ଘୋଷିତ କ୍ଷତିପୂରଣ ଓ ପୁନର୍ବାସ ଯୋଜନାରେ ଥଇଥାନ କାର୍ଯ୍ୟ ତଦାରଖ ତଥା ନିଶ୍ଚିତ କରିବା ଦିଗରେ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବାକୁ ଅନୁରୋଧ କରିଛନ୍ତି। ଏହି ପିଟିଶନରେ ସେ ରାଜ୍ୟ ମୁଖ୍ୟ ଶାସନ ସଚିବ ଓ ବଲାଙ୍ଗୀର ଜିଲାପାଳଙ୍କୁ ପକ୍ଷଭୁକ୍ତ କରିଥିବା ସୂଚନା ଦେଇଛନ୍ତି। ଏହି ଅଭିଯୋଗ ଜାତୀୟ ମାନବାଧିକାର କମିଶନଙ୍କ ପୋର୍ଟାଲର ଡାଏରୀ ସଂଖ୍ୟା ୧୦୭୫୦/ଆଇଏନ୍/୨୦୨୩ ଦ୍ୱାରା ପଞ୍ଜୀକୃତ ହୋଇଥିବା ସୂଚନା ଦେଇଛନ୍ତି। ସେହିପରି ସୁକ୍‌ତେଲ ବୁଡ଼ି ଅଞ୍ଚଳବାସୀଙ୍କ ଉପରୋକ୍ତ ସମସ୍ୟାକୁ ନେଇ ଲୋକଶକ୍ତି ଅଭିଯାନ ସଭାପତି ତଥା ସାମାଜିକ କାର୍ଯ୍ୟକର୍ତ୍ତା ପ୍ରଫୁଲ୍ଲ ସାମନ୍ତରା ମଧ୍ୟ ଜାତୀୟ ମାନବିକ ଅଧିକାର କମିଶନ, ମୁଖ୍ୟମନ୍ତ୍ରୀ ଏବଂ ବଲାଙ୍ଗୀର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିବା ଜଣାପଡିଛି। ବର୍ଷାଦିନରେ ଲୋକଙ୍କୁ ବିସ୍ଥାପିତ ନ କରିବା ଏବଂ ସେମାନଙ୍କ ବିଜୁଳି ଓ ପାଣି ବନ୍ଦ ନ କରିବାକୁ ସେ ଚିଠି ଲେଖିଥିବା ଜଣାପଡିଛି।


अखिल भारतीय आयुर्विज्ञान संस्थान (एम्स), भुवनेश्वर
**ALL INDIA INSTITUTE OF MEDICAL SCIENCES (AIIMS), BHUBANESWAR**
सिजुवा, पोस्ट : डुमुडुमा, भुवनेश्वर -751019
Sijua, Post-Dumuduma, Bhubaneswar-751019

NO.AIIMS.BBSR/RECT/2023/990/B&C/1583 — Dated: 1st July 2023

**VACANCY NOTICE**

Online applications are being invited for various Group 'B' & 'C' Non-Faculty posts on **Regular basis** in All India Institute of Medical Sciences, Bhubaneswar, Odisha.

| Post Code | Name of the Post | Group | Pay Level (7th CPC) | Total | SC | ST | OBC | EWS | UR | Ex-Servicemen (ESM) |
|---|---|---|---|---|---|---|---|---|---|---|
| 1 | Assistant Administrative Officer | B | Level-7 | 1 | 0 | 0 | 0 | 0 | 1 | - |
| 2 | Assistant Engineer (A/C&R) | B | Level-7 | 1 | 0 | 0 | 0 | 0 | 1 | - |
| 3 | Assistant Engineer (Civil) | B | Level-7 | 3 | 1 | 0 | 1 | 0 | 1 | - |
| 4 | Chief Cashier | B | Level-7 | 1 | 0 | 0 | 0 | 0 | 1 | - |
| 5 | CSSD Technician | B | Level-6 | 3 | 0 | 0 | 1 | 0 | 2 | - |
| 6 | Dietician | B | Level-7 | 8 | 0 | 0 | 3 | 1 | 4 | - |
| 7 | Gas Officer | B | Level-7 | 1 | 0 | 0 | 0 | 0 | 1 | - |
| 8 | Health Educator (Social Psychologist) | B | Level-6 | 1 | 0 | 0 | 0 | 0 | 1 | - |
| 9 | Junior Accounts Officer (Accountant) | B | Level-6 | 2 | 0 | 0 | 0 | 0 | 2 | - |
| 10 | Junior Administrative Officer | B | Level-6 | 6 | 2 | 1 | 1 | 1 | 1 | - |
| 11 | Warden (Hostel Warden) **(Reserved for women candidates only)** | B | Level-6 | 2 | 0 | 0 | 1 | 0 | 1 | - |
| 12 | Librarian Grade-III | B | Level-6 | 3 | 0 | 0 | 1 | 0 | 2 | - |
| 13 | Medical Record Officer | B | Level-6 | 3 | 0 | 0 | 1 | 0 | 2 | - |
| 14 | Medical Social Service Officer Grade-I | B | Level-7 | 9 | 2 | 1 | 3 | 1 | 2 | - |
| 15 | Medico Social Worker | B | Level-7 | 3 | 0 | 0 | 0 | 0 | 3 | - |
| 16 | Multi-Rehabilitation Worker (Physiotherapist) | B | Level-6 | 4 | 0 | 0 | 1 | 0 | 3 | - |
| 17 | Personal Assistant | B | Level-6 | 4 | 0 | 0 | 1 | 0 | 3 | - |
| 18 | Private Secretary | B | Level-7 | 5 | 0 | 0 | 1 | 0 | 4 | - |
| 19 | Programmer (Data Processing Assistant) | B | Level-7 | 2 | 0 | 0 | 0 | 0 | 2 | - |
| 20 | Psychiatric Social Worker | B | Level-7 | 3 | 0 | 0 | 1 | 0 | 2 | - |
| 21 | Public Health Nurse | B | Level-8 | 1 | 0 | 0 | 0 | 0 | 1 | - |
| 22 | Radiographic Technician Grade-I | B | Level-6 | 6 | 1 | 1 | 1 | 0 | 3 | - |
| 23 | Radio Therapy Technician Grade-II | B | Level-6 | 1 | 0 | 0 | 0 | 0 | 1 | - |
| 24 | Senior Hindi Officer | B | Level-7 | 1 | 0 | 0 | 0 | 0 | 1 | - |
| 25 | Senior Nursing Officer | B | Level-8 | 91 | 15 | 7 | 24 | 10 | 35 | - |
| 26 | Store Keeper | B | Level-6 | 10 | 2 | 1 | 2 | 1 | 4 | - |
| 27 | TB & Chest Diseases Health Assistant | B | Level-6 | 1 | 0 | 0 | 0 | 0 | 1 | - |
| 28 | Technical Officer (Dental) (Dental Technician) | B | Level-6 | 3 | 0 | 0 | 1 | 0 | 2 | - |
| 29 | Technical Officer (Opthal) (Refractionist) | B | Level-6 | 1 | 0 | 0 | 0 | 0 | 1 | - |
| 30 | Technical Officer (Technical Supervisor) **for Medical Lab Technology** | B | Level-7 | 3 | 0 | 0 | 1 | 0 | 2 | -- |
| 31 | Technical Officer (Technical Supervisor) **for Operation Theatre/Anaesthesia** | B | Level-7 | 2 | 1 | 0 | 0 | 0 | 1 | - |
| 32 | Vocational Counsellor | B | Level-7 | 1 | 0 | 0 | 0 | 0 | 1 | - |
| 33 | Artist (Modellar) | C | Level-5 | 14 | 2 | 3 | 1 | 1 | 7 | - |
| 34 | Assistant Laundry Supervisor | C | Level-4 | 4 | 0 | 0 | 0 | 0 | 4 | - |
| 35 | Cashier | C | Level-4 | 13 | 2 | 2 | 1 | 1 | 7 | ESM-01 |
| 36 | Coding Clerk | C | Level-2 | 1 | 0 | 0 | 0 | 0 | 1 | - |
| 37 | Dark Room Assistant Grade-II | C | Level-4 | 5 | 0 | 1 | 0 | 0 | 4 | ESM-01 |
| 38 | Data Entry Operator Grade - A | C | Level-4 | 2 | 0 | 0 | 0 | 0 | 2 | - |
| 39 | Dispensing Attendant | C | Level-4 | 4 | 0 | 0 | 0 | 0 | 4 | ESM-01 |
| 40 | Dissection Hall Attendant | C | Level-2 | 8 | 1 | 1 | 0 | 0 | 6 | - |
| 41 | Driver (Ordinary Grade) | C | Level-2 | 17 | 2 | 3 | 2 | 1 | 9 | ESM-02 |
| 42 | Electrician | C | Level-4 | 6 | 0 | 1 | 0 | 0 | 5 | ESM-01 |
| 43 | Gas Mechanic | C | Level-4 | 1 | 0 | 0 | 0 | 0 | 1 | - |
| 44 | Hospital Attendant Grade-III, Nursing Orderly | C | Level-1 | 106 | 16 | 23 | 12 | 10 | 45 | ESM-16 |
| 45 | Junior Administrative Assistant | C | Level-2 | 32 | 5 | 7 | 3 | 3 | 14 | ESM-03 |
| 46 | Junior Medical Record Officer | C | Level-5 | 1 | 0 | 0 | 0 | 0 | 1 | - |
| 47 | Junior Warden (House Keepers) | C | Level-2 | 10 | 1 | 1 | 1 | 1 | 6 | ESM-01 |
| 48 | Lab Attendant Grade - II | C | Level-2 | 41 | 6 | 9 | 4 | 4 | 18 | ESM-04 |
| 49 | Lab Technician | C | Level-5 | 1 | 0 | 0 | 0 | 0 | 1 | - |
| 50 | Library Attendant Grade-II | C | Level-3 | 3 | 0 | 0 | 0 | 0 | 3 | ESM-01 |
| 51 | Lineman (Electrical) | C | Level-2 | 2 | 0 | 0 | 0 | 0 | 2 | - |
| 52 | Manifold Technician (Gas Steward) | C | Level-5 | 4 | 0 | 0 | 0 | 0 | 4 | - |
| 53 | Manifold Room Attendant | C | Level-2 | 1 | 0 | 0 | 0 | 0 | 1 | - |
| 54 | Mechanic (Air Conditioning & Refrigeration) | C | Level-2 | 6 | 0 | 1 | 0 | 0 | 5 | - |
| 55 | Mechanic (E&M) | C | Level-2 | 4 | 0 | 0 | 0 | 0 | 4 | - |
| 56 | Medical Record Technician (Record Clerk) | C | Level-4 | 38 | 5 | 7 | 4 | 3 | 19 | ESM-04 |
| 57 | Office Attendant Grade-II | C | Level-1 | 32 | 5 | 6 | 3 | 3 | 15 | ESM-03 |
| 58 | Operator (E & M) / Lift Operator | C | Level-2 | 12 | 2 | 3 | 1 | 1 | 5 | ESM-01 |
| 59 | Pharma Chemist / Chemical Examiner | C | Level-5 | 1 | 0 | 0 | 0 | 0 | 1 | - |
| 60 | Pharmacist Grade-II | C | Level-5 | 27 | 4 | 5 | 3 | 2 | 13 | ESM-03 |
| 61 | Plumber | C | Level-2 | 15 | 2 | 3 | 1 | 1 | 8 | ESM-02 |
| 62 | Pump Mechanic | C | Level-4 | 1 | 0 | 0 | 0 | 0 | 1 | - |
| 63 | Receptionist | C | Level-5 | 4 | 0 | 1 | 0 | 0 | 3 | - |
| 64 | Sanitary Inspector Grade-II | C | Level-5 | 18 | 2 | 3 | 2 | 1 | 10 | - |
| 65 | Security Cum Fire Jamadar | C | Level-4 | 1 | 0 | 0 | 0 | 0 | 1 | - |
| 66 | Senior Administrative Assistant | C | Level-4 | 3 | 0 | 0 | 0 | 0 | 3 | - |
| 67 | Social Worker | C | Level-4 | 2 | 0 | 0 | 0 | 0 | 2 | - |
| 68 | Stenographer | C | Level-4 | 34 | 5 | 7 | 4 | 3 | 15 | ESM-03 |
| 69 | Store Keeper-cum-Clerk | C | Level-2 | 85 | 13 | 18 | 10 | 8 | 36 | ESM-09 |
| 70 | Stores Attendant Grade-II | C | Level-1 | 8 | 1 | 2 | 1 | 1 | 3 | - |
| 71 | Tailor Grade-III | C | Level-1 | 2 | 0 | 0 | 0 | 0 | 2 | |
| 72 | Wireman | C | Level-2 | 20 | 3 | 4 | 2 | 2 | 9 | ESM-02 |
| | **Total** | | | 775 | 101 | 122 | 100 | 60 | 392 | - |

For details regarding the essential educational qualifications, eligibility criteria and other terms & conditions, please visit the institute website **https://aiimsbhubaneswar.nic.in**

**Sd/-**
**Executive Director**
**AIIMS, Bhubaneswar**

## ସଂକ୍ଷେପରେ

### ରୋଟାରୀ କ୍ଲବ ପକ୍ଷରୁ ଅନ୍ନପୂର୍ଣ୍ଣା ଦିବସ ପାଳିତ

ଯାଜପୁରରୋଡ଼, ୩।୭(ପବିତ୍ର ମହାନ୍ତି): ରୋଟାରୀ କ୍ଲବ କଳିଙ୍ଗନଗର ପକ୍ଷରୁ ସ୍ଥାନୀୟ ବ୍ୟାସ ସରୋବରସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ରବିବାର ଅନ୍ନପୂର୍ଣ୍ଣା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ରୋଟାରୀ କ୍ଲବର ନୂତନ ସଭାପତି ପ୍ରଶାନ୍ତ କୁମାର ପରିଡ଼ା, ସମ୍ପାଦକ ମନୋଜ କୁମାର ବାରିକ, କାର୍ଯ୍ୟନିର୍ବାହୀ ସମ୍ପାଦକ ସୁଦୀପ କୁମାର ମିଶ୍ରଙ୍କ ସମେତ କ୍ଲବର କର୍ମକର୍ତ୍ତା ଓ ସଭ୍ୟମାନେ ଅଂଶ ଗ୍ରହଣ କରି ସ୍ଥାନୀୟ ଜଗନ୍ନାଥ ସାହି ଓ ପାର୍ଶ୍ୱବର୍ତ୍ତୀ ସାହିର ଅସହାୟ ଏବଂ ଦରିଦ୍ର ଲୋକମାନଙ୍କୁ ଖାଦ୍ୟ ବଣ୍ଟନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ କ୍ଲବର ପ୍ରାକ୍ତନ ସଭାପତି ଅକ୍ଷୟ କୁମାର ପତି, ଆଡ଼ଭୋକେଟ ଲୋକନାଥ ରାଉତ, ପରମେଶ୍ୱର ଦାସ, ମହେନ୍ଦ୍ର କୁମାର ପଣ୍ଡା, ଦୀନେଶ କୁମାର ସାହୁ, ଶିବାନନ୍ଦ ନାୟକ ସମେତ କମଳ ଲୋଚନ ସାହୁ, ସୂର୍ଯ୍ୟକାନ୍ତ ବିଶ୍ୱାଳ, ଗୋପୀନାଥ ସାହୁ, ଅଚ୍ୟୁତାନନ୍ଦ ମହାନ୍ତି, କୈଳାସ ଚନ୍ଦ୍ର ସାହୁ ଏବଂ ଯୁଧିଷ୍ଠିର ଭୋଇ ପ୍ରମୁଖ ଅଂଶଗ୍ରହଣ କରିଥିଲେ ।

### ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି

କାଳିଆପାଣି,୩।୭(ଅସିତ ମହାନ୍ତ): ଗତ କିଛିଦିନ ହେବ ପନିପରିବା ଦର ଆକାଶଛୁଆଁ ହୋଇଛି । ଏହା ଶ୍ରାବଣ ମାସ ଆରମ୍ଭରୁ ଖାଉଟିଙ୍କ ଚିନ୍ତା ବଢ଼ିଛି । ଆଳୁ ,ପିଆଜ ,ରସୁଣ ଦର ସାମାନ୍ୟ ବୃଦ୍ଧି ହୋଇଥିବା ବେଳେ ଅଦା କେଜି ପ୍ରତି ୩ଶହ ଟଙ୍କାରେ ବିକ୍ରି ହେଉଛି । ହେଲେ ଅନ୍ୟାନ୍ୟ ପରିବା ଦର ୪ରୁ ୬ ଗୁଣ ବଢ଼ିଛି । ବିଲାତି କେଜି ପ୍ରତି ୧୨୦ ଟଙ୍କା , ବାଇଗଣ - ୮୦, ପୋଟଳ - ୧୦୦ , କାଙ୍କଡ-୧୦୦, ଝୁଡ଼ଙ୍ଗ -୧୦୦ , ଭେଣ୍ଡି- ୯୦ , ସାରୁ - ୬୦ ଟଙ୍କା, ପୋଇ-୫୦ ଟଙ୍କା, କାକୁଡ଼ି- ୬୦ ଟଙ୍କା , କଞ୍ଚାଲଙ୍କା - ୩୦୦ ଟଙ୍କା , କଦଳୀ ଦର୍ଜନ- ୧୨୦ ଟଙ୍କା , ଜହ୍ନି - ୯୦ ଟଙ୍କାରେ ବିକ୍ରି ହେଉଛି । ଶୀତଳ ଭଣ୍ଡାରରେ ରହିଥିବା ଗାଜର- ୬୦ ଟଙ୍କା, ବିଟ- ୭୦, ବନ୍ଧାକୋବି ୪୦, ଫୁଲକୋବି ୫୦ ଟଙ୍କା ରେ ବିକ୍ରି ହେଉଛି। ଋତୁ ପରିବର୍ତ୍ତନ ହେଉଥିବା ବେଳେ ପନିପରିବା ଉତ୍ପାଦନ କମିଛି । ଅନ୍ୟପକ୍ଷେ ଖାଉଟିମାନେ ଶ୍ରାବଣ ମାସରେ ଆମିଷ ଖାଇବା ବନ୍ଦ କରିଥିବାରୁ ବ୍ୟବସାୟୀମାନେ ଏହାର ଫାଇଦା ନେବାକୁ ବସିଛନ୍ତି ।

### ବ୍ୟାସନଗର କଲେଜରେ ଗୁରୁ ପୂର୍ଣ୍ଣିମା

ଯାଜପୁରରୋଡ଼, ୩।୭(ପବିତ୍ର ମହାନ୍ତି ): ବ୍ୟାସନଗର ପୌର ପରିଷଦ ଧଳଗିରିସ୍ଥିତ ବ୍ୟାସନଗର ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ସୋମବାର ପବିତ୍ର ଗୁରୁ ପୂର୍ଣ୍ଣିମା ପାଳିତ ହୋଇଯାଇଛି । ଏହି ଅବସରରେ ମହାବିଦ୍ୟାଳୟ ପରିସରରେ ଥିବା ମହର୍ଷି ବ୍ୟାସଦେବଙ୍କ ପୂଜା ପାଠ ଯଜ୍ଞ ଅନୁଷ୍ଠିତ ହୋଇଥିଲା । ପ୍ରତିମୂର୍ତ୍ତିରେ ଅଧ୍ୟକ୍ଷ ଉପେନ୍ଦ୍ର ସ୍ୱାଇଁ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ମହର୍ଷି ବ୍ୟାସ ଭାରତ ବର୍ଷର ଜଣେ ମହାନ ଗୁରୁ ଥିଲେ ଓ ସେ ମହାଭାରତ ରଚନା କରିଥିଲେ ବୋଲି ଉପସ୍ଥିତ ଛାତ୍ରୀଛାତ୍ରମାନଙ୍କ ଉଦ୍ଦେଶ୍ୟରେ ବକ୍ତବ୍ୟ ରଖିଥିଲେ । ମହାବିଦ୍ୟାଳୟ ଉତ୍ସବ ପାଳନ କମିଟି ପକ୍ଷରୁ ଅଧ୍ୟାପକ ସନାତନ ଦାସ ଓ ଅଜୟ କୁମାର ପଣ୍ଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପ୍ରଧାପିକା ମମତା ସାମଲ, ପୁନପୁନ ଦାସ, ପ୍ରଭାତ ସ୍ୱାଇଁ, ଦିଲୀପ ରାଉତ, ରଞ୍ଜନ ସାହୁ, ରଞ୍ଜିତ ପହି, ପୂର୍ଣ୍ଣ ଚନ୍ଦ୍ର ସ୍ୱାଇଁ, ରମେଶ ଚନ୍ଦ୍ର ବେହେରା, ପୁଷ୍ପଲତା ରାଉତ, ଶଶୀକାନ୍ତ ଲେଙ୍କା, ରବିନ୍ଦ୍ର ରାଉତ, ଖଗେଶ୍ୱର ପୃଷ୍ଟି ଓ ସୁବାସ ମୁଖି ପ୍ରମୁଖ ଉପସ୍ଥିତ ଥିଲେ ।

# ମୋରମ ଲୁଟ୍ ମାମଲାରେ ୨୧ ଲକ୍ଷ ଟଙ୍କା ଜରିମାନା

କଳିଙ୍ଗନଗର,୩।୭(ଶୁଭାଶିଷ ରାଉତ)

ଯାଜପୁର ଜିଲା କଳିଙ୍ଗନଗର ଶିଳ୍ପାଞ୍ଚଳର ମାଣତିରା ମୌଜାରେ ଟାଟା ରେଳପଥଠାରୁ ନ୍ୟୁ ଭିସ୍ତା ସିମେଣ୍ଟ କାରଖାନା ପର୍ଯ୍ୟନ୍ତ ନୂତନ ରେଳପଥ ସଂଯୋଗ କାର୍ଯ୍ୟ ଜାରି ରହିଛି । ଏହି ରେଳ ପଥରୁ ବାହାରୁଥିବା ମୋରମକୁ ଯୋଜନାବଦ୍ଧ ଭାବେ ଲୁଟ୍ କରାଯାଉଥିବା ଅଭିଯୋଗ ହେବା ପରେ ଦାନଗଦୀ ତହସିଲ ପକ୍ଷରୁ ଲୁଟ ସମ୍ପର୍କରେ ଅନୁସନ୍ଧାନ ପାଇଁ ତତ୍ପରତା ପ୍ରକାଶ ପାଇଥିଲା । ମୋରମ ଖନନ କରୁଥିବା ଠିକା ସଂସ୍ଥା ପିକାସୋନା ଏଣ୍ଟରପ୍ରାଇଜର୍ସ ବେଆଇନ ଭାବେ ୧୦୪୦ କ୍ୟୁବିକ ମିଟର ମୋରମ ଲୁଟ କରିଥିବା ରାଜସ୍ୱ ବିଭାଗର ସରଜମିନ ତଦନ୍ତ ବେଳେ ଜଣାପଡିଥିଲା । ଏକ ରାସ୍ତା ନିର୍ମାଣ ପାଇଁ ଲୁଟ ମୋରମର ବ୍ୟବହାର ହୋଇଥିଲା । ରାସ୍ତାରେ ପଡିଥିବା ମୋରମର ଆକଳନ କରାଯାଇ ତହସିଲ କାର୍ଯ୍ୟାଳୟ ପକ୍ଷରୁ



ରାସ୍ତା କଡ଼ରେ ଗଦା ହୋଇଥିବା ମୋରମ୍

ସମ୍ପୃକ୍ତ ସଂସ୍ଥାକୁ ଗତ ୧।୭।୨୩ରେ ଚିଠି ନମ୍ବର-୧୬୦୪ରେ ମୋଟ ୨୦ ଲକ୍ଷ ୯୩ ହଜାର ୫୪୦ଟଙ୍କା ଜରିମାନା କରାଯାଇଛି ।

ଅଭିଯୋଗ ମୁତାବକ ଦାନଗଦୀ ତହସିଲର କେତେଜଣ ଅସାଧୁ କର୍ମଚାରୀ, ସ୍ଥାନୀୟ ରାଜସ୍ୱ କାର୍ଯ୍ୟାଳୟ ଓ ପୋଲିସ ସହଯୋଗରେ ଗଚ୍ଛିତ ଥିବା ମୋରମରୁ ନିୟମିତ ଭାବେ ଲୁଟ ଚାଲିଥିଲା । ରେଳପଥରୁ ମୋରମ ଆସି ଗଚ୍ଛିତ ରହୁଥିବା ସ୍ଥାନରୁ ଅତି ଗୋପନରେ ଲୁଟ୍ କରାଯାଉଥିଲା । ଏହି କାରବାରରେ ମୋଟା ଅଙ୍କର ବଟି କାରବାର ହେଉଥିବା ଅଭିଯୋଗ ହୋଇ ଆସୁଥିଲା । ବ୍ୟବସାୟୀ ଗୋଷ୍ଠୀ ପ୍ରଶାସନର ବାହୁଛାୟା ତଳେ ରହି ମୋରମ ଚୋରା ଚାଲାଣ କରୁଥିବା ବେଳେ ସେଠାରେ ଏକ ବାଇପାସ୍ ସଡ଼କ ନିର୍ମାଣରେ ଚୋରା ମୋରମ ବ୍ୟବହାର କରିବା ପରେ ମୋରମ ଲୁଟର ଖିଅ ପଦାକୁ ଆସିଥିଲା ।

ଏ ସମ୍ପର୍କରେ ନ୍ୟୁଭିସ୍ତା ସିମେଣ୍ଟ କାରଖାନାର ଜଣେ ଅଧିକାରୀଙ୍କୁ ପଚାରିବାରେ ତାଙ୍କ ସଂସ୍ଥାର ଏହି ଘଟଣା ଓ ଜରିମାନାରେ କୌଣସି ସମ୍ପୃକ୍ତି ନ ଥିବା କହିଛନ୍ତି । ଜରିମାନା ସମ୍ପର୍କରେ ଦାନଗଦୀ ତହସିଲଦାର ଦାୟିତ୍ୱରେ ଥିବା ନାରାୟଣ ଚନ୍ଦ୍ର ଦୀକ୍ଷିତଙ୍କୁ ପଚାରିବାରୁ ରାସ୍ତା ପାଇଁ ମୋରମ ବ୍ୟବହାର କରିଥିବା ପିକାସୋନାକୁ ଜରିମାନା କରାଯାଇଛି । ଜରିମାନା ପୈଠ କରା ନ ଗଲେ ସମ୍ପୃକ୍ତ ସଂସ୍ଥା ଉପରେ ଆଇନଗତ କାର୍ଯ୍ୟନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି ।

# ନାବାଳିକା ଅପହରଣକୁ ମାସେ, କାର୍ଯ୍ୟାନୁଷ୍ଠାନ ଶୂନ୍

- ଏସ୍‌ପିଙ୍କ ନିକଟରେ ଗୁହାରି କଲେ ପରିବାର ଲୋକେ
- ସନ୍ଦେହରେ ମା'ବାପା, ଝିଅ ଜୀବିତ ନା ମୃତ

ଝୁମ୍ପୁରୀ,୩।୭(ଡି.ଏନ୍.ଏ.)

ଦଶରଥପୁର ବ୍ଲକ୍ କଟିକଟା ପଞ୍ଚାୟତ କଟିକଟା ଗ୍ରାମରେ ଜଣେ ନାବାଳିକାଙ୍କୁ ଅପହରଣ କରି ନିଆଯିବାର ମାସେ ପୂରିବାକୁ ବସିଛି । ହେଲେ ଏପର୍ଯ୍ୟନ୍ତ ଅପହରଣକାରୀ କିମ୍ବା ଅପହୃତା ନାବାଳିକାଙ୍କୁ ପୋଲିସ ଠାବ କରିପାରିନି । ଖାଲି ତଦନ୍ତ ଚାଲିଛି ବୋଲି କହି ପୋଲିସ ସମୟ ଗଡ଼ାଇ ଚାଲିଛି । ଆଉ ଏପଟେ ଅପହୃତା ନାବାଳିକାଙ୍କ ମାଆ ଅପହରଣ କରିଥିବା ବ୍ୟକ୍ତିଙ୍କ ନାମରେ ସିଧାସଳଖ ଲିଖିତ ଅଭିଯୋଗ କରିଥିଲେ ବି ପୋଲିସ ସେହି ବ୍ୟକ୍ତିଙ୍କୁ ଥାନାକୁ ଡାକି କେବଳ ହାଲକାଭାବେ ପଚରା ଉଚରା କରି ଛାଡ଼ି ଦେବା ଘଟଣା ସମସ୍ତଙ୍କୁ ଚକିତ କରିଛି । ପୋଲିସର ଏପରି ଟାଳଟୁଳ ତଦନ୍ତକୁ ନେଇ ନାବାଳିକାଙ୍କୁ ମା,ବାପା ଯାଜପୁର ଏସ୍‌ପିଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରୀ କରିଥିଲେ । ତଥାପି ଏପର୍ଯ୍ୟନ୍ତ ଅପହୃତା ଝିଅର ସନ୍ଧାନ ପୋଲିସ ପାଇନାହିଁ । ସେପଟେ ପୋଲିସ ଉପରୁ ମା'ବାପା ଆସ୍ଥା ହରାଇ ସେମାନଙ୍କ ଝିଅ ବର୍ତ୍ତମାନ ଜୀବିତ ନା ମୃତ ତାହା ସେମାନଙ୍କୁ ସନ୍ଦେହରେ ପକାଇଛି ବୋଲି କହିଛନ୍ତି ।

ଗତ ମେ' ୩୧ ତାରିଖ ରାତି ପ୍ରାୟ ୧୦ଟା ବେଳେ ସମ୍ପୃକ୍ତା ନାବାଳିକା ଘରୁ କିଛି ନଗଦ ଟଙ୍କା ଓ ସୁନା ନେଇ ସେହି ପଞ୍ଚାୟତ ବିହିପୁର ଗ୍ରାମର ଅଜୟ ରାଉତ ନାମକ ଜଣେ ବ୍ୟକ୍ତିଙ୍କ ସାଙ୍ଗରେ ସେ ଏକ କାରରେ କୁଆଡ଼େ ଚାଲିଯାଇଥିଲେ । ଏ କଥା ନାବାଳିକାଙ୍କ ମା' ଦେଖିଥିଲେ । ନାବାଳିକା ନ ଫେରିବାରୁ ପରିବାର ଲୋକେ ଥାନାରେ ଏତଲା ଦେଇଥିଲେ । ଏହାକୁ ଭିତ୍ତି କରି ଏକ ମାମଲା(ନଂ.୯୦/୨୩) ରୁଜୁ ହୋଇଛି । ନାବାଳିକା ଅପହରଣ ଘଟଣାରେ ପୋଲିସ ପୋକ୍‌ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ । ଏପରି କି ଅଜୟଙ୍କୁ ପୋଲିସ ଥାନାକୁ ଆଣି ଅତି ହାଲୁକାଭାବେ ପଚରାଉଚରା କରି ଛାଡ଼ି ଦେବା ଘଟଣା ବିବାଦ ସୃଷ୍ଟି କରିଛି ।

# ଖିଲାପି ଠିକାଦାରଙ୍କୁ ଘଣ୍ଟ ଘୋଡ଼ାଇବାକୁ ମସୁଧା

## ବନ୍ଧାଲୋ-ଏଣ୍ଡରପଦା ରାସ୍ତା ଅଧାପନ୍ତରିଆ

- ଫାଇନାଲ ବିଲ୍ କରିବାକୁ ଚକ୍ରାନ୍ତ

ଯାଜପୁର,୩।୭(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ବଡଚଣା ବ୍ଲକ ବନ୍ଧାଲୋଠାରୁ ଏଣ୍ଡରପଦା ପୂର୍ତ୍ତ ବିଭାଗ ରାସ୍ତାର ଉନ୍ନତୀକରଣ ପ୍ରକଳ୍ପ ୫ ବର୍ଷ ହେଲା ଅଧାପନ୍ତରିଆ ହୋଇ ପଡ଼ିରହିଛି । ଏଥିଯୋଗୁ ସମ୍ପୃକ୍ତ ଅଞ୍ଚଳବାସୀ ନାହିଁ ନ ଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଚାରଭାଟିଆ ପୂର୍ତ୍ତ ଡିଭିଜନ ପକ୍ଷରୁ ନିୟୋଜିତ ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର ରାଜୀବ ଲୋଚନ ସାହୁଙ୍କୁ ଏକାଧିକ ଥର ଏନେଇ କାରଣ ଦର୍ଶାଅ ନୋଟିସ ହୋଇଥିଲେ ହେଁ କିଛି ଫରକ ପଡୁନାହିଁ । ଏହିକ୍ରମରେ ସମ୍ପୃକ୍ତ ଠିକାଦାର ଅର୍ଥ ହରିଲୁଟ କରି ଫେରାର ହୋଇଯାଇଥିବା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି । ପୂର୍ତ୍ତ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ ଉପରୋକ୍ତ ରାସ୍ତାର ଉନ୍ନତୀକରଣ ପାଇଁ ୨୦୧୮-୧୯ ବର୍ଷରେ ପ୍ରାୟ ୪ କୋଟି ଟଙ୍କା ଅଟକଳ କରାଯାଇ ଠିକାଦାରଙ୍କ ସହ ଚୁକ୍ତି ହୋଇଥିଲା । ହେଲେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଏହି ରାସ୍ତା ନିର୍ମାଣ ହୋଇ ପାରିଲା ନାହିଁ । ତେଣୁ ଚାରଭାଟିଆ ପୂର୍ତ୍ତ ଡିଭିଜନ ପକ୍ଷରୁ ଠିକାଦାର ସାହୁଙ୍କୁ ଏକାଧିକ ନୋଟିସ ଜାରି କରାଯାଇଥିଲା । ଏହାପରେ ଠିକାଦାର ସାହୁ ୩୧।୧୨।୨୦୨୨ ସୁଦ୍ଧା ପ୍ରକଳ୍ପ କାର୍ଯ୍ୟ ଶେଷ ହେବ ବୋଲି ଲିଖିତ ଭାବେ ପ୍ରତିଶ୍ରୁତି ଦେଇଥିଲେ । କିନ୍ତୁ ୧୭ ଲକ୍ଷ ଟଙ୍କାର ଯେନତେନ



ପ୍ରକାରେ କାର୍ଯ୍ୟ କରି ବିଲ୍ ଉଠାଇ ନେବା ପରେ ପୁଣି ଠିକାଦାର ଜଣକ ଅଧାପନ୍ତରିଆ ଛାଡ଼ି ଦେଇଛନ୍ତି । ଏହି ପ୍ରକଳ୍ପରେ ବଜେଟ ଅନୁଯାୟୀ ନିର୍ଦ୍ଧାରିତ ପରିମାଣର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଇ ନ ଥିବାବେଳେ ସମ୍ପୃକ୍ତ ଯନ୍ତ୍ରୀ ଓ ଠିକାଦାର ବିପୁଳ ଅର୍ଥ ବାଟମାରଣା କରିଥିବା ଅଭିଯୋଗ ହୋଇଛି । ଏପରି କି ଯେଉଁ ଟିକକ କାମ ହୋଇଛି ତାହା ଏଷ୍ଟିମେଟ ଅନୁସାରେ ହୋଇ ନ ଥିବାରୁ ଖୁବ୍ କମ୍ ଦିନ ମଧ୍ୟରେ ଭାଙ୍ଗିଯିବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଏନେଇ ଅଞ୍ଚଳବାସୀ ଏକ ଉଚ୍ଚସ୍ତରୀୟ ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ତ୍ତ ବିଭାଗର ଚାରଭାଟିଆ ନିର୍ବାହୀ ଯନ୍ତ୍ରୀଙ୍କ ନିକଟରେ ଦାବି କରିଥିବା ସୂଚନା ମିଳିଛି । ଏହାପରେ ନିର୍ବାହୀ ଯନ୍ତ୍ରୀ ସମ୍ପୃକ୍ତ ଠିକାଦାରଙ୍କୁ ଡାକି ଫାଇନାଲ ବିଲ୍ କରି ଦେଇ ନିଜର ଦାୟିତ୍ୱ କେବଳ ସମ୍ପାଦନ କରିବାକୁ ଯାଉଥିବା ଚର୍ଚ୍ଚା ହେଉଛି । ଏଭଳି ଭାବେ ଜଣେ ଖିଲାପି ଠିକାଦାର ଏବଂ ଯନ୍ତ୍ରୀଙ୍କୁ ଘଣ୍ଟ ଘୋଡାଇବାକୁ ଉଦ୍ୟମ କରାଯାଉଥିବା ଅଭିଯୋଗ ହେଉଛି ।

# ଶିକ୍ଷକଙ୍କ ହାତରେ ସମାଜ ଶୃଙ୍ଖଳାର ଚାବିକାଠି

ବିଞ୍ଝାରପୁର,୩।୭(ରାମକୃଷ୍ଣ ଦାସ)

ଶୃଙ୍ଖଳିତ ସମାଜ ଗଠନର କର୍ଣ୍ଣଧାର ହେଉଛନ୍ତି ଶିକ୍ଷକ । ଶିକ୍ଷକ ବା ଗୁରୁ ସମାଜର ମଙ୍ଗଳ ପାଇଁ ନିଜର ଶିକ୍ଷା ଓ ଦୀକ୍ଷାକୁ ପ୍ରତିପାଦନ କରି ଯେଉଁ ଛାତ୍ରୀଛାତ୍ରମାନଙ୍କୁ ଗଢିଥାନ୍ତି ସେମାନେ ଉତ୍ତମ ସମାଜ ଗଠନ କରିବାରେ ନିଜକୁ ସାମିଲ କରିଥାନ୍ତି । ଶୃଙ୍ଖଳିତ ସମାଜ ଗଠନ ପାଇଁ ଶିକ୍ଷକଙ୍କର ତ୍ୟାଗପୁତ ଜୀବନ ସର୍ବଦା ଅବିସ୍ମରଣୀୟ ଓ ପ୍ରଶଂସନୀୟ । ଶୃଙ୍ଖଳିତ ସମାଜ ଗଠନ ପାଇଁ ଶିକ୍ଷକ ଛାତ୍ରୀଛାତ୍ରଙ୍କୁ ସୁଜ୍ଞାନ ପ୍ରଦାନ କରିଥାନ୍ତି ତେଣୁ ପ୍ରତ୍ୟେକ ଶିକ୍ଷକଙ୍କ ନିକଟରେ ସମାଜ ଶୃଙ୍ଖଳାର ଚାବିକାଠି ରହିଥାଏ ବୋଲି ସୋମବାର ବିଞ୍ଝାରପୁର ବ୍ଲକ ଅଧୀନ ଗୋଡିଡିହ ବାଛୋଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଧଳଙ୍କ ସମ୍ବର୍ଦ୍ଧନା ସଭାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶାମନ ବିଭାଗର ମନ୍ତ୍ରୀ ପ୍ରମିଳା ମଲିକ ମତବ୍ୟକ୍ତ କରିଛନ୍ତି । ଏହି ଅବସରରେ ବିଦ୍ୟାଳୟର ପରିସରରେ ଆୟୋଜିତ ସଭାରେ ସିଆରସିସି ବିଜୟ କୁମାର ରୟ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ମଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଶିକ୍ଷା ଅଧିକାରୀ ସୁବାସ ଚନ୍ଦ୍ର ବିଶ୍ୱାଳ, ସରପଞ୍ଚ କଳ୍ପନା ବେହେରା, ସମିତିସଭ୍ୟା ପଦ୍ମିନୀ ବେହେରା, ଶିକ୍ଷକ ସଂଘ ସଭାପତି ରବିନାରାୟଣ ମହାନ୍ତି, କ୍ଷୀରୋଦ ମଲ୍ଲିକ, ଶିକ୍ଷକ ଦେବେନ୍ଦ୍ର ନାୟକ, ଅକ୍ଷୟ ସେଠୀ ପ୍ରମୁଖ ଯୋଗଦେଇଥିଲେ । ଅତିଥିମାନେ ଅବସରପ୍ରାପ୍ତ ଶିକ୍ଷକ ଅକ୍ଷୟ କୁମାର ଧଳଙ୍କୁ ମାନପତ୍ର, ଉତ୍ତରୀୟ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିବା ସହିତ ତାଙ୍କର ତ୍ୟାଗପୁତ ଜୀବନ ଓ କର୍ତ୍ତବ୍ୟପରାୟଣତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସୁରେନ୍ଦ୍ର ସାହୁ, ପ୍ରମୋଦ ପଣ୍ଡା, ଅମର ବେହେରା,ଦୈତାରୀ ପୃଷ୍ଟି, ନିରନ ଦାସ, ଅସିତ୍ ଧଳ ପ୍ରମୁଖ ଉପସ୍ଥିତ ଥିଲେ ।

# ଅଧାପନା ସମାଜ ପାଇଁ ଆଲୋକବର୍ତ୍ତିକା ସଦୃଶ



ସମ୍ବର୍ଦ୍ଧିତ ହୋଇଥିବା ବ୍ୟକ୍ତିମାନେ ।

ରସୁଲପୁର,୩।୭(ରଞ୍ଜିତ ରାଉତ)

## ୟୁଏନ୍‌ଏସ୍ କଲେଜ ସମ୍ବର୍ଦ୍ଧନା ସଭା

ଅଧ୍ୟାପକମାନଙ୍କ ଅଧ୍ୟାପନା ବିଦ୍ୟାର୍ଥୀମାନଙ୍କୁ ମାର୍ଗଦର୍ଶନ କରିଥାଏ । ଯାହାକି ସମାଜ ପାଇଁ ଆଲୋକ ବର୍ତ୍ତିକା ସଦୃଶ ହୋଇଥାଏ । ଅଧ୍ୟାପକମାନଙ୍କ ଜୀବନରେ ଅବସର ଆସିଥାଏ । ମାତ୍ର ଅଧ୍ୟାପନା ହେଉଛିଚିରନ୍ତନ, ଶାଶ୍ୱତ । ଏହାକୁ ଅଧ୍ୟାପକମାନେ ଅସ୍ତ୍ର ଭାବେ ବ୍ୟବହାର କରି ଦେଶର ଭବିଷ୍ୟତ ପିଢ଼ିମାନଙ୍କୁ ମାର୍ଗଦର୍ଶନ କରିଥାଆନ୍ତି । ଏହି ପ୍ରକ୍ରିୟାରେ ଏକ ସୁସ୍ଥ ସମାଜ ଗଠନ ହେବାରେ ମୂଳଦୂଆ ସ୍ଥାପନ ହୋଇପାରିଥାଏ ବୋଲି ରସୁଲପୁର ବ୍ଲକ ଅନ୍ତର୍ଗତ ସର୍ବପୁରାତନ କଲେଜ ଉପେନ୍ଦ୍ରନାଥ ଶାରଦା ମହାବିଦ୍ୟାଳୟ(ୟୁଏନଏସ), ଖଇରାବାଦ-ମୁଗୁପାଳର ଅଧ୍ୟକ୍ଷ ସୁକାନ୍ତ ପାଣି, ପ୍ରଧ୍ୟାପକ ଅକ୍ଷୟ କୁମାର ସାହୁ, ଅଧ୍ୟକ୍ଷଙ୍କଙ୍କ ସହାୟକ ନାରାୟଣ ଚନ୍ଦ୍ର ମଲିକଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ମତ ପ୍ରକାଶ ପାଇଛି । ଷ୍ଟାଫ କାଉନସିଲର ସମ୍ପାଦକ ପ୍ରଦୀପ କୁମାର ପହିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ପ୍ରଧାପକ ସୁରେନ୍ଦ୍ର କୁଅଁର, ଅନ୍ୟତମ ଅତିଥି ଅଧ୍ୟାପକ ବିଶ୍ୱଜିତ୍ ଦାସ, ସିଦ୍ଧାର୍ଥ ଶଙ୍କର ରଥ, ସୁରେନ୍ଦ୍ର ପାତ୍ର, ରମେଶ ଚନ୍ଦ୍ର ଭୋଇ, କୃଷ୍ଣ ପାଢୀ, ଡ.ବିଧୁ ଭୂଷଣ ପଣ୍ଡା, ହେମନ୍ତ କୁମାର ରଣା, ରାଜା ମୁଦୁଲି, ବିନୋଦ ବିହାରୀ ଲେଙ୍କା, ଅମରେନ୍ଦ୍ର ସାହୁ, ଅମରେନ୍ଦ୍ର ମଲିକ, ଅଧ୍ୟାପିକା କାଦମ୍ବିନି ଦାସ, କାନ୍ତିବାଳା ପଣ୍ଡା, ଇନ୍ଦୁମତି ସାମଲ ପ୍ରମୁଖ ଯୋଗଦେଇ ବିଦାୟୀ ଅଧ୍ୟାପକ ଓ କର୍ମଚାରୀମାନଙ୍କ କାର୍ଯ୍ୟଦକ୍ଷତା, ଛାତ୍ର ବତ୍ସଳତା, କର୍ତ୍ତବ୍ୟ ପରାୟଣା, ଅନୁଷ୍ଠାନ ପ୍ରତି ରହିଥିବା ପ୍ରତିବଦ୍ଧତା ଭଳି କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଅଲୋକପାତ କରିଥିଲେ । ଅଧ୍ୟାପକ ପ୍ରଦୀପ କୁମାର ବଳ ସ୍ୱାଗତ ଭାଷଣ ଓ ଅତିଥିମାନଙ୍କର ପରିଚୟ ପ୍ରଦାନ କରିଥିବା ବେଳେ ଆସୋସିଏଶନର ସହ-ସମ୍ପାଦିକା ମମତା ବୋଇତାଇ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରଧାପକ ଲକ୍ଷ୍ମୀନାରାୟଣ କର କଲେଜର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ବେଳେ ବିଦାୟୀ ଅଧ୍ୟକ୍ଷଙ୍କ କାର୍ଯ୍ୟଦକ୍ଷତା, ସରଳତା, ସମୟାନୁବର୍ତ୍ତିତା ଗୁଣ ତାଙ୍କୁ ବିଶେଷ ପ୍ରଭାବିତ କରିଥିବା ସହ ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିବା ଦିଗରେ ବିଶେଷ ପ୍ରେରଣା ଯୋଗାଇ ବୋଲି ମତ ରଖିଥିଲେ । ବିଦ୍ୟାର୍ଥୀମାନେ ବିଦ୍ୟାୟୀ ଗୁରମାନଙ୍କୁ ପୂଜ୍ୟପୂଜାର ସମ୍ମାନ ପ୍ରଦାନ କରିଥିଲେ ।

# ୧୬ରେ ରାଜ୍ୟସ୍ତରୀୟ ମହାବିନାୟକ କବିତା ଉତ୍ସବ

ବଡ଼ଚଣା,୩।୭(ଦିଲୀପ ମହାନ୍ତି):

ଯାଜପୁର ଜିଲାର ଅଗ୍ରଣୀ ସାହିତ୍ୟ ପତ୍ରିକା ସାହିତ୍ୟ ଦର୍ପଣ ଓ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ଚଣ୍ଡିଖୋଲ ବିଜୁକଲ୍ୟାଣ ମଣ୍ଡପଠାରେ ଆସନ୍ତା ୧୬ ତାରିଖରେ ପଞ୍ଚମ ବାର୍ଷିକ ରାଜ୍ୟସ୍ତରୀୟ ମହାବିନାୟକ କବିତା ଉତ୍ସବ ଅନୁଷ୍ଠିତ ହେବ । ଏଥିରେ ଉଦ୍‌ଘାଟକ ଭାବେ ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ, ମୁଖ୍ୟଅତିଥିଭାବେ ପ୍ରଖ୍ୟାତ କବି ଓ ସ୍ତମ୍ଭକାର ହରପ୍ରସାଦ ଦାସ, କବି ମଧୁସୁଦନ ଦାସ, ଡ.ଦିଲୀପ ସ୍ୱାଇଁ, ଡ.ପ୍ରଜ୍ଞାପ୍ରବର୍ତ୍ତିକା ଦାସ ପ୍ରମୁଖ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବରେ ଅଧ୍ୟକ୍ଷତା କରିବେ ପତ୍ରିକାର ମୁଖ୍ୟ ସମ୍ପାଦକ ତ୍ରିଲୋଚନ ରାଉତ । ପୂର୍ବାହ୍ଣ ୧୦ଟାରେ କବି ରାଜକିଶୋର ପାଢୀଙ୍କ ଅଧ୍ୟକ୍ଷତାରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୪୦ଜଣ ନିମନ୍ତ୍ରିତ କବି ଯୋଗଦେଇ କବିତା ପାଠ କରିବେ । ଏହି ଅବସରରେ କବି ବିଦ୍ୟୁତଲତା ଦାସ, ନାଟ୍ୟକାର ବିଦ୍ଯୁଭୂଷଣ ପଣ୍ଡା, କବି ଅମ୍ରିତା ସିଂହ, ଗାଳ୍ପିକା ମିରୀନା ମହାନ୍ତି, ପୋଲିସ ଅଧିକାରୀ ସରୋଜ ସାହୁ, ସୁଧାଂଶୁ ଗନ୍ତାୟକ, ମେଶନ ଶିଶୁ ଯତ୍ନ କେନ୍ଦ୍ରର ପ୍ରତିଷ୍ଠାତା ପ୍ରଦ୍ୟୁମ୍ନ ପାତ୍ର, ମହାବୀର ପ୍ରତ୍ୟୁଷର ଗ୍ରୁପ ସଭାନେତ୍ରୀ ଦିପ୍ତୀରାଣୀ ବେହେରାଙ୍କୁ ସମ୍ମାନୀତ କରାଯିବ ବୋଲି ଅଭ୍ୟର୍ଥନା କମିଟି ସଭାପତି ନିରଞ୍ଜନ ସେନାପତି , ସମ୍ପାଦକ ସଞ୍ଜୟ କୁମାର ସ୍ୱାଇଁ, ସାହିତ୍ୟ ଦର୍ପଣ ସମ୍ପାଦକ ବିମଳ ପତି ପ୍ରେସ ବିବୃତି ଜଣାଇଛନ୍ତି ।

# ଲେଖିକା ସଂସଦ ପକ୍ଷରୁ ଚାରା ରୋପଣ

ଯାଜପୁରରୋଡ଼,୩।୭(ପବିତ୍ର ମହାନ୍ତି): ସ୍ଥାନୀୟ ବାଲ ବିକାଶ ପବ୍ଲିକ ସ୍କୁଲ ପରିସରରେ ଯାଜପୁର ଜିଲା ଲେଖିକା ସଂସଦ ତରଫରୁ ସଂସଦର ସଭାପତି ହିରଣ୍ୟମୟୀ ମହାନ୍ତିଙ୍କ ନେତୃତ୍ୱରେ ଏକ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବନ ମହୋତ୍ସବ ପାଳନ ଅବସରରେ ସ୍କୁଲର ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ସଂସଦର ସଦ୍ୟସମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ସଂସଦର ସମ୍ପାଦିକା ବ୍ରଜେଶ୍ୱରୀ ସିଂହ କହିଥିଲେ ବୃକ୍ଷ ହିଁ ଜୀବନ ଓ ବୃକ୍ଷ ରୋପଣ ପ୍ରତ୍ୟେକ ବ୍ୟକ୍ତିର ଏକ ଅଭ୍ୟାସରେ ପରିଣତ ହେବା ଉଚିତ । ସବୁଜ ପୃଥିବୀକୁ ସୁନ୍ଦର ବାସୋପଯୋଗୀ ରଖିବା ପାଇଁ ଏହାହିଁ ଏକମାତ୍ର ଉପାୟ ବୋଲି ବରିଷ୍ଠ ସଦ୍ୟସା କାଞ୍ଚନ ମଲ୍ଲ କହିଥିଲେ । ଅନୁଷ୍ଠାନର ଅଧ୍ୟକ୍ଷା ପ୍ରବୀଣା ମିଶ୍ର ଓ ସ୍କୁଲର ପ୍ରତିଷ୍ଠାତା ଆଦିତ୍ୟ କୁମାର ମିଶ୍ର ଏହା ଉପରେ ବ୍ୟକ୍ତବ୍ୟ ପ୍ରଦାନ କରିଥିଲେ ।

# ଉତ୍ତରପ୍ରତାପ ପଞ୍ଚାୟତରେ ବିଜେଡିର କର୍ମୀ ସମ୍ମିଳନୀ



ସଭାରେ ଯୋଗଦେଇଥିବା ବିଜେଡି କର୍ମୀ ।

କାଏମା,୩।୭(ଶିବପ୍ରସାଦ ମହାନ୍ତି)

ଧର୍ମଶାଳା ବ୍ଲକ ଉତ୍ତରପ୍ରତାପ ଗ୍ରାମ ପଞ୍ଚାୟତ ନରସିଂହପୁର ସ୍କୁଲ ପଡ଼ିଆରେ ବିଜୁ ଜନତା ଦଳ ପକ୍ଷରୁ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଛି । ଦଳୀୟ ନେତାମାନେ ପ୍ରଥମେ ପ୍ରଦୀପ ପ୍ରଜ୍ୱଳନ କରି ସଭାକାର୍ଯ୍ୟ ଆରମ୍ଭ କରିଥିଲେ । ଉକ୍ତ ପଞ୍ଚାୟତର ବିଜେଡି ସଭାପତି ସୁଧାଂଶୁ ଶେଖର ସାହୁ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଧର୍ମଶାଳା ବ୍ଲକ ସଭାପତି ଜଳଧର ମହାନ୍ତି ଯୋଗ ଦେଇଥିଲେ । ଧର୍ମଶାଳା ବିଧାୟକ ପ୍ରଣବ କୁମାରବଳବନ୍ତରାୟଙ୍କ ନିର୍ଦ୍ଦେଶ କ୍ରମେ ବ୍ଲକର ୫୪ ପଞ୍ଚାୟତରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେବ । ଉତ୍ତରପ୍ରତାପ ପଞ୍ଚାୟତରେ ଏହି କର୍ମୀ ସମ୍ମିଳନୀ ପ୍ରଥମେ ଆରମ୍ଭ ହୋଇଥିବା ଦଳ ପକ୍ଷରୁ ସୂଚନା ମିଳିଛି । ଏଥିରେ ପଞ୍ଚାୟତର ଶତାଧିକ ମହିଳା ଏବଂ ପୁରୁଷ ଯୋଗ ଦେଇଥିଲେ । ଅନୁଷ୍ଠିତ ସଭାରେ ବିଜୁ ଜନତା ଦଳରର ଛାତ୍ର ସଭାପତି କ୍ଷିତିଶ ନାୟକ, ଜଗଦାନନ୍ଦ ରାଉତ,ଗୌତମ ସାହୁ, ଜିଲା ସାଧାରଣ ସମ୍ପାଦକ ବିକାଶ ନାୟକ,ସରପଞ୍ଚ ନିମାଇଁ ମଲିକ,ସମିତି ସଭ୍ୟା ଖିରାବ୍ଧି ତନୟା ମଲିକ, ପୂର୍ବତନ ଜିଲା ପରିଷଦ ମମତା ଦଣ୍ଡପାଟଙ୍କ ସମେତ ଦଳର ବହୁ କର୍ମୀ ଉପସ୍ଥିତ ଥିଲେ । ରାଜ୍ୟ ସରକାରଙ୍କ ଉନ୍ନୟନ ମୂଳକ ଯୋଜନା ସମ୍ପର୍କରେ ଆଲୋଚନା ହେବା ସହ ଆଗକୁ କି ଭଳି ଦଳକୁ ଆହୁରି ମଜଭୁତ ହେବ ସେ ନେଇ ଭୋଟରମାନଙ୍କୁ ଅବଗତ କରାଯାଇଥିଲା ।

# ଏମ୍‌ଜିଏନ୍‌ଆରଇଜିଏସ୍, ପାନୀୟ ଜଳ ପ୍ରକଳ୍ପକୁ ନେଇ ହୋହଲ୍ଲା

ବିଞ୍ଝାରପୁର,୩।୭(ରାମକୃଷ୍ଣ ଦାସ)



ପଞ୍ଚାୟତ ସମିତି ବୈଠକରେ ମନ୍ତ୍ରୀ ପ୍ରମିଳା ମଲ୍ଲିକ ଓ ଅନ୍ୟମାନେ ।

## ବିଞ୍ଝାରପୁର ପଞ୍ଚାୟତ ସମିତି ବୈଠକ

ବିଞ୍ଝାରପୁର ପଞ୍ଚାୟତ ସମିତିର ୫ମ ସାଧାରଣ ବୈଠକ ସୋମବାର ପଞ୍ଚାୟତ ସମିତି ଅଧ୍ୟକ୍ଷା ରୀତା ଦାସଙ୍କ ସଭାପତିତ୍ୱରେ ଆନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ପ୍ରମିଳା ମଲିକ ଯୋଗଦେଇ ସରକାରୀ ଯୋଜନାର ସମୀକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଯାଜପୁର ଏମ୍‌ପି ଶର୍ମିଷ୍ଠା ସେଠୀ, ବ୍ଲକ ଉପାଧ୍ୟକ୍ଷ ସେକ୍ ଏରସାଦ, ବିଡିଓ ମିନତୀ ଜଗଦେବଙ୍କ ସହ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ । ବୈଠକରେ ବିଞ୍ଝାରପୁର ବ୍ଲକ ୨୯ ପଞ୍ଚାତର ସରପଞ୍ଚ ସମିତିସଭ୍ୟା,ସଭ୍ୟମାନେ ଯୋଗଦେଇ ଏମ୍‌ଜିଏନ୍‌ଆରଇଜିଏସ୍, ପାନୀୟଜଳ ଯୋଗାଣ ଓ ପରିମଳ, ସମନ୍ୱିତ ଶିଶୁ ବିକାଶ ଯୋଜନା, କୃଷି, ସ୍ୱାସ୍ଥ୍ୟ,ଶିକ୍ଷା , ସାଧାରଣ ବଣ୍ଟନ ଆଦି ବିଭୀନ୍ନ ବିଭାଗ ଉପରେ ସରଗରମ ଆଲୋଚନା ହୋଇଥିଲା । ବିଞ୍ଝାରପୁର ବ୍ଲକରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାର୍ଯ୍ୟ କରୁଥିବା ଶ୍ରମିକମାନଙ୍କୁ ଉପଯୁକ୍ତ ସମୟରେ ପାଉଣା ମିଳୁ ନ ଥିବା ଏବଂ ବିଭିନ୍ନ ପଞ୍ଚାୟତର ଜିଆରଏସ୍‌ମାନେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟରେ ଅସହଯୋଗ କରୁଥିବା କେତେଜଣ ସରପଞ୍ଚ ଓ ସମିତିସଭ୍ୟ ଅଭିଯୋଗ ଆଣିଥିଲେ । ଏଥିନେଇ ଗୃହରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯିବା ସହିତ ଲୋକଙ୍କୁ ଠିକ ସମୟରେ ଅର୍ଥ ପ୍ରଦାନ କରିବା ସହିତ କାର୍ଯ୍ୟରେ ଅବହେଳା କରୁଥିବା ଜିଆରଏସ୍ ମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ମନ୍ତ୍ରୀ ବ୍ଲକ ପ୍ରଶାସନକୁ ତାଗିଦ କରିଛନ୍ତି । ସେହିପରି ଏହି ବ୍ଲକରେ ମେଗା ପାନୀୟ ଜଳ ଯୋଗାଣ ପାଇଁ କାର୍ଯ୍ୟ କରୁଥିବା ସଂସ୍ଥା ପକ୍ଷରୁ ବିଭିନ୍ନ ଗ୍ରାମାଞ୍ଚଳରେ ରାସ୍ତାକୁ କଟାଯାଇ ପାଇପ ଲାଇନ ବିଛାଉ ଥିବାରୁ ଗ୍ରାମାଞ୍ଚଳ ରାସ୍ତାର ଅବସ୍ଥା ଶୋଚନୀୟ ହେଉଥିବା ସରପଞ୍ଚମାନେ ଅଭିଯୋଗ କରିଥିଲେ ।

## ସଂକ୍ଷେପରେ

### ଶୋଇଥିବା ବେଳେ ହାଇୱା ଚଢ଼ିଗଲା, ୨ ମହିଳା ଗୁରୁତର

**ରାଜନଗର, ୩।୭(ଭାସ୍କର ରାଉତରାୟ):** ତାଲଚୁଆ ମେରାଇନ ଥାନା ଅନ୍ତର୍ଗତ କୃଷ୍ଣନଗର ପଞ୍ଚାୟତ ବାଘୁଆ ଗାଁର ନଦୀ ପାଖ ରାସ୍ତାରେ ଏକ ଚିପ୍ସ ବୋଝେଇ ହାଇୱା ସୋମବାର ସକାଳ ୫ଟାରେ ଯାଉଥିବା ବେଳେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ହାଇୱା ଓଲଟି ପଡ଼ିବା ପରେ ରାସ୍ତା ପାଖରେ ଥିବା ଘରର କାନ୍ଥ ଭାଙ୍ଗି ଘର ଭିତରକୁ ପଶି ଯାଇଥିଲା। ଘରେ ସୁନୀଲ ଗିରିଙ୍କ ସ୍ତ୍ରୀ କଳ୍ପନା (୬୫) ଓ ବୋହୂ ମନୀସା (୨୫) ଶୋଇଥିବା ଅବସ୍ଥାରେ ହାଇୱାଟି ୨ ଜଣଙ୍କ ଉପରେ ଚଢ଼ି ଯାଇଥିଲା। ୨ ଜଣ ଯାକ ଜୋରରେ ଚିତ୍କାର କରିଥିଲେ। ସେମାନଙ୍କ ଚିତ୍କାର ଶୁଣି ପାଖ ପଡ଼ୋଶୀ ଓ ପରିବାର ଲୋକେ ପହଞ୍ଚି ୨ ମହିଳାଙ୍କୁ ହାଇୱା ତଳୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପ୍ରଥମେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେମାନଙ୍କ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ୨ ମହିଳାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଓ ହେଲପର ଫେରାର ହୋଇଯାଇଛନ୍ତି। ଖବରପାଇ ଆଇଆଇସି ଘଟଣାସ୍ଥଳରେ ପହଞ୍ଚି ଗାଡିଟିକୁ ଜବତ କରିବା ସହ ଘଟଣା ସମ୍ପର୍କରେ ପଚରା ଉଚାର କରୁଛନ୍ତି।

### ଡେରାବିଶରେ ବ୍ୟାପିଲା ଚକ୍ଷୁରୋଗ

**ଡେରାବିଶ, ୩।୭ (ବେବର୍ତ୍ତା ଅଜୟ ଦାସ):** ମୌସୁମୀଜନିତ ବର୍ଷା ନ ଥିବା ବେଳେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଡେରାବିଶ ବ୍ଲକ ଅଞ୍ଚଳର ଜନଜୀବନକୁ ଅସ୍ତବ୍ୟସ୍ତ କରୁଛି। ଏଭଳି ଏକ ପରିସ୍ଥିତିରେ ପ୍ରତ୍ୟେକ ଗ୍ରାମର ବିଭିନ୍ନ ପରିବାରରେ ଚକ୍ଷୁରୋଗ ସଂକ୍ରମଣ ପାଇଁ ସାଧାରଣରେ ଆତଙ୍କ ଖେଳିଯାଇଛି। ବିଭିନ୍ନ ଜନଗହଳି ସ୍ଥାନରେ ବହୁସଂଖ୍ୟାରେ ଲୋକ ଆଖିରେ କଳାଚଷମା ଓ ହଳଦୀରେ ବୁଡ଼ାଯାଇଥିବା କପଡ଼ା ହାତରେ ଧରି ବୁଲୁଥିବା ଦୃଶ୍ୟ ଦେଖିବାକୁ ମିଳିଛି। ଚକ୍ଷୁରୋଗ ସଂକ୍ରମଣ ବ୍ୟାପିବା ନେଇ ବିଭିନ୍ନ ଔଷଧ ଦୋକାନରେ ମଧ ଲୋକଙ୍କ ଭିଡ଼ ଲାଗିରହିଛି। ଏ ବିଷୟରେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରାଙ୍କୁ ପଚାରିବାରୁ ଗ୍ରୀଷ୍ମ ପ୍ରବାହ ଅତ୍ୟଧିକ ହେଉଥିବାରୁ ଏହାର ପ୍ରଭାବରେ ଚକ୍ଷୁରୋଗ ଆରମ୍ଭ ହୋଇଛି। ଏହା ଥଣ୍ଡା ଓ ସଂକ୍ରମଣଜନିତ ରୋଗ। ଏଥିରେ ଭୟଭୀତ ନ ହୋଇ ଜନଗହଳି ସ୍ଥାନ ସହ ସଂକ୍ରମିତ ବ୍ୟକ୍ତିଙ୍କଠାରୁ ନିଜକୁ ଦୂରେଇ ରଖିବା ଓ ଜନଗହଳି ସ୍ଥାନକୁ ଯାଇଥିଲେ ସେଠାରୁ ଫେରିବା ପରେ ହାତକୁ ସାନିଟାଇଜ୍ କରିବା ସହ ମୁହଁକୁ ଭଲ ପାଣିରେ ପରିଷ୍କାର ରଖିବାକୁ ସେ କହିଛନ୍ତି।

### ବିଭିନ୍ନ ସମସ୍ୟା ନେଇ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ସଭାପତି
### ଡେରାବିଶ ମହାବିଦ୍ୟାଳୟ

**ଡେରାବିଶ,୩।୭ (ବେବର୍ତ୍ତା ଅଜୟ ଦାସ):** ଡେରାବିଶ ମହାବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଓ ଉନ୍ନତ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ସୋମବାର ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ କୁମାର କର ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କୁ ଭେଟିଛନ୍ତି। ମନ୍ତ୍ରୀଙ୍କ ସହ ଆଲୋଚନା ସମୟରେ ସଭାପତି କର କଲେଜର ବିଭିନ୍ନ ବିଭାଗ ଛାତ୍ରୀଛାତ୍ରଙ୍କୁ ଇ-ଲାଇବ୍ରେରିର ବ୍ୟବସ୍ଥା ସହ ବିଭିନ୍ନ ବିଭାଗରେ ଖାଲି ପଡ଼ିଥିବା ଅଧାପକ ପଦବୀ ପୂରଣ, ଛାତ୍ରୀଛାତ୍ରଙ୍କ ପାଇଁ ଉନ୍ନତ ଶିକ୍ଷା ବ୍ୟବସ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମସ୍ୟାର ସମାଧାନ ପାଇଁ ମନ୍ତ୍ରୀ ନାୟକ ପ୍ରତିଶ୍ରୁତି ଦେଇଥିବା ସଭାପତି କର କହିଛନ୍ତି।

### ଓଳାଭର ହସ୍ପିଟାଲରେ ନୂଆ ଡାକ୍ତରଙ୍କ ଯୋଗଦାନ

**କେନ୍ଦ୍ରାପଡ଼ା, ୩।୭(ଜଗନ୍ନାଥ ଧଳ):** କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଳାଭରସ୍ଥିତ ରାଧାନାଥ ରଥ ହସ୍ପିଟାଲରେ ଡାକ୍ତର ଭାବେ ଡା. ଅଙ୍କିତା ପ୍ରିୟଦର୍ଶିନୀ ଯୋଗଦାନ କରିଛନ୍ତି। ଫଳରେ ଦୀର୍ଘଦିନ ଧରି ଡାକ୍ତର ବିହୀନ ଫାର୍ମାସିଷ୍ଟଙ୍କ ଭରସାରେ ଚାଲୁଥିବା ହସ୍ପିଟାଲରରେ ଡାକ୍ତର ପଦବୀ ପୂରଣ ହୋଇଛି। ସୂଚନାଯୋଗ୍ୟ ଏହି ପୁରାତନ ହସ୍ପିଟାଲଟି ୨୦ ଶଯ୍ୟା ବିଶିଷ୍ଟ ଏବଂ ହସ୍ପିଟାଲରରେ ସ୍ଥାୟୀ ଡାକ୍ତର ପଦବୀ ପୂରଣ ନେଇ ନିକଟରେ ବିଭିନ୍ନ ଫୋରମରେ ଦାବି ହୋଇ ଆସୁଥିଲା। ଏମିତିକି ୩ ମାସ ତଳେ ଖବରଦାତା ସୁଶାନ୍ତ ନାୟକଙ୍କ ସମେତ ଓଳାଭର ଅଞ୍ଚଳବାସୀ ଦିନରାତି ଗଣଧାରଣାରେ ବସିବା ଫଳରେ ବିଭାଗ ପକ୍ଷରୁ ଜଣେ ଡାକ୍ତରଙ୍କୁ ଡେପୁଟେଶନରେ ଏଠାକୁ ପଠାଯାଇଥିଲା। ହେଲେ ପରବର୍ତ୍ତୀ ସମୟରେ ତାଙ୍କର ଅନ୍ୟତ୍ର ବଦଳି ହେବା ଦ୍ୱାରା ହସ୍ପିଟାଲଟି ଫାର୍ମାସିଷ୍ଟଙ୍କ ଭରସାରେ ରୋଗୀ ସେବା ଯୋଗା ଯାଉଥିଲା। ସୋମବାର ଏହି ହସ୍ପିଟାଲରେ ଡାକ୍ତର ପଦବୀ ପୂରଣ ହେବା ଦ୍ୱାରା ରୋଗୀସେବା ବ୍ୟବସ୍ଥିତ ହେବ ବୋଲି ଅଞ୍ଚଳବାସୀ ଆଶା ରଖିଛନ୍ତି।

# ଅଦା ଦର ହୁ ହୁ ହୋଇ ବଢ଼ିଚାଲିଛି

**କେନ୍ଦ୍ରାପଡ଼ା, ୩।୭(ଜଗନ୍ନାଥ ଧଳ)**

- କିଲୋ ପିଛା ୩ ଶହରୁ ୩୨୦ ଟଙ୍କାରେ ବିକ୍ରି
- ପ୍ରୋତ୍ସାହନ ଅଭାବରୁ ହେଇପାରୁନି ଅଦା ଚାଷ



ଖାଦ୍ୟ ପ୍ରସ୍ତୁତିରେ ପ୍ରମୁଖ ମସଲା ଭାବେ ବ୍ୟବହାର କରାଯାଉଥିବା ଅଦାର ବଜାର ଦର ହୁ ହୁ ହୋଇ ବଢ଼ିଚାଲିଛି। ଏହି କ୍ରମରେ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇରେ ମଧ ଏହାର ପ୍ରଭାବ ଅନୁଭୂତ ହେଉଛି। ବର୍ତ୍ତମାନ ପଟ୍ଟାମୁଣ୍ଡାଇ ବଜାରରେ ଅଦା ଦର କିଲୋ ପ୍ରତି ୩ ଶହରୁ ୩୨୦ ଟଙ୍କାରେ ବିକ୍ରି ହେଉଛି। ଦର ବୃଦ୍ଧି ଯୋଗୁ ଲୋକମାନେ ଅଦା ବ୍ୟବହାର କମେଇ ଦେଇଥିବା ଦେଖିବାକୁ ମିଳୁଛି। ଅଦା ଚାଷ ପାଇଁ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କୁ ପ୍ରୋତ୍ସାହନ ଦିଆ ନ ଯିବାରୁ ଅଦା ପାଇଁ ବାହାର ରାଜ୍ୟ ଉପରେ ନିର୍ଭରଶୀଳ ହେବାକୁ ପଡୁଛି। ଫଳରେ ବାହାର ରାଜ୍ୟରେ ଉତ୍ପାଦନ ହ୍ରାସ ଯୋଗୁ ଏଭଳି ପରିସ୍ଥିତି ଉପୁଜିଥିବା ବ୍ୟବସାୟୀ କହୁଛନ୍ତି।

ଅଦା ହୋଲ୍‌ସେଲର ମଧୁ ଲେଙ୍କା କହିଛନ୍ତି, ଦକ୍ଷିଣ ଓଡ଼ିଶାର କୋରାପୁଟ ଓ କନ୍ଧମାଳ ଜିଲାରେ ବହୁଳ ମାତ୍ରାରେ ଅଦା ଚାଷ ହୋଇଥାଏ। ତେଣୁ କଟକ ମାଲଗୋଦାମକୁ ଅଦା ଆସିବା ସହ କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇ ବଜାରକୁ ଦୈନିକ ୩ରୁ୪ ଟନ୍ ଅଦା ଯୋଗାଣ କରାଯାଏ। ମାତ୍ର କୋରାପୁଟ ଓ କନ୍ଧମାଳ ଜିଲାରେ ଅମଳ ବେଳେ ଅଦା ସଂରକ୍ଷଣ ପାଇଁ ବ୍ୟବସ୍ଥା ନ ଥିବାରୁ ଚାଷୀ ବାଧ ହୋଇ କମ୍ ଦରରେ ବେପାରୀଙ୍କୁ ବିକ୍ରିକରି ଦେଇଥିଲେ। ଲୋକାଲ ଅଦା ମିଳୁ ନ ଥିବାରୁ ଏବେ ବାହାର ରାଜ୍ୟରୁ ଅଦା ଆସୁଥିବାରୁ ଦର ଆକାଶଛୁଆଁ ହୋଇଛି। ଖାଉଟି ଶଙ୍କର ବଳ କୁହନ୍ତି, ପଟ୍ଟାମୁଣ୍ଡାଇରୁ ଅନ୍ୟ ବଜାର ଯଥା ରାଜନଗର, ବିଜୟନଗର, ବାବର ଆଦି ବଜାରକୁ ଅଦା ଯୋଗାଣ କରୁଥିବା ବେଳେ ଏଠାରେ ଖାଉଟିମାନେ ଅଦା କିଲୋ ପ୍ରତି ୩ ଶହରୁ ୩୨୦ ଟଙ୍କା ଦରରେ କିଣୁଛନ୍ତି। ଖୁଚୁରା ୧୦୦ ଗ୍ରାମ ଅଦା କିଣିଲେ ୪୦ ଟଙ୍କା ଦେବାକୁ ପଡୁଛି। ପ୍ରକୃତ ପକ୍ଷେ ହୋଲ୍‌ସେଲରେ ଅଦା ଦରଠାରୁ ଖୁଚୁରା ବ୍ୟବସାୟୀ ଏହାକୁ ପ୍ରାୟ ୨ ଗୁଣା ଅଧିକ ଦରରେ ବିକ୍ରି କରୁଥିବାରୁ ଅଦା ଦର ଆକାଶଛୁଆଁ ହୋଇଛି। ଏହାଦ୍ୱାରା ଖାଉଟିମାନଙ୍କ ଉପରେ ସିଧାସଳଖ ପ୍ରଭାବ ପଡୁଛି। ଅଦା ହୋଲ୍‌ସେଲର ସରୋଜ ପାଢ଼ୀ କୁହନ୍ତି, ପ୍ରାୟ ୫୦ ବର୍ଷ ମଧରେ ଅଦା ଦର ଏତେ ପରିମାଣରେ ବୃଦ୍ଧି ପାଇବା କେବେ ଦେଖି ନ ଥିଲି। ଏବେ ଆମେ ସାଧାରଣତଃ ମହାରାଷ୍ଟ୍ର, ଆସାମ, ସିଲିଗୁଡ଼ିରୁ ଅଦା ଆଣୁଛୁ। ଆମେ ୨ୟ ପକ୍ଷଙ୍କୁ ଅଦା ବିକ୍ରି କରୁଛୁ। ହେଲେ ସେମାନେ ୩ୟ ପକ୍ଷ ଅର୍ଥାତ୍ ଛୋଟ ବ୍ୟବସାୟୀମାନଙ୍କୁ ବିକ୍ରି କରୁଛନ୍ତି। କିଛିଦିନ ମଧରେ କୋରାପୁଟରୁ ନୂତନ ଅଦା ଆସିବା ପରେ ଦର ହ୍ରାସ ପାଇବ। ପ୍ରତ୍ୟେକ ବର୍ଷ ଆସାମରୁ ସିଲିଗୁଡ଼ି ଦେଇ ଅଦା ଆସିଥାଏ। ଅମଳ ସମୟରେ ଦର କମ୍ ଥିବାବେଳେ ଚଳିତଥର ବନ୍ୟା ଓ ବର୍ଷା ଫସଲ ନଷ୍ଟ କରିଦେଲା। ଯେଉଁଠାରେ ଚାଷ ହୋଇଛି ସେଠାରେ ଉତ୍ପାଦନ କମ୍ ରହିଛି। ଚାଷୀ ସୁରେନ୍ଦ୍ର ପୁହାଣ କୁହନ୍ତି, କେନ୍ଦ୍ରାପଡ଼ା ଜିଲା ମୁଗବାଡ଼ି, ନିକିରାଇ, ବାରିମୂଳ ଓ ନାଗେଶ୍ୱରପୁର ଅଞ୍ଚଳରେ ଅଦାଚାଷ ପାଇଁ ଉଦ୍ଦିଷ୍ଟ ଜମି ପର୍ଯ୍ୟାପ୍ତ ପରିମାଣରେ ଅଛି। ମାତ୍ର ପ୍ରୋତ୍ସାହନ ଅଭାବରୁ ଏଠାରେ ଅଦାଚାଷ ହୋଇପାରୁନାହିଁ। ପାଖାପାଖି ପ୍ରାୟ ୧୦ ଏକର ଜମିରେ ଚାଷୀ ଅଦା ଚାଷ କରନ୍ତି। ମାତ୍ର ପ୍ରୋତ୍ସାହନ ଅଭାବରୁ ଅଦାଚାଷ କରୁଥିବା ଚାଷୀ ସବୁ ବେଳେ କ୍ଷତି ସହୁଛନ୍ତି। ଅମଳ ବେଳେ ଯେଉଁ ଅଦା କିଲୋ ପ୍ରତି ୨୦ରୁ ୨୫ ଟଙ୍କା ଥିଲା, ତାହା ଏବେ ୩ ଶହ ଟଙ୍କାରେ ପହଞ୍ଚିଛି। ଚାଷୀଙ୍କଠାରୁ କମ୍ ଦରରେ କିଣି ନେଇଥିବା ଅଦାକୁ ଅଧିକ ଦରରେ ରାଜ୍ୟ ସମେତ ବାହାର ରାଜ୍ୟକୁ ପଠାଉଛନ୍ତି ବେପାରୀ। ସଂରକ୍ଷଣର ବ୍ୟବସ୍ଥା ନ ଥିବା ଓ କୃଷି ବିଭାଗର ପ୍ରୋତ୍ସାହନ ଅଭାବରୁ ଚାଷୀ ଫସଲ ଠିକ୍‌ଭାବେ କରିପାରୁ ନାହାନ୍ତି ବୋଲି ସେ କହିଛନ୍ତି। କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ବୈଜ୍ଞାନିକ ସୂର୍ଯ୍ୟନାରାୟଣ ମିଶ୍ର କହିଛନ୍ତି, କେନ୍ଦ୍ରାପଡ଼ା ଅଞ୍ଚଳକୁ ଖୁବ୍‌ଶୀଘ୍ର ଅଦା ବିହନ ଆସିବ। ଅଦାଚାଷ ପାଇଁ ଇଚ୍ଛୁକ ଚାଷୀଙ୍କୁ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି।

# ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ




ବିଧାୟକ ଧ୍ରୁବ ସାହୁ ପ୍ରଧାନମନ୍ତ୍ରୀ ଆବାସ କାର୍ଯ୍ୟାଦେଶ ବଣ୍ଟନ କରୁଛନ୍ତି।

**କେନ୍ଦ୍ରାପଡ଼ା,୩।୭(ଜଗନ୍ନାଥ ଧଳ)**

ପ୍ରତ୍ୟେକ ଯୋଗ୍ୟ ଲୋକଙ୍କୁ ଛାତ ଘର ଯୋଗାଇ ଦିଆଯିବ ବୋଲି ରାଜନଗର ବିଧାୟକ ଧ୍ରୁବ ସାହୁ ସୋମବାର ପଟ୍ଟାମୁଣ୍ଡାଇ ବ୍ଲକରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା କାର୍ଯ୍ୟାଦେଶ ବଣ୍ଟନ ଓ ମୋ ଘର ଯୋଜନା ସଚେତନତା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଛନ୍ତି। ପଟ୍ଟାମୁଣ୍ଡାଇ ବିଡିଓ ଶୁଭ୍ରାଂଶୁ ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ବିଧାୟକ ସାହୁ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୨୦୧୧ ଜନଗଣନା ଅନୁଯାୟୀ, ସମସ୍ତ ଯୋଗ୍ୟ ହିତାଧିକାରୀଙ୍କୁ ଆବାସ ଯୋଗାଇ ଦେବାକୁ କେନ୍ଦ୍ର ସରକାରଙ୍କୁ ୧୬ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ଦେବା ପାଇଁ ଅନୁରୋଧ କରିଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମାନ ଅଂଶଧନ ରହିଛି। କେନ୍ଦ୍ର ସରକାର ଓଡ଼ିଶାକୁ ମାତ୍ର ୯ ଲକ୍ଷ ପ୍ରଧାନମନ୍ତ୍ରୀ ଆବାସ ମଞ୍ଜୁର କରିଛନ୍ତି। ଫଳରେ ୭ ଲକ୍ଷ ଲୋକ ବଞ୍ଚିତ ହୋଇଛନ୍ତି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋ ଘର ଯୋଜନା ଆରମ୍ଭ କରିଛନ୍ତି। ଏଥିରେ ୧ ଲକ୍ଷରୁ ୩ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣରେ ୩୦ ହଜାରରୁ ୬୦ ପର୍ଯ୍ୟନ୍ତ ସବ୍‌ସିଡି ବ୍ୟବସ୍ଥା ରହିଛି। ପ୍ରଥମ ବର୍ଷ ଛାଡ଼ି ବାକି ୯ବର୍ଷ ପର୍ଯ୍ୟନ୍ତ ସ୍ୱଳ୍ପ ସୁଧରେ ଋଣ କିସ୍ତି ପରିଶୋଧର ବ୍ୟବସ୍ଥା ରହିଛି। ଏଥିରେ ବିଭିନ୍ନ ବର୍ଗର ଲୋକମାନେ ଘର ତିଆରି, ମରାମତି ଓ ସମ୍ପ୍ରସାରଣ କରିପାରିବେ। ଏଥିରେ କୌଣସି ଅଧିକାରୀ ଓ ବ୍ୟକ୍ତିବିଶେଷ ଘର ଦବା ନାଁରେ ଅର୍ଥ ଆଦାୟ କଲେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟ, ବ୍ଲକ ଉପାଧକ୍ଷା ଜୟନ୍ତୀ ସ୍ୱାଇଁ ଆବାସ ଓ ମୋ ଘର ଯୋଜନା ସମ୍ପର୍କରେ ସଚେତନତା ସୃଷ୍ଟି କରିଥିଲେ। ଶେଷରେ ଅନିଲ କୁମାର ତରାଇ ଧନ୍ୟବାଦ ଦେଇଥିଲେ। ପଟ୍ଟାମୁଣ୍ଡାଇ ବ୍ଲକର ବିଭିନ୍ନ ପଞ୍ଚାୟତର ୭୨ ହିତାଧିକାରୀଙ୍କୁ ବିଧାୟକ କାର୍ଯ୍ୟାଦେଶ ବଣ୍ଟନ କରିଥିଲେ।

# ବେଆଇନ ପାର୍କିଂ କରୁଥିଲେ ସାବଧାନ, କାର୍ଯ୍ୟାନୁଷ୍ଠାନ ହେବ




ପଟ୍ଟାମୁଣ୍ଡାଇ ବଜାରରୁ ବେଆଇନ ପାର୍କିଂ କରାଯାଇଥିବା ଏକ ବାଇକ୍‌କୁ ପୋଲିସ ଉଠାଇ ନେଉଛି।

**କେନ୍ଦ୍ରାପଡ଼ା, ୩।୭( ଜଗନ୍ନାଥ ଧଳ)**

ପଟ୍ଟାମୁଣ୍ଡାଇ ସହରରେ ଗାଡ଼ି ବେଆଇନ ପାର୍କିଂ କରୁଛନ୍ତି କି ? ହୋଇଯାଆନ୍ତୁ ସାବଧାନ। ଯଦି ଆପଣମାନେ ନୋ ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି, ତେବେ ସୁଧୁରିଯାଆନ୍ତୁ ନଚେତ୍ ଏହା ପାଇଁ ଦଣ୍ଡ ଗଣିବାକୁ ପଡ଼ିବ ଏବଂ ଗାଡ଼ି ମଧ ଟଣାହେବ। ବେଆଇନ ପାର୍କିଂକୁ ନେଇ ଏଭଳି କୋଠର ପଦକ୍ଷେପ ଗ୍ରହଣ କରିଛି ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ।

ପଟ୍ଟାମୁଣ୍ଡାଇ ସହର ମୁଖ୍ୟ ଜନଗହଳି ରାସ୍ତା ବାଇପାସ୍‌ଠାରୁ ଆରମ୍ଭକରି କଲେଜ ରୋଡ୍ ଡେଲ୍‌ଟା ପର୍ଯ୍ୟନ୍ତ ପାର୍କିଂ ସମସ୍ୟା ଏବେ ସୀମା ଟପିଲାଣି। କେତେଜଣ ଅମାନିଆ ବିଭିନ୍ନ ଦୋକାନ ବଜାର, ବ୍ୟବସାୟିକ ପ୍ରତିଷ୍ଠାନ ସମ୍ମୁଖରେ ତଥା ରାସ୍ତା ଉପରେ ବେଆଇନ ଯାନବାହନ ପାର୍କିଂ କରୁଥିବାରୁ ଯାତାୟାତ ବାଧାପ୍ରାପ୍ତ ହେବା ସହ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହେଉଛି। ଏ ନେଇ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହୋଇ ଆସୁଥିଲା। ଏ ନେଇ ସୋମବାର ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୋଲିସ ଏକ ବଡ଼ ପଦକ୍ଷେପ ଗ୍ରହଣ କରିଛି। ରୋଡ୍‌ରେ ବେଆଇନ ପାର୍କିଂ କରିଥିବା ଗାଡ଼ିକୁ ଜବତକରି ସିଧା ଉଠାଇ ନିଆଯାଉଛି। ଏହାକୁ ନେଇ ସାଧାରଣ ଲୋକେ ବେଶ୍ ଖୁସି ପ୍ରକଟ କରିଛନ୍ତି। ବିଳମ୍ବ ହେଉ ପଛେ, ଅମାନିଆଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବା ଆରମ୍ଭ କରିଛି ପଟ୍ଟାମୁଣ୍ଡାଇ ପୋଲିସ। ପୋଲିସର ଏକ ସ୍ୱତନ୍ତ୍ର ଦଳ ସହରର ବିଭିନ୍ନ ଅଞ୍ଚଳରେ ବୁଲି ଅନୈତିକ ପାର୍କିଂ ହଟାଇବା ସହ ନିୟମ ଉଲ୍ଲଂଘନ ନ କରିବାକୁ ବୁଝାଇଥିଲେ। ତେବେ ଆଗାମୀ ଦିନରେ ମଧ ପଟ୍ଟାମୁଣ୍ଡାଇ ସହରର ବିଭିନ୍ନ ସ୍ଥାନରେ ପୋଲିସ ଏଭଳି ଚଢ଼ାଉ ଜାରି ରଖିବା ସହ ଖିଲାପକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଆଦର୍ଶ ଥାନା ଅଧିକାରୀ ତପନ କୁମାର ରାଉତ ସୂଚନା ଦେଇଛନ୍ତି।

# କର୍ମୀଙ୍କୁ ମନ୍ତ୍ର ଦେଲେ ମନ୍ତ୍ରୀ ପ୍ରତାପ ଦେବ

## ଚରପଡ଼ା, ନମତରାରେ ବିଜେଡିର କର୍ମୀ ସମ୍ମିଳନୀ

**କେନ୍ଦ୍ରାପଡ଼ା, ୩।୭(ଜଗନ୍ନାଥ ଧଳ)**

କେନ୍ଦ୍ରାପଡ଼ା ଜିଲାର ରାଜକନିକା ବ୍ଲକ ଚରପଡ଼ା ପଞ୍ଚାୟତର ରାଜୀବ ସେବା କେନ୍ଦ୍ରରେ ବିଜେଡିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ବିଦ୍ୟାଧର ବେହେରାଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅଞ୍ଚଳର ବିଧାୟକ ତଥା ଶକ୍ତି ମନ୍ତ୍ରୀ ପ୍ରତାପ କେଶରୀ ଦେବ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ବିଧାୟକଙ୍କ ପ୍ରତିନିଧି ତଥା ବିଜେଡି ନେତା ବିକାଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରେ କିପରି ସଙ୍ଗଠନକୁ ସୁଦୃଢ଼ କରିହେବ କର୍ମୀମାନଙ୍କୁ ମନ୍ତ୍ର ଦେଇଥିଲେ। ଏହି ଅବସରରେ ସାଂସଦଙ୍କ ପ୍ରତିନିଧି ପବିତ୍ର ରାଉତ, ପ୍ରଦୀପ ରାଉତ, ଚରପଡ଼ା ସମବାୟ ସମିତିର ସଭାପତି ଅୟସକାନ୍ତ ସାମଲ, ସ୍ଥାନୀୟ ସରପଞ୍ଚ ଧୀରେନ ଜେନା, ପ୍ରାକ୍ତନ ସରପଞ୍ଚ ଅଶ୍ୱିନୀ ସାମଲ, ଦେବଦତ୍ତ ଦାସ ଓ ସାରଙ୍ଗଧର ସାହୁ ପ୍ରମୁଖ ସମ୍ମିଳନୀରେ ଉପସ୍ଥିତ ରହି ନିଜ ନିଜର ବକ୍ତବ୍ୟ ରଖିଥିଲେ। ପରେ ନମତରା ପଞ୍ଚାୟତରେ ମଧ ଏକ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ମନ୍ତ୍ରୀ ଦେବ ଯୋଗଦେଇ ତୃଣମୂଳ ସ୍ତରରୁ ଦଳକୁ ମଜଭୁତ କରିବା ସହ ଆଗାମୀ ନିର୍ବାଚନରେ ଦଳ କେମିତି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ ଉପସ୍ଥିତ କର୍ମୀମାନଙ୍କୁ ମନ୍ତ୍ର ଦେଇଥିବା ଜଣାପଡିଛି।

# ଗୋଲରାହାଟରେ ପଲ୍ଲୀରେ ପ୍ରଶାସନ: ୩୮ ଅଭିଯୋଗ



ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ଡେରାବିଶ, ୩।୭ (ବେବର୍ତ୍ତା ଅଜୟ ଦାସ)**

ଡେରାବିଶ ବ୍ଲକ ଅନ୍ତର୍ଗତ ଗୋଲରାହାଟ ପଞ୍ଚାୟତ ତିଲକପୁରଠାରେ ସୋମବାର ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହାକୁ ପଞ୍ଚାୟତ ସମିତି ଅଧକ୍ଷା ପ୍ରଭାତୀ ମଲ୍ଲିକ ଶୁଭାରମ୍ଭ କରିଥିଲେ। ଏଥିରେ ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ, ଗୋଲରାହାଟ ସରପଞ୍ଚ କାଶୀନାଥ କାଣ୍ଡି, ସମିତିସଭ୍ୟ କରୁଣାକର କାଣ୍ଡି ଉପସ୍ଥିତ ରହିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବିଡିଓ ଦାସରଥି ଜେନା, ଏବିଡିଓ ଭଞ୍ଜକିଶୋର ନାୟକ, ସିଡିପିଓ ସ୍ନେହଲତା ସାହୁ ଉପସ୍ଥିତ ରହି ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମରୁ ଆସିଥିବା ୩୮ ଅଭିଯୋଗର ଶୁଣାଣି କରିଥିଲେ। ଏହି ଅଭିଯୋଗ ମଧରେ ମୋ ଘର ଯୋଜନାରେ ସାମିଲହେବା ପାଇଁ ଅଧିକାଂଶ ଦରଖାସ୍ତ ରହିଥିଲା। ସେହିପରି ବାସଗୃହ ଯୋଜନା ଏବଂ ରାଶନ କାର୍ଡ, ଭତ୍ତାରୁ ବଞ୍ଚିତ ଥିବା ହିତାଧିକାରୀ ସେମାନଙ୍କ ଅଭିଯୋଗପତ୍ର ପ୍ରଦାନ କରିଥିଲେ। ଏଥିମଧରୁ ବିଡିଓ ଜେନା କେତେଗୋଟି ଅଭିଯୋଗର ତ୍ୱରିତ ସମାଧାନ କରିଥିବା ବେଳେ ଅନ୍ୟକୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିଥିବା ବିଭାଗୀୟ ସମ୍ପ୍ରସାରଣ ଅଧିକାରୀଙ୍କ ନିକଟକୁ ପଠାଇ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ କାର୍ଯ୍ୟକ୍ରମ ଅଧିକାରୀ ସାବିତ୍ରୀ ମନ୍ତ୍ରୀ, ମତ୍ସ୍ୟ ଅଧିକାରୀ ରଶ୍ମିରଞ୍ଜନ ଦାସ ପ୍ରମୁଖ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ସେମାନଙ୍କ ବିଭାଗର ଅଭିଯୋଗମାନ ଗ୍ରହଣ କରିଥିଲେ। ଏଥିରେ ୧୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଭାଗର ଷ୍ଟଲ୍ ଖୋଲାଯାଇଥିଲା। ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଚିତ୍ତରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ଖୋଲାଯାଇଥିବା ସ୍ୱାସ୍ଥ୍ୟ ଶିବିରରେ ଉପସ୍ଥିତ ଲୋକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ଥାଟୋଇ, କେଶବ ଚରଣ ପାତ୍ର, ଅନିଲ କୁମାର ସେଠୀ ଓ ଅଖତର ଅଲ୍ଲୀ ପ୍ରମୁଖ ପରିଚାଳନା କରିଥିଲେ।

# ବାଲିସାହିପାଟଣାରେ ପଲ୍ଲୀରେ ପ୍ରଶାସନ: ୧୦୬ ଅଭିଯୋଗ

**ରାଜନଗର, ୩।୭(ଭାସ୍କର ରାଉତରାୟ)**

ରାଜନଗର ବ୍ଲକ ବାଲିସାହିପାଟଣା ପଞ୍ଚାୟତରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ସରପଞ୍ଚ କୈଳାସ କୁମାର ପରିଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ଅଶ୍ୱନୀ କୁମାର ଭୁୟାଁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଶିବିର ୧୦୬ଟି ଅଭିଯୋଗ ଆସିଥିଲା। ସେଥିରୁ ଆବାସ ଯୋଜନାରେ ଗୃହ, ରାଶନ କାର୍ଡ, ଭତ୍ତା ପ୍ରମୁଖର ଅଭିଯୋଗ ଅଧିକ ଥିଲା। ତହସିଲଦାର ଭୁୟାଁ ୧୭ ଜଣ ଲୋକଙ୍କୁ ସ୍ଥାୟୀ ଜମି ପଟ୍ଟା ପ୍ରଦାନ କରିଥିଲେ। ଏଥିରେ ବିଡିଓ ସମୀର କୁମାର ବେହେରା, ସିଡିପିଓ ସୁଚିତ୍ରା ସାହୁ, ଏବିଡିଓ ଶ୍ରୀକାନ୍ତ ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ରାଉତ, ପ୍ରାଣୀ ଚିକିତ୍ସା ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ପ୍ରମୁଖ ଯୋଗଦେଇଥିଲେ। ଏହାକୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଗୁଣସିନ୍ଧୁ ମଣ୍ଡଳ, ଜିଆରଏସ୍ ପାର୍ବତୀ ଓଝା ସମେତ ପଞ୍ଚାୟତ ସଭ୍ୟାସଭ୍ୟ ପରିଚାଳନା କରିଥିଲେ। ଏଥିରେ ସମସ୍ତ ଲାଇନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଆଳି ବ୍ଲକରେ ମିଳିତ ଜନଶୁଣାଣି



ଜନଶୁଣାଣିରେ ଉପସ୍ଥିତ ପ୍ରଶାସନିକ ଅଧିକାରୀ।

**ଆଳି,୩।୭(ବନମାଳୀ ସେନାପତି )**

ଆଳି ବ୍ଲକରେ ସୋମବାର ପୂର୍ବାହ୍ନରେ ଜିଲାପାଳ ଓ ଏସ୍‌ପିଙ୍କ ମିଳିତ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅମୃତ ଋତୁରାଜ ଅନୁପସ୍ଥିତ ଥିବା ବେଳେ ଏସ୍‌ପି ମଡକର ସନ୍ଦୀପ ସମ୍ପଦ ଅଳ୍ପ ସମୟ ରହି ପଳାଇ ଯାଇଥିଲେ। ଉପଜିଲାପାଳ ନିରଞ୍ଜନ ବେହେରା, ପ୍ରକଳ୍ପ ନିର୍ଦ୍ଦେଶକ ରାଜେନ୍ଦ୍ର ପଣ୍ଡା, ବିଡିଓ ଦ୍ୱିବେନ୍ଦୁ ଦାସ ଜନସାଧାରଣ ଆଣୁଥିବା ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ। ୪୧ଟି ଅଭିଯୋଗ ଆସିଥିବା ବେଳେ ସେଥିମଧରୁ ୩୩ଟି ବ୍ୟକ୍ତିଗତ ଥିବା ବେଳେ ୮ଟି ସାମୂହିକ ଅଭିଯୋଗ ରହିଥିଲା। ସାମୂହିକ ଅଭିଯୋଗ ମଧରେ ମେଣ୍ଢପୁର ନିକଟରୁ ମୃଗନୟନୀ ପର୍ଯ୍ୟନ୍ତ ଓ ପୋଡ଼ାମରାଇରୁ ଆଳକଣା ପର୍ଯ୍ୟନ୍ତ ଯାଇଥିବା ପାଣିନାଳ ଉପରେ କିଛି ନିର୍ଦ୍ଦିଷ୍ଟ ବ୍ୟକ୍ତି ମାଟି ପକାଇ ପାଣି ନାଳ ପୋତି କୋଠା ଘର ନିର୍ମାଣ କରିବା ସଙ୍ଗେ ବଗିଚା ତିଆରି କରିଛନ୍ତି। ଯାହାକୁ ଉଚ୍ଛେଦ କରିବା ନିମନ୍ତେ ଦାବି ହୋଇଛି। ସେହିପରି ଭୂଇଁପୁର ଛକରେ ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସେହି ସ୍ଥାନରେ ହମ୍ପସ ନିର୍ମାଣ ନିମନ୍ତେ ଦାବି କରାଯାଇଛି। ସେହିପରି ପାଳିମୀ ପଞ୍ଚାୟତରେ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଶ୍ରମିକମାନଙ୍କ ବଦଳରେ ମେଶିନରେ ହେଉଥିବାରୁ ଜବ୍‌କାର୍ଡଧାରୀ ଅଭିଯୋଗ କରିଛନ୍ତି। ସେହିପରି ନାୟାଗଡ଼ା ଅଙ୍ଗନୱାଡି କେନ୍ଦ୍ରରେ କୁନି କୁନି ଶିଶୁଙ୍କୁ ନିମ୍ନମାନର ଖାଦ୍ୟ ପ୍ରଦାନ କରାଯାଉଛି ବୋଲି ଅଭିଭାବକମାନେ ଅଭିଯୋଗ ଆଣିଛନ୍ତି। ବ୍ୟକ୍ତିଗତ ଅଭିଯୋଗ ମଧରେ ଆବାସ, ଭତ୍ତା, ରାଶନ ଓ ଜମିଜମା ମାମଲା ନେଇ ଅଭିଯୋଗ କରିଥିଲେ। ଏହି ଜନଶୁଣାଣି ଶିବିରରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ରହିଥିଲେ।

# ବର୍ଷା ନାହିଁ, ଚିନ୍ତାରେ ଚାଷୀ

**ଡେରାବିଶ, ୩।୭ (ବେବର୍ତ୍ତା ଅଜୟ ଦାସ)**



ଡେରାବିଶ: ଚାଷ ଜମିରେ ବୁଣା ଯାଇଥିବା ଧାନ ବିହନ ପାଣି ଅଭାବରୁ ତଳି ହେଉନାହିଁ।

ଚଳିତ ଜୁନ୍ ଦ୍ୱିତୀୟ ସପ୍ତାହରୁ ମୌସୁମୀ ବାୟୁ ସକ୍ରିୟ ହେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ପୂର୍ବରୁ ସୂଚନା ଦିଆଯାଇଥିଲା। ତେବେ ଗତ ସପ୍ତାହରେ ଭଲ ଦିଅସରା ବର୍ଷା ହେବା ପରେ ଡେରାବିଶ ବ୍ଲକ ଅଞ୍ଚଳରେ ଚାଷୀଙ୍କ ମନରେ ଆନନ୍ଦ ଦେଖା ଦେଇଥିଲା। ଚଳିତ ଖରିଫ୍ ଚାଷ ପାଇଁ ଧାନ ବିହନ ଚାଷୀମାନେ ବୁଣିବା ଆରମ୍ଭ କରିଥିଲେ। ମାତ୍ର ହଠାତ୍ କେତେଦିନ ହେବ ମୌସୁମୀର ଲୁଚକାଳି ଖେଳ ପାଇଁ ବର୍ଷା ଆଦୌ ହେଉନାହିଁ। ଏଥିସହ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ଓ ଅସହ୍ୟ ଗୁଳୁଗୁଳି ଯୋଗୁ ବିଲରେ ବୁଣା ଯାଇଥିବା ବିହନ ଗଜା ମରୁଡ଼ି ହେବାକୁ ବସିଲାଣି। ତେବେ ପାଣିପାଗ ବିଭାଗ ପକ୍ଷରୁ ଦିଆଯାଉଥିବା ସୂଚନା ଅନୁସାରେ ବର୍ଷାକୁ ଅନାଇ ବସିଥିବା ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି।

୨୦୨୨ରେ ବର୍ଷ ଖରିଫ୍ ଧାନ ଚାଷ ଆରମ୍ଭରେ ବର୍ଷା ଜନିତ ସମସ୍ୟା ପାଇଁ ଚାଷ ବହୁ ବିଳମ୍ବ ହୋଇଥିଲା ବୋଲି ଅଗ୍ରଣୀ ଚାଷୀ ସୁଧାଂଶୁ ଜେନା କହିଛନ୍ତି। ଚଳିତବର୍ଷ ମୁଗ ଫସଲ କମ୍ ହୋଇଥିବାରୁ ଚାଷୀଙ୍କ ମେରୁଦଣ୍ଡ ଏକ ପ୍ରକାର ଭାଙ୍ଗି ଯାଇଥିବା ବେଳେ ମୌସୁମୀର ଲୁଚକାଳି ଖେଳ ପାଇଁ ବର୍ଷା ଅଭାବ ଚାଷୀଙ୍କୁ ହତୋତ୍ସାହିତ କରିଛି। ବ୍ଲକ ଅଞ୍ଚଳର ଚାଷ ଜମିଗୁଡ଼ିକ କେନାଲ୍ ପାଣି ଉପରେ ନିର୍ଭର କରାଯାଉଥିବା ପାଣି ନ ଥିବାରୁ ବିଲରେ ହୋଇ ଯାଇଥିବା ଧାନଗଜା ବାହାରିବା କଷ୍ଟକର ହୋଇପଡ଼ିଛି ବୋଲି ଚାଷୀ ମୁକେଶ ଧଳ କହିଛନ୍ତି। ମୌସୁମୀ ଜନିତ ବର୍ଷ ହେଲେ ଶୁଖିଲା ପଡ଼ିଥିବା ବିଲକୁ ପ୍ରଥମ ହଳ କରାଯିବା ପାଇଁ ଚାଷୀ ଅପେକ୍ଷାରେ

### ଚାଷଜମିରେ ମରୁଡ଼ି ଆଶଙ୍କା

ଥିବା ବେଳେ ଦୀର୍ଘଦିନ ଧରି ବର୍ଷା ନ ହେବା, ଅସହ୍ୟ ଗ୍ରୀଷ୍ମ ପ୍ରବାହ ଚାଷଜମିକୁ ପ୍ରଭାବିତ କରିଛି। ଏ ନେଇ ବ୍ଲକ ସହକାରୀ କୃଷି ଅଧିକାରୀ ବନଲତା ବେହେରାଙ୍କୁ ପଚାରିବାରୁ ବ୍ଲକ ଅଞ୍ଚଳର କେତେକ ଚାଷଜମିରେ ଗଜା ମରୁଡ଼ି ହେବାର ସମ୍ଭାବନା ରହିଛି କିମ୍ବା ହୋଇଛି ତାହାର ନିରୀକ୍ଷଣ ପାଇଁ ସମ୍ପୃକ୍ତ ଇଲାକାର ଗ୍ରାମ୍ୟ କୃଷି କର୍ମଚାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ପାଣି ନ ଥିବା ସ୍ଥାନରେ ବିହନ ନ ବୁଣି ପାଣି ଥିବା ସ୍ଥାନରେ ବିହନ ବୁଣିବାକୁ କୃଷି କର୍ମଚାରୀଙ୍କ ମାଧ୍ୟମରେ ଚାଷୀମାନଙ୍କୁ ସଚେତନ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ତେବେ ତାଙ୍କ ପାଖରେ ମୌସୁମୀ ଜନିତ ବର୍ଷାର ସୂଚନା ନ ଥିବା ସେ କହିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଜୁଲାଇ, ୨୦୨୩

## ୧୦୦ ଲିଟର ମଦ ଜବତ, ଚାଲାଣକାରୀ ଗିରଫ

ପାରଳାଖେମୁଣ୍ଡି,(ଗିରିଧାରୀ ପରିଛା): ଗଜପତି ଅବକାରୀ ଥାନା ଉପନିରୀକ୍ଷକ ବୀରଙ୍ଗରାଜ ଦାମୀଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସିଙ୍ଗିପୁର ଗ୍ରାମ୍ୟ ରାସ୍ତାରେ ସୋମବାର ଚଢ଼ାଉ କରାଯାଇ ୧୦୦ଲିଟର ଚୋରା ଦେଶୀ ରନ୍ଧା ମଦ ଜବତ କରାଯାଇଛି। ଏହି ଘଟଣାରେ ସିଙ୍ଗିପୁର ଗ୍ରାମର ଆଶୀର୍ବାଦ ଲିମାଙ୍କୁ ଗିରଫ କରାଯାଇଛି । ସିଙ୍ଗିପୁର ଗ୍ରାମରୁ ପାରଳାଖେମୁଣ୍ଡି ଅଭିମୁଖେ ଚୋରା ଦେଶୀ ରନ୍ଧା ମଦ ଚାଲାଣ ହେଉଥିବାର ଖବର ପାଇ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଥିଲା । ଆଶୀର୍ବାଦ ଲିମା ପାରଳା ସହରର ଜାଗିଲି ସାହି ଅଭିମୁଖେ ଏହି ଦେଶୀ ରନ୍ଧା ମଦ ଚାଲାଣ କରୁଥିବାର ସ୍ୱୀକାର କରିଥିଲେ। ଏହି ଚଢ଼ାଉରେ ଅବକାରୀ ଏଏସଆଇ ସୁରେଶ ଚନ୍ଦ୍ର ମିଶ୍ର, କନଷ୍ଟେବଲ କିଶୋର ପ୍ରସାଦ ଘଡାଇ, ଦେବଦତ୍ତ ଶବର, ସର୍ବେଶ୍ୱର ଦାସ, ଭାଗୀରଥି ଜେନା ପ୍ରମୁଖ ଉପସ୍ଥିତ ଥିଲେ।

**ସଂକ୍ଷେପରେ**

## ପ୍ରଧାନ ଶିକ୍ଷକଙ୍କ ବିଦାୟ ସମ୍ବର୍ଦ୍ଧନା

ପାଟପୁର,୩।୭(ସୀମାଞ୍ଚଳ ସାହୁ) ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ଏରେଣ୍ଡ୍ରା ଗ୍ରାମ ପଞ୍ଚାୟତର ରାଧାକୃଷ୍ଣ ବିଦ୍ୟାପୀଠରେ ପ୍ରଧାନ ଶିକ୍ଷକ ଅମୁଲ୍ୟ କୁମାର ପ୍ରଧାନଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଉତ୍ସବ ପାଳିତ ହୋଇଛି। ଉକ୍ତ ଉତ୍ସବରେ ସଭାପତିତ୍ୱ କରିଥିଲେ ପ୍ରଧାନଶିକ୍ଷକ ପ୍ରସନ କୁମାର ତ୍ରିପାଠୀ, ବିଶିଷ୍ଟ ଅତିଥି ପ୍ରଦୀପ କୁମାର ବ୍ରହ୍ମା ଅବସରପ୍ରାପ୍ତ ବିଶ୍ୱାସରାୟ ବିଜ୍ଞାନ ମହାବିଦ୍ୟାଳୟ ଅଧକ୍ଷ, ମୁଖ୍ୟଅତିଥି ବସନ୍ତ କୁମାର ପଣ୍ଡା ବିଇଓ ଚିକିଟି, ସମ୍ମାନିତ ଅତିଥି ଆକୁଳ ଚୌଧୁରୀ ଅବସରପ୍ରାପ୍ତ ଏବିଇଓ ସାନଖେମୁଣ୍ଡି, ମୁଖ୍ୟ ବକ୍ତା ଅଧାପକ ଡ. କୈଳାଶ ଚନ୍ଦ୍ର ସ୍ୱାଇଁ, ସରପଞ୍ଚ ଧୋବା ସ୍ୱାଇଁ ଓ ପୂର୍ବତନ ସରପଞ୍ଚ ସହଦେବ ପ୍ରଧାନ ଯୋଗଦେଇଥିଲେ।

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

କ.ନୂଆଗାଁ,୩।୭(କାଳି ପ୍ରସାଦ ତ୍ରିପାଠି)-କ.ନୂଆଗାଁ ବନାଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଏକ ଚାରା ବିତରଣ କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ କ. ନୂଆଗାଁ ଆଇଆଇସି କୁମର ମୁଦୁଲି ଚାରା ବିତରଣ କେନ୍ଦ୍ରର ଉଦ୍‌ଘାଟନ କରିଥିଲେ। ଏହା ବ୍ୟତୀତ ସମାରୋହରେ କ.ନୂଆଗାଁ ବନାଞ୍ଚଳ ଅଧିକାରୀ ପ୍ରଦୀପ ବେହେରା, ବନରକ୍ଷୀ ସୁଶାନ୍ତ ବୈଶାଖୀ, ବେସରକାରୀ ସଂସ୍ଥା ପ୍ରଦାନ ତରଫରୁ ବ୍ଲକ ସଂଯୋଜକ ଭକ୍ତଚରଣ ବେବର୍ତ୍ତା ଏବଂ ସ୍ଥାନୀୟ ବାସିନ୍ଦାମାନେ ଯୋଗଦାନ କରିଥିଲେ। ଏହି ଅବସରରେ ପ୍ରଦୀପ ବେହେରା କହିଥିଲେ, ଚାରା ରୋପଣ ଏକ ମହତ୍ କାର୍ଯ୍ୟ ଏବଂ ଏହି ବର୍ଷ ଆମେ ନୂଆଗାଁ ବନାଞ୍ଚଳରେ ଅଧିକରୁ ଅଧିକ ଚାରାରୋପଣ କରିବୁ ବୋଲି କହିଛନ୍ତି।

## ବସ୍ ଧକ୍କାରେ ଭାଙ୍ଗିଲା ରଥ ଅଖ

ବୁଗୁଡ଼ା,୩।୭(କାଳି ଚରଣ ଦାଶ)- ବୁଗୁଡା ବଡ଼ଦାଣ୍ଡରେ ଠିଆ ହୋଇ ରହିଥିବା ରଥର ଦୁଇଟି ଅଖ ଏକ ଯାତ୍ରୀବାହୀ ବସ୍ ଧକ୍କାରେ ଭାଙ୍ଗିଯିବାରୁ ବିବାଦ ଉପୁଜିଥିଲା ଏବଂ ପରେ ଏହାର ସମାଧାନ ହୋଇଥିଲା। ସୋମବାର ଗୁରୁନାନକ ନାମକ ଆସିକା-ଆସାନସୋଲ ଯାତ୍ରୀବାହୀ ବସ୍ ବୁଗୁଡା ବସଷ୍ଟାଣ୍ଡକୁ ଆସୁଥିବା ବେଳେ ବଡ଼ଦାଣ୍ଡରେ ଥିବା ରଥକୁ ଧକ୍କା ଦେଇଥିଲା। ଫଳରେ ରଥର ଦୁଇଟି ଅଖ ଭାଙ୍ଗି ଯାଇଥିବା ବେଳେ ସେଥିରୁ ଗୋଟିଏ ଅଖ ଗାଡିର ଚକା ଫାଙ୍କ ମଧକୁ ପଶି ଯାଇଥିବାରୁ ଗାଡିଟି ସେଠାରେ ହିଁ ଅଟକି ରହିଥିଲା। ମନ୍ଦିର ପରିଚାଳନା କମିଟି ଏବଂ ପୂଜକ ଗୋଷ୍ଠୀର ହସ୍ତକ୍ଷେପ ପରେ ବିବାଦ ସମାଧାନ ହୋଇଛି। ଯାତ୍ରୀବାହୀ ବସର କର୍ମଚାରୀ କ୍ଷତିପୂରଣ ନିମନ୍ତେ ସହମତି ପ୍ରକାଶ କରିବା ପରେ ଗାଡିର ଚକ ଫାଙ୍କ ମଧକୁ ପଶି ଯାଇଥିବା ଅଖକୁ କରତରେ କାଟିବା ପରେ ଦେଢ ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ଧରି ଅଟକି ଥିବା ବସଟି ସେଠାରୁ ଯାଇଥିଲା ଏବଂ ଯାନବାହାନ ଚଳାଚଳ ସ୍ୱଭାବିକ ହୋଇଥିଲା।

# ମନ୍ଦିର ଜମି ବିକ୍ରି ବନ୍ଦ କରା ନ ଗଲେ ଆନ୍ଦୋଳନ

- ପ୍ରଶାସନର ଦ୍ୱାରସ୍ଥ ହେଲେ ଗ୍ରାମବାସୀ
- ମାଫିଆଙ୍କ ନଜରରେ ଦେବୋତ୍ତର ଜମି

ଗୋପାଳପୁର,୩।୭(ନବୀନ ରାଜ ଆଚାରୀ)

ଗଞ୍ଜାମ ଜିଲା କନିଷି ତହସିଲ ଅଧୀନ ବିଭିନ୍ନ ରାଜସ୍ୱ ସର୍କଲରେ ଦିନକୁ ଦିନ ଚାଷଜମିରେ ବେଆଇନ ପ୍ଲଟିଂ ବଢ଼ିବାରେ ଲାଗିଛି। କିସମ ପରିବର୍ତ୍ତନ ନ କରି ଖଣ୍ଡ ଖଣ୍ଡ କରି ଜମି ବିକ୍ରି କରୁଛନ୍ତି। ଏହାଦ୍ୱାରା ସରକାରୀଙ୍କ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ଚାଷଜମି ମଧ ଲୋପପାଇବାରେ ଲାଗିଛି। ମନ୍ଦିର ନାମରେ ଥିବା ଜମିକୁ ମଧ ମାଫିଆମାନେ ରାସ୍ତା ତିଆରି କରି ବେଆଇନ ପ୍ଲଟିଂକରି ବିକ୍ରି କରିବା ଆରମ୍ଭ କରିଛନ୍ତି। ଏନେଇ ଡୁରା ଗ୍ରାମବାସୀ ଜିଲା ପ୍ରଶାସନ ନିକଟରେ ସୋମବାର ଅଭିଯୋଗ କରିଛନ୍ତି। କନିଷି ତହସିଲ ଅଧୀନ ଡୁରା ରାଜସ୍ୱ ସର୍କଲ ଅନ୍ତର୍ଗତ ଡୁରା ମୌଜାର ମୁକ୍ତେଶ୍ୱର ମହାପ୍ରଭୁଙ୍କ ମନ୍ଦିର ନାମରେ



ଡୁରାପଂଚାୟତର ମୁକ୍ତେଶ୍ୱର ମହାପ୍ରଭୁଙ୍କ ଜମିରେ ବେଆଇନ ରାସ୍ତା।

ଥିବା ଖାତା ନମ୍ବର ୧୨୯୦/୩୧୭ ପ୍ଲଟ୍ ନଂ. ୧୩୬୨ ଉକ୍ତ ଜମିକୁ ମନ୍ଦିର ଟ୍ରଷ୍ଟିର କେତେଜଣ ସଦସ୍ୟ ଜମି ମାଫିଆଙ୍କ ସହ ଅଶୀଂଦାର ହୋଇ ରାସ୍ତା ତିଆରି କରି ବେଆଇନ ଭାବେ ପ୍ଲଟିଂ କରିଛନ୍ତି। ଏହାର ଖାତା ନମ୍ବର ୬୩୫, ପ୍ଲଟ୍ ନମ୍ବର ୧୩୩୭/୩୮, ଖାତା ନମ୍ବର ୨୪୪ ପ୍ଲଟ୍ ନମ୍ବର-୧୩୩୯, ଖାତା ନମ୍ବର ୪୬୧ ପ୍ଲଟ୍ ନମ୍ବର ୧୩୫୭, ପୁଣି ଖାତା ନମ୍ବର ୧୨୯୦/୧୫୪୭ରେ ବେଆଇନ ଭାବେ ଚାଷଜମିକୁ ପ୍ଲଟିଂ କରାଯାଇଛି। ମାଫିଆମାନେ ମନ୍ଦିର ଜାଗାକୁ ମଧ ରାସ୍ତା ତିଆରି କରୁଥିବା ଗୁରୁତର ଅଭିଯୋଗ ଆଣିଛନ୍ତି ଡୁରା ଗ୍ରାମବାସୀ। ଏନେଇ ସୋମବାର ଗ୍ରାମବାସୀ ଜିଲାପାଳଙ୍କର ଅଭିଯୋଗ ଶୁଣାଣି, ଉପଜିଲାପାଳ, ଅତିରିକ୍ତ ଦେବୋତ୍ତର ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଛନ୍ତି। ତୁରନ୍ତ ବେଆଇନ ଭାବେ ମନ୍ଦିର ଜମିର ପ୍ଲଟିଂ ବନ୍ଦ କରିବା ପାଇ ଘୋଷଣା କରିଛନ୍ତି। ଅନ୍ୟପଟେ ମୁଖ୍ୟମନ୍ତ୍ରୀ ଓ ୫-ଟି ସଚିବ ଓ କନିଷି ତହସିଲଦାରଙ୍କୁ ମଧ ଚିଠି ମାଧ୍ୟମରେ ଅଭିଯୋଗ କରିଛନ୍ତି। ଏହି ଅଭିଯୋଗର ତଦନ୍ତ କରାଯାଇ ମନ୍ଦିର ଜମି ବିକ୍ରି ବନ୍ଦ କରା ନ ଗଲେ ଆଗାମୀ ଦିନରେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି


ଜିଲାପାଳ ସହାୟତା ରାଶି ପ୍ରଦାନ କରୁଛନ୍ତି।

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା),୩।୭

ପାରଳାଖେମୁଣ୍ଡିଠାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗଜପତି ଜିଲାପାଳ ସ୍ମୃତିରଞ୍ଜନ ପ୍ରଧାନ, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍ . କୁମାର, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍.ଆନନ୍ଦ , ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମିଞ୍ଜ ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ପାରଳାଖେମୁଣ୍ଡି ପୌର ପରିଷଦର ସମେତ କେରାଣ୍ଡି, କତଲକଇଠା, ବାଘଶାଳ, ରାଣୀପେଣ୍ଟ ଓ ସିଧମାଡ଼ଙ୍ଗା ପଞ୍ଚାୟତର ସମୁଦାୟ ୯୭ ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ସେଥିରୁ ବ୍ୟକ୍ତିଗତ ଅଭିଯୋଗ ୮୪, ଗ୍ରାମ ଭିତ୍ତିକ ସମସ୍ୟା ୧୩ ଓ ୨୬ ଅଭିଯୋଗକୁ ତୁରନ୍ତ ଫଇସଲା କରାଯାଇଛି। ୨ଜଣଙ୍କୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୧୫,୦୦୦ ଟଙ୍କା ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଦୀପ କୁମାର ପାତ୍ର, ତହସିଲଦାର ନାରାୟଣ ବେହେରା, ଗୋଷାଣୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝି, ଜନ ଅଭିଯୋଗ ଶୁଣାଣି ନୋଡାଲ ଅଧିକାରୀ ନର୍ମଦା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଗରିବଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବିରେ ବିକ୍ଷୋଭ

ପାରଳାଖେମୁଣ୍ଡି(ଗିରିଧାରୀ ପରିଛା)୩।୭

ପାରଳାଖେମୁଣ୍ଡି ସ୍ଥିତ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ଗରିବଙ୍କୁ ଘରଡିହ ପଟ୍ଟା ପ୍ରଦାନ ଦାବିରେ ଭାରତୀୟ କ୍ଷେତ ମଜଦୁର ସଂଘ ଗଜପତି ଜିଲା ଶାଖା ପକ୍ଷରୁ ବିକ୍ଷୋଭ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏହି ଦାବିପତ୍ର ଜିଲା ପ୍ରଶାସନ ମାଧମରେ ପ୍ରଦାନ କରାଯାଇଛି। ତିତ୍‌ଲି ବାତ୍ୟା ସମୟରେ ପାର୍ବତ୍ୟ ଅଞ୍ଚଳରେ ବସବାସ କରୁଥିବା ଅନେକ ପରିବାର ନିଜ ଘରଦ୍ୱାର ହରାଇ ବେଘର ହୋଇଛନ୍ତି। ସେମାନଙ୍କୁ ସମତଳ ଅଞ୍ଚଳରେ ବସବାସ କରିବାପାଇଁ ସହାୟତା ପାଇଁ ଅନୁରୋଧ କରାଯାଇଛି। ପୂର୍ବରୁ



କ୍ଷେତ ମଜଦୁର ସଂଘ ପକ୍ଷରୁ ବିକ୍ଷୋଭ କରାଯାଉଛି।

ମଧ ବହୁବାର ଏପରି ଦାବି ସଂଗଠନ ପକ୍ଷରୁ କରାଯାଇଛି। କିନ୍ତୁ ଏହାର କୌଣସି ସମାଧାନ ହେଉନାହିଁ । ଜିଲାର ଆଦିବାସୀ ବହୁଳ ରାଇଗଡ଼, ଗୁମା, କାଶୀନଗର ଓ ଗୋଷାଣୀ ଆଦି ବିଭିନ୍ନ ବ୍ଲକ ଅଞ୍ଚଳ ଗରିବ ଓ ପଛୁଆବର୍ଗ ଲୋକଙ୍କ ସହ ଆଦିବାସୀମାନେ ଏହି ବିକ୍ଷୋଭ କରିଥିଲେ । ଏନେଇ ବିକେଏମ୍‌ୟୁ ନେତା ଜେ. ସୁବାସ ଚନ୍ଦ୍ର ରାଓ ପ୍ରମୁଖ ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର କରାଯିବ ବୋଲି କହିଛନ୍ତି।

## ହୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତର ନିଯୁକ୍ତ

ଗଞ୍ଜାମ,୩।୭(ବିଦ୍ୟାଧର ସାହୁ)

ଦୀର୍ଘ ବର୍ଷ ପରେ ହୁମା ସ୍ୱାସ୍ଥ୍ୟକେନ୍ଦ୍ରରେ ନୂତନ ଡାକ୍ତର ଡ. ଶାଶ୍ୱତ ପଣ୍ଡା ସୋମବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏନେଇ ହୁମା ସମିତି ମେମ୍ବର ଧ୍ରୁବ ଚରଣ ପଲାଇ, ପ୍ରଶାନ୍ତ କୁମାର ପରିଡ଼ା, ପୂର୍ଣ୍ଣଚନ୍ଦ୍ର ସାହୁ, ତପୁ ଶିବ ଏବଂ ବୀରେନ ସିଂ ପ୍ରମୁଖ ଡାକ୍ତର ପଣ୍ଡାଙ୍କୁ ଭେଟି ଶୁଭେଚ୍ଛା ଜଣାଇଛନ୍ତି। ଯେକୌଣସି ବର୍ଗର ରୋଗୀ ହୁଅନ୍ତୁ ନା କାହିଁକି ସମସ୍ତଙ୍କ ରୋଗୀ ସେବାକୁ ପ୍ରାଥମିକତା ଦେବେ ବୋଲି ନୂତନ ଡାକ୍ତର ପଣ୍ଡା ନିଜ ପ୍ରତିକ୍ରିୟାରେ କହିଛନ୍ତି। ପ୍ରକାଶ ଯେ, ଏହି ହୁମା ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ହୁମା, ଗଡ଼ ହୁମା ଗ୍ରାମ ସମେତ କଳାଯମୁନା, ବୋରିଗାଁ, ଲୁଂଘୁରି, ଖଟୁଆକୁଦା, ନୀଳାଦ୍ରିପୁର, କଣ୍ଟିଆଗଡ଼, ମୟୂରପଦା, ପୋଡ଼ମପେଟା ଗ୍ରାମ ଆଦି ପ୍ରାଥମିକ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି।

## ଯୁକ୍ତ୨ କଲେଜ ଟପ୍ପରଙ୍କୁ ସମ୍ବର୍ଦ୍ଧନା


ଟପ୍ପର ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଭଞ୍ଜନଗର, ୩।୭(ବାବୁଲା ପ୍ରଧାନ)**

ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଯୁକ୍ତ୨ କଳା, ବିଜ୍ଞାନ, ବାଣିଜ୍ୟ ଏବଂ ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର କଲେଜ ଟପ୍ପରଙ୍କୁ ସୋମବାର ସମ୍ବର୍ଦ୍ଧନା ଦିଆଯାଇଛି। ଏଥିସହ ସମସ୍ତ ଯୁକ୍ତ ୨ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଓରିଜିନାଲ ପ୍ରମାଣପତ୍ର ଏବଂ ଟିସି ପ୍ରଦାନ କରାଯାଇଥିଲା। ଏନେଇ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ଅଧକ୍ଷ ରାଜେନ୍ଦ୍ର ଦାସ ଅଧକ୍ଷତା କରି କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ପ୍ରଶାସନିକ ଅଧିକାରୀ ପ୍ରାଧାପିକା ଆରତି ବାଳା ପ୍ରଧାନ, ଯୁକ୍ତ ୨ ଦାୟିତ୍ୱରେ ଥିବା ଅଧିକାରୀ ଅଧାପକ ରଜତ ମିଶ୍ର, ଅଧାପିକା ରାଜଶ୍ରୀ ନାୟକ, ଧନ୍ଦାମୂଳକ ଶିକ୍ଷାନୁଷ୍ଠାନର ଅଧାପକ ହରିଶ କୁମାର, ସୁନୀଲ ବ୍ରହ୍ମା, କର୍ମଚାରୀ ପ୍ରଦୀପ ତ୍ରିପାଠୀ, ବିନାୟକ ପ୍ରଧାନ, ପି ରମେଶ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। ଚଳିତ ବର୍ଷ ଯୁକ୍ତ ୨ କଳା ଏବଂ ବାଣିଜ୍ୟରେ ୮୦ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବିଜ୍ଞାନରେ ୫୫ ପ୍ରତିଶତ ଛାତ୍ରୀଛାତ୍ର ଉତ୍ତୀର୍ଣ୍ଣ ହୋଇଛନ୍ତି।

# ମିଶନ ଶକ୍ତି ଋଣ କର୍ମଶାଳା ଉଦ୍‌ଯାପିତ

ଧରାକୋଟ,୩।୭(ବିଷ୍ଣୁକେଶରୀ ଆଚାର୍ଯ୍ୟ)

ଧରାକୋଟ ବ୍ଲକ ବୈଠକ ଗୃହରେ ୨ ଦିନ ଧରି ଚାଲିଥିବା ମିଶନ ଶକ୍ତି ଋଣ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଅତିଥି ଭାବରେ ବିଡିଓ ଡେନିସ ବେହେରା, ଏବିଡିଓ ସୁଶୀଲ ପଟ୍ଟନାୟକ, ସିଡିପିଓ ସୁନୀଲ ପ୍ରଭା ରଥ, ଏମ୍‌ବିକେ ପ୍ରତାପ ସ୍ୱାଇଁ, ବିଏଲ୍ଏଫ୍ ସଭାପତି ଗୀତା ପଟ୍ଟନାୟକ, ସମ୍ପାଦକ ରୀତାଞ୍ଜଳି ଭୂୟାଁ ଓ ବ୍ଲକ ପ୍ରୋଗ୍ରାମ ଆସିଷ୍ଟାଣ୍ଟ ବିଷ୍ଣୁପ୍ରସାଦ ବେହେରା ପ୍ରମୁଖ ଯୋଗଦେଇଥିଲେ। ମିଶନ ଶକ୍ତି ମାଧମରେ ବ୍ଲକ ସ୍ତରର ସମସ୍ତ ଏସ୍ଏଚ୍‌ଜି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟକୁ ସ୍ୱାବଲମ୍ବୀ କରିପାରିବେ,ଋଣ ନେଇ ପରିଶୋଧ କରିପାରିବେ ତାହା ଉପରେ ଅତିଥିମାନେ ମାର୍ଗଦର୍ଶନ କରିଥିଲେ । ଏହା ଦ୍ୱାରା ମିଶନ ଶକ୍ତି ମାଧମରେ ଗ୍ରୁପ୍‌ର ମହିଳାମାନେ ଛେଳିଚାଷ, ମାଛଚାଷ,କୁକୁଡ଼ାଚାଷ,


ମଞ୍ଚାସୀନ ଅତିଥି।

ଫୁଲଚାଷ, ସିଲେଇ କେନ୍ଦ୍ର, ବିଉଟି ପାର୍ଲର, ବଡ଼ି, ପାମ୍ପଡ, ଆଚାର ପ୍ରସ୍ତୁତି ସହ ଧାନମଣ୍ଡି ଖୋଲିବା ଭଳି ଗୁରୁତ୍ୱପୂର୍ଣ୍ଣ କାରବାର କରି ସ୍ୱାବଲମ୍ବୀ ହୋଇପାରିବେ ବୋଲି ଅତିଥିମାନେ ପରାମର୍ଶ ଦେଇଥିଲେ। କର୍ମଶାଳାରେ ଶହେ ଗୋଟି ଗ୍ରୁପର ସଭାପତି,ସମ୍ପାଦିକା ମାନେ ଉପସ୍ଥିତ ରହିଥିଲେ।

## ଗୁରୁ ପୂଜନ କାର୍ଯ୍ୟକ୍ରମ

ପାଟପୁର,୩।୭(ସୀମାଞ୍ଚଳ ସାହୁ)

ସାନଖେମୁଣ୍ଡି ବ୍ଲକ ଅନ୍ତର୍ଗତ ପାଟପୁର ମହାଲକ୍ଷ୍ମୀ ମନ୍ଦିରଠାରେ ଶୁଭକାମନା ଚାରିଟେବୁଲ ଟ୍ରଷ୍ଟ ଏବଂ ଦିବ୍ୟଜୀବନ ସଂଘର ମିଳିତ ଆନୁକୂଲ୍ୟରେ ଏକ ଗୁରୁପୂଜନ କାର୍ଯ୍ୟକ୍ରମ ସହ ଭବ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଉକ୍ତ ଉତ୍ସବରେ ଦିବ୍ୟଜୀବନ ସଂଘର ସଭାପତି ଅଶୋକ କୁମାର ବେହେରା ସମେତ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ମହାଲକ୍ଷ୍ମୀ ମନ୍ଦିର ପରିଚାଳନା କମିଟି ଉତ୍ସବର ସମସ୍ତ ଦାୟିତ୍ୱ ନେଇଥିଲେ। ଗୁରୁ ଗୋପାଳ ଚନ୍ଦ୍ର ସାବତ, ମନମୋହନ ପାତ୍ର, ସୋମନାଥ ଦାସ ଶର୍ମା, ପ୍ରଶାନ୍ତ କୁମାର ନାୟକ ଓ ରାମପ୍ରସାଦ ନାୟକଙ୍କୁ ପ୍ରଥମେ ଫୁଲଚନ୍ଦନ ଅର୍ପଣକରି ପାଦୁକ ପୂଜା କରାଯାଇଥିଲା।

## ମଣ୍ଡଳ ସ୍ତରୀୟ ଭାଜପା କର୍ମୀ ସମ୍ମିଳନୀ

ଆର.ଉଦୟଗିରି,୩।୭(ମନୋଜ କୁମାର ପାଢୀ)

ଆର.ଉଦୟଗିରି ଶିବମନ୍ଦିର ନିକଟ କଲ୍ୟାଣ ମଣ୍ଡପରେ ରବିବାର ଭାଜପାର ଆର୍.ଉଦୟଗିରି, ନୂଆଗଡ଼ ଓ ରାମଗିରି ମଣ୍ଡଳ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ବରିଷ୍ଠ ଭାଜପା ନେତା ତଥା ସାଂସଦ ଜୁଏଲ ଓରାମ ଯୋଗଦେଇ ମୋଦି ସରକାରଙ୍କ ୯ ବର୍ଷର ସଫଳତା ଉପରେ କର୍ମୀମାନଙ୍କୁ ବୁଝାଇଥିଲେ। ପୁରୀ ଶ୍ରୀମନ୍ଦିର ରତ୍ନଭଣ୍ଡାର ଚାବି ସମ୍ପର୍କରେ ରାଜ୍ୟ ଆଇନମନ୍ତ୍ରୀଙ୍କ ମନ୍ତବ୍ୟକୁ କଡ଼ା ନିନ୍ଦା କରିଥିଲେ ଜୁଏଲ। ବିଭ୍ରାନ୍ତିକର ତଥ୍ୟ ଦେବା ରାଜ୍ୟ ସରକାରଙ୍କ ଅଭ୍ୟାସ ବୋଲି ସେ କହିଥିଲେ। ଏହି ସମ୍ମିଳନୀରେ ଭାଜପା ରାଜ୍ୟ ଉପସଭାପତି ଭୃଗୁ ବକ୍ସିପାତ୍ର, ଜିଲା ଉପସଭାପତି ଶିବରାମ ସୁଆର, ଜିଲା ସାଧାରଣ ସମ୍ପାଦକ କାମଦେବ ବଡନାୟକ, ଜିଲା ମହିଳା ମୋର୍ଚ୍ଚା ସମ୍ପାଦକ ବନ୍ଦନୀ ବଡମୁଣ୍ଡି, ଅନୁସୂଚିତ ଜନଜାତି ସଭାପତି ପ୍ରଦୀପ କୁମାର ହରିଚନ୍ଦନ, ମହେଶ୍ୱର ନାୟକ, ନୂଆଗଡ଼ ମଣ୍ଡଳ ସଭାପତି ମନୋଜ ପାଇକ ଓ ରାମଗିରି ଜିଲା ପରିଷଦ ଦଣ୍ଡପାଣି ବଡମୁଣ୍ଡି ପ୍ରମୁଖ ଯୋଗଦେଇଥିଲେ। ଏହି କର୍ମୀ ସମ୍ମିଳନୀକୁ ଭାଜପା ଜିଲା ସାଧାରଣ ସମ୍ପାଦକ ବଡନାୟକ ପରିଚାଳନା କରିଥିଲେ।

# ସେରଙ୍ଗ ପଞ୍ଚାୟତ ଅଫିସରେ ତାଲା


ସେରଙ୍ଗ ପଞ୍ଚାୟତ ଅଫିସ୍‌ରେ ତାଲା ଝୁଲୁଛି।

ପାରଳାଖେମୁଣ୍ଡି,୩।୭(ଗିରିଧାରୀ ପରିଛା)

ଗୁମ୍ମା ବ୍ଲକ ସେରଙ୍ଗ ଗ୍ରାମପଞ୍ଚାୟତ ଅଫିସ ଆଗରେ ସୋମବାର କାର୍ଯ୍ୟଦିବସରେ ତାଲା ଝୁଲିବାର ଦେଖିବାକୁ ମିଳିଛି। ବର୍ତ୍ତମାନ ଆବାସ ଯୋଜନାର କାର୍ଯ୍ୟ ଆରମ୍ଭ ହେଲାଣି ଲୋକମାନେ ସେମାନଙ୍କ ଆବାସ ବିଷୟ ବୁଝିବାକୁ ପଞ୍ଚାୟତ ଅଫିସକୁ ଆସୁଥିବା ବେଳେ ତାଲା ବନ୍ଦ ଦେଖି ଫେରିଆସୁଥିବାର ନଜିର ରହିଛି। ଏ ନେଇ ଲୋକଙ୍କ ମଧ୍ୟରେ ପଞ୍ଚାୟତର କାର୍ଯ୍ୟକଳାପକୁ ନେଇ ତୀବ୍ର ଅସନ୍ତୋଷ ଦେଖାଦେଇଛି କିମ୍ବା ଜିଆର୍‌ଏସ୍ ଅଫିସକୁ ଖୁବ୍ କମ୍ ଆସନ୍ତି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏହି ସମ୍ପର୍କରେ ୱାର୍ଡମେମ୍ବର ମନୋଜ ପାଣିଙ୍କୁ ପଚାରିବାରୁ ମାସକୁ ପ୍ରାୟ ୨୦ଦିନ ଅଫିସ ବନ୍ଦ ରୁହେ। ସରପଞ୍ଚ କିମ୍ବା ଅଫିସରମାନେ ଆସନ୍ତି ନାହିଁ ବୋଲି କହିଥିବା ବେଳେ ୫ନମ୍ବର ୱାର୍ଡମେମ୍ବର ଅମିତ ନାୟକ କହିଲେ, ସରକାରଙ୍କ ଯୋଜନା ସବୁ ପାଇବାରେ ଜନସାଧାରଣ ବଞ୍ଚିତ ହେଉଛନ୍ତି। ଏ ନେଇ ଅଭିଯୋଗ କଲେ ମଧ କୌଣସି ସୁଫଳ ମିଳିପାରୁନାହିଁ। ଏଣୁ ସରକାରଙ୍କ ଅନେକ ଜନହିତକର ଯୋଜନାଠାରୁ ଲୋକେ ବଞ୍ଚିତ ହେଉଛନ୍ତି। ଯଦି ଏହାର ପ୍ରତିକାର କରା ନ ଯାଏ ତେବେ ପଞ୍ଚାୟତବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ଯୋଗାଯୋଗ ହୋଇପାରିନାହିଁ।

## ବୋଲବମ ଭକ୍ତଙ୍କ ଜଳାଭିଷେକ ସଂକଳ୍ପ କାର୍ଯ୍ୟକ୍ରମ

**ମୋହନା,୩।୭(ମନ୍ମଥ ମିଶ୍ର)**

ମୋହନା ଶ୍ରୀ ନୀଳକଣ୍ଠେଶ୍ୱର ବୋଲ୍‌ବୋମ ସଂଘ ପକ୍ଷରୁ ଶ୍ରାବଣ ମାସ ଜଳାଭିଷେକ ପାଇଁ ସଂକଳ୍ପ କାର୍ଯ୍ୟକ୍ରମ ୧୨୦ଜଣ କାଉଡିଆଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ୨୦୦୬ରୁ ମୋହନା ବୋଲ୍ ବୋମ ସଂଘ ଆରମ୍ଭ ହୋଇ ବର୍ତ୍ତମାନ୍ ପର୍ଯ୍ୟନ୍ତ ଚାଲୁ ରହିଛି। ଚଳିତ ବର୍ଷ ଜଳାଭିଷେକ ନିମନ୍ତେ ଆଷାଢ଼ ପୂର୍ଣ୍ଣିମାରେ ସଂକଳ୍ପ କାର୍ଯ୍ୟ ଆରମ୍ଭ ହୋଇ ପ୍ରଥମ ସୋମବାର ଖସଡା ରାମ ନଦୀଠାରୁ ମୋହନା ନୀଳକଣ୍ଠେଶ୍ୱର ମନ୍ଦିରଠାରେ ଜଳାଭିଷେକ ହେବ। ସେହିପରି ମୋହନାଠାରୁ ବିରିକୋଟ, ଦଙ୍ଗରଗୁଡ଼ାଠାରୁ ମଲ୍ଲିକେଶ୍ୱର ମାଲକାନଗିରି, ଗଦାପୁରଠାରୁ ପଦାଗାଁ ମହାକୁମ୍ଭ ମିଳନରେ ଜଳାଭିଷେକ କାର୍ଯ୍ୟକ୍ରମ ରହିଛି। ଏହି କାର୍ଯ୍ୟକ୍ରମକୁ ସଂଘର ସମସ୍ତ ସଦସ୍ୟ ମିଳିତ ଭାବେ ପରିଚାଳିତ କରୁଛନ୍ତି। ସେହିପରି ଚନ୍ଦ୍ରଗିରି ଓ ଅଡବାଠାରେ କାଉଡିଆଙ୍କ ଜଳାଭିଷେକ ସଂକଳ୍ପ ସୁରୁଖୁରୁରେ ସମାପ୍ତ ହୋଇଛି।

# ଗୋଚର ଜମିରେ ଖେଳ ପଡ଼ିଆ, ବଢୁଛି ଅସନ୍ତୋଷ

ଫୁଲବାଣୀ,୩।୭ (ରାକେଶ କୁମାର ରାଉତ )

ସରକାର ଲୋକଙ୍କ ହିତରେ ମାଳ ମାଳ ଯୋଜନା କରୁଛନ୍ତି। ହେଲେ ବିଭାଗୀୟ ଅଧିକାରୀଙ୍କ ବେପରୁଆ ମନୋଭାବ ଯୋଗୁ ଯୋଜନା ଠିକ୍ ଭାବରେ କାର୍ଯ୍ୟକାରୀ ହୋଇପାରୁନାହିଁ। ଏ ନେଇ ଲୋକଙ୍କ ମଧରେ ଦିନକୁ ଦିନ ଅସନ୍ତୋଷ ତୀବ୍ର ହେବାରେ ଲାଗୁଛି। ଏମିତି ଏକ ଘଟଣା କନ୍ଧମାଳ ଜିଲା ଫୁଲବାଣୀ ବ୍ଲକ ଗଞ୍ଜୁଗୁଡା ପଞ୍ଚାୟତରେ ଦେଖିବାକୁ ମିଳିଛି। ଗୋଚର ଜମିରେ ଖେଳ ପଡିଆ ନିର୍ମାଣ ହେଉଛି। କିଛି ସ୍ଥାନରେ କଂକ୍ରିଟ ହେବା ଲାଗି ପ୍ରସ୍ତୁତି ଚାଲିଛି। ଏହାକୁ ନେଇ ଅସନ୍ତୋଷ ବଢ଼ିବାରେ ଲାଗିଛି।

ଗଞ୍ଜୁଗୁଡା ପଞ୍ଚାୟତର ଆମ୍ବପଡ଼ା ଗ୍ରାମର ୩୭୮ନମ୍ବର ପ୍ଲଟ୍‌ରେ ଏକ ଖେଳ ପଡିଆ କରାଯିବାକୁ କାର୍ଯ୍ୟାଦେଶ ଆସିଥିଲା। କିନ୍ତୁ ବିଭାଗୀୟ ଜେଇ, ପିଇଓ, ସରପଞ୍ଚଙ୍କ ମିଳିତ ଚକ୍ରାନ୍ତରେ ଆମ୍ବପଡ଼ାଠାରେ ନ କରି ବରପଦା ଗ୍ରାମର ଗୋଚର ଜମିରେ ଖେଳ ପଡ଼ିଆ କରାଯାଉଛି। ଏହାକୁ


ବରପଦା ଗ୍ରାମର ଗୋଚର ଜମିରେ ଖେଳ ପଡ଼ିଆ।

ନେଇ ଗ୍ରାମବାସୀ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ଆଦିବାସୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ଜଙ୍ଗଲରୁ ଲଘୁ ବନଜାତ ଦ୍ରବ୍ୟ ସଂଗ୍ରହ କରି ଚଳନ୍ତି। ଘରେ ଗାଈ, ମଇଁଷି, ଛେଳି, ମେଣ୍ଢା ଆଦି ଗୃହପାଳିତ ପଶୁ ସବୁ ପାଳନ କରି ଗୋଚରରେ ଚରାବୁଲା କରନ୍ତି। ସରକାର ଗୋଚର ଜମି ସବୁ ଚିହ୍ନଟକରି ରଖିଛନ୍ତି,ଯେଉଁ ଜମିରେ ଆଦିବାସୀମାନେ ତାଙ୍କର ଗୃହପାଳିତ ପଶୁ ସବୁ ଚରେଇବେ। କିନ୍ତୁ ବିଭାଗୀୟ ଅଧିକାରୀମାନେ ସବୁ ଜାଣିଶୁଣି ମଧ ଗୋଚର ଜମିରେ ଖେଳ ପଡ଼ିଆ କରିବା କେତେଦୂର ଯୁକ୍ତିଯୁକ୍ତ ତାକୁ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି।

ଏ ସମ୍ପର୍କରେ ସରପଞ୍ଚ ଆଲୋକ କହଁରଙ୍କୁ ପଚାରିବାରୁ ଗୋଚରରେ ଖେଳ ପଡ଼ିଆ ହେଉଥିବା କଥା ସ୍ୱୀକାର କରିଛନ୍ତି। ଗ୍ରାମସଭା ଏବଂ ପଲ୍ଲିସଭାରେ ସମସ୍ତଙ୍କ ସହମତି ମିଳିଥିଲା ବୋଲି କହିଛନ୍ତି। ବିଡିଓ ପ୍ରବୀଣ କୁମାର ବାଣୁଆଙ୍କୁ ପଚାରିବାରୁ ସେଠି କାମ କରିବାକୁ କାର୍ଯ୍ୟାଦେଶ ଦେଇନାହାନ୍ତି ବୋଲି କହିଛନ୍ତି।

# ମହିଳାଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟାରିକେଡ୍

## ଗୋରେଖନାଥ ପୀଠରେ ଶ୍ରାବଣ ଜଳାଭିଷେକ ପ୍ରସ୍ତୁତି



ବୈଠକରେ ଯୋଗଦେଇଥିବା ଜିଲା ପ୍ରଶାସନିକ ଅଧିକାରୀ ଓ ସେବାୟତମାନେ।

**ରଘୁନାଥପୁର,୩।୭(ରାଜେନ୍ଦ୍ର ନାରାୟଣ ସିଂହ):** ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠକୁ ବୋଲବମ ମାନସିକଧାରୀଙ୍କ ଶ୍ରାବଣ ଜଳାଭିଷେକ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅପରାହ୍ଣରେ ପୀଠ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ତତ୍ତ୍ୱାଧାନରେ ଅନୁଷ୍ଠିତ ବୈଠକରେ ଜଗତ୍‌ସିଂହପୁର ଜିଲା ଉପଜିଲାପାଳ ପି.କେ ସାହୁ, ତହସିଲଦାର ରୂପାଲିକା ଦାଶ, ତିର୍ତ୍ତୋଲ ଆଇଆଇସି ଯୁଗଳ କିଶୋର ଦାସ, ଡା. ବିଶିକେଶନ ଖୁଣ୍ଟିଆ ପ୍ରମୁଖ ଯୋଗଦେଇ ଏ ସମ୍ପର୍କରେ ଆଲୋଚନା କରିଥିଲେ। ଆଗନ୍ତୁକ ବୋଲବମ ଯାତ୍ରୀଙ୍କ ସୁବ୍ୟବସ୍ଥା ପାଇଁ ପୀଠରେ ପର୍ଯ୍ୟାପ୍ତ ପାନୀୟଜଳ ସହ ଆଲୋକୀକରଣ ବ୍ୟବସ୍ଥା, ପାଣିଭାର ରଖିବା ପାଇଁ ବାଉଁଶରେ ନିର୍ମିତ ଷ୍ଟାଣ୍ଡ, ପରିମଳ ସୁବିଧା ପାଇଁ ଅସ୍ଥାୟୀ ପାଇଖାନା, ଉଭୟ ପଟୁ ପୀଠକୁ ଆସିବା ପାଇଁ ଥିବା ରାସ୍ତାକୁ ପରିଷ୍କାର ପରିଚ୍ଛନ୍ନ କରିବା, ଫାଷ୍ଟେଡ୍ ସହ ପାର୍କିଂ ସୁବିଧା କରାଯିବା ନିମନ୍ତେ ସ୍ଥିର କରାଯାଇଥିଲା। ଏହାଛଡା ପ୍ରଥମ ଥର ମହିଳା ବୋଲବମ ଯାତ୍ରୀଙ୍କ ପାଇଁ ସ୍ୱତନ୍ତ୍ର ବ୍ୟାରିକେଡ ବ୍ୟବସ୍ଥା କରାଯିବା ନିମନ୍ତେ ଉପଜିଲାପାଳ ସାହୁଙ୍କ ପ୍ରସ୍ତାବ ଗୃହୀତ ହୋଇଥିଲା । ଏହି ସମୟରେ ଟ୍ରାଫିକ ସମସ୍ୟା ଓ ଭିଡକୁ ନିୟନ୍ତ୍ରଣ କରିବା ପାଇଁ ସ୍ୱେଚ୍ଛାସେବୀ ସଙ୍ଗଠନକୁ ନିୟୋଜିତ କରାଯିବା ସମ୍ପର୍କରେ ସ୍ଥିର ହୋଇଥିଲା। ଏନେଇ ସ୍ୱାସ୍ଥ୍ୟ, ପାନୀୟଜଳ ଓ ପରିମଳ, ପୋଲିସ ଓ ସମସ୍ତ ବିଭାଗକୁ ଅବଗତ କରାଯାଇଛି। ଆସନ୍ତା ଜୁଲାଇ ୮ରେ ଉପଜିଲାପାଳ ସାହୁ ପୀଠରେ ପହଞ୍ଚି ଏକ ରିଭ୍ୟୁ ମିଟିଂ କରିବେ ବୋଲି ସୂଚନା ଦେଇଥିଲେ। ପ୍ରକାଶ କି ଚଳିତବର୍ଷ ଜୁଲାଇରେ ୧୦ ଓ ୧୭ ତାରିଖରେ ଓ ଅଗଷ୍ଟରେ ୨୧ ଓ ୨୮ ତାରିଖରେ ଜଳାଭିଷେକ ହେବ। ଏହି ଆଲୋଚନାରେ ଆଇନଜୀବୀ ଜୀବନ ବଲ୍ଲଭ ମହାନ୍ତି, ରମେଶ ମହାନ୍ତି, ପୂଜକ ଦିଲୀପ କୁମାର ପଣ୍ଡା, ଜ୍ଞାନରଞ୍ଜନ ପଣ୍ଡା, ସାମାଜିକ କର୍ମୀ ସୌଭାଗ୍ୟ କୁମାର ଜେନା, ଉପଦେଷ୍ଟା ପ୍ରଶାନ୍ତ କୁମାର ଭୂୟାଁ, ସୁଶାନ୍ତ ଦାସ ଓ ସରୋଜ କୁମାର ସାହାଣୀ ପ୍ରମୁଖ ସାମିଲ ହୋଇଥିଲେ।

# ଶିକ୍ଷକଙ୍କ ଡେପୁଟେଶନକୁ ବିରୋଧ: ଛାତ୍ରୀଛାତ୍ରଙ୍କ ଶ୍ରେଣୀ ବର୍ଜନ

**କୁଜଙ୍ଗ,୩।୭ (ମନୋଜ ପ୍ରଧାନ):** କୁଜଙ୍ଗ ବ୍ଲକ ପାଟପୁର ପଞ୍ଚାୟତ ଅନ୍ତର୍ଗତ ବୋରିଖି ନୋଡାଲ ଉଚ୍ଚ ବିଦ୍ୟାଳୟର କଳା ଶିକ୍ଷକ ସୂର୍ଯ୍ୟକାନ୍ତ ମଲ୍ଲଙ୍କୁ ସପ୍ତାହକୁ ତିନିଦିନିଆ ଡେପୁଟେଶନରେ କୁଜଙ୍ଗ ବନବିହାରୀ ଉଚ୍ଚ ବିଦ୍ୟାଳୟ( ବିବି ହାଇସ୍କୁଲ)କୁ ଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାର ପ୍ରତିବାଦରେ ସୋମବାର ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଶ୍ରେଣୀ ବର୍ଜନ କରି ବିଦ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରିଥିଲେ। ଏନେଇ ପାଠ ପଢା ବନ୍ଦ ହୋଇଯାଇଥିଲା। ବ୍ଲକ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାଶୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ବିନା ପୂର୍ବ ସୂଚନାରେ ଶ୍ରେଣୀ ବର୍ଜନ ହୋଇଥିବାରୁ ସେ ଜିଲା ଶିକ୍ଷାଧିକାରୀଙ୍କୁ ଜଣାଇବେ ବୋଲି ବ୍ଲକ ଶିକ୍ଷାଧିକାରୀ ପବିତ୍ର କୁମାର କର କହିଛନ୍ତି । ବୋରିଖି ବିଦ୍ୟାଳୟରେ ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ୨୦୭ ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଏଠାରେ ୧୦ ଜଣ ଶିକ୍ଷୟିତ୍ରୀ, ଶିକ୍ଷକ ନିୟୋଜିତ ହୋଇଛନ୍ତି। କିନ୍ତୁ କୁଜଙ୍ଗ ବିବି ହାଇସ୍କୁଲରେ ୭୫୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସେମାନଙ୍କ ପାଇଁ ୨୩ ଜଣ ଶିକ୍ଷକ ଆବଶ୍ୟକ ଥିବାବେଳେ ମୋଟ ୧୨ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଶିକ୍ଷାଦାନ କରୁଥିଲେ। ବହୁ ବିଦ୍ୟାଳୟରେ ୫୦ରୁ ୬୦ ଜଣ ପିଲାଙ୍କପାଇଁ ଜଣେ ଶିକ୍ଷକ ଥିବା ବେଳେ ବୋରିଖି ଉଚ୍ଚ ବିଦ୍ୟାଳୟରେ ପ୍ରତି ୨୦ଜଣ ଛାତ୍ରୀଛାତ୍ରୀଙ୍କ ପାଇଁ ଜଣେ ଶିକ୍ଷକ ଥିବାର ଜଣାପଡିଛି। ଏନେଇ ଉକ୍ତ ବିଦ୍ୟାଳୟରୁ ମଲ୍ଲଙ୍କୁ ଜିଲା ଶିକ୍ଷାଧିକାରୀ ଡେପୁଟେଶନରେ ବିବି ହାଇସ୍କୁଲକୁ ଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।



ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ସମ୍ମୁଖ ରାସ୍ତା ଅବରୋଧ କରି ଧାରଣା ଦେଇଛନ୍ତି।



ଜିଲାପାଳଙ୍କ ଜନଶୁଣାଣିରେ ପ୍ରଶାସନିକ ଅଧିକାରୀମାନେ ଅଭିଯୋଗ ଶୁଣୁଛନ୍ତି।

# ଜିଲାପାଳଙ୍କ ଜନଶୁଣାଣିରେ ୭୮ ଅଭିଯୋଗ ପଞ୍ଜୀକୃତ

**ବିରିଡି,୩।୭(ପ୍ରଶାନ୍ତ କୁମାର ରାଉତ)**

ବିରିଡି ବ୍ଲକ ସମ୍ମିଳନୀ କକ୍ଷରେ ସୋମବାର ଜଗତ୍‌ସିଂହପୁର ଜିଲାପାଳ ପାରୁଲ ପଟୱାରୀଙ୍କ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୭୮ ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ଏଥିରେ ଜିଲାପାଳଙ୍କ ସହ ଉପଜିଲାପାଳ ପ୍ରଦୀପ୍ତ କୁମାର ସାହୁ, ଏସ୍‌ପି ରାହୁଲ ପି.ଆର, ଏପିଡି ଅଭିମନ୍ୟୁ ପଣ୍ଡା, ବ୍ଲକ ଅଧ୍ୟକ୍ଷ ମମତା ପାତ୍ର, ଉପାଧ୍ୟକ୍ଷା ପିନାକୀ ପ୍ରିୟଦର୍ଶିନୀ, ବିଡିଓ ହେମନ୍ତ କୁମାର ମହାନ୍ତ ଓ ତହସିଲଦାର ସହଦେବ ସାହୁଙ୍କ ସହ ଜିଲାର ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଉତ୍ତର ଶାସନ ପଞ୍ଚାୟତର ସରପଞ୍ଚ ସୁରେନ୍ଦ୍ର କୁମାର ଶତପଥୀ ଅଭିଯୋଗ କରିଥିଲେ ଯେ, ପଞ୍ଚାୟତରେ ୬ ମାସ ହେବ ଏକ ଶୀତଳ ଭଣ୍ଡାର ନିର୍ମାଣ ସରିଥିଲେ ମଧ୍ୟ ତାହା ଏପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଏଥିସହ ପଞ୍ଚାୟତରେ ବିପୁଳ ପରିମାଣୀ ବେଆଇନ ଚୋରା ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଥିବାନେଇ ଅଭିଯୋଗ କରାଯାଇଥିଲା। ବ୍ଲକର ଉକୁନ୍ଦରା ପଞ୍ଚାୟତର ମା'ବିଳାସୁଣୀ ମନ୍ଦିର ଚାନ୍ଦିନୀ ନିର୍ମାଣ ନିମ୍ନମାନର ଓ ଅଲିପଡା ନଦୀବନ୍ଧରୁ ଜେନା ସାହି ଢଳେଇ ରାସ୍ତା ଉପରେ ସିମେଣ୍ଟ ପ୍ଲାଷ୍ଟର କରିଯିବା ସହ କୌଣସି ସୂଚନା ଫଳକ ନ ଲଗାଇ ବିଲ୍ କରି ଟଙ୍କା ଉଠାଯାଇଛି ବୋଲି ଅଲିପଡା ଗ୍ରାମର ସୁମନ୍ତ ପାତ୍ର ଜିଲାପାଳଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ବୁଢାପଡା ପଞ୍ଚାୟତ ପକ୍ଷରୁ ବଜାରରେ କରାଯାଇଥିବା ମାର୍କେଟ କମ୍ପ୍ଲେକ୍ସ କାର୍ଯ୍ୟ ୨୦୧୪ରୁ ସରିଥିଲେ ସୁଦ୍ଧା ପଞ୍ଚାୟତ ଲୋକମାନଙ୍କ ଠାରୁ ଭଡା ଆଦାୟ କରାଯାଉନାହିଁ ବୋଲି ଚିତ୍ତରଞ୍ଜନ ପାତ୍ର ଅଭିଯୋଗ କରିଛନ୍ତି। ବିରିଡି ବ୍ଲକ କଳନ୍ତିରା ନିକଟରେ ହଂସୁଆ ନଦୀରୁ ଜଳ ନିଷ୍କାସନ ହୋଇପାରୁ ନଥିବାରୁ ସ୍ଥାନୀୟ ଧାନଜମିରେ ଫସଲ ନଷ୍ଟ ହେଉଛି ବୋଲି ଗୌରାଙ୍ଗ ପଟ୍ଟନାୟକ, ବାବାଜୀ ରାଉତ ପ୍ରମୁଖ ଅଭିଯୋଗ କରିଛନ୍ତି । ସେହିପରି ଆବାସ ଓ ଭତ୍ତା ସମ୍ପର୍କିତ ଅଭିଯୋଗ ମଧ୍ୟ ହୋଇଥିଲା। ଏସବୁ ଅଭିଯୋଗ ତଦନ୍ତ କରି ଆବଶ୍ୟକ ପଦକ୍ଷେପ ନେବାକୁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ବିଷ ପିଇ ମହିଳାଙ୍କ ଆତ୍ମହତ୍ୟା ଅଭିଯୋଗ

**ବାଲିକୁଦା,୩।୭(ତାପସ ସ୍ୱାଇଁ)**

ବାଲିକୁଦା ଥାନା ଅଧୀନ କୃଷ୍ଣଦାସପୁର ପଞ୍ଚାୟତ ଚଷାପଡ଼ା ଗାଁରେ ଦାମ୍ପତ୍ୟ କଳହକୁ କେନ୍ଦ୍ର କରି ଜଣେ ମହିଳା ବିଷ ପିଇ ଆତ୍ମହତ୍ୟା କରିଥିବା ନେଇ ଅଭିଯୋଗ ହୋଇଛି। ସେ ହେଲେ ଏହି ଗାଁର ଗୋପୀନାଥ ସାହୁଙ୍କ ସ୍ତ୍ରୀ ଝୁନିଲତା ସାହୁ(୪୩)। ଏନେଇ ଜଗତ୍‌ସିଂହପୁର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ପରିବାର ଲୋକଙ୍କ ସୂଚନା ଅନୁଯାୟୀ, ଗାଁରେ ଗୋପୀନାଥ ବୁଲି ଦହିବରା ଆଳୁଦମ ବିକ୍ରି କରି ପରିବାର ପ୍ରତି ପୋଷଣ କରନ୍ତି। ହେଲେ ସ୍ୱାମୀ-ସ୍ତ୍ରୀ ମଧ୍ୟରେ ସବୁ ସମୟରେ କଳହ ଲାଗି ରହୁଥିଲା । ରବିବାର ସନ୍ଧ୍ୟାରେ ଗୋପୀନାଥ ଘରକୁ ଫେରିବା ପରେ ସ୍ତ୍ରୀ ଝୁନିଲତାଙ୍କ ସହ ଝଗଡ଼ା ହୋଇଥିଲା। ଏଥିଯୋଗୁ ଝୁନିଲତା ଘରେ ଥିବା ପୋକମରା ଔଷଧକୁ ପିଇଦେଇ ଅସୁସ୍ଥ ହୋଇ ଯାଇଥିଲେ । ରାତି ପ୍ରାୟ ୧୨ଟା ସମୟରେ ତାଙ୍କୁ ଜଗତ୍‌ସିଂହପୁର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଝୁନିଲତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଖବରପାଇ ଜଗତ୍‌ସିଂହପୁର ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି।


## ପୂର୍ବ ତଟ ରେଳପଥ

e-Tender Notice No.:
ETCECONIIIBBS2023029, ତାରିଖ : 19.06.2023

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ ଡିଭିଜନ ଅନ୍ତର୍ଗତ ହାଓଡା-ଚେନ୍ନାଇ ମେନ୍ ଲାଇନ୍‌ର ରାଣୀତାଲ - ଭଦ୍ରକ ସେକ୍ସନ ମଧ୍ୟରେ ଆରସିସି ଡେକ୍ ସ୍ଲାବ୍ ସହିତ ସ୍ପାନ୍ 72 ମିଟର ବୋଷ୍ଟ୍ରିଙ୍ଗ୍ ଗାର୍ଡରର ରୋଡ ଓଭରବ୍ରିଜ୍ ଏବଂ ଏଲ୍‌ସି ନଂ.: 118 ପରିବର୍ତ୍ତେ କି.ମି. 292/13-15 ଠାରେ 4.00x2.50 ମିଟର ସାଇଜ୍‌ର ସୀମିତ ଉଚ୍ଚର ସବୱେ (ଏଲ୍‌ଏଚ୍‌ଏସ୍) ର ନିର୍ମାଣ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ଟ.1712.68 ଲକ୍ଷ,
EMD : ଟ.10,06,400/-
କାର୍ଯ୍ୟ ସମାପ୍ତିର ଅବଧି : 18 (ଅଠର) ମାସ

**ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :**
ତା.20.07.2023 ରିଖ 1200 ଘଟିକାରେ।

ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟରହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ :http://www.ireps.gov.in. ରେ ଉପଲବ୍ଧ ଅଟେ। ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର ପନ୍ଦର ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ବିଡରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜିକୃତ ହୋଇଥିବେ। କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ଟେଣ୍ଡରଦାତାମାନେ, ଟେଣ୍ଡରଦାତାମାନଙ୍କ ପାଇଁ ଥିବା ସମସ୍ତ ନିର୍ଦ୍ଦେଶାବଳୀ ସମ୍ବନ୍ଧରେ ଅବଗତ ହେବା ଏବଂ ଚେକ୍ ଲିଷ୍ଟସ୍, ଟେଣ୍ଡର ଫର୍ମ (ସେକେଣ୍ଡ ସିଟ୍)ର ପାରା ୩.୧ (ଅତିରିକ୍ତ ଚେକ-ଲିଷ୍ଟ), ଟେଣ୍ଡର କାଗଜାତର ଉପୁର ୨ର ଆନେକ୍ସର-୧, ଆନେକ୍ସର-ବିର ସଠିକ୍ ଯାଞ୍ଚ ଏବଂ ଉଟାର୍ଡ ଆକାଉଣ୍ଟେଣ୍ଟଙ୍କ ଦ୍ୱାରା ଦସ୍ତଖତ ସହିତ ସମସ୍ତ ନିର୍ଦ୍ଦେଶାବଳୀ ପାଳନ କରିବା ଆବଶ୍ୟକ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ଭୁବନେଶ୍ୱର
PR-37/CG/23-24

## ODISHA COOPERATIVE TASAR & SILK FEDERATION LTD. (SERIFED)

Sahid Nagar, Janpath, Bhubaneswar-751007, Tel : 0674-2545586 / 2545852 (O),
E-mail: serifedodisha@gmail.com, Website: www.serifedodisha.in

BID IDENTIFICATION NO:- VI-47(03)/SERIFED/2023-24/1413 Dt.:01.07.2023

### TENDER CALL NOTICE

The MANAGING DIRECTOR (SERIFED), Odisha, Bhubaneswar invites sealed tenders in single cover bids from the registered contractors for 01 no of work at Bhubaneswar. The bid documents such as DTCN/BOQ etc. can be seen/downloaded from the website : **www.serifedodisha.in**. during the period **dt. 06.07.2023 to 5.00 PM up to 13.07.2023**. Tender shall be received till **5.00 PM on 13.07.2023** & shall be opened at **11.30 AM** on **14.07.2023**. Any addendum / corrigendum / cancellation of tender can also be seen in the said website.

Sd/-
MANAGING DIRECTOR

## JHARKHAND URBAN INFRASTRUCTURE DEVELOPMENT COMPANY LIMITED

(Govt. of Jharkhand Undertaking)
JUIDCO Bhawan, Kutchery Chowk,
Ranchi-834001, Jharkhand.
Ph No.: +91-651-2225878;
e-mail Id-; pdt.juidco@gmail.com
CIN: U45200JH2013SGC001752

**NIT No: - JUIDCO/NIT/PPP/ISBTJsr/538**
**Date: 3rd July, 2023**
**Tender ID: - 2023_UDD_70371_1 PR No.: 296107**

**Corrigendum- 4**

All bidders are hereby announced that Corrigendum- 4 is released for tender having details as mentioned above for "**Development of Inter-State Bus Terminal at Jamshedpur in Jharkhand on PPP Basis**". The bidders are advised to consider the same before submission of their bids against the tender.

Note: Corrigendum- 04 can be referred from the e-tender site of Govt. of Jharkhand i.e., (https:// jharkhand tenders.gov.in)

Sd/- Project Director (Technical)
JUIDCO Ltd., Ranchi

PR301282 (Urban Development and Housing)23-24*D

## झारखण्ड सरकार
## कार्यपालक अभियंता का कार्यालय
## ग्रामीण विकास विशेष प्रमण्डल, धनबाद

मोबाईल नं० : 8789242462 Email : rdsd.dhanbad@rediffmail.com

पत्रांक:-670 धनबाद / दिनांक-01.07.2023

**ई0-निविदा आमंत्रण सूचना**

ई- निविदा सूचना संख्या - **RWD/SD/DHANBAD-24/2023-24 (2nd Call)**

1.कार्य की विस्तृत विवरणी:

| क्र0सं0 | कार्य का नाम | प्राक्कलित राशि (लाख में) | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|
| 1 | धनबाद जिला के झरिया प्रखण्ड अन्तर्गत वार्ड नं0 39 में जामाडोबा न्यु भीलेज मुस्लिम पट्टी के निकट जोरिया पर पुल निर्माण। | 186.069 | परिमाण विपत्र की राशि 2% | 10000.00 | 15 महीना |
| 2 | धनबाद जिला के बाधमारा प्रखण्ड अन्तर्गत धर्माबाँध पंचायत में मोहनधाम मंदिर के निकट खोदो नदी पर पुल निर्माण। | 235.581 | परिमाण विपत्र की राशि 2% | 10000.00 | 15 महीना |

2. वेबसाइट में निविदा प्रकाशन की तिथि - **14.07.2023**
3. ई0-निविदा प्राप्ति की तिथि एवं समय - दिनांक **21.07.2023** को अपराह्न 5:00 बजे तक।
4. निविदा शुल्क एवं अग्रधन की राशि जमा करने की अंतिम तिथि एवं समय **24.07.2023** अपराह्न 05:00 बजे तक।
5. निविदा शुल्क एवं अग्रधन की राशि जमा करने का स्थान:-
   i) ग्रामीण विकास विशेष प्रमंडल, धनबाद।
   ii) ग्रामीण विकास विशेष अचंल, हजारीबाग।
   iii) **E-Procurement Cell,** मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची।
6. निविदा शुल्क एवं अग्रधन की राशि जमा करने की तिथि को यदि राज्य में सरकारी अवकाश घोषित होता है, तो उक्त तिथि एवं समय अगले कार्यदिवस तक स्वतः विस्तारित समझें जायेगी।
7. निविदा खोलने का स्थान- **E-Procurement Cell,** मुख्य अभियंता कार्यालय, ग्रामीण विकास विशेष प्रक्षेत्र, एफ0एफ0पी0 भवन, धुर्वा, राँची।
8. निविदा खोलने की तिथि एवं समय- **26.07.2023** अपराह्न 2:00 बजे तक।
9. निविदा आमंत्रित करने वाले पदाधिकारी का नाम एवं पता :- **ई0 नरेन्द्र कुमार,** कार्यपालक अभियंता, ग्रामीण विकास विशेष प्रमंडल, धनबाद।
10. ई-निविदा प्रकोष्ठ का दूरभाष सं० - **8789242462** (संबंधित कार्यपालक अभियंता का दूरभाष नम्बर)
11. निविदा शुल्क राष्ट्रीयकृत बैंक द्वारा निर्गत ड्राफ्ट या बैकर्स चेक जो कार्यपालक अभियंता, ग्रामीण विकास विशेष प्रमंडल, धनबाद के पदनाम से देय हो देना होगा।
12. परिमाण विपत्र की राशि घट-बढ़ सकती है तदनुसार अग्रधन की राशि देय होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

(ई0 नरेन्द्र कुमार)
कार्यपालक अभियंता
ग्रामीण विकास विशेष प्रमंडल,

PR 301245 Rural Development(23-24).D

## ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା

(ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର)
ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ୟୁନିଟ୍-୮
ଭୁବନେଶ୍ୱର-୭୫୧୦୧୨

ସଂଖ୍ୟା ୧୦୪୬୪ IND-II-PH-1155 ତା.୦୩.୦୭.୨୦୨୩
No. CAD-1127

### ବିଜ୍ଞାପନ

ଏତଦ୍ୱାରା ସମସ୍ତଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ମେସର୍ସ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ ଓଡିଶାର ଅନୁଗୁଳ ଜିଲ୍ଲା, ତାଳଚେର ସଦର ତହସିଲ ଅନ୍ତର୍ଗତ ନକେଇପସି, ନୀଳାଦ୍ରିପୁର, ସତ୍ୟବାଦୀପୁର, କିଶୋରଚନ୍ଦ୍ରପୁର, ସରାଙ୍ଗ, ତିଳେଇପସି, ଖଜୁରିଆ, ପ୍ରସନ୍ନନଗର, ସୋଲଡା, ଡଅଁରା, ବିଦ୍ୟମାନ:ନକେଇପସି, ଲଛମନପୁର, ପଦ୍ମାବତୀପୁର, ଦଶରଥିପୁର, ଅନନ୍ତବେରାଣୀ, ବୈଦେଶ୍ୱର, ଜମୁବାହାଲି ଗ୍ରାମରେ ସ୍ଥିତ ଭରତପୁର ଖୋଲାମୁହଁ କୋଇଲା ଖଣିର ଲିଜ୍ ଅଂଚଳକୁ ଅତିରିକ୍ତ ୯୨୭.୪୨ ହେକ୍ଟରରୁ ୧୫୫୬.୯୪ ହେକ୍ଟରକୁ ସମ୍ପ୍ରସାରିତ କରି ବାର୍ଷିକ ଉତ୍ପାଦନ କ୍ଷମତା ୨୦ ମିଲିୟନ ଟନ୍‌କୁ ବୃଦ୍ଧି କରିବା ନିମନ୍ତେ ପରିବେଶୀୟ ମଞ୍ଜୁରୀ ପାଇଁ "ସର୍ବସାଧାରଣ ଶୁଣାଣି" ତା.୨୮.୦୬.୨୦୨୩ ରିଖ ଦିବା ୧୧.୦୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା, ଦକ୍ଷିଣ ବଲଣ୍ଡା ତାଳଚେର, ଜଗନ୍ନାଥ କଲୋନୀସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ଅନୁଷ୍ଠିତ ହେବାକୁ ଧାର୍ଯ୍ୟ ହୋଇଥିଲା ।

ଉକ୍ତ ଶୁଣାଣିର ବିଶେଷ ତଥ୍ୟ ବିଭିନ୍ନ ସମ୍ବାଦପତ୍ର ଯଥା "The Times of India" ଏବଂ "ଧରିତ୍ରୀ"ରେ ତା.୨୫.୦୫.୨୦୨୩ ରିଖରେ ବିଜ୍ଞାପନ ପ୍ରକାଶ କରାଯାଇଥିଲା । କିନ୍ତୁ ତା.୨୮.୦୬.୨୦୨୩ ରିଖ ଦିନ ବାହୁଡା ଯାତ୍ରା ଅନୁଷ୍ଠିତ ହେଉଥିବାରୁ ଉକ୍ତ ଜନଶୁଣାଣିକୁ ସ୍ଥଗିତ କରାଯାଇଅଛି । ଉକ୍ତ ସର୍ବସାଧାରଣ ଶୁଣାଣି ତା.୨୧.୦୭.୨୦୨୩ ରିଖ ଦିବା ୧୧.୦୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା, ଦକ୍ଷିଣ ବଲଣ୍ଡା ତାଳଚେର, ଜଗନ୍ନାଥ କଲୋନୀସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ହେବାକୁ ପୁନଃ ନିର୍ଦ୍ଧାରିତ ହୋଇଛି ।

ଭାରତ ସରକାର ପରିବେଶ, ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟର ପରିବେଶୀୟ ମଞ୍ଜୁରୀ ନିମନ୍ତେ ଅଧିସୂଚନା ସଂଖ୍ୟା ଏସ୍.ଓ. ୧୫୩୩ (ଇ), ତା୧୪।୦୯।୨୦୦୬ ରିଖ ଅନୁଯାୟୀ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ଭୁବନେଶ୍ୱରଙ୍କୁ ସର୍ବସାଧାରଣ ଶୁଣାଣି କରିବାର କ୍ଷମତା ପ୍ରଦାନ କରିଛନ୍ତି । ଏଥିନିମନ୍ତେ ବୋର୍ଡ, ସର୍ବସାଧାରଣଙ୍କ ସମେତ ପ୍ରକୃତ ଅଧିବାସୀ, ପରିବେଶୀୟ ସଂସ୍ଥା ଏବଂ ପ୍ରସ୍ତାବିତ ପ୍ରକଳ୍ପ ସ୍ଥାପନ ହେଉଥିବା ସ୍ଥାନରେ ଜନବର୍ଗ, ପ୍ରକଳ୍ପ ଯୋଗୁ ଉଚ୍ଛେଦ ହେଉଥିବା ବାସିନ୍ଦା, ପ୍ରକଳ୍ପ ଯୋଗୁ ପ୍ରଭାବିତ ହେଉଥିବା ବାସିନ୍ଦାମାନଙ୍କଠାରୁ ପ୍ରକଳ୍ପ ସ୍ଥାପନ ଯୋଗୁ ପରିବେଶୀୟ ପ୍ରଭାବ ସମ୍ବନ୍ଧୀୟ ପ୍ରସ୍ତାବ, ମତାମତ, ମନ୍ତବ୍ୟ ଓ ଆପତ୍ତିପତ୍ର ଆହ୍ୱାନ କରୁଛନ୍ତି । ଏଥିନିମନ୍ତେ ବ୍ୟକ୍ତିର ଅର୍ଥ କେବଳ ନିମ୍ନମତେ ବୁଝାଯାଉଛି:

(କ) ପରିବେଶୀୟ ମଞ୍ଜୁରୀ ଦ୍ୱାରା ପ୍ରଭାବିତ ହେଉଥିବା ବା ହେବାକୁ ଥିବା ଯେ କୌଣସି ବ୍ୟକ୍ତି ।
(ଖ) ପ୍ରକଳ୍ପ ସମ୍ବନ୍ଧିତ ପରିବେଶୀୟ ମଞ୍ଜୁରୀ ପାଇଁ ଆଗତ ଦରଖାସ୍ତ ପରିପ୍ରେକ୍ଷୀରେ ତହିଁ ଉପରେ କର୍ତ୍ତୃତ୍ୱ ଜାହିର କରିପାରୁଥିବା କୌଣସି ବ୍ୟକ୍ତିବିଶେଷ।
(ଗ) ପରିବେଶ କ୍ଷେତ୍ରରେ କାର୍ଯ୍ୟ କରୁଥିବା କିମ୍ବା / ଏବଂ ପ୍ରସ୍ତାବିତ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ହେଉଥିବା (ପଞ୍ଜୀକୃତ ବା ଅଣପଞ୍ଜୀକୃତ) ଯେ କୌଣସି ବ୍ୟକ୍ତି ସମୂହଙ୍କ ସଂଘ ।
(ଘ) ପ୍ରସ୍ତାବିତ ପ୍ରକଳ୍ପର ସ୍ଥାନୀୟ ସୀମାଭୁକ୍ତ ନିକଟବର୍ତ୍ତୀ ଅଞ୍ଚଳରେ ଯେ କୌଣସି ସ୍ଥାନୀୟ କର୍ତ୍ତୃପକ୍ଷ ।

ଉପରୋକ୍ତ ବ୍ୟକ୍ତିମାନେ ସେମାନଙ୍କର ପ୍ରସ୍ତାବ, ମତାମତ, ମନ୍ତବ୍ୟ ଏବଂ ଆପତ୍ତି ଇତ୍ୟାଦିକୁ ସଦସ୍ୟ ସଚିବ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାଙ୍କୁ ଲିଖିତ ଆକାରରେ ଏହି ବିଜ୍ଞାପନ ପ୍ରକାଶନର ୩୦ ଦିନ ମଧ୍ୟରେ ରେଜିଷ୍ଟ୍ରି ଡାକ ଯୋଗେ ଜଣାଇପାରିବେ । ଏହାଛଡ଼ା ଉକ୍ତ ପ୍ରସ୍ତାବିତ ପ୍ରକଳ୍ପ ଉପରେ ଲିଖିତ ବା ମୌଖିକ ଭାବେ ମତାମତ ଦେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନେ ତା.୨୧.୦୭.୨୦୨୩ ରିଖ ଦିବା ୧୧.୦୦ ଘଟିକା ସମୟରେ ଅନୁଗୁଳ ଜିଲ୍ଲା, ଦକ୍ଷିଣ ବଲଣ୍ଡା, ତାଳଚେର, ଜଗନ୍ନାଥ କଲୋନୀସ୍ଥିତ ଜଗନ୍ନାଥ କଳାକେନ୍ଦ୍ରଠାରେ ଧାର୍ଯ୍ୟ ସର୍ବସାଧାରଣ ଶୁଣାଣି ସମୟରେ ମଧ୍ୟ ଉପସ୍ଥାପନ କରିପାରିବେ ।

ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ବିଶଦ୍ ଭାବରେ ଜାଣିବା ପାଇଁ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀ (Environmental Impact Assessment) ଏବଂ ଏହାର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ନିମ୍ନଲିଖିତ ସ୍ଥାନମାନଙ୍କରେ ମିଳିପାରିବ ।

୧. ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, **ଅନୁଗୁଳ** ।
୨. ଜିଲ୍ଲା ଶିଳ୍ପକେନ୍ଦ୍ର, **ଅନୁଗୁଳ**।
୩. ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ, **ଅନୁଗୁଳ**।
୪. ମୁଖ୍ୟ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, ପରିବେଶ ଭବନ, ଏ/୧୧୮, ନୀଳକଣ୍ଠନଗର, ଭୁବନେଶ୍ୱର-୭୫୧୦୧୨ ।
୫. ଆଞ୍ଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶା, **ଅନୁଗୁଳ**।
୬. ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ, ଓଡ଼ିଶା ସରକାର, ଭୁବନେଶ୍ୱର ।

ଏତଦ୍‌ବ୍ୟତୀତ ପରିବେଶୀୟ ପ୍ରଭାବ ମୂଲ୍ୟାୟନ ବିବରଣୀର ନିର୍ବାହୀ ସାରାଂଶ (Executive Summary) ଓଡ଼ିଆ ଏବଂ ଇଂରାଜୀ ଭାଷାରେ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ୱେବ୍‌ସାଇଟ www.ospcboard.orgରୁ ମଧ୍ୟ ମିଳିପାରିବ।

ଏ ବିଷୟରେ ସବିଶେଷ ବିବରଣୀ ପାଇଁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ, ଓଡ଼ିଶାର ଆଞ୍ଚଳିକ କାର୍ଯ୍ୟାଳୟ, **ଅନୁଗୁଳ**ସ୍ଥିତ ଆଞ୍ଚଳିକ ଅଧିକାରୀ କିମ୍ବା ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟରେ ସଦସ୍ୟ ସଚିବଙ୍କ ସହ ଯୋଗାଯୋଗ କରାଯାଇପାରେ।

ସ୍ୱା./-ସଦସ୍ୟ ସଚିବ
OSPCB-PH-MISC-0044-2023/9/2023 OIPR-08012/11/0052/2324

## ODISHA JOINT ENTRANCE EXAMINATION-2023 (OJEE - 2023)

No. OJEE/288 DATE: 01.07.2023

**Notice Regarding Medical Board for Physically Challenged (PC) Candidates**

No. h-07:- The **Physically Challenged (PC)** Category Candidates having valid JEE (MAIN) 2023 Ranks (Paper 1/Paper 2 and 3) / OJEE 2023 ranks **(conducted during May, 2023)**, who are interested to take admission under PC category in courses of **B.Tech, B.Arch, B.Plan, B. CAT, B.Pharm, MBA, MCA, M. Tech, M. Arch, M. Plan, M.Pharm, all Lateral Entry Courses and Integrated MBA** in OJEE counselling, are required to attend the **Medical Board at LT – II, SCB Medical College, Cuttack on 05.07.2023 and 06.07.2023 at 10.00 AM positively.**

Candidates are required to bring their **PWD ID (Unique Disability ID) issued by appropriate Authority/ Admit Card/ Rank Card** and **Photo Identity Card** to the Medical Board. Candidates **must report at the Board by 9.30 AM** with masks, personal sanitisers etc. and maintain social distance and discipline.

**Decision of the Medical Board is final and binding. Admission to PC category will be made only as per the recommendations of this Board.**

Sd./- CHAIRMAN, OJEE, Odisha

## ODISHA JOINT ENTRANCE EXAMINATION-2023 (OJEE - 2023)

No. OJEE/289 DATE: 01.07.2023

**NOTICE FOR CANDIDATES APPLYING UNDER EX-SERVICEMEN CATEGORY**

Odisha Native candidates of **Ex-Servicemen Category**, who have qualified in JEE (MAIN) - 2023 and wish to take part in OJEE counselling for admission in **B.Tech / B.Arch / B.Plan / B.CAT Courses** are advised to report to **Rajya Sainik Board, Odisha at IRC Village, Nayapalli, Bhubaneswar during 04th to 7th July, 2023** with all necessary documents for verification of their candidature for reservation under Ex-Servicemen category.

For detailed information, please visit OJEE websites (www.ojee.nic.in/www.odishajee.com).

OIPR-14020/11/0008/2324 Sd./- CHAIRMAN, OJEE

## Government of Odisha
## Higher Education Department

**Important notice for admission into Integrated M.A. Ph.D Program at Odia University, Satyabadi for the academic session 2023-24**

**No.N-30:**It is for information of all concerned that admission into Integrated M.A. Ph. D Program of Odia University, Satyabadi shall be done through a separate Entrance examination. Accordingly, the candidates are hereby instructed to fill-up a Common Application Form in the SAMS P.G. portal in three nos. of subjects namely i) Odia Language & Literature, ii) Linguistics & Natural Language Processing, iii) Regional, Tribal Language & Heritage Studies as per the below mentioned timeline.

**Timeline for Entrance Test & e-Admission into Integrated M.A. Ph.D Program**

Timeline for Entrance Test & PG e-Admission for the session 2023-24 for Odia University under the project 'Student Academic Management System (SAMS)' is given below.

1. The CAP fees will be Rs. 500.00 for General applicants and Rs.300.00 for SC/ST applicants for all the 3 subjects and the Fees will be collected in online mode only.
2. No fees shall be collected from the applicants coming under PwD category, Transgender, Orphan, Child Care Institutes & green passage scheme.
3. The Admission fees shall be collected at the time the admission at the level of University.
4. The applicants must have passed +3 with Odia Honours to participate for admission into this **Integrated M.A. Ph. D Program at Odia University.**

| Sl# | Activities | Timeline |
|---|---|---|
| 1 | Availability of online Common Application Form (CAF) on the website www.samsodisha.gov.in | **8-July-2023 (02:00 PM) (Saturday)** |
| 2 | Last date for applying online CAF through www.samsodisha.gov.in | **15-July-2023(11:45 PM) (Saturday)** |
| 3 | Submission of applicant's data to the State Selection Board (SSB) | **18-July-2023 (Tuesday)** |
| 4 | Availability of Hall Ticket on the website of the State Selection Board (SSB) i.e. https://ssbodisha.ac.in as well as on the SAMS website for downloading the Admit Card | **7-Aug-2023 (02:00 PM onwards) (Monday)** |
| 5 | Conduct of Entrance Examination | **13-Aug-2023 (Sunday)** |
| 6 | Handing over the entrance marks to OCAC by SSB, Odisha | **18-Aug-2023 (Friday)** |
| 7 | Publication of Subject wise merit list | **23-Aug-2023 (02:00 PM) (Wednesday)** |
| 8 | Publication of Provisional Allotment of Seats / Waitlisted seats | **26-Aug-2023 (02:00 PM) (Saturday)** |
| 9 | Reporting of applicants for taking admission (Venue will be notified in due course) | **28-Aug-2023 (09:00 AM) (Monday)** |
| 10 | Data updation of admitted students in the e-space by the University | **28-Aug-2023 (till 05:00 PM) (Monday)** |

**For More details Please Contact:e-Admission Helpline (Toll Free) Number 155335/1800-345-6770**

**N.B. The Zone of the Entrance Examination Centers will be at 1.Bhubaneswar 2. Berhampur 3.Balasore & 4.Sambalpur**

OIPR-11001/11/0011/2324 **Sd./- Deputy Director, PTC Section**


See Career Appointment on every Wednesday & Saturday

# ବୁଣା ଧାନ ଗଜାମରୁଡ଼ି ଆଶଙ୍କାରେ ଚାଷୀ

କେନ୍ଦ୍ରାପଡ଼ା, ୩।୭ (ଜଗନ୍ନାଥ ଧଳ)

ଓଡ଼ିଶାକୁ ମୌସୁମୀ ବର୍ଷା ଆସିଥିବା ପାଣିପାଗ ବିଶେଷଜ୍ଞ ସୂଚନା ଦେଇଛନ୍ତି। ମାତ୍ର ଉପକୂଳବର୍ତ୍ତୀ କେନ୍ଦ୍ରାପଡ଼ା ଜିଲାରେ ଏହାର ପ୍ରଭାବ ଆଦୌ ଜଣାପଡ଼ିନାହିଁ। ଗତ ମେ ଓ ଜୁନ୍ ମାସରେ ହୋଇଥିବା ସାମାନ୍ୟ ବର୍ଷାରେ ଚାଷୀ ଖରିଫ ଧାନ ଚାଷ ଆରମ୍ଭ କରିଥିବା ବେଳେ ଜୁଲାଇ ୩ ସୁଦ୍ଧା ଜିଲାର ୯ ବ୍ଲକ ଅଞ୍ଚଳରେ ୧୧୪୮ ମି.ମି. ବର୍ଷା ହୋଇଛି। ଅପରପକ୍ଷରେ ୨୦୨୧ରେ ଏହି ସମୟରେ ୬୧୬୮ ମି.ମି. ବର୍ଷା ହୋଇଥିଲା। ଫଳରେ କ୍ଷେତ ଶୁଖିଲା ପଡ଼ିଛି। ସେହିପରି କେନାଲରେ ପାଣି ଆସି ନ ଥିବାରୁ ଲଘୁଚାପ ବା ମୌସୁମୀ ବର୍ଷା ପାଇଁ ଚାଷୀ ଆକାଶକୁ ଚାହିଁଛନ୍ତି। ଚାଷ ପାଇଁ ବିଭିନ୍ନ ସ୍ଥାନରୁ ଋଣ ଆଣି ଧାନ ବୁଣିଥିଲେ। ଏବେ ଏହା ଗଜା ମରୁଡ଼ି ହେବ ବୋଲି ଚାଷୀ ଆଶଙ୍କା କରୁଛନ୍ତି। ଜଳସେଚନ ବିଭାଗର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ କେନାଲକୁ ପାଣି ଛଡ଼ାଯାଉନାହିଁ। ତୁରନ୍ତ କେନାଲରେ ପାଣି ଛାଡ଼ିବାକୁ ସ୍ଥାନୀୟ ଅଞ୍ଚଳର ଚାଷୀ ଦାବି କରିଛନ୍ତି। କୃଷି ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ସମୁଦାୟ ଜଳସେଚିତ ୬୫,୦୩୨ ହେକ୍ଟର ଜମି ମଧ୍ୟରୁ ୪୫,୯୧୪ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚନ ହୋଇଥାଏ। ମହାନଦୀ ନର୍ଥ ଡିଭିଜନ ଅନ୍ତର୍ଗତ ଡେରାବିଶ ବ୍ଲକର ୨୯୬୧ ହେକ୍ଟର, ମାର୍ଶାଘାଇର ୧୦୫୫ ହେକ୍ଟର ଓ ଗରଦପୁର ବ୍ଲକର ୧୦୪୯ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ। ସେହିପରି କେନ୍ଦ୍ରାପଡ଼ା ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡ଼ାର ୧୬,୩୫୭ ହେକ୍ଟର, ଡେରାବିଶର ୭୮୪୦ ହେକ୍ଟର, ମାର୍ଶାଘାଇର ୩୪୦୯ ହେକ୍ଟର, ମହାକାଳପଡ଼ାର ୩୦୦୭ ହେକ୍ଟର ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଞ୍ଚଳର ୧୧,୦୪୯ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ପାଣି ଯୋଗାଇ ଦିଆଯାଏ। ଅପରପକ୍ଷରେ ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳ ସହ ଅନ୍ୟ ବ୍ଲକ ଅଞ୍ଚଳର ଚାଷୀ ଉଠା ଜଳସେଚନ ଓ ବର୍ଷା ଉପରେ ନିର୍ଭର କରିଥାନ୍ତି। ଜିଲା ଜରୁରିକାଳୀନ ବିଭାଗ ତଥ୍ୟ ଅନୁଯାୟୀ ୨୦୨୧ ମେ ମାସରେ ହାରାହାରି ୪୩୬.୨୨ ମି.ମି., ଜୁନ୍‌ରେ ୨୪୯.୧୧ ମି.ମି. ପରିମାଣର ବର୍ଷା ହୋଇଥିଲା। ୨୦୨୨ରେ ସ୍ୱଳ୍ପ ପରିମାଣର ବର୍ଷ ହୋଇଥିଲା। ଏହି ତୁଳନାରେ ଚଳିତବର୍ଷ ମେ ମାସରେ ହାରାହାରି ମାତ୍ର ୪୪.୫୭ ମି.ମି. ଓ ଜୁନ୍‌ରେ ୮୨.୯୪ମି.ମି ବର୍ଷା ହୋଇଛି, ଯାହା ଚାଷ ପାଇଁ ଉପଯୁକ୍ତ ପରିମାଣର ବର୍ଷା ନୁହେଁ।

■ ୨ ମାସରେ ୫୫୨ ମି.ମି. କମ୍ ବର୍ଷା
■ କେନାଲରେ ପାଣି ଛାଡ଼ିବାକୁ ଦାବି


କେନ୍ଦ୍ରାପଡ଼ାର କାଳବୁଦା ନିକଟରେ କେନାଲ ଶୁଖିଲା ପଡିଛି।

କେନ୍ଦ୍ରାପଡ଼ା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କହିଛନ୍ତି, ରୁଆ ଧାନ ଥୁଆ କୁହାଯାଏ। କେନାଲ ପାଖାପାଖି ଜମିରେ ତଳି ପକାଯାଇ ଧାନ ଗଛ ରୁଆଯାଏ। ସହଳ କିସମ ଧାନର ଗଛ ପାଇଁ ସମୟସୀମା ଅଛି। ଜୁଲାଇ ମାସ ଆରମ୍ଭରୁ ଧାନ ତଳି ପକାଇଲେ ଶତ ପତିଶତ ଗଛ ହେଉଥିବା ବେଳେ ମାସର ଶେଷକୁ ତଳି ପକାଇଲେ ପ୍ରାୟ ୬୦ ପ୍ରତିଶତ ଗଛ ମିଳିବ। ତେବେ ଜିଲା ଜଳ ସମ୍ପଦ ବିଭାଗ ଏଥିନେଇ ସଚେତନ ନୁହନ୍ତି। ଉପଯୁକ୍ତ ସମୟରେ କେନାଲରେ ପାଣି ଛାଡ଼ିବା ପାଇଁ ସେମାନେ ତତ୍ପରତା ଦେଖାଉନାହାନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ ସୁଫଳ ମିଳୁନାହିଁ। ଡେରାବିଶ ବ୍ଲକ କୋଶିଦା ଗ୍ରାମର ଚାଷୀ କେଶବ ଚନ୍ଦ୍ର ସାମଲ ପ୍ରଶାସନର ଏପରି ଖାମଖିଆଲି ନୀତିକୁ ସମାଲୋଚନା କରିଛନ୍ତି। ଅକ୍ଷୟ ତୃତୀୟାଠାରୁ ଚାଷୀ ଜିଲାରେ ଖରିଫ ଧାନ ଚାଷ ପାଇଁ କ୍ଷେତରେ ବିହନ ବୁଣି ଏବେ ବେଉଷଣ କାର୍ଯ୍ୟ ଆରମ୍ଭ କରିଥାନ୍ତେ। ବର୍ଷାକୁ ଦେଖି ଧାନ ବୁଣାବୁଣି ହୁଏ। ଚଳିତବର୍ଷ ଆବଶ୍ୟକ ବର୍ଷା ନ ହେବାରୁ ବୁଣା ଧାନ ଗଜା ମରୁଡ଼ି ଅବସ୍ଥାକୁ ଆସିଯାଇଛି। ଋଣକରି ଚାଷ କରିଥିବା ବେଳେ ଧାନ ନ ହେଲେ ଋଣ ଶୁଝିବା କଷ୍ଟକର ହେବ। କୃଷକ ନେତା ବିଧୁଭୂଷଣ ମହାପାତ୍ର କହିଛନ୍ତି, ରାଜ୍ୟର ଦ୍ୱିତୀୟ ଜଳପଥ ଏହି ଜିଲାରେ ଅଛି। ୭ ନଦୀ, ୨୭ ଶାଖା କେନାଲ ସହ ବୃହତ୍ କେନାଲ ଅଛି। ଏହା ସତ୍ତ୍ୱେ ଜଳ ପରିଚାଳନା କୃଷି ପାଇଁ ବାଧକ ହୋଇଛି। ଜଳସେଚନ ପାଇଁ ଚାଷକୁ ଜଳ ମିଳୁ ନ ଥିବା ବେଳେ ବନ୍ୟା ଓ ଅତ୍ୟଧିକ ବର୍ଷା ସମୟରେ ଉଦ୍‌ବୃତ୍ତ ଜଳ ନିଷ୍କାସନ ସମସ୍ୟା ଅଛି। କୃଷିଭିତ୍ତିକ ଅର୍ଥନୀତିରେ ପରିଚାଳିତ ଏହି ଜିଲାରେ ୭ ନଦୀର ସଂଯୋଗୀକରଣ ସହ ବିଭିନ୍ନ ସ୍ଥାନରେ କ୍ରିକ୍ ବନ୍ଧ ନିର୍ମାଣର ଆବଶ୍ୟକତା ଅଛି। କେନାଲର ପୁନରୁଦ୍ଧାର ନାମରେ ଘାସ ଚାଞ୍ଛି ଅର୍ଥ ହଡ଼ପ କରାଯାଉଛି। ଏ ସମ୍ପର୍କରେ ଜଳ ସମ୍ପଦ ବିଭାଗ ଅଧୀକ୍ଷକ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ କହିଛନ୍ତି, ଆସନ୍ତା ୧୫ ତାରିଖ ସୁଦ୍ଧା କେନାଲରେ ପାଣି ଛଡ଼ାଯିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଧାନଚାଷ ପାଇଁ କେନାଲ ପାଣି ବାଧକକୁ ସେ ଅସ୍ୱୀକାର କରିଛନ୍ତି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ଅଭିଷେକ


@ ଅନିଲ


@ ମନିକା


@ ରବୀନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ସୂଚନା ଅଧିକାର କର୍ମୀ ସର୍ବେଶ୍ୱରଙ୍କ ପାଇଁ ବଢ଼ିଲା ଅଡୁଆ


ଜବତ ହୋଇଥିବା ପ୍ରୋକଲିନ୍ ମେଶିନ।


ସର୍ବେଶ୍ୱର ବେହୁରା।

■ ମାଟି ପରେ ଏବେ ମୋରମ ଲୁଟ୍‌ରେ ଫସିଲେ
■ ମାଣ୍ଡୁକା ପାହାଡ଼ରୁ ମୋରମ୍ ଲୁଟ୍ ବେଳେ ପ୍ରୋକ୍‌ଲିନ୍ ମେଶିନ ଜବତ
■ ମୋରମ୍ ବୋଝେଇ ୫ ହାଇୱା, ୧ ଟିପ୍ପର ଧରାପଡ଼ିଲା
■ ଚଢ଼ାଉ ବେଳେ ସର୍ବେଶ୍ୱର ଫେରାର

ଚଣ୍ଡିଖୋଲ,୩।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ଯାଜପୁର ଜିଲା ଧର୍ମଶାଳା ଅଞ୍ଚଳର ସୂଚନା ଅଧିକାର କର୍ମୀ ତଥା ଭାଜପା ନେତା ସର୍ବେଶ୍ୱର ବେହୁରା ଦର୍ପଣ ତହସିଲ ତଥା ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ମାଣ୍ଡୁକା ପାହାଡ଼ରୁ ମୋରମ୍ ଲୁଟ୍ କରିବା ଅଭିଯୋଗରେ ଫସିଛନ୍ତି। ରବିବାର ଦର୍ପଣ ତହସିଲଦାର ମାନସ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ମାଣ୍ଡୁକା ପାହାଡ଼ର ବେଆଇନ ମୋରମ୍ ଖାଦାନ ଉପରେ ଚଢ଼ାଉ କରାଯାଇଥିଲା । ସେଠାରୁ ଗୋଟିଏ ପ୍ରୋକ୍‌ଲିନ୍ ମେଶିନ, ୫ ହାଇୱା ମୋରମ ବୋଝେଇ ଟ୍ରକ ଓ ଏକ ଟିପ୍ପରକୁ ଜବତ କରାଯାଇଛି। ଯେଉଁ ପ୍ରୋକଲିନ୍ ମେଶିନ ଦ୍ୱାରା ପାହାଡ଼ ଖନନ କରାଯାଉଥିଲା ତାହା ସର୍ବେଶ୍ୱର ବେହୁରାଙ୍କର ବୋଲି ଜଣାପଡିଛି । ସର୍ବେଶ୍ୱର ଅଧିକାଂଶ ସମୟରେ ଧର୍ମଶାଳା ଅଞ୍ଚଳରେ ଚାଲିଥିବା କଳାପଥର, ମୋରମ୍ ଓ ମାଟି ଲୁଟ୍‌କୁ ନେଇ ବାରମ୍ବାର ପ୍ରତିବାଦ କରିଆସୁଥିଲେ। ଏପରି କି ସୂଚନା ଅଧିକାର ଆଇନ ବଳରେ ବିଭିନ୍ନ ତଥ୍ୟ ମାଗି ପ୍ରଶାସନକୁ ହରଡ଼ଘଣାରେ ପକାଉଥିଲେ। ଧର୍ମଶାଳା ଅଞ୍ଚଳରେ ମାଟି ଖନନ କରି ନେଉଥିବା ସମୟରେ ଧର୍ମଶାଳା ତହସିଲଦାର ବେହୁରାଙ୍କ ନାମରେ ଏତଲା ଦେବା ପରେ ଜୁନ୍ ୧୪ରେ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା। ୧୩ ଦିନ ରଗଡ଼ି ସବ୍‌ଜେଲରେ ରହିବାପରେ ଜୁନ୍ ୨୭ରେ ସେ ଜାମିନ୍‌ରେ ମୁକୁଳିଥିଲେ। ପୁଣି ଥରେ ଗତ ୨ତାରିଖରେ ମାଣ୍ଡୁକା ପାହାଡ଼ରେ ଚଢାଉ କରିବା ସମୟରେ ତାଙ୍କର ପ୍ରୋକଲିନ୍ ମେଶିନ୍ ବେଆଇନ ଭାବେ ମୋରମ ଖୋଳୁଥିବା ବେଳେ ଜବତ ହୋଇଛି। ଏଥିନେଇ ଦର୍ପଣ ତହସିଲଦାର ତ୍ରିପାଠୀଙ୍କ ଏତଲାକ୍ରମେ ତାଙ୍କ ନାମରେ ଏକ ମାମଲା(ନଂ.୨୩୬/୨୩) ରୁଜୁ ହୋଇଛି। ଏହି ଘଟଣା ପରେ ପୋଲିସ ତାଙ୍କୁ ଗିରଫ ପାଇଁ ଚଢ଼ାଉ କରିଥିଲା । ହେଲେ ସେ ଫେରାର ହୋଇଯାଇଛନ୍ତି। ପ୍ରୋକ୍‌ଲିନ୍ ମେଶିନ ସମେତ ୫ ମୋରମ ବୋଝେଇ ହାଇୱା (ନଂ.ଓଆର୦୪ ଏଚ୍ ୧୯୯୯, ଓଡ଼ି୦୪ଏଚ୍ ୫୦୨୩, ଓଡ଼ି ୦୪ପି ୧୪୪୨, ଓଡ଼ି୩୫୩୬୨୪, ଓଆର୦୫ଏସି୪୮୦୮) ଓ ଏକ ଟିପ୍ପର(ନଂ.ଓଆର୦୯ଏଲ୭୫୮୩)କୁ ଜବତ କରାଯାଇଛି । ତହସିଲଦାର ବାଲିଚନ୍ଦ୍ରପୁର ଥାନାରେ ଏ ସଂକ୍ରାନ୍ତରେ ଏତଲା ଦେଇଛନ୍ତି। ବାଲିଚନ୍ଦ୍ରପୁର ଥାନା ଏସ୍‌ଆଇ ଗୋବର୍ଦ୍ଧନ ନାୟକ ଏହି ଘଟଣାର ତଦନ୍ତ କରୁଛନ୍ତି।

# ଶିକ୍ଷକଙ୍କ ଇପିଏଫ୍ ଟଙ୍କା ହଡ଼ପ ଅଭିଯୋଗ : ଜେଲ୍ ଗଲେ ଆକାଉଣ୍ଟାଣ୍ଟ

କୁଜଙ୍ଗ,୩।୭ (ମନୋଜ ପ୍ରଧାନ)

ଶିକ୍ଷୟିତ୍ରୀ, ଶିକ୍ଷକଙ୍କ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି(ଇପିଏଫ୍) ଅର୍ଥ ହଡ଼ପ ଅଭିଯୋଗରେ ଜଗତ୍‌ସିଂହପୁର ଜିଲା କୁଜଙ୍ଗ ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟର ଆକାଉଣ୍ଟାଣ୍ଟ ମନୋଜ କୁମାର ତ୍ରିପାଠୀଙ୍କୁ ଗିରଫ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ୧୭ ଲକ୍ଷ ଟଙ୍କା ହଡ଼ପ ହୋଇଥିବା ତଦନ୍ତକାରୀ ଅଧିକାରୀ ବିଶ୍ୱଜିତ ଗଡନାୟକ ପ୍ରକାଶ କରିଛନ୍ତି। ଅପରପକ୍ଷେ ଏହି ଟଙ୍କା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ହେବ ବୋଲି ଶିକ୍ଷୟିତ୍ରୀ, ଶିକ୍ଷକମାନେ ଅଭିଯୋଗ କରିଛନ୍ତି।

କିଷ୍ଟାନନ୍ଦପୁର ଥାନା ଅନ୍ତର୍ଗତ ମିର୍ଜାପୁର ଗ୍ରାମର ମନୋଜ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ଇପିଏଫ୍ ଟଙ୍କାକୁ ସେମାନଙ୍କ ଆକାଉଣ୍ଟରେ ଜମା ନ କରି ରାହାମାରେ ଥିବା ନିଜର ବ୍ୟବସାୟିକ ପ୍ରତିଷ୍ଠାନ ଆକାଉଣ୍ଟରେ ଦୀର୍ଘ ବର୍ଷ ଧରି ଜମା କରି ଚାଲିଥିଲେ। ସେ କରିଥିବା ସମସ୍ତ ଟ୍ରାଞ୍ଜାକ୍‌ଶନରେ ବ୍ଲକ ଶିକ୍ଷାଧିକାରୀଙ୍କ ଟେଲିଫୋନ ନମ୍ବର ନ ଦେଇ ଚତୁରତାର ସହ ନିଜ ମୋବାଇଲ୍ ନମ୍ବର ସଂଯୋଗ କରିଥିଲେ । ଏହାଦ୍ୱାରା ଆସୁଥିବା ମେସେଜ ଏବଂ ଓଟିପି ତାଙ୍କ ବ୍ୟତୀତ କେହି ଜାଣି ପାରୁ ନ ଥିଲେ । ଉକ୍ତ ଘଟଣା ଜଣାପଡ଼ିବାପରେ ନିୟମିତ ଶିକ୍ଷକ, ବ୍ଲକ ଗ୍ରାଣ୍ଟ, ଜିଲା ପରିଷଦ ଶିକ୍ଷୟିତ୍ରୀ ଶିକ୍ଷକମାନେ ବିଭିନ୍ନ ସମୟରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିଲେ । ଏହାପରେ ବ୍ଲକ ଶିକ୍ଷାଧିକାରୀ କୁଜଙ୍ଗ ଥାନାରେ ଏତଲା ଦେଇଥିଲେ। ଏହାକୁ ଭିତ୍ତିକରି ପୋଲିସ ଥାନାରେ ମାମଲା (ନଂ. ୩୨୮/୨୩) ରୁଜୁ କରିଥିଲା। ଏହାପରଠାରୁ ମନୋଜ ତିନିମାସ ହେଲା କାର୍ଯ୍ୟାଳୟକୁ ଆସୁ ନ ଥିଲେ। ମନୋଜ ରାହାମାରେ ଥିବା କୌଣସି ସୂତ୍ରରୁ ସୂଚନା ପାଇ ଗତ ୧ ତାରିଖରୁ ପୋଲିସ ତାଙ୍କୁ ଉଠାଇ ଆଣି ପଚରାଉଚରା ଜାରି ରଖିଥିଲା । ସୋମବାର ତାଙ୍କୁ କୁଜଙ୍ଗ ପ୍ରଥମଶ୍ରେଣୀ ବିଚାର ବିଭାଗ ଅଦାଲତରେ ହାଜର କରାଯାଇଥିଲା।


ଗିରଫ ମନୋଜ କୁମାର ତ୍ରିପାଠୀ

# ସାଇକେଲକୁ ପିଟିଲା ବାଇକ୍: ଜଣେ ମୃତ

ଆଳି, ୩।୭(ବନମାଳୀ ସେନାପତି )

କଟକ-ଚାନ୍ଦବାଲି ରାସ୍ତାର ଆଳି ଆଇଟିଆଇ ନିକଟରେ ସୋମବାର ସନ୍ଧ୍ୟାରେ ସାଇକେଲକୁ ବାଇକ୍ ଧକ୍କା ଦେଇଛି। ଫଳରେ ବାଇକ୍‌ଆରେହୀଙ୍କ ମୃତ୍ୟୁ ହୋଇଥିବା ବେଳେ ସାଇକେଲ ଆରୋହୀ ଆହତ ହୋଇଛନ୍ତି। ବଳଭଦ୍ରପୁର ଶାସନ ଗାଁର ରମାକାନ୍ତ ମିଶ୍ର ସାଇକେଲ ନେଇ ନିଆଳ ହାଟ ଆଡ଼କୁ ଆସୁଥିବା ବେଳେ କେନ୍ଦ୍ରାପଡ଼ାରୁ ଫେରୁଥିବା ଆଳି ପଦନପୁର ଗ୍ରାମର ସେକ୍ ରିଆସତ ଆଳି ଆଇଟିଆଇ କଲେଜ ନିକଟରେ ସାଇକେଲକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ବାଇକ୍ ଚାଳକ ରିଆସତ ଓ ସାଇକେଲ ଆରୋହୀ ମିଶ୍ର ଛିଟିକି ପଡ଼ିଥିଲେ। ଆଳି ଦମକଳ କର୍ମଚାରୀ ରିଆସତଙ୍କୁ ଆଳି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ରିଆସତଙ୍କୁ କେନ୍ଦ୍ରାପଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ରାସ୍ତାରେ ରିଆସତଙ୍କ ମୃତ୍ୟୁ ଘଟିଛି।

# ଅନିୟମିତତା ଅଭିଯୋଗରେ ୨ ପ୍ରାର୍ଥୀଙ୍କ ଅନଶନ

ମାର୍ଶାଘାଇ, ୩।୭
(ଶୁଭେନ୍ଦୁ ପ୍ରସାଦ ଚୌଧୁରୀ )

ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ସ୍ୱାବଲମ୍ବୀ ଓ ସଶକ୍ତୀକରଣ କରିବାକୁ ସରକାରଙ୍କ ପକ୍ଷରୁ ପ୍ରତ୍ୟେକ ପଞ୍ଚାୟତରେ ଏମ୍‌ବିକେ, ସିଆର୍‌ପି ଓ ବ୍ୟାଙ୍କମିତ୍ର ନିଯୁକ୍ତି ପାଇଁ ସରକାରୀ ସ୍ତରରେ ପ୍ରକ୍ରିୟା ଶେଷ ହୋଇଛି। ମାର୍ଶାଘାଇ ବ୍ଲକରେ ଏହା ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିଫଳନ ସ୍ୱରୂପ ୨ ଯୋଗ୍ୟ ପ୍ରାର୍ଥୀ ଏହି ଅନିୟମିତତା ବିରୋଧରେ ବ୍ଲକ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ଅନଶନରେ ବସିବାରୁ ସ୍ପଷ୍ଟ ହୋଇଛି।

ବ୍ଲକର ମୋଟ ୧୯୯ ପଦବୀରୁ ସିଆର୍‌ପି ୧୭୦, ଏମ୍‌ବିକେ ୧୮ ଓ ବ୍ୟାଙ୍କ ମିତ୍ର ୧୧ଟି ପଦବୀରେ ନିଯୁକ୍ତି ପାଇଁ ବିଜ୍ଞାପନ ପ୍ରକାଶ ପାଇଥିଲା। ଗାଇଡ୍‌ଲାଇନ ଅନୁଯାୟୀ, ଆବେଦନ କରିବା ଦିନଠାରୁ ନିଯୁକ୍ତିପତ୍ର ପ୍ରଦାନ ପ୍ରକ୍ରିୟାକୁ ୫୩ଦିନ ମଧ୍ୟରେ ସାରିବାକୁ ପଡ଼ିବ। ମୋଟ ୧୯୯ ପଦବୀରୁ ୧୬୫ ପଦବୀରେ ଯୋଗ୍ୟ ପ୍ରାର୍ଥୀଙ୍କୁ ନିଯୁକ୍ତି ପତ୍ର ଦିଆସରିଛି। ବାକି ଥିବା ୩୪ ପଦବୀରେ ବ୍ୟାପକ ଅନିୟମିତତା କରାଯାଇଥିବା ଅଭିଯୋଗ ହେଉଛି। ଚୟନ ପ୍ରକ୍ରିୟାର ସ୍ୱଚ୍ଛତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ତାଳସଙ୍ଗା ପଞ୍ଚାୟତର ରଶ୍ମିରେଖା ପଣ୍ଡା ଅଭିଯୋଗ କରିଛନ୍ତି, ତାଳସଙ୍ଗା ଗ୍ରାମର ମଞ୍ଚ(କ)ପାଇଁ ସିଆର୍‌ପି ପ୍ରାର୍ଥୀ ଭାବେ ବିଜ୍ଞାପନରେ ବାହାରିଥିବା ସମସ୍ତ ଯୋଗ୍ୟତା ପ୍ରମାଣପତ୍ର ଦେଇଥିଲି। ନିୟମ ଅନୁଯାୟୀ, ଯାଞ୍ଚ କମିଟି ଦ୍ୱାରା ମୋର ସମସ୍ତ ପ୍ରମାଣପତ୍ର ତନଖି କରାଯାଇ ୧ ନମ୍ବରରେ ରଖାଯାଇଥିଲା। ମାତ୍ର ୧୨୦ ଦିନ ବିତିଯାଇଥିଲେ ମଧ୍ୟ ଫଳାଫଳ ଘୋଷଣା କରା ନ ଯାଇ ଚଞ୍ଚକତା ପୂର୍ବକ ୩ ନମ୍ବରରେ ଥିବା ପ୍ରାର୍ଥୀନୀଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଗରଜଙ୍ଗା ପଞ୍ଚାୟତର କୁଆଁରପାଳ ଗାଁର ରଶ୍ମିତା ଷଡ଼ଙ୍ଗୀ କହିଛନ୍ତି, ଭଲ ନମ୍ବର ସତ୍ତ୍ୱେ ମୋତେ ବାଦ୍ ଦିଆଯାଇ ଅନ୍ୟ ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏହାର ପ୍ରତିବାଦରେ ଉଭୟ ବ୍ଲକ ସମ୍ମୁଖରେ ଅନଶନ ବସିଥିବା କହିଛନ୍ତି। ବିଡିଓ ଉମାଶଙ୍କର ବେହେରା ଅନଶନ ସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲେ ସୁଦ୍ଧା ସେମାନେ ଉଠି ନ ଥିଲେ।

## ସିଆର୍‌ପି, ଏମ୍‌ବିକେ, ବ୍ୟାଙ୍କମିତ୍ର ଚୟନ



# ବ୍ୟାଗ୍‌ରେ ଚାଲିଛି ୪ ନୂଆ ପଞ୍ଚାୟତର ବିକାଶ

ମହାକାଳପଡ଼ା, ୩।୭(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଗ୍ରାମାଞ୍ଚଳରେ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକ ତୃଣମୂଳସ୍ତରରେ ପହଞ୍ଚିବା ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ହେଲେ ପ୍ରଶାସନ ଅବହେଳା ଯୋଗୁ ପଲ୍ଲୀରେ ପ୍ରଶାସନ ଅଭିଯୋଗ ଶୁଣାଣି ସରକାରୀ ନାଲିଫିତା ତଳେ ଚାପିହୋଇଯାଉଛି। କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକରେ ୨୭ ପଞ୍ଚାୟତ ଥିଲା। ପରବର୍ତ୍ତୀ ସମୟରେ ଏହି ବ୍ଲକରେ ଜନସଂଖ୍ୟା ବୃଦ୍ଧି, କ୍ଷେତ୍ର ଆୟତନ ଦୃଷ୍ଟିରୁ ରାଜ୍ୟ ସରକାର ବିଚାରକୁ ନେଇ ୨୦୧୭ରେ ଅଧିକ ୪ଟି ନୂଆ ପଞ୍ଚାୟତ କାର୍ଯ୍ୟକାରୀ କରିଥିଲେ। ବ୍ଲକରେ ପଞ୍ଚାୟତ ସଂଖ୍ୟା ୩୧ରେ ପହଞ୍ଚିଛି। ତେବେ ନୂତନ ଭାବେ ଗଠନ ହୋଇଥିବା ୪ ପଞ୍ଚାୟତ ମଧ୍ୟରେ ଗଡ଼ ରୋମିତ, ପେଟଛେଲା, କଂସାର ବଡ଼ଦାଣ୍ଡିଆ ଓ ନାଞ୍ଜୁରା ଆଦି ନୂତନ ପଞ୍ଚାୟତରେ ସ୍ଥାୟୀ ଅଫିସ ଗୃହ ନ ଥିବାରୁ ଲୋକମାନଙ୍କର ବିଭିନ୍ନ ସମସ୍ୟା ଉପୁଜିଛି। ଏହି ନୂତନ ପଞ୍ଚାୟତ କାର୍ଯ୍ୟାଳୟଗୁଡ଼ିକ କେଉଁଠି ବାତ୍ୟା ଆଶ୍ରୟସ୍ଥଳ ଗୃହ, ଗାଁ ଲାଇବ୍ରେରି ଗୃହ, ବିଦ୍ୟାଳୟ ପରିସରରେ ଅସ୍ଥାୟୀ ଭାବେ ଚାଲିଛି। ପଞ୍ଚାୟତ ସ୍ଥାୟୀ ଗୃହ ନ ଥିବାରୁ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନେ ବ୍ୟାଗ୍‌ରେ ସରକାରୀ ରେକର୍ଡପତ୍ରଗୁଡ଼ିକ ବ୍ଲକକୁ ନେଉଥିବା ଦେଖିବାକୁ ମିଳୁଛି। ଅପରପକ୍ଷରେ ଏହି ନୂଆ ପଞ୍ଚାୟତର ସାଧାରଣ ଲୋକମାନେ ଅଧିକାରୀ କିମ୍ବା ସରପଞ୍ଚଙ୍କୁ ଅଭିଯୋଗ କରିବାକୁ ଅସ୍ଥାୟୀ କାର୍ଯ୍ୟାଳୟକୁ ଯାଉଥିବା ବେଳେ ଅନେକ ସମୟରେ ଏହା ବନ୍ଦ ରହୁଥିବା ଅଭିଯୋଗ ହେଉଛି। ଏହି ନୂଆ ପଞ୍ଚାୟତଗୁଡ଼ିକରେ ସ୍ଥାୟୀ ଅଫିସ ଗୃହ ନିର୍ମାଣ ପାଇଁ ଜିଲା ପ୍ରଶାସନ ଦୃଷ୍ଟିଦେବା ପାଇଁ ସ୍ଥାନୀୟ ବାସିନ୍ଦା ଅନୁରୋଧ କରିଛନ୍ତି।

ପେଟଛେଲା ପଞ୍ଚାୟତର ୯ନଂ. ଶବରପଡ଼ା ୱାର୍ଡମେମ୍ବର ମଧୁ ବାସ୍କେ କହିଛନ୍ତି, ଆମ ଗ୍ରାମଠାରୁ ୫ କି.ମି. ଚାଲି ମହିଳାପୁରୁଷମାନେ ନିଜର ଅଭିଯୋଗ କରିବାକୁ ପଞ୍ଚାୟତର ଅସ୍ଥାୟୀ କାର୍ଯ୍ୟାଳୟ କୋଚିଲା ଗ୍ରାମର ଲାଇବ୍ରେରି ଗୃହରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମକୁ ସୋମବାର ଆସିଥିଲେ। ତେବେ ଏହି କାର୍ଯ୍ୟକ୍ରମରେ ବ୍ଲକର ଲାଇନ୍ ଡିପାର୍ଟମେଣ୍ଟ ଅଧିକାରୀମାନେ ଉପସ୍ଥିତ ନ ଥିଲେ। ଫଳରେ ଶବରପଡ଼ା ଗାଁର ଗରିବ ଆଦିବାସୀ ହିତାଧିକାରୀମାନେ ମୋ ଘର, ଭତ୍ତା, ରାଶନ କାର୍ଡ ଯୋଜନାରେ ସାମିଲହେବାକୁ ଅଭିଯୋଗପତ୍ର ଦାଖଲ କରିବା ପାଇଁ ଆସିଥିଲେ। ପ୍ରଶାସନିକ ଅଧିକାରୀ ଉପସ୍ଥିତ ନ ଥିବାରୁ ଆମେମାନେ ବାଧହୋଇ ଘରକୁ ଫେରିଲୁ ବୋଲି ଆଦିବାସୀମାନଙ୍କ ମଧ୍ୟରେ ମୋହନ ଚୋପିଆର, ସୁକୁଲ ମାଝି, ମିର୍ଜା ହେମ୍ବ୍ରମ, ଶିଙ୍ଗରାଇ ମାଝି, ରାଇସିନ ମୁର୍ମୁ, ଅନାମ ହେମ୍ବ୍ରମ୍, ମଙ୍ଗଳ ସୋରେନ, ରାଇମଣି ମାଝି, ସରସ୍ୱତୀ ମାଝି, ଲକ୍ଷ୍ମୀ ମାଝିଙ୍କ ସମେତ ବହୁ ହିତାଧିକାରୀ ନିରାଶରେ ଘରକୁ ଫେରିଥିଲୁ। ଅପରପକ୍ଷରେ ବ୍ଲକ ପ୍ରଶାସନ ପକ୍ଷରୁ ପ୍ରତି ସୋମବାର ପଲ୍ଲୀ ପ୍ରଶାସନ ବିଭିନ୍ନ ପଞ୍ଚାୟତରେ ରୋଟେଶନ ସିଷ୍ଟମରେ ଅନୁଷ୍ଠିତ ହେଉଛି। ହେଲେ ପ୍ରଶାସନର ଉଦାସୀନତା ଯୋଗୁ ଗ୍ରାମାଞ୍ଚଳର ଲୋକମାନଙ୍କ ଅଭିଯୋଗପତ୍ରଗୁଡ଼ିକ ଶୁଣାଣିରେ ବାଧକ ସାଜିଛି। ଫଳରେ ସରକାରଙ୍କ ଜନକଲ୍ୟାଣମୂଳକ ଯୋଜନାଗୁଡ଼ିକ ଗାଁର ଗରିବ ଲୋକମାନଙ୍କ ପାଖରେ ପହଞ୍ଚିପାରୁନାହିଁ ବୋଲି ଅଭିଯୋଗ ହେଉଛି। ତୁରନ୍ତ ଗାଁର ଆଦିବାସୀ, ଦଳିତ ଓ ସାଧାରଣ ଲୋକମାନଙ୍କ ଅଭିଯୋଗପତ୍ର ଆଧାରରେ ସମସ୍ୟା ସମାଧାନ କରିବାକୁ ସାମାଜିକ କର୍ମୀ ଲକ୍ଷ୍ମୀକାନ୍ତ ସ୍ୱାଇଁ ଦାବି କରିଛନ୍ତି। ଏ ସମ୍ପର୍କରେ ଦେବାଶିଷ ରାଉତଙ୍କୁ ପଚାରିବାରେ ସାମାଜିକ, ଶିକ୍ଷା, ପଛୁଆ ବର୍ଗ ସର୍ଭେ ପାଇଁ ସମସ୍ତ କର୍ମଚାରୀ ନିୟୋଜିତ ଥିବାରୁ କେହି ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଯୋଗଦେଇ ନ ଥିଲେ। ଖୁବ୍‌ଶୀଘ୍ର ୪ ନୂଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ହେବ ବୋଲି ସେ କହିଛନ୍ତି।


ପେଟଛେଲା ପଞ୍ଚାୟତର କୋଚିଲା ଗାଁ ଲାଇବ୍ରେରି ଗୃହରେ ପଲ୍ଲୀରେ ପ୍ରଶାସନ କାର୍ଯ୍ୟକ୍ରମରେ ଅଧିକାରୀ ଅନୁପସ୍ଥିତ ଥିବାରୁ ଆଦିବାସୀମାନେ ନିରାଶ ହୋଇ ଫେରି ଯାଉଛନ୍ତି।

■ ପଞ୍ଚାୟତର ସ୍ଥାୟୀ ଗୃହ ନାହିଁ
■ ଅସ୍ଥାୟୀ ଅଫିସ୍ ଚାଲିଛି ବାତ୍ୟା ଆଶ୍ରୟସ୍ଥଳ, ଗାଁ ଲାଇବ୍ରେରି, ବିଦ୍ୟାଳୟରେ
■ ପଲ୍ଲୀରେ ପ୍ରଶାସନ ଅଭିଯୋଗପତ୍ର ଗ୍ରହଣ କରିବାକୁ ଅଧିକାରୀ ନ ଥିଲେ
■ ଆଦିବାସୀ ନିରାଶରେ ଫେରିଲେ

# ଟ୍ରାଫିକ ବ୍ୟବସ୍ଥାର ନବକଳେବରରେ କଚ୍ଛପ ଗତି

ନୟାଗଡ଼ ଅଫିସ,୩।୭


ନୟାଗଡ଼ ସହରରେ ଥିବା ଟ୍ରାଫିକ୍ ଛକ।

- ଆରମ୍ଭ ହୋଇ ପାରିଲାନି ଗୋଲେଇ ଟ୍ରାଫିକର କାମ
- ଜୁଲାଇରେ କାର୍ଯ୍ୟ ଶେଷ ହେବାର ଲକ୍ଷ୍ୟଧାର୍ଯ୍ୟ ଥିଲା
- ଶିଳାନ୍ୟାସକୁ ୪ମାସ ପରେ ବି ଅଗ୍ରଗତି ହେଉନି କାମ

ନୟାଗଡ଼ ସହରର ଟ୍ରାଫିକ ବ୍ୟବସ୍ଥାକୁ ସଜାଡିବା ପାଇଁ ଟ୍ରାଫିକ ପୋଷ୍ଟର ନବକଳେବର ଲାଗି ପୁରୁଣା ବସ୍ଷ୍ଟାଣ୍ଡରେ ଶିଳାନ୍ୟାସ ହେବାର ୪ମାସରୁ ଊର୍ଦ୍ଧ୍ୱ ବିତି ଯାଇଛି। ହେଲେ ଟ୍ରାଫିକ ବ୍ୟବସ୍ଥା କାର୍ଯ୍ୟ କେବଳ ପୁରୁଣା ବସଷ୍ଟାଣ୍ଡ ଭଙ୍ଗା, ଭାଗବତ ବେହେରାଙ୍କ ପ୍ରତିମୂର୍ତ୍ତି ସ୍ଥାନାନ୍ତର, ୱାଟର କିଓସ୍କ ପ୍ରକଳ୍ପ, ଡିଏଫ୍ଓ ଅଫିସ ପ୍ରାଚିର ଭଙ୍ଗାରେ ଅଟକି ଯାଇଛି। ତେବେ ଗୋଲେଇ ଟ୍ରାଫିକର କାମ ଆରମ୍ଭ ହୋଇ ପାରିନାହିଁ। ଜୁଲାଇରେ କାମ ଶେଷ କରିବାକୁ ନିର୍ଦ୍ଦେଶ ରହିଥିଲା। ହେଲେ ଜୁଲାଇ ଶେଷ ସୁଦ୍ଧା ପ୍ରକଳ୍ପ ଶେଷ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି ।

ଫେବୃୟାରୀ ୨ରେ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ରୂପେ ଯୋଗଦେଇ ୨କୋଟି ୧୫ ଲକ୍ଷ ବ୍ୟୟରେ ନିର୍ମାଣ ହେବାକୁ ଥିବା ଟ୍ରାଫିକ ପୋଷ୍ଟ ସହ ରାସ୍ତାର ଶିଳାନ୍ୟାସ କରିଥିଲେ। ପ୍ରସ୍ତାବିତ ଟ୍ରାଫିକ ପୋଷ୍ଟଟି ଗୋଲେଇ ଛକ କରି ନିର୍ମାଣ କରାଯିବାର ରହିଛି। ଗୋଲେଇ ଟ୍ରାଫିକ ଛକର ଭିତରପାର୍ଶ୍ୱ ୧୮ ମିଟର ଓ ଏହାର ଚର୍ତୁଃପାର୍ଶ୍ୱରେ ୩ ଲେନ ରାସ୍ତା ଯାହାକି ୧୦.୫ ମିଟରର ଚଉଡ଼ା କରାଯାଇ ନିର୍ମାଣ କରାଯିବ। ଗୋଲେଇ ଟ୍ରାଫିକ ଛକଠାରୁ ଓଡ଼ଗାଁ, ଖୋର୍ଦ୍ଧା, ଦଶପଲ୍ଲା ଓ ଖଣ୍ଡପଡ଼ାକୁ ପଡ଼ିଥିବା ରାସ୍ତା ୧୪ ମିଟର ଓସାର ଭିତରେ ୪ ଲେନର କରାଯିବ। ପ୍ରସ୍ତାବିତ ଟ୍ରାଫିକର ଗୋଲେଇ ଛକଠାରୁ ଖୋର୍ଦ୍ଧା, ଦଶପଲ୍ଲା ଓ ଓଡ଼ଗାଁ ରାସ୍ତାରେ ୧୦୦ ମିଟର ପର୍ଯ୍ୟନ୍ତ ରାସ୍ତା ପ୍ରଶ୍ୱସ୍ତୀକରଣ କରାଯିବ। ପୁଣି ଖଣ୍ଡପଡ଼ା ରୋଡ଼ରେ ୬୦ ମିଟର ରାସ୍ତା ଅନୁରୂପ ଭାବେ ପ୍ରଶସ୍ତୀକରଣ ହେବ। ଜୁଲାଇରେ କାମ ଶେଷ ହେବାକୁ ସରକାର ଧାର୍ଯ୍ୟ କରିଥିବାବେଳେ ମେ ଶେଷ ସୁଧା କାର୍ଯ୍ୟ ଶେଷ ହେବାର ଥିଲା । ତେବେ ମେ, ଜୁନ ଯାଇ ଜୁଲାଇ ଆରମ୍ଭ ହୋଇଥିବାବେଳେ କାମ ମନଇଛା ଚାଲିଛି। ଜାତୀୟ ରାଜପଥ ବିଭାଗ, ବିଦ୍ୟୁତ୍, ଜନସ୍ୱାସ୍ଥ୍ୟ ବିଭାଗ, ବନ ବିଭାଗ ଓ ପୌର ପରିଷଦ ସହଭାଗିତାରେ ପ୍ରକଳ୍ପର କାର୍ଯ୍ୟ ଜାନୁୟାରୀ ୨୧ରୁ ଆରମ୍ଭ ହୋଇଥିଲା। ହେଲେ ବିଭିନ୍ନ ବିଭାଗର ସମନ୍ୱୟ ଅଭାବ ଯୋଗୁ କାମ ଠିକ୍‌ରେ ହେଇ ପାରୁ ନ ଥିବା କୁହାଯାଉଛି।

## ବାଇପାସ ରାସ୍ତା ମଧ୍ୟ ତ୍ୱରାନ୍ୱିତ ହେଉନି

ନୟାଗଡ଼ ବାଇପାସ ପାଇଁ ଜମି ଅଧିଗ୍ରହଣ ଓ ଗଛ କଟା ମଧ୍ୟ ଶେଷ ହୋଇଛି। ଏହାପରେ ବାଇପାସ କାର୍ଯ୍ୟ ତ୍ୱରାନ୍ୱିତ ହେବ ବୋଲି ଆଶା କରାଯାଉଥିଲା। ସେହିପରି ଗୋଲେଇ ଟ୍ରାଫିକର ଶିଳାନ୍ୟାସ ଉତ୍ସବରେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଯୋଗଦେଇ ସେ ସମୟରେ କହିଥିଲେ, ବାଇପାସ କାର୍ଯ୍ୟ ମଧ୍ୟ ଶୀଘ୍ର ଆରମ୍ଭ ହେବ। ଗୋଲେଇ ଟ୍ରାଫିକ ସହ ରାସ୍ତା ପ୍ରଶ୍ୱସ୍ତୀକରଣ ଓ ବାଇପାସ ନିର୍ମାଣ ଯୋଗୁ ଟ୍ରାଫିକ ପରିସ୍ଥିତି ବ୍ୟବସ୍ଥିତ ହୋଇଯିବ। ଜିଲାପାଳଙ୍କ ଘୋଷଣା ମଧ୍ୟ ଶୀତଳଭଣ୍ଡାରରେ ରହି ଯାଇଛି। ଏ ନେଇ ବଲାଙ୍ଗୀର-ଖୋର୍ଦ୍ଧା ୫୭ ନଂ. ଜାତୀୟ ରାଜପଥର ସହକାରୀ ଯନ୍ତ୍ରୀ ସମ୍ବିଦ ମହାନ୍ତି କୁହନ୍ତି, ଗୋଲେଇ ଟ୍ରାଫିକ ପାଇଁ ୨ କୋଟି ୧୫ ଲକ୍ଷ ଅର୍ଥ ମଞ୍ଜୁର ହୋଇଛି। ପୁରୁଣା ବସ୍‌ଷ୍ଟାଣ୍ଡର ଘର ଭଙ୍ଗାଯିବା ସମୟରୁ ଟ୍ରାଫିକ ପୋଷ୍ଟ କାର୍ଯ୍ୟ ଆରମ୍ଭ ହୋଇଥିଲା। ଜୁଲାଇ ସୁଦ୍ଧା ପ୍ରକଳ୍ପ କାମ ଶେଷ କରିବାକୁ ସରକାରୀ ନିର୍ଦ୍ଦେଶ ଥିବାବେଳେ ମେ ମାସ ସୁଦ୍ଧା କାମ ଶେଷ କରିବାକୁ ପ୍ରସ୍ତାବ ରଖିଥିଲୁ। ଅତ୍ୟଧିକ ଖରା ଯୋଗୁ କାମ କଛପଗତିରେ ଚାଲିଲା। ତଥାପି ଚେଷ୍ଟା ରଖିଛୁ ଜୁଲାଇ ସୁଦ୍ଧା କାମ ଶେଷ କରିବୁ। ତେବେ ବିଦ୍ୟୁତ୍ ବିଭାଗର କାର୍ଯ୍ୟ ମଧ୍ୟ ଡେରିରେ ହେଉଛି। ଅନ୍ୟପକ୍ଷେ ୪ ଲେନର ଗୋଟିଏ ପଟ ରାସ୍ତା କାମ ଚାଲିବାବେଳେ ଅପରପାର୍ଶ୍ୱରେ ଯାତାୟାତ ଓ ଯାନବାହାନ ଚଳାଚଳ କରିବାର ବ୍ୟବସ୍ଥା କରାଯିବ ବୋଲି କହିଛନ୍ତି।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

ଭାପୁର, ୩।୭(ଭରତ କୁମାର ବେହେରା): ଭାପୁର ବ୍ଲକ ଅନ୍ତର୍ଗତ ପଦ୍ମାବତୀ ଗ୍ରାମର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ମଥୁରା ସାହୁଙ୍କ (୭୫) ପରଲୋକ ଘଟିଛି। ସାହୁ କିଛି ମାସ ହେବ ବାର୍ଦ୍ଧକ୍ୟ ଜନିତ ରୋଗରେ ପଡି ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ଘରେ ଆସି ରହିଥିଲେ। ସୋମବାର ସକାଳେ ତାଙ୍କର ପରଲୋକ ଘଟିଥିଲା। ସେ ଭାପୁର ବ୍ଲକ ସମେତ ସୀମାନ୍ତ ଜିଲାରେ ମଧ୍ୟ ପ୍ରଧାନଶିକ୍ଷକ ଭାବେ ଶିକ୍ଷକତା କରୁଥିଲେ। ତାଙ୍କର ୩ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବଡ଼ପୁଅ ମନୋଜ କୁମାର ସାହୁ ଶିକ୍ଷକ ଥିବାବେଳେ ମଝିଆ ପୁଅ ମଧ୍ୟ ଚାକିରି କରିଛନ୍ତି। ସାନପୁଅ ଶ୍ରୀକାନ୍ତ ସାହୁ ପଦ୍ମାବତୀ ପଞ୍ଚାୟତର ପୂର୍ବତନ ସରପଞ୍ଚ ଥିଲେ। ଶୋକାକୂଳ ପରିବେଶରେ ମହାନଦୀ କୂଳ ଶ୍ମଶାନରେ ମୃତଦେହକୁ ସଂସ୍କାର କରାଯାଇଥିଲା। ତାଙ୍କ ପରଲୋକରେ ସ୍ଥାନୀୟ ସରପଞ୍ଚ ଅଜୟ କୁମାର ମଲ୍ଲିକ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଅବସରପ୍ରାପ୍ତ ଅଧାପକ ପବିତ୍ର କୁମାର ସୁବୁଦ୍ଧି ଦୁଃଖ ପ୍ରକାଶ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି। ଭାପୁର ବ୍ଲକର ବୃଦ୍ଧିଜୀବୀ ଓ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି।

# ଜିଲା ପରିଷଦ ସଭା ଗୃହରେ ଦଳୀୟ ସମୀକ୍ଷା ଅଭିଯୋଗ


ଜିଲା ପରିଷଦ ସଭାଗୃହରେ ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସଙ୍କ ସହ ଜିଲା ପରିଷଦ ସଭାପତି ଓ ଅନ୍ୟମାନେ।

ନୟାଗଡ ଅଫିସ,୩।୭(ଲୋକନାଥ ମିଶ୍ର)

ଆସନ୍ତା ୨୦ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନୟାଗଡ଼ ଜିଲା ଗସ୍ତ କାର୍ଯ୍ୟକ୍ରମ ରହିଛି। ଏହି ପରିପ୍ରେକ୍ଷୀରେ ବିଜେଡି ପକ୍ଷରୁ ଚୋରା ଲୁଚାରେ ପ୍ରସ୍ତୁତି ଚାଲିଛି ବୋଲି କଂଗ୍ରେସ ଅଭିଯୋଗ ଆଣିଛି। ସୋମବାର ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ନୟାଗଡ଼ ଜିଲା ପରିଷଦ ସଭାଗୃହରେ ଜିଲାର ବିଧାୟକମାନଙ୍କ ଅନୁପସ୍ଥିତିରେ ସମୀକ୍ଷା ବୈଠକ କରିଥିବା କଂଗ୍ରେସ ଜିଲା ସଭାପତି ରଣଜିତ୍ ଦାଶ ଅଭିଯୋଗ କରିଛନ୍ତି। କଂଗ୍ରେସ ସଭାପତିଙ୍କ ଏଭଳି ଅଭିଯୋଗକୁ ଜିଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ ଅଗ୍ରାହ୍ୟ କରିଛନ୍ତି। ଏକ ପ୍ରେସ୍ ବିବୃତ୍ତିରେ ଜିଲା କଂଗ୍ରେସ ସଭାପତି ଦାଶ କହିଛନ୍ତି, ପ୍ରଣବ ପ୍ରକାଶ ଦାସ ହେଉଛନ୍ତି ବିଜେଡି ସାଙ୍ଗଠନିକ ସମ୍ପାଦକ। ଜଣେ ଦଳୀୟ ଲୋକ ଜିଲା ପରିଷଦ ସଭାଗୃହରେ ଦଳୀୟ ସମୀକ୍ଷା ବୈଠକ କରିପାରିବେ ନାହିଁ। ଏଭଳି ଘଟଣାକୁ କଂଗ୍ରେସ ଜିଲା ସଭାପତି ଭାବେ ଦାଶ ନିନ୍ଦା କରିଛନ୍ତି। ଅନ୍ୟପକ୍ଷେ ପ୍ରଶ୍ନ କରିଛନ୍ତି, ଯଦି ଜିଲା ପରିଷଦ ସଭାଗୃହରେ ବିଜେଡିକୁ ସମୀକ୍ଷା ବୈଠକ କରାଇବାକୁ ଦିଆଗଲା ତେବେ ଏପରି ଅନୁମତି ଅନ୍ୟ ରାଜନୈତିକ ଦଳକୁ ଦିଆଯିବା ଦରକାର। ଆମେ ବୈଠକ କରିବାକୁ ଖୁବ୍‌ଶୀଘ୍ର ଅନୁମତି ମାଗିବୁ ବୋଲି ସେ କହିଛନ୍ତି।

ଉଲ୍ଲେଖଥାଉକି ବିଜେଡି ସାଙ୍ଗଠନିକ ସମ୍ପାଦକ ଦାସ ଜିଲା ପରିଷଦ ସଭାଗୃହରେ ବୈଠକ କରିବା ନେଇ ଜିଲା ପ୍ରଶାସନ ପକ୍ଷରୁ ଗଣମାଧମକୁ ସୂଚନା ଦିଆଯାଇନାହିଁ। ତେବେ ଜିଲା ପରିଷଦ ସଭ୍ୟା ସଞ୍ଜୁକ୍ତା ପଢିଆରୀ ଓ ଜିଲା ପରିଷଦ ସଭାପତି ପଟ୍ଟନାୟକ ସାମାଜିକ ଗଣମାଧ୍ୟମରେ ଏକ ଫଟୋ ପୋଷ୍ଟ କରିଛନ୍ତି। ସେଥିରେ ବିଜେଡି ସାଙ୍ଗଠନିକ ସମ୍ପାଦକ ଦାସ ଜିଲା ପରିଷଦ ସଭାଗୃହରେ ଜିଲା ପରିଷଦ ସଭାପତି ପଟ୍ଟନାୟକ ଓ ଅନ୍ୟମାନେ ରହିଛନ୍ତି। ଏ ନେଇ ଜିଲା ପରିଷଦ ସଭାପତି ପଟ୍ଟନାୟକ କୁହନ୍ତି, ସୋମବାର ସକାଳୁ ସମ୍ବଲପୁର ଗସ୍ତରେ ଯିବା ସମୟରେ ନୟାଗଡ଼ରେ ବିଜେଡି ସାଙ୍ଗଠନିକ ସମ୍ପାଦକ ଅଟକି ଥିଲେ। ପ୍ରଥମେ ସର୍କିଟ ହାଉସ୍‌କୁ ଯାଇ ପରେ ଜିଲା ପରିଷଦ କାର୍ଯ୍ୟାଳୟକୁ ଆସିଥିଲେ। ଦଳୀୟ କର୍ମୀ ଓ ନେତାଙ୍କ ସଂଖ୍ୟା ଅଧିକ ହେବାରୁ ଜିଲା ପରିଷଦ ସଭାଗୃହ 'ସୃଜନ'ରେ ସେ ଅନ୍ୟମାନଙ୍କୁ ଭେଟିଥିଲେ। ସୃଜନରେ କୌଣସି ସମୀକ୍ଷା ବୈଠକ ହୋଇନି। ଏହା ରାଜନୈତିକ ସଭା ନ ଥିଲା। କୌଣସି ରାଜନୈତିକ ବ୍ୟାନର ନ ଥିଲା। ସୃଜନ ସଭାଗୃହରେ ବସିବାରେ କ'ଣ ଅସୁବିଧା ରହିଛି। ତେବେ ଜିଲାର ନୟାଗଡ଼, ରଣପୁର ଓ ଦଶପଲ୍ଲା ବିଧାୟକ ବି ଆସିଥିଲେ। ମୁଁ ବି ଫେସ୍‌ବୁକରେ ଫଟୋ ପୋଷ୍ଟ କରିଛି। ଅନ୍ୟପକ୍ଷେ ଚଳିତ ମାସ ୨୦ ତାରିଖରେ ୫-ଟି ସଚିବ ଭି.କେ. ପାଣ୍ଡିଆନଙ୍କ ନୟାଗଡ଼ ଗସ୍ତ କାର୍ଯ୍ୟକ୍ରମ ରହିଛି। ଏ ନେଇ ଖୁବ୍‌ଶୀଘ୍ର ସମୀକ୍ଷା ବୈଠକ କରାଯିବ। ଲୁଚାଛପାରେ ବୈଠକ କାହିଁକି କରାଯିବ ବୋଲି ସେ କହିଛନ୍ତି।

## ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

ସେଲ୍ଫି କର୍ନର ଧରିତ୍ରୀ

metroselfie@gmail.com


@ ଅଭିଷେକ


@ ଅନିଲ


@ ମନିକା


@ ରବୀନ୍ଦ୍ର

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଭାପୁରରେ ସେବା ଉତ୍ସବ

ଭାପୁର,୩।୭ (ଭରତ କୁମାର ବେହେରା)

ନୟାଗଡ଼ ସେବା ଉତ୍ସବ ସମିତି ଆନୁକୂଲ୍ୟରେ ଦୀର୍ଘ ୧୫ଦିନ ଧରି ଅନୁଷ୍ଠିତ ହେଉଥିବା ଜିଲାବ୍ୟାପୀ ସେବା ଉତ୍ସବ ତୃତୀୟ ଦିବସରେ ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଭାପୁର ବ୍ଲକର କେନ୍ଦୁପଲ୍ଲୀ, ରାକମା, ଭାପୁର ପଞ୍ଚାୟତର ବିଭିନ୍ନ ସ୍ଥାନରେ ଗରିବ ଓ ଅସହାୟ ଲୋକଙ୍କୁ ବସ୍ତ୍ର ଓ ରାଶନ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେବା ଉତ୍ସବ ସମିତି ଅଧ୍ୟକ୍ଷ ଶିବରାମ ମହାପାତ୍ରଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସେବା ସମିତି ସଦସ୍ୟ ଗୁଲସନ କୁମାର ଦାସ, ଅଭିଜିତ କର, ରାଜଲକ୍ଷ୍ମୀ ମହାନ୍ତି, ପରମେଶ୍ୱର ସାହୁ, ରଞ୍ଜନ ବେହେରା, ଲିଙ୍କନ ସାହୁ, ଶ୍ରୀମାନ ଅଭିଜିତ, ଏସ୍ ଓଁକାର, ମଳୟ ରଞ୍ଜନ ରାୟ, ଯୁଧିଷ୍ଠିର ବେହେରା, କରଣ ବଡ଼ଟିଆ ପ୍ରମୁଖ ସାମିଲ ହୋଇଥିଲେ। ଏହି ଉତ୍ସବ ମାଧ୍ୟମରେ ସାରା ନୟାଗଡ଼ରେ ସେବା ଓ ଦାନର ଏକ ନିଆରା ପରମ୍ପରା ସୃଷ୍ଟି କରି ଏକ ସୁସ୍ଥ ସମାଜ ଗଠନ ପାଇଁ ଯୁବପିଢ଼ିଙ୍କୁ ଆହ୍ୱାନ ଦିଆଯାଇଥିଲା।

# ବେଆଇନ ଗୋରୁ ଚାଲାଣବେଳେ ଦୁର୍ଘଟଣା

ଦଶପଲ୍ଲା,୩।୭( ପ୍ରକାଶ କୁମାର ପାଣି )

ଦଶପଲ୍ଲା ଥାନା ଅନ୍ତର୍ଗତ ଓସ୍ତିଆଠାରେ ଗଛରେ ପିଟି ହୋଇ ରାସ୍ତା ତଳକୁ ଓଲଟିଲା ଗୋରୁ ବୋଝେଇ ପିକଅପ ଭ୍ୟାନ ଦୁର୍ଘଟଣାରେ ଗାଡ଼ି ଡ୍ରାଇଭର ଓ ଗୋରୁ ବେପାରୀ ଆହତ ହୋଇଥିଲେ। ଉଭୟ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ଦଶପଲ୍ଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅନ୍ୟପକ୍ଷେ ଗାଡ଼ିରେ ୮ଟି ଗୋରୁ ଥିବାବେଳେ ଦୁର୍ଘଟଣାରେ ଗୋଟିଏ ଗୋରୁର ମୃତ୍ୟୁ ଘଟିଛି। ଅନ୍ୟ ଗୋରୁଗୁଡ଼ିକ ଆହତ ହୋଇଥିବାରୁ ପ୍ରାଣୀ ଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ଗୋରୁଗୁଡିକର ଚିକିତ୍ସା କରିଛନ୍ତ। ଗୋରୁ ଗୁଡିକ ଏକ ପିକଅପ୍ ଭ୍ୟାନ ଯୋଗେ ବାଇଶିପଲ୍ଲୀ ଅଞ୍ଚଳରୁ ବାହାରକୁ ଯାଉଥିବାବେଳେ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱ ଗଛରେ ପିଟିହୋଇ ଓଲଟି ପଡ଼ିଥିଲା। ଖବରପାଇ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିଛି।


ଆହତ ଗୋରୁଙ୍କୁ ଚିକିତ୍ସା କରାଯାଉଛି।

# ଅଧଘଣ୍ଟାଏ ବିଳମ୍ବରେ ଜନଶୁଣାଣି

ନୟାଗଡ,୩।୭ (ଲୋକନାଥ ମିଶ୍ର)


ଜିଲାପାଳ ରବୀନ୍ଦ୍ର ନାଥ ସାହୁ ଦୃଷ୍ଟିହୀନଙ୍କୁ ଲାପ୍‌ଟପ୍ ପ୍ରଦାନ କରୁଛନ୍ତି।


ଜନଶୁଣାଣିରେ ଅତିରିକ୍ତ ଜିଲାପାଳ।

- ଅତିରିକ୍ତ ଜିଲାପାଳ କରିଥିଲେ ଶୁଣାଣି
- ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଡେରିରେ ଆସୁଛନ୍ତି
- ନାଁ ପଞ୍ଜୀକୃତ ପାଇଁ ୩ଟି ପୃଥକ୍ ଧାଡ଼ି

ସୋମବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲାପାଳଙ୍କ ଜନଶୁଣାଣି ଅଧ ଘଣ୍ଟାଏ ବିଳମ୍ବରେ ଆରମ୍ଭ ହୋଇଥିଲା। ଅଭିଯୋଗକାରୀ ନୟାଗଡ଼ ଜିଲାର ବାସିନ୍ଦା ଅଧ ଘଣ୍ଟାଏ ଅପେକ୍ଷା କରିବା ପରେ ଅତିରିକ୍ତ ଜିଲାପାଳ ବିଧାନ ଚନ୍ଦ୍ର ରାୟ ପହଞ୍ଚି ଶୁଣାଣି ଆରମ୍ଭ କରିଥିଲେ। ଅନ୍ୟପକ୍ଷେ ନାଁ ପଞ୍ଜୀକୃତ କରିବାକୁ ସହାୟତା କେନ୍ଦ୍ର ନିକଟରେ ୩ଟି ପୃଥକ୍ ପୃଥକ୍ ଧାଡି ଦେଖିବାକୁ ମିଳିଥିଲା। ସୋମବାର ଅଭିଯୋଗ ଶୁଣାଣିକୁ ଆସିଥିବା ଅଭିଯୋଗକାରୀ ବେଶୀ ହଇରାଣ ହୋଇଥିବା ଲକ୍ଷ୍ୟ କରାଯାଇଥିଲା। ଜିଲାପାଳଙ୍କ ବିଳମ୍ବରେ ଆସିବାର କାରଣ ଜଣାପଡ଼ିନାହିଁ। ତେବେ ଜିଲାପାଳ ରବୀନ୍ଦ୍ର ନାଥ ସାହୁ ପରବର୍ତ୍ତୀ ସମୟରେ ଆସି ଶୁଣାଣି କରିଥିଲେ। ସୋମବାର ୧୮୫ଟି ମାମଲା ଆସିଥିବାବେଳେ ୧୩୨ଟି ବ୍ୟକ୍ତିଗତ ଓ ୪ଟି ସାମୁହିକ ଥିଲା। ଏଥିରୁ ୬୭ଟି ମାମଲାର ତୁରନ୍ତ ସମାଧାନ ହୋଇଛି। ଅନ୍ୟପକ୍ଷେ ଅନ୍ୟ ଅଭିଯୋଗ ଗୁଡ଼ିକ ବିଭଗୀୟ ଅଧିକାରୀମାନଙ୍କ ପାଖକୁ ପଠାଇ ଦିଆଯାଇଛି। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ଫଣ୍ଡରୁ ୪୩ ଓ ରେଡକ୍ରସରୁ ୬ଜଣଙ୍କୁ ସହାୟତା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ସୁବାସ ଚନ୍ଦ୍ର ରାୟ, ଉପଜିଲାପାଳ ଶକ୍ତିକାନ୍ତ ରାୟ, ଅତିରିକ୍ତ ଏସ୍‌ପି ଉମାକାନ୍ତ ମଲ୍ଲିକ, ସିଡିଏମ୍‌ଓ ମକରନ୍ଦ ବେଉରା ପ୍ରମୁଖ ଶୁଣାଣିରେ ସହଯୋଗ କରିଥିଲେ। ଜିଲାପାଳଙ୍କ ଜନଶୁଣାଣି ଶିବିରରେ ଜଳସମ୍ପଦ ବିଭାଗର କେହି ଅଧିକାରୀଙ୍କ ପରି କେତେଜଣ ଅଧିକାରୀ ଆସି ନ ଥିବା ଜଣାପଡ଼ିଛି। ସେହିପରି ଜିଲା ଶ୍ରମ ଅଧିକାରୀଙ୍କ ପରି କିଛି ଜିଲାସ୍ତରୀୟ ଅଧିକାରୀ ପୂର୍ବାହ୍ନ ୧୧ଟା ପରେ ଅଭିଯୋଗ ଶୁଣାଣିକୁ ଆସିଥିଲେ। କିଛି ଅଧିକାରୀ ଫୋନରେ ଗପୁଥିବାବେଳେ ଅନ୍ୟ କିଛି ଗପସପ କରୁଥିବା ଦେଖାଯାଇଛି।

## ଭିନ୍ନକ୍ଷମ ଦମ୍ପତି ସହାୟତା, ଦୃଷ୍ଟିହୀନଙ୍କୁ ଲାପଟପ ପ୍ରଦାନ

ଭିନ୍ନକ୍ଷମ ଦମ୍ପତି ବିବାହ ସହାୟତା ରାଶି ଓ ଦୃଷ୍ଟିହୀନଙ୍କୁ ଲାପଟପ ବଣ୍ଟନ କରାଯାଇଛି। ଭିନ୍ନକ୍ଷମ ଦମ୍ପତି ବିବାହ ସହାୟତା ରାଶି ୨ ଲକ୍ଷ ୫୦ ହଜାର ଲେଖାଏ ୫ଜଣଙ୍କୁ ୧୨ ଲକ୍ଷ ୫୦ ହଜାର ଟଙ୍କା ସହାୟତା ରାଶି ଜିଲାପାଳ ସାହୁ ବଣ୍ଟନ କରିଛନ୍ତି। ସ୍ତ୍ରୀସ୍ୱାମୀ ଭିନ୍ନକ୍ଷମ ହୋଇଥିଲେ ଅଥବା ଜଣେ ଭିନ୍ନକ୍ଷମଙ୍କୁ ପୁରୁଷ ବା ମହିଳା ବିବାହ କରିଲେ ଏହି ସହୟତା ରାଶି ଦିଆଯାଏ। ଭାପୁର କେନ୍ଦୁପଲ୍ଲୀ ଗାଁର ବନିତା ସାହୁ ଓ ଉଦ୍ୟନାଥ ସାହୁଙ୍କ ଦମ୍ପତି, ରଣପୁର ବ୍ଲକ ଡମସାହିର ବନ୍ଦନା ବରାଡ ଓ ଆନନ୍ଦ ପାତ୍ର, ଗଣିଆ ବ୍ଲକ ଛାମୁଣ୍ଡିଆ ଗାଁର ସୂର୍ଯ୍ୟମଣି ବେହେରା ଓ ମିନା କୁମାରୀ ବେହେରା, ଓଡ଼ଗାଁ ବ୍ଲକ ଶିଖରପୁର ଗାଁର ଅଶାନ୍ତି ପରିଡା ଓ ରାମଚନ୍ଦ୍ର ପରିଡା, ନୟାଗଡ ବ୍ଲକ ବାରବାଟି ଗାଁର ଲକ୍ଷ୍ମୀ ପ୍ରଧାନ ଓ ଜିତେନ୍ଦ୍ର ପ୍ରଧାନଙ୍କ ଦମ୍ପତି ଏହି ସହାୟତା ପାଇଛନ୍ତି।

ଏହି ଟଙ୍କା ହିତାଧିକାରୀଙ୍କ ଆକାଉଣ୍ଟରେ ଜମା ହୋଇଛି। ୩ବର୍ଷ ପରେ ଟଙ୍କାକୁ ଉଠାଣ କରାଯାଇପାରିବ। ଜିଲା ସାମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଏହି କାର୍ଯ୍ୟକ୍ରମ କରାଯାଇଛି। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଆଦିପତି କଅଁର ଓ ଜିଲା କାର୍ଯ୍ୟକ୍ରମ ସହାୟକ ପ୍ରଦ୍ୟୁମ୍ନ କୁମାର ବରାଡ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ନୟାଗଡ଼ ଜିଲାପାଳ ସାହୁ ଜିଲାର ୧୩ଜଣ ଦୃଷ୍ଟୀହୀନ ଛାତ୍ରୀଙ୍କୁ ଲାପଟପ ପ୍ରଦାନ କରିଛନ୍ତି। ଜିଲା ସମାଜିକ ସୁରକ୍ଷା କାର୍ଯ୍ୟାଳୟ ପକ୍ଷରୁ ଯୁକ୍ତ ୨ ଓ ଯୁକ୍ତ ୩ର ୧୩ଜଣ ଦୃଷ୍ଟିହୀନ ଛାତ୍ରୀଛାତ୍ର ଏହି ଲାପଟପ ପାଇଛନ୍ତି। ଉଚ୍ଚ ଶିକ୍ଷା ନିମନ୍ତେ ଏହା ପ୍ରଦାନ କରାଯାଇଛି।

# 'ହୋଣ୍ଡା ଏଲିଭେଟ୍'ର ପ୍ରାକ୍-ଉନ୍ମୋଚନ ବୁକିଂ

ଭୁବନେଶ୍ୱର,୩।୭(ଅଭୟ ଦାଶ)




ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନୀ ତଥା ପ୍ରିମିୟମ୍ କାର୍ ନିର୍ମାତା ହୋଣ୍ଡା କାର୍ସ ଇଣ୍ଡିଆ ଲିମିଟେଡ୍ (ଏଚ୍‌ସିଆଇଏଲ୍)ର ବହୁ ପ୍ରତୀକ୍ଷିତ ମଧ୍ୟମ-ଆକାରର ଏସ୍‌ୟୁଭି 'ହୋଣ୍ଡା ଏଲିଭେଟ୍'ର ପ୍ରାକ୍-ଉନ୍ମୋଚନ ବୁକିଂର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଭାରତରେ ଥିବା ହୋଣ୍ଡାର ସମସ୍ତ ସ୍ୱୀକୃତିପ୍ରାପ୍ତ ଡିଲର ପଏଣ୍ଟ ( ହୋଣ୍ଡା ଶୋ'ରୁମ୍) ସହିତ ହୋଣ୍ଡାର ଅନଲାଇନ୍ ସେଲ୍ସ ପ୍ଲାଟଫର୍ମ 'ହୋଣ୍ଡା ଫ୍ରମ୍ ହୋମ୍' ଜରିଆରେ ମଧ୍ୟ ଗ୍ରାହକମାନେ ହୋଣ୍ଡା ଏଲିଭେଟ୍‌ର ବୁକିଂ କରିପାରିବେ ବୋଲି ଏଚ୍‌ସିଆଇଏଲ୍ ପକ୍ଷରୁ କୁହାଯାଇଛି। ସେହିଭଳି ପ୍ରଥମ ବଜାର ଭାବେ ଭାରତରେ ଚଳିତ ବର୍ଷ ଉତ୍ସବ ଋତୁ ସମୟରେ ହୋଣ୍ଡା ଏଲିଭେଟ୍‌କୁ ଉନ୍ମୋଚନ କରାଯିବ।

ଏ ସମ୍ପର୍କରେ ଏଚ୍‌ସିଆଇଏଲର ନିର୍ଦ୍ଦେଶକ (ମାର୍କେଟିଂ ଆଣ୍ଡ ସେଲ୍‌ସ) ୟୁଇଚି ମୁରାଟା କହିଛନ୍ତି, ଚଳିତ ବର୍ଷ ଜୁନରେ ହୋଣ୍ଡା ଏଲିଭେଟ୍‌ର ୱାର୍ଲ୍ଡ ପ୍ରିମିୟର ଉନ୍ମୋଚନ ହେବା ପରଠାରୁ ଉକ୍ତ ମଡେଲକୁ ବିପୁଳ ଜନ ସମର୍ଥନ ମିଳିଛି। ବିଶେଷ କରି ଏହି ବହୁ ପ୍ରତୀକ୍ଷିତ ମଡେଲ୍‌ର ପ୍ରାକ୍-ଉନ୍ମୋଚନ ବୁକିଂର ଶୁଭାରମ୍ଭ କରି ଆମେ ବେଶ୍ ଉତ୍ସାହିତ ଅଛୁ, ଯାହାର ବିକ୍ରି ୨୦୨୩ ସେପ୍ଟେମ୍ବରରେ ଆରମ୍ଭ ହେବ। ସେହିପରି ଗଭୀର ଗବେଷଣା ଓ ଗ୍ରାହକମାନଙ୍କ ବ୍ୟାପକ ମତାମତକୁ ନେଇ ଆମେ ଗ୍ରାହକମାନଙ୍କ ଉଦୀୟମାନ ଆବଶ୍ୟକତା ଓ ଅଭିଳାଷକୁ ପୂରଣ କରିବା ଲାଗି ଏହି କାର୍ ପ୍ରସ୍ତୁତ କରିଛୁ। ଆମର ବିଶ୍ୱାସ ରହିଛି ଯେ ନୂଆ ମଡେଲ୍ ଏଲିଭେଟ୍ ବଜାରରେ ବିଶେଷ ସଫଳତା ହାସଲ କରିବ। 'ଅର୍ବାନ ଫ୍ରିଷ୍ଟାଇଲର୍' ପରିକଳ୍ପନା ଆଧାରରେ ବିକାଶ କରାଯାଇଥିବା ହୋଣ୍ଡା ଏଲିଭେଟ୍‌କୁ ଚଳଚଞ୍ଚଳ ଜୀବନଶୈଳୀ ଓ ବିଶ୍ୱ ମାନସିକତାକୁ ଦୃଷ୍ଟିରେ ରଖି ଗ୍ରାହକମାନଙ୍କ ଲାଗି ପ୍ରସ୍ତୁତ କରାଯାଇଛି। ଥାଇଲାଣ୍ଡ ସ୍ଥିତ ହୋଣ୍ଡା ଆର୍‌ଆଣ୍ଡଡି ଏସିଆ ପାସିଫିକ୍ କେନ୍ଦ୍ର ଦ୍ୱାରା ବିକାଶ କରାଯାଇଥିବା ସମ୍ପୂର୍ଣ୍ଣ ନୂଆ ଏଲିଭେଟ୍ ମାନ୍ୟତା, ଆରାମ ଓ ଏକ ଚଳଚଞ୍ଚଳ ଜୀବନଶୈଳୀ ଚାହୁଁଥିବା ଯୁବ ଗ୍ରାହକମାନଙ୍କ ଆବଶ୍ୟକତା ଓ ଅଭିଳାଷ ପୂରଣ କରିବ। ଅପରପକ୍ଷରେ ମ୍ୟାନ୍ ମ୍ୟାକ୍ସିମମ୍ ମେଶିନ୍ ମିନିମମ୍‌କୁ ନେଇ ହୋଣ୍ଡାର ରହିଥିବା ନୀତି ଉପରେ ଆଧାରିତ ଏଲିଭେଟ୍ ଶ୍ରେଷ୍ଠ ମାନର ହ୍ୱିଲ୍ ବେସ୍, ଅଧିକ ସ୍ଥାନ ଥିବା ହେଡ୍‌ରୁମ୍, ନିରୁମ୍, ଲେଗ୍ ରୁମ୍ ଏବଂ ୪୫୮ ଲିଟରର ଫାଙ୍କା କାର୍ଗୋ ସ୍ଥାନ ସହ ଏକ ଉତ୍କୃଷ୍ଟ ଭିତର ପାର୍ଶ୍ୱ କ୍ୟାବିନ୍ ପ୍ରଦାନ କରୁଛି।

## ମୋଟୋରୋଲାର ନୂତନ ଉତ୍ପାଦ ଉନ୍ମୋଚିତ

ଭୁବନେଶ୍ୱର,୩।୭

ମୋଟୋରୋଲାର ନୂତନ ଉତ୍ପାଦ ରେଜର୍ ୪୦ ଅଲଟ୍ରା ଏବଂ ରେଜର୍ ୪୦'ର ସର୍ବଭାରତୀୟ ଉନ୍ମୋଚନ ନିକଟରେ ହୋଇଯାଇଛି। ଏ ସମ୍ପର୍କରେ ମୋଟୋରୋଲା ଏସିଆ ପ୍ୟାସିଫିକର ଏକଜିକ୍ୟୁଟିଭ ଡାଇରେକ୍ଟର ପ୍ରଶାନ୍ତ ମଣି କହିଛନ୍ତି, ପ୍ରଯୁକ୍ତି ଓ ନବସୃଜନ କ୍ଷେତ୍ରରେ ମୋଟୋରୋଲା ଅଗ୍ରଭାଗରେ ରହିଛି। ଏପରିକି ବଜାରକୁ ସମ୍ପୂର୍ଣ୍ଣ ଭିନ୍ନ କିଛି ଆଣିବା ଏବଂ ପ୍ରତ୍ୟେକ ଉତ୍ପାଦ ସହିତ ଗୁଣମାନରେ ବୃଦ୍ଧି ଘଟାଇବାକୁ ପାରଦର୍ଶୀ ରେଜର ପରିବାର ସହିତ ଦୁଇଟି ରେଜର ୪୦ ଅଲଟ୍ରା ଏବଂ ରେଜର ୪୦ ଫୋଲଡ କରି ହେବା ଭଳି ସ୍ମାର୍ଟଫୋନର ଭବିଷ୍ୟତକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ପ୍ରଦାନ କରିବ ଏବଂ ଆମର ବହୁମୂଲ୍ୟ ଗ୍ରାହକଙ୍କ ଆଶା ଆକାଂକ୍ଷାଠାରୁ ଯଥେଷ୍ଟ ଅଧିକ କିଛି ଯୋଗାଇଦେବ। ଅପରପକ୍ଷରେ ବଲିଉଡ ଅଭିନେତ୍ରୀ କୀର୍ତ୍ତି ସାନନଙ୍କୁ ମଧ୍ୟ ବ୍ରାଣ୍ଡର ବ୍ରାଣ୍ଡ୍ ଆମ୍ବାସାଡର ଭାବେ ଘୋଷଣା କରାଯାଇଛି।

## ରିଲାଏନ୍ସ ଜିଓର ୯୯୯ ଟଙ୍କିଆ ୪ଜି ଫୋନ୍

ଭୁବନେଶ୍ୱର,୩।୭




ରିଲାଏନ୍ସ ଜିଓର ୯୯୯ ଟଙ୍କିଆ ଆକର୍ଷଣୀୟ ୪ଜି ଫୋନ୍ 'ଜିଓ ଭାରତ ଭି୨'କୁ ସୋମବାର ସର୍ବଭାରତୀୟ ଉନ୍ମୋଚନ କରାଯାଇଛି। ବିଶେଷ କରି ଦେଶ ଭିତରେ ଉତ୍ପାଦନ କରାଯାଉଥିବା ଏବଂ ମାତ୍ର ୭୧ ଗ୍ରାମ ଓଜନର ଜିଓ ଭାରତ ଭି୨ ଫୋନ୍ ୪ଜି ନେଟ୍‌ୱର୍କରେ କାମ କରୁଛି। ଏପରିକି ଏଥିରେ ଏଚ୍‌ଡି ଭଏସ୍ କଲିଂ, ଏଫ୍‌ଏମ୍ ରେଡିଓ, ୧୨୮ଜିବିର ଏସ୍‌ଡି ମେମୋରି କାର୍ଡସପୋର୍ଟଭଳି ସୁବିଧା ରହିଛି। ସେହିଭଳି ଉକ୍ତ ମୋବାଇଲ୍‌ରେ ୪.୫ ସେମିର ଟିଏଫ୍‌ଟି ସ୍କ୍ରିନ୍, ୦.୩ ମେଗାପିକ୍ସେଲ୍ କ୍ୟାମେରା, ୧୦୦୦ଏମ୍‌ଏଏଚ୍ ବ୍ୟାଟେରି, ୩.୫ ଏମ୍‌ଏମ୍‌ର ହେଡ୍‌ଫୋନ୍ ଜ୍ୟାକ୍, ଶକ୍ତିଶାଳୀ ଲାଉଡ୍‌ସ୍ପିକର ଓ ଟର୍ଚ୍ଚ ଭଳି ସୁବିଧା ରହିଛି। ଅପରପକ୍ଷରେ ଜିଓ ଭାରତ ଭି୨ ମୋବାଇଲ୍ ଗ୍ରାହକମାନଙ୍କୁ ଜିଓ ସିନେମାର ସବ୍‌ସ୍କ୍ରିପ୍‌ସନ୍ ସହିତ ଜିଓ-ସାବନରେ ଥିବା ୮କୋଟି ଗୀତ ଶୁଣିବାର ସୁଯୋଗ ମିଳିବ। ଏହାର ଗ୍ରାହକମାନେ ଜିଓ ପେ'ଜରିଆରେ ୟୁପିଆଇ କାରବାର କରିପାରିବେ। ଭାରତର ପ୍ରମୁଖ ଭାଷାଭାଷୀ ଗ୍ରାହକମାନେ ଜିଓ ଭାରତ ଭି୨କୁ ବ୍ୟବହାର କରିପାରିବେ। ଏହି ମୋବାଇଲ୍ ୨୨ ଭାରତୀୟ ଭାଷାରେ କାମ କରିପାରିବ। ସୂଚନାଯୋଗ୍ୟ ୨୦୨୩ ଜୁଲାଇ ୭ରେ ଜିଓ ଭାରତ ଭି୨ର ବିଟା ପରୀକ୍ଷଣ ଶୁଭାରମ୍ଭ କରାଯିବ ବୋଲି ଜିଓ ପକ୍ଷରୁ ଘୋଷଣା କରାଯାଇଛି। ଜିଓ ଭାରତ ଭି୨ ଫୋନ୍‌କୁ ଦେଶର ୬୫୦୦ ତହସିଲରେ ପହଞ୍ଚାଇବାକୁ କମ୍ପାନି ଲକ୍ଷ୍ୟ ରଖିଛି।

## ବଜାରରେ ସୋନି ବିଜେଡ୍‌୫୦ଏଲ୍ ସିରିଜ

ଭୁବନେଶ୍ୱର,୩।୭

ସୋନି ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ବ୍ରାଭିଆ ୪କେ ଏଚ୍‌ଡିଆର୍ ଡିସ୍‌ପ୍ଲେର ନୂଆ ବିଜେଡ୍‌୫୦ଏଲ୍ ସିରିଜିର ଶୁଭାରମ୍ଭ ସହ ବଜାର ପ୍ରବେଶ ହୋଇଯାଇଛି। ଏ ସମ୍ପର୍କରେ ସୋନି ଇଣ୍ଡିଆର ଡେପୁଟି ମ୍ୟାନେଜିଂ ଡାଇରେକ୍ଟର ନାକାସିମା ଟୋମୋହିରୋ କହିଛନ୍ତି, ଆମେ ଆମ ପ୍ରଫେସନାଲ୍ ବ୍ରାଭିଆ ଡିସ୍‌ପ୍ଲେରେ ଉନ୍ନତି ଆଣିବା ବେଳେ ଗ୍ରାହକମାନଙ୍କ ସଦ୍ୟତମ ଅଭିଳାଷ ଓ ଆବଶ୍ୟକତାକୁ ପୂରଣ କରିବା ଉପରେ ଧ୍ୟାନ ଦେବା ସହ ଦୀର୍ଘସ୍ଥାୟିତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲୁ। ନୂଆ ମଡେଲ୍ ସମ୍ପ୍ରସାରଣ କରିବା ଏବଂ ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ନୂଆ ପ୍ରଯୁକ୍ତି ବ୍ୟବହାର କରିବା ଜରିଆରେ ଆମେ ତାହା ହାସଲ କରିଛୁ। ଏହାର ଛବିର ମାନ, ନମନୀୟତା, ବିଭିନ୍ନ ଆକାର ଓ ସହଜରେ ବ୍ୟବହାର କରି ହେବା ଭଳି ସୁବିଧା ସହିତ ପ୍ରୋ ଏଭି ବ୍ୟବହାରକାରୀମାନେ ସୋନିର ପ୍ରଫେସନାଲ୍ ଡିସ୍‌ପ୍ଲେକୁ ବିଶ୍ୱାସ କରିପାରିବେ ଏବଂ ଆଜିର ବାଣିଜ୍ୟିକ ଦୃଶ୍ୟପଟ୍ଟ ହେଉଥିବା ପରିବର୍ତ୍ତନକୁ ପୂରଣ କରିବା ଲାଗି ରହିଥିବା ସୁବିଧା ଅନୁସାରେ ନୂଆ ସିରିଜ୍‌କୁ ପସନ୍ଦ କରିବେ। ଅପରପକ୍ଷରେ ୯୮ଇଞ୍ଚ୍ ବିଜେଡ୍‌୫୦ଏଲ୍‌ର ଅନ୍ୟତମ ଆକର୍ଷଣ ହେଉଛି, ସୋନିର ପ୍ରଫେସନାଲ୍ ବ୍ରାଭିଆ ବିଜେଡ୍‌୪୦ଜେ ସିରିଜ୍ ତୁଳନାରେ ଏଥିରେ ୨୨% ହାଲୁକା ଏବଂ ୨୮% ପତଳା ବେଜେଲ୍ ବ୍ୟବହାର କରାଯାଇଛି। ଯାହା ଭରସାଯୋଗ୍ୟତା, ଛବିର ଗୁଣାତ୍ମକ ମାନ ଓ ବ୍ୟାପକ ଭାବେ କମ୍ପାଟିବିଲିଟି ଦରକାର କରୁଥିବା ବାଣିଜ୍ୟିକ ପରିବେଶରେ ଉନ୍ନତି ଆଣିବ। ଏହାର ଚମତ୍କାର ଡିସ୍‌ପ୍ଲେ ପ୍ରାୟ ସବୁ ପ୍ରକାର ଆବଶ୍ୟକତା ପୂରଣ କରିବ।

## ବିଓଆଇର ନୂତନ ଏମ୍‌ଏସ୍‌ଏସ୍‌ସି ଯୋଜନା

ଭୁବନେଶ୍ୱର,୩।୭




ବ୍ୟାଙ୍କ ଅଫ୍ ଇଣ୍ଡିଆ (ବିଓଆଇ)ର ନୂତନ ଯୋଜନା 'ମହିଳା ସମ୍ମାନ ସେଭିଙ୍ଗ୍ ସାର୍ଟିଫିକେଟ୍(ଏମ୍‌ଏସ୍‌ଏସ୍‌ସି)-୨୦୨୩'ର ଆନୁଷ୍ଠାନିକ ଶୁଭାରମ୍ଭ ସୋମବାରଠାରୁ ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷ କରି ଭାରତର ପ୍ରଥମ ବ୍ୟାଙ୍କ ଭାବେ ବିଓଆଇ ଚଳିତ ମାସ ୩ ତାରିଖରେ ଭାରତ ସରକାରଙ୍କ ସ୍ୱଳ୍ପ ସଞ୍ଚୟ ଯୋଜନା 'ମହିଳା ସମ୍ମାନ ସେଭିଙ୍ଗ୍ ସାର୍ଟିଫିକେଟ୍-୨୦୨୩ ଯୋଜନା'ର ଶୁଭାରମ୍ଭ କରିଛି। ଏପରିକି ବିଓଆଇର ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରଜନୀଶ କର୍ଣ୍ଣାଟକ ଉକ୍ତ ଯୋଜନାର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛନ୍ତି। ବିଶେଷ କରି ଏହି ଯୋଜନା ବିଓଆଇର ସମସ୍ତ ଶାଖାରେ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ଉପଲବ୍ଧ ହେବ। ଉଲ୍ଲେଖଯୋଗ୍ୟ, ଏହି ଯୋଜନା ଅଧୀନରେ ମହିଳା ଓ ବାଳିକାମାନଙ୍କ ପାଇଁ ୨ ବର୍ଷ ଅବଧି ନିମନ୍ତେ ୭.୫% ସୁଧ ହାରରେ ସର୍ବନିମ୍ନ ୧୦୦୦ ଟଙ୍କାରୁ ଆରମ୍ଭ କରି ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରାଶି ଜମା କରାଯାଇପାରିବ। ସେହିଭଳି ୨ୟ ଏମ୍‌ଏସ୍‌ଏସ୍‌ସି ଆକାଉଣ୍ଟ ପୂର୍ବରୁ ଥିବା ଏସ୍‌ଏସ୍‌ସି ଆକାଉଣ୍ଟର ୩ମାସ ବ୍ୟବଧାନ ପରେ ସର୍ବାଧିକ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଖୋଲାଯାଇପାରିବ। ଏପରିକି ଆକାଉଣ୍ଟ ଖୋଲିବା ଦିନଠାରୁ ୧ବର୍ଷ ସମାପ୍ତ ହେବା ପରେ ବାଲାନ୍ସର ୪୦% ଆଂଶିକ ଉଠାଣ କରାଯାଇପାରିବ। ଏହି ଯୋଜନାରେ ୬ ମାସ ସଂପୂର୍ଣ୍ଣ ହେବା ପରେ ଯେ କୌଣସି ସମୟରେ ଆକାଉଣ୍ଟକୁ ବନ୍ଦ କରାଯାଇପାରିବ, ଯାହାର ସୁଧ ହାର୫.୫% ରହିବ ଏବଂ ଆକାଉଣ୍ଟଧାରୀଙ୍କ ମୃତ୍ୟୁ ଓ ଜଟିଳ ରୋଗ ପାଇଁ ହସ୍ପିଟାଲ ସହାୟତା କ୍ଷେତ୍ରରେ ୭.୫% ସୁଧ ପ୍ରଦାନ କରାଯିବ।

## ଏସବିଆଇ ପକ୍ଷରୁ ଆଇସିସିଡବ୍ଲ୍ୟୁ ସୁବିଧା

ଭୁବନେଶ୍ୱର,୩।୭

ଭାରତୀୟ ଷ୍ଟେଟ୍ ବ୍ୟାଙ୍କ (ଏସବିଆଇ)ର ୬୮ ତମ ବ୍ୟାଙ୍କ ଦିବସ ନିକଟରେ ପାଳିତ ହୋଇଯାଇଛି। ଏସବିଆଇର ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ଆପ୍ 'ୟୋନୋ'ରେ କେତେକ ନୂତନ ସୁବିଧାର ଶୁଭାରମ୍ଭ କରାଯାଇଥିବାବେଳେ ଇଣ୍ଟରଅପରେବଲ୍ କାର୍ଡଲେସ୍ ନଗଦ ଉଠାଣ (ଆଇସିସିଡବ୍ଲ୍ୟୁ) ସୁବିଧା ମଧ୍ୟ ଏସବିଆଇ ପକ୍ଷରୁ ଆରମ୍ଭ କରାଯାଇଛି। ବିଶେଷ କରି 'ସବୁ ଭାରତୀୟଙ୍କ ପାଇଁ ୟୋନୋ' ସହିତ ବ୍ୟାଙ୍କର ଗ୍ରାହକମାନେ ବର୍ତ୍ତମାନ 'ସ୍କାନ ଆଣ୍ଡ ପେ', ପେ ବାଏ କଣ୍ଟାକ୍ଟ, ଅର୍ଥରାଶି ପାଇଁ ଅନୁରୋଧ ଆଦି ସୁବିଧାକୁ ନୂଆ ୟୁନୋ ଆପ୍‌ରେ ପାଇପାରିବେ। ଅପରପକ୍ଷରେ ଇଣ୍ଟରଅପରେବଲ୍ କାର୍ଡଲେସ୍ ନଗଦ ଉଠାଣ ସୁବିଧା ସହିତ ଉଭୟ ଏସବିଆଇ ଓ ଅଣ-ଏସବିଆଇ ଗ୍ରାହକମାନେ ଆଇସିସିଡବ୍ଲ୍ୟୁ ସକ୍ଷମ ଥିବା ଯେକୌଣସି ବ୍ୟାଙ୍କର ଏଟିଏମ୍‌ରୁ 'ୟୁପିଆଇ କ୍ୟୁଆର୍ କ୍ୟାଶ୍'କୁ ବ୍ୟବହାର କରି ନିରବଚ୍ଛିନ୍ନ ଭାବେ ନଗଦ ଟଙ୍କା ଉଠାଇପାରିବେ। ଏଟିଏମ୍ ସ୍କ୍ରିନ୍‌ରେ ଥିବା କ୍ୟୁଆର୍ କୋଡ୍ ଜରିଆରେ ଏହି କାରବାର ସମ୍ପାଦିତ ହେବ। ଗ୍ରାହକମାନେ ସେମାନଙ୍କ ୟୁପିଆଇ ଆପ୍‌ରେ ଉପଲବ୍ଧ ଥିବା ସ୍କାନ୍ ଆଣ୍ଡ ପେ'କୁ ବ୍ୟବହାର କରି ସୁବିଧାରେ ଟଙ୍କା ଉଠାଇପାରିବେ। ଏହା ଟଙ୍କା ଉଠାଣକୁ ସହଜ କରିବା ସହ ସୁରକ୍ଷିତ ମଧ୍ୟ କରିବ, କାରଣ ଗ୍ରାହକମାନଙ୍କୁ ପିନ୍ କିମ୍ବା ପ୍ରତ୍ୟକ୍ଷ ଡେବିଟ୍ କାର୍ଡ ଦରକାର ପଡ଼ିବନି। ଗ୍ରାହକମାନେ ବ୍ୟବହାରକାରୀ ମିତବ୍ୟୟୀ ଓ ସୁରକ୍ଷିତ ଡିଜିଟାଲ୍ ମାଧ୍ୟମ ଜରିଆରେ ତୁରନ୍ତ ଟଙ୍କା ଉଠାଣର ସୁବିଧା ଉପଭୋଗ କରିପାରିବେ। ଏ ସମ୍ପର୍କରେ ଏସବିଆଇର ଅଧକ୍ଷ ଦୀନେଶ ଖାରା କହିଛନ୍ତି, ଭାରତୀୟମାନଙ୍କୁ ଆର୍ଥିକ ସ୍ୱାଧୀନତା ଓ ସୁବିଧା ମାଧ୍ୟମରେ ସଶକ୍ତ କରିବା ପାଇଁ ଉନ୍ନତ ଡିଜିଟାଲ୍ ବ୍ୟାଙ୍କିଙ୍ଗ ସମାଧାନ ପ୍ରଦାନ କରିବାକୁ ଏସ୍‌ବିଆଇ ପ୍ରତିବଦ୍ଧ ରହିଛି।

ଫୁର୍‌ସତ୍

# ୩୨ ଗଛ କାଟିବାରୁ ୨୬ ଲକ୍ଷ ଜରିମାନା

ୱାଶିଂଟନ



ବର୍ତ୍ତମାନ ସମୟରେ ପରିବେଶ ସୁରକ୍ଷା ପାଇଁ ଲୋକଙ୍କୁ ସଚେତନ କରାଯାଉଛି। ହେଲେ ଅନେକ ଲୋକ ଅଛନ୍ତି, ଯେଉଁମାନେ ଏସବୁକୁ ନ ମାନି ଗଛ କାଟିଆନ୍ତି। ନିକଟରେ ଜଣେ ଯୁବକ ଗଛ କାଟିଥିବାରୁ ତାଙ୍କୁ ମୋଟ ଅଙ୍କର ଜରିମାନା ଭରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛି। ରିପୋର୍ଟ ମୁତାବକ, ଆମେରିକାର ନ୍ୟୁଜର୍ସିର ବାସିନ୍ଦା ଗ୍ରାଣ୍ଟ ହାବର ତାଙ୍କ ପଡ଼ୋଶୀ ୪୦ ବର୍ଷୀୟ ସାମି ଶିନ୍‌ୱେଙ୍କ ଘରର ଏକ ଚତୁର୍ଥାଂଶ ଏକର ଜାଗାରେ ଲାଗିଥିବା ଉତ୍ତମ ପ୍ରଜାତିର ୩୨ଟି ଗଛ କାଟିଦେଇଛନ୍ତି। ତେବେ ହାବର ଗଛ ଯୋଗୁ ବାହାରର ଦୃଶ୍ୟ ଭଲରେ ଦେଖିପାରୁ ନ ଥିଲେ। ଏନେଇ ସେମାନଙ୍କ ମଧ୍ୟରେ କିଛି ଦିନ ଆଗରୁ ଝଗଡ଼ା ହୋଇଥିଲା। ଏହାପରେ ହାବର ରାଗିଯାଇ ସାମିଙ୍କର ଗଛ ସବୁ ମେଶିନ ସାହାଯ୍ୟରେ କାଟିଥିବା ଜଣାପଡ଼ିଛି। ସାମି ଏନେଇ ପୋଲିସରେ ଅଭିଯୋଗ କରିଥିଲେ। ଏହି ମାମଲା କୋର୍ଟକୁ ଯିବାରୁ ସେଠାରେ ବିନା ଅନୁମତିରେ ଏପରି କରିଥିବାରୁ ହାବର ଦୋଷୀ ସାବ୍ୟସ୍ତ ହେଲେ। ଲାଗିଥିବା ଗଛଗୁଡ଼ିକ କୋର୍ଟ ତାଙ୍କୁ ଗୋଟେ ଗଛ ପିଛା ୧ ହଜାର ଡଲାର ମୋଟ ୩୨ ହଜାର ଡଲାର ଅର୍ଥାତ୍ ୨୬ ଲକ୍ଷରୁ ଅଧିକ ଟଙ୍କା ଜରିମାନା ଭରିବାକୁ ଲାଗୁ ହୋଇଛି। ରିପୋର୍ଟ ମୁତାବକ, ହାବର ଯେତିକି ଗଛ କାଟିଛନ୍ତି, ତା' ବଦଳରେ ସେହି ପ୍ରଜାତିର ଗଛ କିମ୍ବା ତା'ଠାରୁ ଉନ୍ନତ ପ୍ରଜାତିର ଗଛ ଦେବାକୁ ପଡ଼ିବ। ଏଥିସହ ସେଠାରେ ମାଟି ପକାଇବା, ଅନାବନା ଗଛ ସଫା କରିବାକୁ ପଡ଼ିବ ବୋଲି ଜଣାପଡ଼ିଛି।

## ଅଗଷ୍ଟ ୧୧ରେ ଅକ୍ଷୟଙ୍କ 'ଓଏମ୍‌ଜି ୨'



**ମୁମ୍ବାଇ:** ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ କିଛି ବର୍ଷର ଅନ୍ତର ପରେ ପୁଣିଥରେ ବଡ଼ ପରଦାରେ ଦେଖିବାକୁ ମିଳିବ। ଏନେଇ ଅକ୍ଷୟ ନିକଟରେ ତାଙ୍କ ଆଗାମୀ ଫିଲ୍ମ 'ଓଏମ୍‌ଜି ୨'ର ପୋଷ୍ଟର ସହ ରିଲିଜ କରିଛନ୍ତି; ଯେଉଁଥିରେ ତାଙ୍କୁ ଶିବଙ୍କ ଭୂମିକାରେ ଦେଖିବାକୁ ମିଳିଛି। ମୁଭିଟି ଅଗଷ୍ଟ ୧୧ରେ ପ୍ରେକ୍ଷାଳୟକୁ ଆସିବ ବୋଲି ଜଣାପଡ଼ିଛି। କିଛି ଦିନରେ ସିନେମାର ଟିଜର ରିଲିଜ୍ ହେବ ବୋଲି ଅକ୍ଷୟ ସୂଚନା ଦେଇଛନ୍ତି। ପୋଷ୍ଟରରେ ଅକ୍ଷୟ ଶିବଙ୍କ ଜଟା ଓ ତିଳକ ଲଗାଇଥିବା ଦେଖିବାକୁ ମିଳିଛି। ଫିଲ୍ମଟି ବ୍ୟଙ୍ଗାତ୍ମକ କମେଡି ଡ୍ରାମା ଉପରେ ଆଧାରିତ। ଏଥିରେ ଭାରତୀୟ ଶିକ୍ଷା ବ୍ୟବସ୍ଥା, ଯେଉଁଥିରେ ପିଲାଙ୍କ ଉପରେ କିପରି ପରୀକ୍ଷା ପ୍ରେସର ଏବଂ କଲେଜ ଆଡ୍‌ମିଶନ କରୁଛନ୍ତି ତାକୁ ଦର୍ଶାଯାଇଛି। ଏଥିରେ ଆଧ୍ୟାତ୍ମିକ ବିଷୟବସ୍ତୁ ମଧ୍ୟ ରହିଛି। ଅମିତ୍ ରାଏଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଅକ୍ଷୟଙ୍କ ସହିତ ଅଭିନେତ୍ରୀ ୟାମି ଗୌତମଙ୍କୁ ଦେଖିବାକୁ ମିଳିବ। 'ଓଏମ୍‌ଜି' ୨୦୧୨ରେ ରିଲିଜ୍ ହୋଇଥିବାବେଳେ ସିନେମାର ଦ୍ୱିତୀୟ ଭାଗ ୧୧ ବର୍ଷ ପରେ ରିଲିଜ୍ ହେବାକୁ ଯାଉଛି। ତେବେ ଅକ୍ଷୟଙ୍କୁ ଶେଷଥର ପାଇଁ ୨୦୨୦ରେ ଫିଲ୍ମ 'ଲକ୍ଷ୍ମୀ'ରେ ଦେଖିବାକୁ ମିଳିଥିଲା। ସେ ୧୯୯୧ରେ ପ୍ରଥମେ ସିନେମା ଜଗତରେ ପାଦ ଦେଇଥିଲେ। ଏହା ପରଠାରୁ ତାଙ୍କୁ ଅନେକ ସଫଳତା ମିଳିଛି। ଅଧିକାଂଶ କମେଡି ଫିଲ୍ମ ପାଇଁ ସେ ଅଧିକ ଲୋକପ୍ରିୟ ହୋଇପାରିଛନ୍ତି। ଏହା ବ୍ୟତୀତ ସେ ଅନେକ ଫିଲ୍ମରେ ପ୍ରଯୋଜନା କରିଛନ୍ତି ଏବଂ ଅନେକ ଟିଭି ଶୋ'ରେ ମଧ୍ୟ ନଜରକୁ ଆସିଛନ୍ତି।

## ଏଥର ବର୍ଷାର ମଜା ଉଠାଇବେ ମୁମ୍ବାଇବାସୀ

ଏଆଇ ଦ୍ୱାରା ଯାନବାହନର ପରିକଳ୍ପନା

ମୁମ୍ବାଇ

ମୁମ୍ବାଇକୁ ମାୟାନଗରୀ କୁହାଯାଏ। ଏଥିସହ ଏହି ସହର ଚାକଚକ୍ୟ ସହର ଭାବେ ଜଣାଶୁଣା। ହେଲେ ଏଠାରେ ବର୍ଷା ହେଲେ ସହର ପାଣିରେ ବୁଡ଼ିଯାଏ। କିନ୍ତୁ ଏବେ ମୁମ୍ବାଇ ସହରବାସୀ ବର୍ଷାର ମଜା ଉଠାଇପାରିବେ। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ(ଏଆଇ) ନିକଟରେ ଏକ ଫଟୋ ଶେୟାର କରିଛି; ଯେଉଁଥିରେ କିଛି ଗାଡ଼ିର କଳ୍ପନା କରାଯାଇଛି। ଯାହା ଏବେ ବେଶ୍ ଭାଇରାଲ ହେବାରେ ଲାଗିଛି। ଏଆଇ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ଏହି ଫଟୋରେ ବହୁ ଲୋକ ଏକ ଗାଡ଼ିରେ ବସିଛନ୍ତି। ଗାଡ଼ିଟି କାଚରେ କଭର ହେବା ସହ ତାହା ବୋଟ ପରି ହୋଇଛି। ଫଳରେ ପାଣି ଭିତରେ ପଶିପାରିବନି। ଲୋକେ ସେଥିରେ ବସିକରି ଆରାମରେ ଯାଇପାରିବେ। ଆଉ କିଛି ଫଟୋରେ ଏକ ଅଟୋ, କେ ବାଇକ୍, ଯାହା ଏକ ବେଲୁନ ଭିତରେ ରହିଛି। ଫଳରେ ସେ ଆରାମରେ ବର୍ଷାରେ ପାଣି ଉପରେ ଚାଲିପାରୁଛି। ଏଆଇ ମାଧ୍ୟମରେ ଏକ ବଡ଼ ବସ୍‌ର ମଧ୍ୟ କଳ୍ପନା କରାଯାଇଛି। ଏହି ସମସ୍ତ ଗାଡ଼ି ପାଣିରେ ଆରାମରେ ଚାଲିପାରିବ। ଏପରି ଯାନବାହନ ସାହାଯ୍ୟରେ ଲୋକେ ସେହି ପାଗର ମଜା ଉଠାଇପାରିବେ। ସୋସିଆଲ ମିଡିଆରେ ଏପରି କିଛି ଫଟୋ ବେଶ୍ ଭାଇରାଲ ହେବାରେ ଲାଗିଛି, ଯାହାକୁ ଲୋକେ ପସନ୍ଦ କରିଛନ୍ତି। ଏପରି ଗାଡ଼ି ସତରେ ଥିଲେ ଲୋକେ ତାହାର ମଜା ଉଠାଇପାରନ୍ତେ ବୋଲି ଅନେକେ କମେଣ୍ଟରେ କହିଛନ୍ତି।






## ମହିଳାଙ୍କୁ ପ୍ରେମ ନିବେଦନ କରି ଡେଲିଭରିବୟଙ୍କ ଚାକିରି ଗଲା



ଲକ୍ଷ୍ନୌ

ନିକଟରେ ଜଣେ ପିଜ୍ଜା ଡେଲିଭରି ବୟ ଜଣେ ଗ୍ରାହକଙ୍କୁ ପ୍ରେମ ନିବେଦନ କରିବାରୁ ତାଙ୍କୁ ଚାକିରି ହରାଇବାକୁ ପଡ଼ିଛି। ବର୍ତ୍ତମାନ ସମସ୍ତ ଜିନିଷ ସହଜରେ ଅନ୍‌ଲାଇନ ଜରିଆରେ ମିଳିଯାଉଛି। ଲୋକେ ସେଥିରୁ ଜିନିଷ କିଣିବାବେଳେ ନିଜ ଫୋନ ନମ୍ବର ଦେଇଥାନ୍ତି। ସେହି ନମ୍ବର ଜରିଆରେ କେହି ବି ହଇରାଣ କରିବାର ସମ୍ଭାବନା ରହିଛି। ତେବେ ଉତ୍ତରପ୍ରଦେଶରେ ସେପରି କିଛି ଘଟଣା ଦେଖିବାକୁ ମିଳିଛି। ଏଠାରେ ଜଣେ ପିଜ୍ଜା ଡେଲିଭରି ବୟ ଜଣେ ମହିଳା ଗ୍ରାହକଙ୍କୁ ଚାଟରେ ପ୍ରେମ ନିବେଦନ କରିଛନ୍ତି। ରିପୋର୍ଟ ମୁତାବକ, ଡେଲିଭରି ବୟ ଡୋମିନୋଜ୍‌ଠାରୁ ମହିଳାଙ୍କ ଠିକଣା, ଫୋନ ନମ୍ବର ସଂଗ୍ରହ କରିବା ପରେ ଏପରି କାମ କରିଛନ୍ତି। ପ୍ରକୃତରେ ଏହି ଘଟଣା ସେତେବେଳେ ସାମ୍ନାକୁ ଆସିଲା; ଯେତେବେଳେ କନିଷ୍କା ଦଧିଚି ନାମକ ମହିଳା ମେସେଜ୍ ଚାଟ୍‌ର ସ୍କ୍ରିନଶଟ୍ ଟୁଇଟରରେ ଶେୟାର କଲେ। ତାଙ୍କର ଏହି ଟୁଇଟ୍ ଭାଇରାଲ ହେବା ପରେ ୟୁପି ପୋଲିସ ମେସେଜ୍ କରିଥିବା କବିର ନାମକ ଯୁବକଙ୍କୁ ଖୋଜିବା ଆରମ୍ଭ କଲା। କବୀର ଏପରି କରିଥିବାରୁ ଡୋମିନୋଜ୍ ତାଙ୍କୁ ଚାକିରିକୁ ବିଦା କରିଦେଲା। ଏପରି ଘଟଣା ପରେ ଅନେକ ଲୋକ ଅସୁରକ୍ଷିତ ମନେକରୁଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୪ ଜୁଲାଇ, ୨୦୨୩



**ଜନ୍ମଦିନର ଶୁଭେଚ୍ଛା**

ନାମ: ................................
ବୟସ:................................
ଜନ୍ମ ତାରିଖ: ...........................


ଡିକୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ଭାଜପା ଟଙ୍କା ଦେଇ ଅନ୍ୟ ଦଳର ନେତାଙ୍କୁ କିଣୁଛି: ଟିଏମ୍‌ସି

**କୋଲକାତା,୩।୭**

ମହାରାଷ୍ଟ୍ର ରାଜନୀତିକୁ ନେଇ କେନ୍ଦ୍ରର ଭାଜପା ସରକାର ଉପରେ ବର୍ଷିଛନ୍ତି ଟିଏମ୍‌ସି ନେତା ସୌଗତ ରାୟ। ସେ କହିଛନ୍ତି, ଭାଜପାର ଲକ୍ଷ୍ୟ ବିରୋଧୀଙ୍କୁ ଦୁର୍ବଳ କରିବା। ସେଥିପାଇଁ ସେମାନେ ବାରମ୍ବାର ଟଙ୍କା ଦେଇ ନେତାମାନଙ୍କୁ କିଣୁଛନ୍ତି। ଆଉ ବିରୋଧୀଙ୍କୁ ଦୁର୍ବଳ କରିବା ଅଭିଯାନ ଜାରୀ ରଖିଛନ୍ତି। ମହାରାଷ୍ଟ୍ର ବିରୋଧୀ ଦଳ ନେତା ପଦ ଛାଡି ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇଥିବା ଏନ୍‌ସିପି ନେତା ଅଜିତ ପାୱାରଙ୍କୁ ଟାର୍ଗେଟ କରିଛନ୍ତି ଟିଏମ୍‌ସି ଏମ୍‌ପି ସୌଗତ। ଟିଏମ୍‌ସି ବିଶ୍ୱାସ କରେ, ଏନ୍‌ସିପି ସୁପ୍ରିମୋ ଶରଦ ପାୱାର ଯାହା କହୁଛନ୍ତି ତାହା ଠିକ୍। ଆମେ ତାଙ୍କ ସହିତ ଅଛୁ ବୋଲି ସେ କହିଛନ୍ତି। ଅପରପକ୍ଷରେ ଭାଜପା ଯୋଗୁ ମୁମ୍ବାଇ ଏବଂ ମହାରାଷ୍ଟ୍ରରେ ଯାହା ଘଟିଯାଇଛି ଦେଶ ଉପରେ ତା'ର ପ୍ରଭାବ ପଡ଼ିବ ନାହିଁ ବୋଲି ସୌଗତ କହିଛନ୍ତି।


ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ତଥା ବିଆର୍‌ଏସ୍ ମୁଖ୍ୟ କେ. ଚନ୍ଦ୍ରଶେଖର ରାଓଙ୍କୁ ସୋମବାର ହାଇଦ୍ରାବାଦଠାରେ ଏସ୍‌ପି ମୁଖ୍ୟ ଅଖିଳେଶ ଯାଦବ ଭେଟୁଛନ୍ତି।

# ଆସନ୍ତା ୬ରେ ଯୁବ, ୧୪ରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ

**ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)**

ବିଜୁ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଆସନ୍ତା ୬ ତାରିଖରେ ଶଙ୍ଖ ଭବନଠାରେ ଅନୁଷ୍ଠିତ ହେବ ବୋଲି ଜଣାପଡ଼ିଛି। ଯୁବ ଜନତା ଦଳର ବିଭିନ୍ନ କାର୍ଯ୍ୟକ୍ରମ କିପରି ଆଗାମୀ ଦିନରେ ରାଜ୍ୟବ୍ୟାପୀ କରାଯାଇପାରିବ ଏବଂ ଯୁବ ସଙ୍ଗଠନକୁ ମଜଭୁତ କରାଯିବ ସେନେଇ ବୈଠକରେ ସ୍ଥିର ହେବ। ତେବେ କାର୍ଯ୍ୟକାରିଣୀରେ କେତୋଟି ପ୍ରସ୍ତାବ ପାରିତ କରାଯିବ ସେନେଇ କିଛି ଚୂଡାନ୍ତ ହୋଇ ନ ଥିବାବେଳେ ଖୁବଶୀଘ୍ର ଏହା ସ୍ଥିର ହୋଇଯିବ ବୋଲି ଯୁବ ଜନତା ଦଳର ଜଣେ ନେତା ସୂଚନା ଦେଇଛନ୍ତି। ସେହିପରି ଆସନ୍ତା ୧୪ ତାରିଖରେ ବିଜୁ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ଅନୁଷ୍ଠିତ ହେବ। ରାଜ୍ୟବ୍ୟାପୀ ଛାତ୍ର ସଙ୍ଗଠନକୁ ମଜଭୁତ କରିବା ସହିତ ଛାତ୍ର ନେତାମାନଙ୍କୁ ନେଇ ବିଭିନ୍ନ ଜିଲାରେ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳ ତରଫରୁ ଯୁବ ଓ ଛାତ୍ର ସଙ୍ଗଠନକୁ ସକ୍ରିୟ କରିବା ପାଇଁ ଏକ ପ୍ରକାର ଯୋଜନା କରାଯାଇଛି। ଜଣେ ଯୁବ ନେତାଙ୍କ କହିବାନୁଯାୟୀ, ଗତବର୍ଷ ଉଭୟ ଯୁବ ଓ ଛାତ୍ର ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ହୋଇ ନ ଥିବାବେଳେ ଏଥର କିନ୍ତୁ ଏହା ଉପରେ ଗୁରୁତ୍ୱ ଦିଆଯାଇଛି। ତେବେ ଷଷ୍ଠ ଥର ଲାଗି ରାଜ୍ୟରେ ବିଜେଡିକୁ ପୁନର୍ବାର କ୍ଷମତାକୁ ଆଣିବା ଉଦ୍ଦେଶ୍ୟରେ ଛାତ୍ର ଓ ଯୁବ ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀରେ କେତେଗୁଡ଼ିଏ ପ୍ରସ୍ତାବକୁ ପାରିତ କରାଯିବ। ଅନ୍ୟପଟେ ପଞ୍ଚାୟତସ୍ତରରେ ଜଣେ ଯୁବ ଏବଂ ଛାତ୍ର ସଭାପତିଙ୍କୁ ନେଇ ବୈଠକ ହେବା ଉପରେ କାର୍ଯ୍ୟକାରିଣୀରେ ନିଷ୍ପତ୍ତି ହେବ। ମିଳିଥିବା ସୂଚନା ମୁତାବକ, ପଞ୍ଚାୟତସ୍ତରରେ ସବୁଠି ଏ ପର୍ଯ୍ୟନ୍ତ ଯୁବ ଓ ଛାତ୍ର ସଭାପତି ଚୟନ ହୋଇପାରି ନାହାନ୍ତି। ହେଲେ ରାଜ୍ୟ କାର୍ଯ୍ୟକାରିଣୀ ପରେ ଏହା ଉପରେ ଗୁରୁତ୍ୱ ଦେଇ ଏହାକୁ ସଫଳ କରାଯିବ ବୋଲି ସୂଚନା ମିଳିଛି। ତେବେ ଏଥର ଉଭୟ ଯୁବ ଓ ଛାତ୍ର ରାଜ୍ୟ କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେଇପାରନ୍ତି ବୋଲି ଜଣାପଡିଛି।

# ପୁଷ୍ପେନ୍ଦ୍ର ସଭାପତି, ଦିବ୍ୟଶଙ୍କର କାର୍ଯ୍ୟକାରୀ ସଭାପତି

## କଳାହାଣ୍ଡି ବିଜେଡି ଜିଲା କମିଟି ପୁନର୍ଗଠିତ

**ଭୁବନେଶ୍ୱର,୩।୭(ଅନିଲଦାସ)**

ବିଜୁ ଜନତା ଦଳର କଳାହାଣ୍ଡି ଜିଲା ସାଙ୍ଗଠନିକ କମିଟି ପୁନର୍ଗଠନ କରାଯାଇଛି। ଦଳର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ଗଠନ କରାଯାଇଥିବା ଏହି କମିଟିରେ ଜଣେ ସଭାପତି, ଜଣେ କାର୍ଯ୍ୟକାରୀ ସଭାପତିଙ୍କ ସମେତ ୫ ଜଣ ବିଧାନସଭା ନିର୍ବାଚନମଣ୍ଡଳୀ ସଭାପତି, ୭ ଜଣ ଉପସଭାପତି, ୮ ଜଣ ସାଧାରଣ ସମ୍ପାଦକ ଏବଂ ୧୨ ଜଣ ସମ୍ପାଦକ ନିଯୁକ୍ତି କରାଯାଇଛି। ଜିଲା ସଂଗଠନ ସଭାପତି ଭାବେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ କାର୍ଯ୍ୟକାରୀ ସଭାପତି ଦିବ୍ୟଶଙ୍କର ମିଶ୍ରଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ଭବାନୀପାଟଣା ନିର୍ବାଚନମଣ୍ଡଳୀ ସଭାପତି ଭାବେ ସୁରେନ୍ଦ୍ର ପ୍ରଧାନଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଜୁନାଗଡ଼ ପାଇଁ ଦିନେଶ ବଗର୍ତ୍ତୀ, ଧର୍ମଗଡ଼ ପାଇଁ ମାନସ ରଞ୍ଜନ ବାଗ, ନର୍ଲା ପାଇଁ ଚିତ୍ତରଞ୍ଜନ ମଣ୍ଡଳ ଏବଂ ଲାଞ୍ଜିଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଶୈଳେନ୍ଦ୍ର ରାଜଙ୍କୁ ନିଯୁକ୍ତି ଦିଆଯାଇଛି। ଉପସଭାପତି ଭାବେ ପ୍ରଦୀପ ମୁଣ୍ଡ, ଜିତେନ୍ଦ୍ର ମହାନ୍ତି, ଥବୀର ପ୍ରସାଦ ସାହୁ, ଦିଗମ୍ବର ନାଏକ, ଅଭୟ ଚାନ୍ଦ, ସାମନ୍ତ କୁମାରୀ, ସାରଦା ପ୍ରସନ୍ନ ସ୍ୱାଇଁଙ୍କୁ ନିଯୁକ୍ତି ଦିଆଯାଇଛି। ସେହିପରି ସାଧାରଣ ସମ୍ପାଦକ ଭାବେ ଯଯାତି ନାଏକ, ମହେଶ ସାହୁ, ମାଣିକ୍ୟ ନାଏକ, ମନମୋହନ ନାଏକ, କିଶୋର ପ୍ରଧାନୀ, ଧର୍ମେନ୍ଦ୍ର ନାଏକ, ଗୌର ଚନ୍ଦ୍ର ଛତ୍ରିଆ ଏବଂ ଟିକେଲା ସାହୁଙ୍କୁ ନିଯୁକ୍ତି ଦିଆଯାଇଛି। ଜିଲାର ସମ୍ପାଦକ ଭାବେ ସୁରେଶ ମହାନନ୍ଦ, ବିଜୟ କୁମାର ସାହୁ, ସନ୍ତୋଷ ଶର୍ମା, ପ୍ରଶାନ୍ତ ତିୱାରୀ, ଦିନେଶ ରାଉତ, ନବୀନ ପଣ୍ଡା, ବିଧିରାମ ସାହୁ, ପ୍ରେମଲାଲ ନାଏକ, ମଳୟ ଆଚାର୍ଯ୍ୟ, ଶ୍ରୀନିବାସ ମିଶ୍ର, ପାତ୍ର ମାଝି ଏବଂ ଜଗଦୀଶ ବେଣିଆଙ୍କୁ ନିଯୁକ୍ତି ଦିଆଯାଇଛି।

# ୫୧ ବର୍ଷ ପରେ ମହାରାଷ୍ଟ୍ର ସରକାରଙ୍କୁ ୨୦୦ରୁ ଅଧିକ ବିଧାୟକଙ୍କ ସମର୍ଥନ

**ମୁମ୍ବାଇ, ୩।୭(ପି.ଟି.)**

ଏନ୍‌ସିପି ନେତା ଅଜିତ ପାୱାର ମହାରାଷ୍ଟ୍ର ମନ୍ତ୍ରିମଣ୍ଡଳରେ ସାମିଲ ହେବା ପରେ ରାଜ୍ୟ ସରକାରଙ୍କୁ ସମର୍ଥନ କରୁଥିବା ବିଧାୟକମାନଙ୍କ ସଂଖ୍ୟା ୨୦୦ ଅତିକ୍ରମ କରିଛି, ଯାହାକି ଗତ ୫୧ ବର୍ଷ ମଧ୍ୟରେ ପ୍ରଥମ ଘଟଣା। ୧୯୭୨ରେ ମହାରାଷ୍ଟ୍ର ସରକାରଙ୍କ ପ୍ରତି ୨୦୦ରୁ ଅଧିକ ବିଧାୟକଙ୍କ ସମର୍ଥନ ଥିଲା। ତେବେ ସମସ୍ତ ୨୨୨ ବିଧାୟକ କଂଗ୍ରେସର ଥିଲେ। ସେତେବେଳେ ବିଧାନସଭାରେ ମୋଟ ବିଧାୟକ ସଂଖ୍ୟା ୨୭୦ ରହିଥିଲା। ଅଜିତ ପାୱାରଙ୍କ ପଛରେ ପ୍ରକୃତରେ କେତେ ବିଧାୟକଙ୍କ ସମର୍ଥନ ରହିଛି, ତାହା ସ୍ପଷ୍ଟ ହୋଇ ନାହିଁ। ତେବେ ତାଙ୍କ ପ୍ରତି ୩୬ ଜଣଙ୍କ ସମର୍ଥନ ରହିଥିବା ତାଙ୍କ ଅନୁଗତ ବିଧାନ ପରିଷଦ ସଦସ୍ୟ ଅମୋଲ ମିଟ୍‌କାରୀ ଦାବି କରିଛନ୍ତି। ଯଦି ଏହା ସତ ହୋଇଥାଏ, ତେବେ ଶିବସେନା, ଭାଜପା ଏବଂ ଅଜିତଙ୍କ ସମର୍ଥକ ଏନ୍‌ସିପି ବିଧାୟକଙ୍କ ମୋଟ ସଂଖ୍ୟା ୧୮୧ ହେବ। ୨୮୮ ଆସନ ବିଶିଷ୍ଟ ବିଧାନସଭାରେ ଭାଜପାର ୧୦୫ ବିଧାୟକ ଥିବାବେଳେ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ବିଧାୟକଙ୍କ ସଂଖ୍ୟା ୪୦। ଏହା ବ୍ୟତୀତ ସରକାରଙ୍କୁ ବହୁଜନ ବିକାଶ ଅଘାଡ଼ିର ୩ ବିଧାୟକ, ପ୍ରହାର ଜନଶକ୍ତି ପାର୍ଟିର ୨ ଜଣ, ରାଷ୍ଟ୍ରୀୟ ସମାଜ ପାର୍ଟି ଓ ଜନସୁରାଜ୍ୟ ଶାକ୍ତିର ଜଣେ ଲେଖାଏ ବିଧାୟକ ତଥା ୧୩ ଜଣ ସ୍ୱାଧୀନ ବିଧାୟକ ସମର୍ଥନ କରୁଛନ୍ତି। ସମସ୍ତଙ୍କୁ ମିଶାଇଲେ ସରକାରଙ୍କ ପ୍ରତି ୨୦୧ ବିଧାୟକଙ୍କ ସମର୍ଥନ ରହିଛି।

CLASSIFIED DISPLAY
ALL EDITION - B/W (Everyday)
MORE SPACE • SAME PRICE
for Booking Contact: 0674-2580385, 8637280816, 7894447167, 9338226625

ଲୋନ୍! ଲୋନ୍! ଲୋନ୍!
Global Finance
(Govt. Regd)
ସମସ୍ତ ସରକାରୀ ଯୋଜନା ଅଧୀନରେ ଆଧାରକାର୍ଡ, ପର୍ସନାଲ, ପ୍ରପର୍ଟି, ବିଜ୍‌ନେସ୍, ସବୁ ଲୋନ୍ ପାଆନ୍ତୁ।
2% ସୁଧ 40% ଛାଡ଼
(ମହିଳାଙ୍କ ପାଇଁ ବିଶେଷ ରିହାତି)
(ସିବିଲ ଖରାପ ହୋଇଥିଲେ ମଧ୍ୟ)
ଯୋଗାଯୋଗ କରନ୍ତୁ
9473748805

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଦରବୃଦ୍ଧି ନେଇ ବେକରେ ପରିବା ମାଳ ପକାଇ ମହିଳା କଂଗ୍ରେସର ବିକ୍ଷୋଭ

## ୬୦ ଟଙ୍କାରେ ବିକ୍ରି କଲେ ଟମାଟୋ

**ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)**

ରାଜ୍ୟରେ ପନିପରିବା ଦର ଆକାଶଛୁଆଁ ହୋଇଛି। ଏହାର ପ୍ରତିବାଦରେ ମହିଳା କଂଗ୍ରେସ ରାସ୍ତାକୁ ଓହ୍ଲାଇଛି। ପ୍ରଦେଶ ମହିଳା କଂଗ୍ରେସ କମିଟି ସଭାପତି ବନ୍ଦିତା ପରିଡ଼ାଙ୍କ ନେତୃତ୍ୱରେ କର୍ମୀମାନେ ସୋମବାର କଂଗ୍ରେସ ଭବନରୁ ବାହାରି ଲୋୟର ପିଏମ୍‌ଜିଠାରେ ଏକ ବିକ୍ଷୋଭ ସମାବେଶ କରିଛନ୍ତି। ବନ୍ଦିତା କହିଛନ୍ତି, ରାଜ୍ୟରେ ପନିପରିବା ଓ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ଚରମସୀମାରେ ପହଞ୍ଚିଛି। ଏହାକୁ ନେଇ ଜନସାଧାରଣ ଅତିଷ୍ଠ ହୋଇପଡ଼ିଲେଣି। ଏହି ଦର ବୃଦ୍ଧି ନିୟନ୍ତ୍ରଣ କରିବାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। କଂଗ୍ରେସ ନେତ୍ରୀ ଓ କର୍ମୀ ବେକରେ ଟମାଟୋ ଓ ବାଇଗଣ ମାଳ ପକାଇ ପ୍ରତିବାଦ କରିଥିବା ବେଳେ ଏକ ଠେଲା ଗାଡିରେ ଟମାଟୋ ଧରି କେଜି ପିଛା ୬୦ ଟଙ୍କାରେ ବିକ୍ରି କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଣତି ମିଶ୍ର, ବାସନ୍ତୀ ସାମଲ, ଜାନକୀ ମଲିକ, ମଧୁସ୍ମିତା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

# ଉମରକୋଟ ବିଧାୟକଙ୍କ ବିରୋଧରେ ଥାନାରେ ଏତଲା

**ଉମରକୋଟ/ ରାଇଘର, ୩।୭**
**(ସନ୍ତୋଷ ଶତପଥୀ/ କିରଣ ପଟ୍ଟନାୟକ)**

ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡଙ୍କ ବିରୋଧରେ ଉମରକୋଟ ଓ ରାଇଘର ବ୍ଲକ ସରପଞ୍ଚ ସଂଘର ବିଜେଡି ସମର୍ଥକ ସଦସ୍ୟମାନେ ସୋମବାର ପୃଥକ୍ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ଗତ ୨୯ତାରିଖରେ ଏକ ଟିଭି କାର୍ଯ୍ୟକ୍ରମରେ ବିଧାୟକ ବିଜେଡି ସରପଞ୍ଚ ଓ ତାଙ୍କ କର୍ମକର୍ତ୍ତାମାନେ ଟଙ୍କା ଖାଇ ଆବାସ ଗୃହ ବଣ୍ଟନରେ ଜାଲିଆତି କରିଥିବା କହିଥିଲେ। ତଥ୍ୟ ଓ ପ୍ରମାଣ ନ ଥାଇ ବିଧାୟକ ଗଣମାଧ୍ୟମ ସମ୍ମୁଖରେ ଦେଇଥିବା ବୟାନ ଯୋଗୁ ସରପଞ୍ଚଙ୍କ ମାନସିକ ଚାପ ବଢ଼ିବା ସହ ସମ୍ମାନହାନି ହୋଇଛି ବୋଲି ଏତଲାରେ ଉଲ୍ଲେଖ ହୋଇଛି। ଆଇନ ଅନୁଯାୟୀ ବିଧାୟକ ଗଣ୍ଡଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କୁ ତୁରନ୍ତ ଗିରଫ କରିବାକୁ ଏତଲାରେ ଦର୍ଶାଯାଇଛି। ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଏତଲା ଗ୍ରହଣ କରିଥିଲେ। ଉମରକୋଟ ବ୍ଲକ ବିଜେଡି ସମର୍ଥିତ ସରପଞ୍ଚମାନେ ଉପସ୍ଥିତ ଥିଲେ। ସେହିଭଳି ରାଇଘରରେ ଏତଲା ପ୍ରଦାନବେଳେ ସଂଘର ବ୍ଲକ ସଭାପତି ଲମ୍ବୋଦର ମାଝି, ମହଣ୍ଡ ସରପଞ୍ଚ ରତନା ଗଣ୍ଡ, ଛେଳିଡଙ୍ଗରି ସରପଞ୍ଚ ହେମଲାଲ ଗଣ୍ଡ, ହାଟଭରଣ୍ଡି ସରପଞ୍ଚ କୁନ୍ତୀବାଇ ଗଣ୍ଡ, ଦେବାଗାଁ ସରପଞ୍ଚ ଚରଣ ଗଣ୍ଡ, କଚରାପାରା ସରପଞ୍ଚ ଶରତ ପୂଜାରୀ, ଗୋନା ସରପଞ୍ଚ ମମତା ନାୟକ, ନାକଟିସିମଡ଼ା ସରପଞ୍ଚ ଅମିତାବାଇ ଗଣ୍ଡ, ପାରୁଆ ସରପଞ୍ଚ ପ୍ରୀତମ ଗଣ୍ଡ, ଟିମନପୁର ସରପଞ୍ଚ ଜଗମା ଗଣ୍ଡ, ବୋବେଇ ସରପଞ୍ଚ ହେମବାଇ ଗଣ୍ଡ, କୁମୁଲି ସରପଞ୍ଚ ଆସୁମତି ଗଣ୍ଡ, ଯୋଡ଼େଙ୍ଗା ସରପଞ୍ଚ ସଙ୍ଗୀତା ଗଣ୍ଡ, କାଉଡୋଲା ସରପଞ୍ଚ ରାଜକୁମାର ଗଣ୍ଡ, ହଳଦୀ ସରପଞ୍ଚ ଅମ୍ବିକା ଗଣ୍ଡ, କୁରାବେଡ଼ା ସରପଞ୍ଚ ରାଜକୁମାର ଗଣ୍ଡ, ଖୁଡୁକ ଦୟାନନ୍ଦ ଗଣ୍ଡ ପ୍ରମୁଖ ଉପସ୍ଥିତ ଥିଲେ।


ଉମରକୋଟ ଥାନାଧିକାରୀ ଏତଲା ଗ୍ରହଣ କରୁଛନ୍ତି।

# ମୁଖ୍ୟ ଶାସନ ସଚିବ ନୀରବତା ଭାଙ୍ଗି ପଦମର୍ଯ୍ୟାଦା ରକ୍ଷା କରନ୍ତୁ: ଭାଜପା

**ଭୁବନେଶ୍ୱର, ୩।୭(ସୁନିତ୍ ମିଶ୍ର)**

ରାଜ୍ୟରେ କିଛିମାସ ହେବ ଗଣତନ୍ତ୍ର ଭୁଶୁଡ଼ି ପଡ଼ିଥିବା ଭଳି ମନେହେଉଛି। ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ରାଜ୍ୟର ବିଭିନ୍ନ ଅଞ୍ଚଳ ବୁଲି ଯେଉଁଭଳି ବିକାଶର ମିଛ କାହାଣୀର ଡିଣ୍ଡିମ ପିଟୁଛନ୍ତି, ତାହା ଭାରତବର୍ଷରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା। ସେହିପରି ଅନେକ କୋଟି ଟଙ୍କା ଜବତ ହୋଇଥିବା ଲାଞ୍ଚୁଆ ଅଫିସର ଓ ହତ୍ୟା ଅଭିଯୁକ୍ତଙ୍କ ସହିତ ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ହେବା ରାଜ୍ୟରେ ୫-ଟିର ସ୍ୱଚ୍ଛତା ପ୍ରତି ସନ୍ଦେହ ସୃଷ୍ଟି କରିଛି। ଶାସକ ଦଳର ମନ୍ତ୍ରୀ, ଏମ୍‌ପି, ବିଧାୟକ, ଜିଲା ପରିଷଦ ସଦସ୍ୟ, ସରପଞ୍ଚ ଏମାନଙ୍କର ବର୍ତ୍ତମାନ ସମୟରେ କାର୍ଯ୍ୟ କ'ଣ ତାହା ଆଜି ପ୍ରଶ୍ନବାଚୀ ସୃଷ୍ଟି କରିଛି। ବ୍ୟକ୍ତିଗତ ସଚିବ ବାରମ୍ବାର ନିୟମ ଉଲ୍ଲଂଘନ କରୁଥିବାର ଅଭିଯୋଗର ପତ୍ର କେନ୍ଦ୍ରର ଡିଓପିଟି ବିଭାଗରୁ ଆସିବା ପରେ ମଧ୍ୟ ମୁଖ୍ୟ ଶାସନ ସଚିବ କ'ଣ ପାଇଁ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉନାହାନ୍ତି ବୋଲି ଭାଜପା ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା ପ୍ରଶ୍ନ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସତ୍ୟବ୍ରତ କହିଛନ୍ତି ଯେ, କିଛିଦିନ ତଳେ ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏ ସମ୍ପର୍କରେ ଭାରତ ସରକାରଙ୍କ ଡିଓପିଟିରେ ଗୋଟିଏ ଅଭିଯୋଗ କରିଥିଲେ, ଯାହାର ଚିଠି ମୁଖ୍ୟ ଶାସନ ସଚିବଙ୍କ ପାଖରେ ପହଞ୍ଚିଛି। ଅନୁରୂପ ଭାବେ ସେ ବ୍ୟକ୍ତିଗତ ସଚିବଙ୍କ କାର୍ଯ୍ୟକଳାପ ବାବଦରେ ଗତ ମାର୍ଚ୍ଚ ଓ ଏପ୍ରିଲରେ ୨ଟି ଅଭିଯୋଗ ପତ୍ର ଡିଓପିଟିକୁ ଅବଗତ କରାଇଥିଲେ। ଏଭଳିସ୍ଥଳେ ମୁଖ୍ୟ ଶାସନ ସଚିବ ରହସ୍ୟଜନକ ନୀରବତା ଭାଙ୍ଗି ନିଜର ପଦମର୍ଯ୍ୟାଦା ରକ୍ଷା କରିବା ପାଇଁ ସତ୍ୟବ୍ରତ ପ୍ରଶ୍ନ କରିଛନ୍ତି।

**Classified Everyday**
0674-2580101, 2549949




**SALE**

ଭୁବନେଶ୍ୱର ପିପିଲି ଟୋଲ୍‌ଗେଟ୍ NH side 30' road, ଘରବାରି, ପାଚେରି, ଇଲେକ୍ଟ୍ରିସିଟି ଥାଇ ଏବଂ ନଖରା ତ୍ରିନାଥ ବଜାର ପାଖରେ ପ୍ଲଟ୍ କିଣି ତୁରନ୍ତ ଗୃହ ନିର୍ମାଣ କରନ୍ତୁ। 8917487982. D-74877

Duplex sale at Bhubaneswar @ 57 Lakhs only. Contact: 9777433701. D-74881

Bhubaneswar ସୁନ୍ଦରପଦା ଜଟଣୀ-ପିପିଲି-ପୁରୀ ରୋଡ୍‌ରେ ପ୍ଲଟ୍ କିଣି ଘର କରନ୍ତୁ। sqft.-800/-, 550/-. 9938016295. D-74880

ଭୁବନେଶ୍ୱର ବାଲିଅନ୍ତାରେ 30ft road, ଇଲେକ୍ଟ୍ରିସିଟି ଥାଇ ଘରବାରି ପ୍ଲଟ୍ ମିଳୁଅଛି। 9114121344, 7978203723. D-74882

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft. 3,60,000/-, ଛଡାବର 1200sqft. 3,00,000/-, ନଖରା 300/-. 7978663279. D-74875

For sale residential cum commercial plot 6km. from Phulnakhara, from Bhubaneswar 11km. 3500sqft. 7809525452. D-75002

3BHK Duplex for sale near East Engineering College Nakhara with gated society. Contact: 9437581914. D-0648




Newly open Salon/Spa with expert therapist (Health Benefits). 9090400507. D-75126

Spa Kerala body massage only best Therapist @699/-Bhubaneswar. 9337672475. D-0678

Relax, Refresh your Body, Mind at Saikrupa Spa with best therapies. 8984068077. D-0725

Herbal full body massage by smart/expert therapist. Contact: 9040171280. D-74699

Asribadaa Panchakarma herbal SPA Kesharimall, Bhubaneswar. Contact: 8926173473. D-74700

**AFFIDAVIT**

By virtue of an affidavit sworn before the Notary Public, Junagarh, I, Maruthi Ramudule, Village- Hinjilibahali, P.S.- Junagarh, Dist.- Kalahandi declare that I have changed my name from Mahanand Maruthi to Maruthi Ramudule. Today onwards I shall be known as Maruthi Ramudule for all future purposes. D-0728

I, Biswabibhab Khuntia, S/o- Bhimasen Khuntia, At- Jiridamali, PO- Kamakhyanagar, Dist- Dhenkanal solemnly declare by affidavit before Executive Magistrate, Bhubaneswar, I have changed my name from Biswa Bibhaba Khuntia to Biswabibhab Khuntia. Henceforth I shall be known as Biswabibhab Khuntia for all purposes. D-74077

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

**ଦଶାହ ଉପଲକ୍ଷେ**



ଂଇଂଜିନିୟର ଗୋରା ଚାନ୍ଦ ଶତପଥୀ
C-୨ ବିଜେବି ନଗର, ଭୁବନେଶ୍ୱର
ଆବିର୍ଭାବ: ୩୧।୧୨।୧୯୩୫
ତିରୋଧାନ: ୨୫।୦୬।୨୦୨୩
Your Good deeds will continue to inspire us forever.
ଶୋକସନ୍ତପ୍ତ: ଟୁକୁ ଶତପଥୀ (ପୁଅ) ଝାନ୍ସୀରାଣୀ (ବୋହୂ), ମାମି, ଜଲୁ( ଝିଅ), ସିନି, ଟୁଲୁ (ଜ୍ୱାଇଁ) ଅମିତ, ପାୟଲ, ଅଙ୍କିତ, ସିଲୁ, ପୂଜା, ରୋହିତ (ନାତି, ନାତୁଣୀ), ସ୍ୱିଟି,ବୈଜୟନ୍ତୀ(ନାତୁଣୀବୋହୂ),ବିଜୟ, ନୀହାର (ନାତୁଣୀଜ୍ୱାଇଁ) ଏବଂ ଜ୍ଞାତି, ବନ୍ଧୁ ବାନ୍ଧବବର୍ଗ ।
ଧ-୦୭୨୪

**୩୩ତମ ଶ୍ରାଦ୍ଧବାର୍ଷିକୀ**



ସ୍ୱର୍ଗତ ପ୍ରଫୁଲ୍ଲ କୁମାର ଶ୍ରୀଚନ୍ଦନ
ଆବିର୍ଭାବ: ତା.୧୨।୦୪।୧୯୪୫ରିଖ
ତିରୋଧାନ: ତା.୦୪।୦୭।୧୯୯୦ରିଖ
ଆମେ ଆଜିର ୩୩ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଆପଣଙ୍କ ଆତ୍ମା ପରମେଶ୍ୱରଙ୍କ ସାନ୍ନିଧ ଲାଭ କରନ୍ତୁ, ଏହାହିଁ କାମନା କରୁଛୁ।
Director and Staff , "X" Security Service (P)Ltd.
ଧ-୦୭୨୩

**ଏକାଦଶାହ ଉପଲକ୍ଷେ**

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ଂ ଶିଶିର କୁମାର ହରିଚନ୍ଦନ ରାୟ
ପ୍ରକୃତି ବିହାର, ବରମୁଣ୍ଡା, ଭୁବନେଶ୍ୱର
ଆବିର୍ଭାବ: ୧୫.୦୨.୧୯୪୪
ତିରୋଧାନ: ୨୪.୦୬.୨୦୨୩
"ତୁମର ଶୂନ୍ୟତା ଆମ ସମସ୍ତଙ୍କ ପାଇଁ ଅପୂରଣୀୟ। ତୁମର ସ୍ନେହ, ଶ୍ରଦ୍ଧା, ତ୍ୟାଗ ଓ ନିଷ୍ଠା ଆମ ମାନଙ୍କ ପାଇଁ ଚିର ସ୍ମରଣୀୟ ହୋଇ ରହିବ। ତୁମ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କୁ ବିନମ୍ର ପ୍ରାର୍ଥନା।"
- ଶୋକ ସନ୍ତପ୍ତ -
ପରିବାର ବର୍ଗ,
ବନ୍ଧୁ ଓ ଆତ୍ମୀୟ ସ୍ୱଜନ
ଧ-୦୭୨୨

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

# ପୁରୁଣା ଡିଜାଇନ, ନୂଆ ଲୁକ୍

**ଘରର ଇଣ୍ଟେରିୟର ଲୁକ୍ ବଦଳାଇବା ପାଇଁ ସମସ୍ତେ ନୂଆ ନୂଆ ଟ୍ରେଣ୍ଡର ଆସବାବପତ୍ର ରଖିବାକୁ ଚେଷ୍ଟା କରନ୍ତି। କିନ୍ତୁ ଏମିତି କିଛି ପୁରୁଣା ଡିଜାଇନ ରହିଛି ଯାହା ଆଜିର ଟ୍ରେଣ୍ଡରେ ଖୁବ୍ ପସନ୍ଦ ହୋଇପାରିଛି। ତେଣୁ ଘରର ଡିଜାଇନ ବଦଳାଇବା ପାଇଁ ଜାଣି ରଖନ୍ତୁ କିଛି ଟିପ୍ସ....**



– ଘରେ ଆସବାବପତ୍ର ମାଧ୍ୟମରେ ଇଣ୍ଟେରିୟର ଡିଜାଇନ ବଦଳାଇବା ପାଇଁ ଏବେ ମାର୍କେଟରେ ବହୁ ସୁନ୍ଦର ସୁନ୍ଦର ଡିଜାଇନ ଉପଲବ୍ଧ ହେଲାଣି। ସେସବୁରେ ଆପଣ ଘର ସଜାଇପାରିବେ।

– ଘର ସଜାଇବା ପାଇଁ ଏବେ ମାର୍ବଲର ଚିକ୍କଣ ପଥର କିମ୍ବା ସ୍ୱତନ୍ତ୍ର ଡିଜାଇନ ଷ୍ଟୋନ୍ ମିଳୁଛି ଯାହା ପୂରା ସ୍ୱଚ୍ଛ। ତେଣୁ ଏଭଳି ମାର୍ବଲକୁ ବେଡ୍‌ରୁମ୍‌ରେ ଡ୍ରେସିଂ ଭ୍ୟାନିଟି ସେଟ୍ କିମ୍ବା ଟେବୁଲ ଲ୍ୟାମ୍ପ ପାଇଁ ଏହାକୁ ବେସ୍ ଭଳି ବ୍ୟବହାର କରିହେବ, ଯାହା ଅତ୍ୟନ୍ତ ଆକର୍ଷଣୀୟ ଲାଗିବ।

– ପୁରୁଣା ଟ୍ରାଡିସନାଲ ଡିଜାଇନ ଏବେ ମଧ୍ୟ ଇଣ୍ଟେରିୟର ଫ୍ୟାଶନ ଟ୍ରେଣ୍ଡରେ ଚାଲିଛି। ତେଣୁ ବହୁ ବର୍ଷ ତଳର ବମ୍ବିନ୍ ଷ୍ଟାଇଲ ଫର୍ନିଚର ମଧ୍ୟ ଏବେ ଘରସଜ୍ଜା ପାଇଁ ବ୍ୟବହାର କରିପାରିବେ। ଆଜିକାଲି ବୋହେମିୟନ୍ ସ୍ପିଣ୍ଡିଲ ଚେୟାର ମଧ୍ୟ ବ୍ୟବହାର କରାଗଲାଣି।

– ବହୁ ବର୍ଷ ତଳର ମେକ୍ସିକାନ୍-ଆମେରିକାନ୍ ଡିଜାଇନ୍ ବୋବନ୍ ଫର୍ନିଚର ଆଜି ବି ଲୋକଙ୍କର ପ୍ରଥମ ପସନ୍ଦ ହେବାରେ ଲାଗିଛି।

– ହଳଦିଆ ଏବଂ ସୁନେଲି ରଙ୍ଗର ବିଭିନ୍ନ ଆସବାବପତ୍ର ମଧ୍ୟ ଆଜିକାଲି ଲୋକଙ୍କୁ ଖୁବ୍ ପସନ୍ଦ ଆସୁଛି। ତେଣୁ ଟେବୁଲ ଲ୍ୟାମ୍ପ ହେଉ କି ୱାଲ୍‌ପେପର ଅବା କଫି ଟେବୁଲ ଆଦି ଏହି ରଙ୍ଗର ମଧ୍ୟ କରି ହେବ।

– ଘରେ ପ୍ରକୃତିର ଝଲକ ମଧ୍ୟ ଆଜିକାଲି ଟ୍ରେଣ୍ଡରେ ରହିଛି। ତେଣୁ ଇନ୍‌ଡୋର ଏବଂ ଆଉଟ୍‌ଡୋରରେ କାଠ ତିଆରି ବିଭିନ୍ନ ଆସବାବପତ୍ର ବେଶ୍ ଆକର୍ଷଣୀୟ ଲାଗିବ।

# ଇମୋଶନାଲ ହୋଇଥିଲେ...

**ସାଧାରଣତଃ ପିଲାମାନେ ମନ ଖୋଲି ସବୁ କଥା କହିଦିଅନ୍ତି। କିନ୍ତୁ କିଛି ପିଲା ଅଛନ୍ତି ଯେଉଁମାନେ ଅଧିକ ଭାବପ୍ରବଣତା ଯୋଗୁ ସବୁ ଅନୁଭବକୁ କହିପାରନ୍ତି ନାହିଁ। ଭାବନା ପରିପ୍ରକାଶ ନ ହେଲେ ବେଳେବେଳେ ରାଗିଯାନ୍ତି। ଏଭଳି ପିଲାଙ୍କ ପ୍ରତି ଅଭିଭାବକ ଅଧିକ ଯତ୍ନଶୀଳ ହେବା ଉଚିତ।**

– ଭାବପ୍ରବଣ ପିଲାମାନଙ୍କ ପ୍ରତି ଅଧିକ କଠୋର ବ୍ୟବହାର କରିବା ଠିକ୍ ନୁହେଁ। କଡ଼ା ଶାସନ ହୁଏତ ସେମାନଙ୍କୁ ହିଂସ୍ର କିମ୍ବା ଚିଡ଼ିଚିଡ଼ା କରିପାରେ। ଏଭଳି ପିଲାଙ୍କୁ ଅଧିକ ସ୍ନେହ ଦିଅନ୍ତୁ। ସବୁକଥା ସେମାନଙ୍କୁ ଭଲଭାବେ ବୁଝାନ୍ତୁ।

– ଅଧିକ ଇମୋସନାଲ ପିଲାଙ୍କ ପାଇଁ ଅଭିଭାବକମାନେ ଅଧିକ ସମୟ ଦିଅନ୍ତୁ। ଫଳରେ ସେମାନଙ୍କର ଆତ୍ମବିଶ୍ୱାସ ବଢ଼ିବା ସହ ସେମାନେ ନିଜକୁ ସୁରକ୍ଷିତ ମନେ କରିଥାନ୍ତି।

– ପିଲାଙ୍କର ସବୁ କଥାକୁ ଭଲଭାବେ ଶୁଣି ବୁଝିବା ପାଇଁ ଚେଷ୍ଟା କରନ୍ତୁ। ସେମାନଙ୍କ ଉପରେ ସବୁବେଳେ ରାଗନ୍ତୁ ନାହିଁ। ପିଲାଙ୍କୁ ଖୁସିରେ ରଖିବା ପାଇଁ ଚେଷ୍ଟା କରନ୍ତୁ। ମଝିରେ ମଝିରେ ପ୍ରଶଂସା ମଧ୍ୟ କରନ୍ତୁ।

– ପିଲା ଯଦି କୌଣସି ବିଷୟରେ କିଛି ନିଷ୍ପତ୍ତି ନେଇଛି ତେବେ ତାହା ଭଲଭାବେ ଶୁଣନ୍ତୁ ଓ ବୁଝନ୍ତୁ। ପିଲାର ନିଷ୍ପତ୍ତିକୁ ପ୍ରଥମେ ପ୍ରଶଂସା କରନ୍ତୁ ଏବଂ ପରେ ତାକୁ ଅନୁଭବ କରାନ୍ତୁ ଯେ ଆପଣ ତା'ର ପ୍ରତ୍ୟେକ ନିଷ୍ପତ୍ତିରେ ତା' ସହ ଅଛନ୍ତି। ଯଦି ବି ପିଲାଙ୍କର କିଛି ନିଷ୍ପତ୍ତି ଭୁଲ୍ ମନେହୁଏ ତେବେ ସଙ୍ଗେ ସଙ୍ଗେ କୁହନ୍ତୁ ନାହିଁ। ନିଷ୍ପତ୍ତି ଭୁଲ୍ ମନେହେଲେ ପରେ ପିଲାଙ୍କୁ ବୁଝାଇ କହି ଦିଅନ୍ତୁ।

# ଅଫିସ୍ ଗସିପ୍

**ଅଫିସରେ ସମସ୍ତଙ୍କ ସହିତ ଭଲ ସମ୍ପର୍କ ରଖିବା ବି ଏକ ପ୍ରକାର କଳା। କିନ୍ତୁ ସହକର୍ମୀଙ୍କ ସହ ମହିଳା କର୍ମଚାରୀମାନେ ବେଳେବେଳେ ଏମିତି ଗପରେ ମସ୍‌ଗୁଲ ହୋଇଯାଆନ୍ତି ଯେ ବ୍ୟକ୍ତିଗତ ଜୀବନର ଅନେକ ଅକୁହା କଥା ବି କହିପକାନ୍ତି। ଫଳରେ ସେମାନଙ୍କ ଭାବମୂର୍ତ୍ତି ନଷ୍ଟ ହେବା ସହ କ୍ୟାରିୟର ବି ପ୍ରଭାବିତ ହୋଇଥାଏ।**







ସ୍ୱଭାବରେ ନାରୀମାନେ ଗପୁଡ଼ି। ଗପରେ ମସ୍‌ଗୁଲ ହୋଇ ବେଳେବେଳେ ଏମିତି କିଛି କଥା କହିଦିଅନ୍ତି, ଯାହା କି ସେମାନଙ୍କ ପ୍ରଫେଶନାଲ ଲାଇଫ୍ ସାଙ୍ଗକୁ ପର୍ସନାଲ ଲାଇଫ୍‌କୁ ବି ପ୍ରଭାବିତ କରିଥାଏ। ତେଣୁ କର୍ମକ୍ଷେତ୍ରରେ ବ୍ୟକ୍ତିଗତ ଜୀବନର ସବୁ କଥା କହିବା ଆଗରୁ ସେ କଥାର ଯଥାର୍ଥତା ଅଛି କି ନାହିଁ ଚିନ୍ତା କରିବାକୁ ହେବ। ନଚେତ୍ କ୍ୟାରିୟରରେ ନକାରାତ୍ମକ ପ୍ରଭାବ ପଡ଼ିବା ସହ ବ୍ୟକ୍ତିଗତ ଜୀବନରେ ବି ଅଶାନ୍ତି ଭରିଯିବ।

**ପର୍ସନାଲ କଥା ଶେୟାର କରନ୍ତୁନି:** ବ୍ୟକ୍ତିଗତ ଜୀବନର ଏମିତି କିଛି ପ୍ରସଙ୍ଗ ଥାଏ ଯେଉଁ ବିଷୟରେ ଅନ୍ୟମାନଙ୍କ ସହ କୌଣସି ଆଲୋଚନା କରିବା ଠିକ୍ ନୁହେଁ। କାରଣ ଏଭଳି କଥାରୁ ସହକର୍ମୀମାନେ ଫାଇଦା ଉଠାଇ ପରବର୍ତ୍ତୀ ସମୟରେ ସମସ୍ୟା ସୃଷ୍ଟି କରିପାରନ୍ତି। ବେଳେବେଳେ ଏହାର ପରିଣାମ ଅତ୍ୟନ୍ତ ଭୟଙ୍କର ବି ହୋଇପାରେ। ତେଣୁ କର୍ମକ୍ଷେତ୍ରରେ ନିଜ କାମ ଉପରେ ସବୁବେଳେ ଫୋକସ୍ କରିବା ଉଚିତ।

**ବିରୋଧରେ ଗପନ୍ତୁ ନାହିଁ:** ଅଫିସରେ କେବେ କାହା ଆଗରେ ଅନ୍ୟ ଜଣଙ୍କ ବିରୋଧରେ କିଛି ଗପିବା ଠିକ୍ ନୁହେଁ। କାହିଁକି ନା ତୁଣ୍ଡବାଇଦ ସହସ୍ର କୋଶ ଭଳି ଏଭଳି କଥା ଖୁବ୍‌ଶୀଘ୍ର ବିଭିନ୍ନ ଲୋକଙ୍କ ପାଖରେ ପହଞ୍ଚିଯାଏ। ଆଉ ଥରେ ଯଦି ଆପଣ କହିଥିବା କଥା ବସ୍‌ଙ୍କ ପାଖରେ ପହଞ୍ଚିଯାଏ ତେବେ କଥା ପୂରା ବିଗିଡ଼ିଯିବ ଏବଂ ଆପଣଙ୍କ ଭାବମୂର୍ତ୍ତି ଖରାପ ହୋଇଯିବ।

**କାମ ବିଷୟରେ କଥା ହୁଅନ୍ତୁ:** ଅଫିସରେ ନିଜ କାମକୁ କିପରି ଅଧିକ କ୍ରିଏଟିଭ୍ କରିବେ ଏବଂ ଭଲ କାମ କରି ସଫଳତା ହାସଲ କରିବେ ସେଥିପାଇଁ ପ୍ରୟାସ କରନ୍ତୁ। ଫୁର୍‌ସତ ସମୟରେ ବ୍ୟକ୍ତିଗତ ସମସ୍ୟା ସମ୍ପର୍କରେ କାହା ଆଗରେ କିଛି କଥା ଗପିବା ଠିକ୍ ନୁହେଁ।

ବ୍ୟକ୍ତିଗତ ଜୀବନରେ ଯଦି କୌଣସି ସମସ୍ୟା ଦେଇ ଗତି କରୁଥାନ୍ତି ତେବେ ତାକୁ ତୁରନ୍ତ ସମାଧାନ କରିବା ପାଇଁ ଚେଷ୍ଟା କରନ୍ତୁ। ନଚେତ୍ ଏହାର ପ୍ରଭାବ କ୍ୟାରିୟର ଉପରେ ପଡ଼ିଥାଏ। ସବୁବେଳେ ସମସ୍ୟା ଭିତରେ ରହିଲେ ଅଫିସରେ ଭଲଭାବେ କାମ କରି ହେବ ନାହିଁ। ତେଣୁ ବ୍ୟକ୍ତିଗତ ସମସ୍ୟାକୁ ସମ୍ପର୍କୀୟମାନଙ୍କ ସହ କଥାବାର୍ତ୍ତା ହୋଇ ତୁଲାଇବା ଠିକ୍ ହେବ।

## ଏମାନେ କ'ଣ କରନ୍ତି



**ଅଫିସ ସମସ୍ୟାରେ କଥା ହୁଏ:** ଅଫିସରେ ମତେ କାହା ସହ ନିର୍ଦ୍ଦିଷ୍ଟଭାବେ ବସିକି କଥା ହେବାକୁ ସମୟ ନ ଥାଏ। କିନ୍ତୁ ପାଖରେ ବସୁଥିବା କଲିଗ୍‌ମାନଙ୍କ ସହ ବେଳେବେଳେ କଥା ହେଉ, କିନ୍ତୁ ତାହା କେବଳ ଅଫିସର କୌଣସି ଟପିକ୍‌ରେ। ଆଉ ଲଞ୍ଚ ସମୟରେ ଆମେ କେବେ କେବେ ଘର କଥା ହେଉ। କିନ୍ତୁ ନିହାତି ବ୍ୟକ୍ତିଗତ କଥା ମୁଁ କାହା ସହ ଶେୟାର କରେ ନାହିଁ।

– **ରାଜଲକ୍ଷ୍ମୀ ମହାରଣା,** *କର୍ମଜୀବୀ, ସନସାଇନ୍ ହସପିଟାଲ୍, ଭୁବନେଶ୍ୱର*



**ଭଲ କାମ କରିବାକୁ ଚିନ୍ତାକରେ:** ଅଫିସରେ ଘର କଥା ହେବାକୁ ମୁଁ ପସନ୍ଦ କରେ ନାହିଁ। ଅଫିସ ସମସ୍ୟା ନେଇ ମୁଁ ସହକର୍ମୀଙ୍କ ସହ ଆଲୋଚନା କରେ। ମୁଁ କେମିତି ଅଧିକ ଭଲ କାମ କରିପାରିବି ସେ ନେଇ ଚିନ୍ତାକରେ। କିନ୍ତୁ ଅଫିସରେ ମୋର ୨ଜଣ ଅତି ଘନିଷ୍ଠ ସାଙ୍ଗ ଅଛନ୍ତି ଯେଉଁମାନଙ୍କ ସହ ଫୁର୍‌ସତରେ ମୋ ପରିବାର ବିଷୟରେ କଥା ହୋଇପାରେ, ଏମାନେ ମୋର ଅତି ବିଶ୍ୱସ୍ତ। ତେଣୁ କୌଣସି ଅସୁବିଧା ହୁଏନାହିଁ।

***ମହାଶ୍ୱେତା ତ୍ରିପାଠୀ,*** *କର୍ମଜୀବୀ, କିଟ୍, ଭୁବନେଶ୍ୱର*



**ଭୁଲ୍‌ରେ ବି ଶେୟାର କରେନି**

ଭୁଲ୍‌ରେ ବି ମୁଁ ଅଫିସରେ କାହା ଆଗରେ ଅନ୍ୟ କାହା ବିଷୟରେ କୁହେନି। ହଁ, ମତେ କେହି ଆକ୍ଷେପକରି କହିଲେ ସେନେଇ ପ୍ରଥମେ ତାଙ୍କୁ ଉତ୍ତରଦେବା ପରେ ଅନ୍ୟ ସହକର୍ମୀଙ୍କ ସହ ବି ଆଲୋଚନା କରେ। କିନ୍ତୁ ମୋ ପର୍ସନାଲ କଥା ଆଦୌ କାହା ସହ ଶେୟାର କରେ ନାହିଁ।

**ରାଜଶ୍ରୀ ସାମନ୍ତରାୟ**
*–କର୍ମଜୀବୀ, ବଛିପୁର, ବ୍ରାହ୍ମଣୀଗାଁ, ଭଦ୍ରକ*

ସୌନ୍ଦର୍ଯ୍ୟ

# ଡ୍ରାଏ ସ୍କିନ୍ ମେକ୍‌ଅପ୍

**ତ୍ୱଚାର ପ୍ରକାର ଅନୁସାରେ ହିଁ ମେକ୍‌ଅପ୍ କରିବା ଠିକ୍ ହେବ। ନଚେତ୍ ମେକ୍‌ଅପ୍ ଆଦୌ ଭଲ ଦିଶି ନ ଥାଏ। ତେବେ ଶୁଷ୍କ ତ୍ୱଚା ହୋଇଥିଲେ ମେକ୍‌ଅପ୍ ନେବା ପୂର୍ବରୁ ଜାଣିରଖନ୍ତୁ କିଛି ଟିପ୍ସ...**

■ ଆପଣଙ୍କ ସ୍କିନ୍ ଯଦି ଶୁଷ୍କ ହୋଇଥାଏ ତେବେ ଏଭଳି ମେକ୍‌ଅପ୍ କରନ୍ତୁ ଯେମିତି ସ୍କିନ୍ ହାଇଡ୍ରେଟେଡ୍ ଓ ଗ୍ଲୋଇଂ ଲାଗିବ। ଏଥିପାଇଁ ସର୍ବପ୍ରଥମେ ମୁହଁ ଧୋଇବା ମାତ୍ରେ ମଶ୍ଚରାଇଜର ନିଶ୍ଚୟ ଲଗାନ୍ତୁ।

■ ବାରମ୍ବାର ସାବୁନ କିମ୍ବା ଫେସ୍‌ୱାଶ୍‌ରେ ମୁହଁ ଧୁଅନ୍ତୁ ନାହିଁ। ଏହାଫଳରେ ତ୍ୱଚା ଅଧିକ ଶୁଷ୍କ ଲାଗିବ।

■ ମଶ୍ଚରାଇଜର ଲଗାଇବା ମାତ୍ରେ ସଙ୍ଗେ ସଙ୍ଗେ ମେକ୍‌ଅପ୍ କରନ୍ତୁ ନାହିଁ। ମଶ୍ଚରାଇଜର ଲଗାଇବା ପରେ ଅତିକମ୍‌ରେ ୫-୭ ମିନିଟ୍ ପରେ ମେକ୍‌ଅପ୍ ଲଗାନ୍ତୁ।

■ ଶୁଷ୍କ ତ୍ୱଚାରେ ମେକ୍‌ଅପ୍ କରିବା ପୂର୍ବରୁ ଯଦି ତ୍ୱଚାରେ ହାଲ୍‌କା ସିରମ୍ ଲଗାଇବେ ତେବେ ସ୍କିନ୍ ଅଧିକ ଗ୍ଲୋ କରିବ।



■ ଶୁଷ୍କ ତ୍ୱଚା ପାଇଁ ଅଏଲବେସ୍ଡ ଫାଉଣ୍ଡେଶନ ହିଁ ଉପଯୁକ୍ତ ହୋଇଥାଏ। ତେଣୁ ଫାଉଣ୍ଡେଶନ କିଣିବା ସମୟରେ କ୍ରିମ୍ ଥିବା କିମ୍ବା ଅଏଲବେସ୍‌ଡ ଫାଉଣ୍ଡେଶନ ହିଁ କିଣନ୍ତୁ।

■ ଶୁଷ୍କ ତ୍ୱଚାରେ ପାଉଡର ବେସ୍‌ଡ ଆଇସାଡୋ ଖରାପ ଦେଖାଯାଏ। ତେଣୁ କ୍ରିମ୍ ବେସ୍‌ଡ ଆଇସାଡୋ ହିଁ ଲଗାନ୍ତୁ।

■ ସେହିପରି ଲିପ୍‌ଷ୍ଟିକ୍ ଲଗାଇବା ସମୟରେ ସବୁବେଳେ ଗ୍ଲସି ଲିପ୍‌ଷ୍ଟିକ୍ ହିଁ ଲଗାନ୍ତୁ, ଫଳରେ ଶୁଷ୍କ ଓଠ ବି ମୁଲାୟମ ଦେଖାଯିବ।

■ ମେକ୍‌ଅପ୍ ଧୋଇବା ପରେ ତ୍ୱଚାରେ ସବୁବେଳେ ମଶ୍ଚରାଇଜର ଲଗାଇ ଶୁଅନ୍ତୁ।

# ଦୂରକରନ୍ତୁ ଲୁଗାର ଗନ୍ଧ

**ବର୍ଷାଦିନେ ଲୁଗାପଟା ଠିକ୍ ଭାବେ ଶୁଖିପାରେ ନାହିଁ। ସେଥିପାଇଁ ସେଥିରୁ ଏକପ୍ରକାର ଗନ୍ଧ ବାହାରେ ଓ ପିନ୍ଧିବାକୁ ଭଲ ଲାଗେ ନାହିଁ। ତେବେ ବର୍ଷାଦିନେ ଲୁଗାପଟାର ଏହି ଗନ୍ଧ ଦୂରକରିବା ପାଇଁ ଜାଣିରଖନ୍ତୁ କିଛି ସହଜ ଉପାୟ।**



● ଧୋଇବା ପାଇଁ ଏକାଠି ରଖିଥିବା ମଇଳା ଲୁଗାପଟାକୁ ଗୋଟିଏ ସ୍ଥାନରେ ଗଦାକରି ରଖନ୍ତୁ ନାହିଁ। ଏହା ଫଳରେ ମଇଳା ଲୁଗାରୁ ଏକା ପ୍ରକାର ଗନ୍ଧ ବାହାରିବ ଯାହାକୁ ସଫା କରିବା ପରେ ତୁରନ୍ତ ଗନ୍ଧ ଯିବନାହିଁ। ତେଣୁ ମଇଳା ଲୁଗା ସବୁକୁ ଏକ ରଶି ଉପରେ ଅଲଗା ଅଲଗା କରି ଝୁଲାଇ ରଖନ୍ତୁ।

● ମଇଳା ଲୁଗାକୁ ବେଶି ଦିନ ନ ରଖି ଶୀଘ୍ର ସଫାକରି ଦିଅନ୍ତୁ। ବେଶି ଗନ୍ଧ ହେବ ନାହିଁ।

● ସଫାହେବା ପରେ ବି ଲୁଗାପଟା ଗନ୍ଧ ନ ହେବା ପାଇଁ ସଫା କରିବା ସମୟରେ ଡିଟରଜେଣ୍ଟ ସହ କିଛି ଭିନେଗାର ଓ ବେକିଂ ସୋଡ଼ା ମିଶାନ୍ତୁ।

● ବର୍ଷା ଯଦି ଲାଗି ରହିଥାଏ ତେବେ ଘରେ ଫ୍ୟାନ୍ ତଳେ ସଫା ଲୁଗାକୁ ଶୁଖାନ୍ତୁ। ବାହାରେ ଖରା ଆସିବା ପରେ ହିଁ ଲୁଗା ଶୁଖାନ୍ତୁ।

● ବର୍ଷାଦିନେ ମଇଳା ଲୁଗା ଡିଟରଜେଣ୍ଟରେ ଭିଜାଇବା ସମୟରେ ସେଥିରେ କିଛି ଲେମ୍ବୁ ରସ ମିଶାଇ ଭିଜାନ୍ତୁ। ଶୁଖିବା ପରେ ଲୁଗାପଟାରୁ କୌଣସି ଗନ୍ଧ ଆସିବ ନାହିଁ ଓ ଫ୍ରେଶ୍ ଲାଗିବ।

ଖାଦ୍ୟରୁଚି

# ରସୁଣ ଚଟଣି

**ଆବଶ୍ୟକ ସାମଗ୍ରୀ:**
କଞ୍ଚାଲଙ୍କା- ୫ଟି, ଲାଲ୍ କ୍ୟାପ୍ସିକମ୍- ୫ଟି, ରସୁଣ- ୨୦ରୁ ୨୫ କୋଳା, ବାଦାମ ତେଲ କିମ୍ବା ଘିଅ- ୪ ବଡ଼ ଚାମଚ, ଲେମ୍ବୁରସ- ଅଧା ଚାମଚ, ଆବଶ୍ୟକ ଅନୁସାରେ ଲୁଣ ଓ ପାଣି।

**ପ୍ରସ୍ତୁତି ପ୍ରଣାଳୀ:**
ପ୍ରଥମେ ଏକ ଷ୍ଟିଲ୍ ପାତ୍ରରେ କ୍ୟାପ୍ସିକମ୍ ଓ କଞ୍ଚାଲଙ୍କାକୁ ୧ କପ୍ ପାଣି ଦେଇ ଅଳ୍ପ ଆଞ୍ଚରେ ଅଳ୍ପ ସମୟ ଫୁଟାନ୍ତୁ। ୨/୪ ଥର ଫୁଟି ଆସିବା ପରେ ଗ୍ୟାସ୍ ବନ୍ଦକରି ପାଣି ଥଣ୍ଡାହେବା ପାଇଁ ରଖି ଦିଅନ୍ତୁ। ଥଣ୍ଡାହେବା ପରେ ପାଣିରୁ ବାହାରକରି ଗ୍ରାଇଣ୍ଡିଂ କରି ଦିଅନ୍ତୁ। ଏବେ ରସୁଣକୁ ଛେଚି ରଖନ୍ତୁ। କଡ଼େଇରେ ତେଲ ଗରମ କରି ସେଥିରେ ରସୁଣକୁ ମାତ୍ର ୩୦ ସେକେଣ୍ଡ ପାଇଁ ପକାନ୍ତୁ। ଏହାପରେ ସେଥିରେ କଞ୍ଚାଲଙ୍କାର ପେଷ୍ଟ ମିଶାଇ ୫ ମିନିଟ୍ ପର୍ଯ୍ୟନ୍ତ ଘାଣ୍ଟନ୍ତୁ। ଏହାପରେ ଗ୍ୟାସ୍ ବନ୍ଦକରି ସେଥିରେ ଲୁଣ ଓ ଲେମ୍ବୁରସ ମିଶାନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ରସୁଣ ଚଟଣି। ଏହାକୁ ଥଣ୍ଡାକରି କାଚ ବୋତଲରେ ରଖି ଫ୍ରିଜ୍‌ରେ ରଖି ଖାଆନ୍ତୁ।





# ଭାରତ-କୁଏଟ୍ ଟକ୍କର

## ସାଫ୍ ଫୁଟବଲ ଚାମ୍ପିୟନଶିପ୍ ଫାଇନାଲ ଆଜି

ବେଙ୍ଗାଲୁରୁର ଶ୍ରୀ କାନ୍ତିରଭା ଷ୍ଟାଡିୟମରେ ମଙ୍ଗଳବାର ଚଳିତ ସାଫ୍ ଫୁଟବଲ ଚାମ୍ପିୟନଶିପ୍‌ର ଫାଇନାଲ ଭାରତ ଓ କୁଏଟ୍ ମଧ୍ୟରେ ଅନୁଷ୍ଠିତ ହେବ। ଦୁଇଟି ଯାକ ଦଳ ଫର୍ମରେ ଥିବାରୁ ମୁକାବିଲା ସଂଘର୍ଷପୂର୍ଣ୍ଣ ହେବା ଆଶା ରହିଛି। ଭାରତ ଟୁର୍ନାମେଣ୍ଟର ସବୁଠାରୁ ସଫଳ ଦଳଭାବେ ୮ ଥର ଚାମ୍ପିୟନ ଓ ୪ ଥର ରନରଅପ୍ ହୋଇଛି। ୨୦୨୧ରେ ଅନୁଷ୍ଠିତ ପୂର୍ବ ସଂସ୍କରଣରେ ମଧ୍ୟ ଭାରତ ଟାଇଟଲ ହାସଲ କରିଥିଲା। ଅର୍ଥାତ୍ ଡିଫେଣ୍ଡିଂ ଚାମ୍ପିୟନଭାବେ ଭାରତ ଏହି ଟୁର୍ନାମେଣ୍ଟ ଖେଳୁଛି। ମାତ୍ର ଦଳ ପାଇଁ ଲକ୍ଷ୍ୟ ସହଜ ହେବନାହିଁ। କାରଣ କୁଏଟ୍ ଏକ ଶକ୍ତିଶାଳୀ ଦଳ। ଏହା ବିପକ୍ଷରେ ଭାରତର ରେକର୍ଡ ମଧ୍ୟ ଭଲ ନାହିଁ। ତେଣୁ ଆଗାମୀ ମ୍ୟାଚରେ କଡ଼ା ଟକ୍କର ଦେଖିବାକୁ ମିଳିବ ବୋଲି ଫୁଟବଲପ୍ରେମୀ ଆଶା ରଖିଛନ୍ତି। ପ୍ରକାଶ ଯୋଗ୍ୟ ଯେ, ପ୍ରତିଯୋଗିତାକୁ ଅଧିକ ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ କରିବାପାଇଁ କୁଏଟ୍ ଓ ଲେବାନନ୍‌କୁ ଆମନ୍ତ୍ରଣୀୟ ଦଳଭାବେ ଏଥର ସୁଯୋଗ ମିଳିଛି।

### ଫାଇନାଲ ପଥରେ ଭାରତ-କୁଏଟ୍

ଚଳିତ ସଂସ୍କରଣରେ ୨ଟି ଯାକ ଦଳ ଭାରତ ଓ କୁଏଟ୍ ଗ୍ରୁପ୍ 'ଏ'ରେ ସ୍ଥାନ ପାଇଥିଲେ। ପାକିସ୍ତାନକୁ ୪-୦ରେ ହରାଇ ଅଭିଯାନ ଆରମ୍ଭ କରିଥିବା ଭାରତ ପରବର୍ତ୍ତୀ ମ୍ୟାଚରେ ନେପାଳକୁ ୨-୦ ଗୋଲରେ ପରାସ୍ତ କରିଥିଲା। କୁଏଟ୍ ସହିତ ଅନ୍ତିମ ମୁକାବିଲା କିନ୍ତୁ ୧-୧ ଗୋଲରେ ଡ୍ର ରହିଥିଲା। ଅଧିନାୟକ ସୁନୀଲ ଛେତ୍ରୀଙ୍କ ପ୍ରଥମାର୍ଦ୍ଧ ଇଞ୍ଜୁରି ଟାଇମ୍ ଗୋଲ ବଳରେ ଭାରତ ଅଗ୍ରଣୀ ହାସଲ କରିଥିଲେ ହେଁ ଦ୍ୱିତୀୟାର୍ଦ୍ଧ ଇଞ୍ଜୁରି ଟାଇମ୍‌ରେ ଅନୱର ଅଲୀଙ୍କ ଆତ୍ମଘାତୀ ଗୋଲ ଯୋଗୁ ଭାରତ ପଏଣ୍ଟ ଭାଗ କରିବାକୁ ବାଧ୍ୟ ହୋଇଥିଲା। ସେହିପରି ଭାରତ ବିପକ୍ଷ ଶେଷ ମ୍ୟାଚକୁ ଡ୍ର ରଖିବା ପୂର୍ବରୁ କୁଏଟ୍ ନିଜର ପ୍ରଥମ ଗ୍ରୁପ୍ ମ୍ୟାଚରେ ନେପାଳକୁ ୩-୧ ଓ ଦ୍ୱିତୀୟ ମ୍ୟାଚରେ ପାକିସ୍ତାନକୁ ୪-୦ ଗୋଲରେ ପରାସ୍ତ କରିଥିଲା। ସେମିଫାଇନାଲରେ ଭାରତ ପେନାଲ୍ଟି ଶୁଟ୍ ଆଉଟ ୪-୨ ଗୋଲରେ ଲେବାନନକୁ ହରାଇଥିଲା ଏବଂ କୁଏଟ୍ ଅତିରିକ୍ତ ସମୟ (ନିର୍ଦ୍ଧାରିତ ସମୟ ଗୋଲଶୂନ୍ୟ)ରେ ଗୋଟିଏ ଗୋଲ ଦେଇ ବାଂଲାଦେଶକୁ ୧-୦ରେ ପରାସ୍ତ କରିଥିଲା।

### ମହେଶ ଗାୱ୍ଲିଙ୍କୁ ଗୁରୁଦାୟିତ୍ୱ

ଭାରତୀୟ ଦଳର ମୁଖ୍ୟ କୋଚ୍ ଇଗର ଷ୍ଟିମାକ୍ ୨ଟି ମ୍ୟାଚରୁ ବାସନ୍ଦ ହୋଇଛନ୍ତି। ତେଣୁ ସେମିଫାଇନାଲ ପରି ଫାଇନାଲରେ ମଧ୍ୟ ସହକାରୀ କୋଚ୍ ମହେଶ ଗାୱ୍ଲିଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ''ଗତ କୁଏଟ୍ ଓ ଲେବାନନ୍ ବିପକ୍ଷ ମ୍ୟାଚ ଉତ୍ତେଜନାପୂର୍ଣ୍ଣ ରହିଥିଲା। ତେଣୁ ଫାଇନାଲରେ ଧୈର୍ଯ୍ୟର ସହ ଥଣ୍ଡା ମନରେ ଖେଳିବାକୁ ମୁଁ ଖେଳାଳିଙ୍କୁ ପରାମର୍ଶ ଦେଇଛି। ଏହା ଭିନ୍ନ ଧରଣର ଗେମ୍ ହୋଇଥିଲେ ହେଁ ଆମେ ଭଲ ପ୍ରଦର୍ଶନ ବଜାୟ ରଖିବାନେଇ ଆଶାବାଦୀ ଅଛୁ'' ବୋଲି ମ୍ୟାଚ ପୂର୍ବ ଖବରଦାତା ସମ୍ମିଳନୀରେ ଗାୱ୍ଲି ପ୍ରକାଶ କରିଛନ୍ତି। ତେବେ କୁଏଟ୍ କଡ଼ା ଟକ୍କର ଦେବ ବୋଲି ମଧ୍ୟ ସତର୍କ କରାଇ ଦେଇଛନ୍ତି। ଜଣେ ଖେଳାଳିଭାବେ ଗାୱ୍ଲି ୨୦୦୫ କରାଚୀ ଓ ୨୦୧୧ ନୂଆଦିଲ୍ଲୀରେ ଟ୍ରଫି ଜିତି ସାରିଛନ୍ତି। ମାତ୍ର କୋଚ୍‌ଭାବେ ପ୍ରଥମଥର ପାଇଁ ତାଙ୍କ ନିକଟରେ ଟ୍ରଫି ହାସଲର ସୁଯୋଗ ଆସିଛି। ସସ୍‌ପେଣ୍ଡ ଯୋଗୁ ସେମିଫାଇନାଲ ଖେଳିପାରି ନ ଥିବା ସେଣ୍ଟ୍ରାଲ ଡିଫେଣ୍ଡର ସନ୍ଦେଶ ଝିଙ୍ଗାନ ଆଗାମୀ ମ୍ୟାଚରେ ଖେଳିବେ। କ୍ୟାରିୟରରେ ପ୍ରଥମଥର ପାଇଁ ସାଫ୍ ଟାଇଟଲ ଜିତିବାକୁ ସେ ବ୍ୟଗ୍ରତାର ସହ ଅପେକ୍ଷା କରିଛନ୍ତି ବୋଲ ପ୍ରକାଶ କରିଛନ୍ତି।



ଟ୍ରଫି ସହ ଦୁଇ ଦଳର ଖେଳାଳି ଓ କୋଚ୍।

### ଭାରତ-କୁଏଟ୍ ଫୁଟବଲ ସମ୍ପର୍କ

- ମୋଟ ମ୍ୟାଚ: ୪
- କୁଏଟ୍ ବିଜୟୀ: ୨, ଭାରତ ବିଜୟୀ: ୧, ଡ୍ର:୧
- ୧୯୭୮ ଡିସେମ୍ବର ୧୭ (ଏସିଆନ ଗେମ୍ସ): କୁଏଟ୍-୬, ଭାରତ-୧
- ୨୦୦୪ ନଭେମ୍ବର ୫ (ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ): ଭାରତ-୩, କୁଏଟ୍-୨
- ୨୦୧୦ ନଭେମ୍ବର ୧୪ (ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ): କୁଏଟ୍-୯, ଭାରତ-୧
- ୨୦୨୩ ଜୁନ୍ ୨୭ (ସାଫ୍ ଚାମ୍ପିୟନଶିପ୍): ଭାରତ-୧, କୁଏଟ୍-୧




### ଟାଇଟଲ ବିଜୟୀ

**ଭାରତ:** ୮ (୧୯୯୩, ୧୯୯୭, ୧୯୯୯, ୨୦୦୫, ୨୦୦୯, ୨୦୧୧, ୨୦୧୫, ୨୦୨୧)
**ମାଲଦ୍ୱୀପ:** ୨ (୨୦୦୮, ୨୦୧୮)
**ବାଂଲାଦେଶ:** ୧ (୨୦୦୩)
**ଆଫଗାନିସ୍ତାନ:** ୧ (୨୦୧୩)
**ଶ୍ରୀଲଙ୍କା:** ୧ (୧୯୯୫)

### ଇତିହାସ

ସାଉଥ୍ ଏସିଆନ ଫୁଟବଲ ଫେଡେରେଶନ ଚାମ୍ପିୟନଶିପ୍ ବା ସାଫ୍ କପ୍ ୧୯୯୩ରେ ଲାହୋରରେ ଆରମ୍ଭ ହୋଇଥିଲା। ସେତେବେଳେ ଏହା ସାଉଥ୍ ଏସିଆନ ଆସୋସିଏଶନ ଫର୍ ରିଜିଓନାଲ କୋ-ଅପରେଶନ ଗୋଲ୍ଡ କପ୍ ଭାବେ ପରିଚିତ ଥିଲା। ପ୍ରତି ୨ ବର୍ଷରେ ଏହି ପ୍ରତିଯୋଗିତା ହୋଇ ଆସୁଥିଲେ ମଧ୍ୟ ବିଭିନ୍ନ କାରଣ ଯୋଗୁ ୨ ଥର ବନ୍ଦ ରହିଛି। ୨୦୦୧ରେ ଫିଫାଦ୍ୱାରା ଆୟୋଜକ ବାଂଲାଦେଶ ଫୁଟବଲ ଫେଡେରେଶନ ବାସନ୍ଦ ହୋଇଥିବାରୁ ପ୍ରତିଯୋଗିତାକୁ ପ୍ରଥମଥର ବନ୍ଦ ରଖାଯାଇଥିଲା। ସେହିପରି କୋଭିଡ୍-୧୯ ମହାମାରୀ ଯୋଗୁ ଦ୍ୱିତୀୟ ଥରପାଇଁ ୨୦୨୧ରେ ପ୍ରତିଯୋଗିତା ହୋଇପାରି ନ ଥିଲା। ଟୁର୍ନାମେଣ୍ଟର ୧୩ ସଂସ୍କରଣ ମଧ୍ୟରୁ ସବୁଠାରୁ ସଫଳ ଦଳଭାବେ ଭାରତ ୮ ଥର ଚାମ୍ପିୟନ ଓ ୪ ଥର ରନରଅପ୍ ହୋଇଛି।

### କୁଏଟ୍ ପାଇଁ ବଡ଼ ସୁଯୋଗ

ଲିଗ୍ ମ୍ୟାଚ ଅପେକ୍ଷା ଫାଇନାଲରେ ଭିନ୍ନ ଧରଣର ଗେମ୍ ହୋଇଥାଏ ବୋଲି କୁଏଟ୍ ମୁଖ୍ୟ କୋଚ୍ ରୁଇ ବେଣ୍ଟୋ ମଧ୍ୟ ସ୍ୱୀକାର କରିଛନ୍ତି। ''ଫାଇନାଲରେ ପହଞ୍ଚିବା ପାଇଁ ଆମେ କଠିନ ପରିଶ୍ରମ କରିଛୁ। ଖେଳ ଉପରେ ଫୋକସ ରଖିବା ସହ ଉତ୍ତମ ପ୍ରଦର୍ଶନ କରିବାକୁ ଖେଳାଳିଙ୍କୁ ପରାମର୍ଶ ଦିଆଯାଇଛି। ଖେଳକୁ ଉପଭୋଗ କରିବା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ'' ବୋଲି ବେଣ୍ଟୋ କହିଛନ୍ତି। ପର୍ତ୍ତୁଗାଲର ବେଣ୍ଟୋ ଗତବର୍ଷ କୁଏଟ୍ ଜାତୀୟ ଦଳର କୋଚ୍ ଦାୟିତ୍ୱ ଗ୍ରହଣ କରିଛନ୍ତି। ଶେଷଥର ପାଇଁ ୨୦୧୦ରେ କୁଏଟ୍ ଆରବିୟାନ ଗଲ୍ଫ କପ୍ ଜିତିଥିଲା। ସେତେବେଳେ ଏହି ଦଳ ଫାଇନାଲରେ ସାଉଦି ଆରବକୁ ପରାସ୍ତ କରିଥିଲା। ଦୀର୍ଘ ବ୍ୟବଧାନରେ ଏହି ଦଳ ଲାଗି ଏକ ଟ୍ରଫି ଜିତିବାର ସୁଯୋଗ ଆସିଛି। ଗତ ୨୧ ଦିନ ମଧ୍ୟରେ କୁଏଟ୍ ୭ଟି ମ୍ୟାଚ ଖେଳି ସାରିଛି। କମ୍ ଦିନ ମଧ୍ୟରେ ଏତେଗୁଡ଼ାଏ ମ୍ୟାଚ ଖେଳିଥିଲେ ହେଁ ଫାଇନାଲରେ ଦଳ ଶ୍ରେଷ୍ଠ ପ୍ରଦର୍ଶନ କରିବ ବୋଲି କୋଚ୍ ଆଶା ପ୍ରକାଶ କରିଛନ୍ତି।

### ସାଫ୍ ଚାମ୍ପିୟନଶିପ୍ ଫାଇନାଲ

**ମ୍ୟାଚ ଆରମ୍ଭ:** ରାତି ୭ଟା ୩୦
**ସ୍ଥାନ:** ବେଙ୍ଗାଲୁରୁ
**ପ୍ରସାରଣ:** ଡିଡି ସ୍ପୋର୍ଟ୍ସ ନେଟ୍‌ୱର୍କ

## ବେୟାରଷ୍ଟୋଙ୍କ ବିବାଦୀୟ ରନ୍‌ଆଉଟ ମାମଲା
# ଏମ୍‌ସିସିର ୩ ସଦସ୍ୟ ସସ୍‌ପେଣ୍ଡ

**ନୂଆଦିଲ୍ଲୀ, ୩।୭(ପି.ଟି.):** ଜନି ବେୟାରଷ୍ଟୋଙ୍କ ବିବାଦୀୟ ରନ୍ ଆଉଟ ମାମଲାରେ କ୍ରିକେଟର ନିୟମ ପ୍ରଣେତା ମେରିଲବୋନ୍ କ୍ରିକେଟ କ୍ଲବ୍(ଏମ୍‌ସିସି) ପକ୍ଷରୁ ଏହାର ୩ ଜଣ ସଦସ୍ୟଙ୍କୁ ସସ୍‌ପେଣ୍ଡ କରାଯାଇଛି। ଲର୍ଡ୍ସରେ ଅନୁଷ୍ଠିତ ଆଶେସ୍ ସିରିଜ୍‌ର ଦ୍ୱିତୀୟ ଟେଷ୍ଟ ମ୍ୟାଚର ଚତୁର୍ଥ ଇନିଂସରେ ଇଂଲଣ୍ଡ ଉଇକେଟକିପର ଜନି ବେୟାରଷ୍ଟୋ ବିବାଦୀୟ ଢଙ୍ଗରେ ରନ୍ ଆଉଟ ହୋଇଥିଲେ। ଏହାପରେ ପଡ଼ିଆରୁ ଫେରୁଥିବା ସମୟରେ ଲଙ୍ଗ ରୁମ୍‌ରେ ଡେଭିଡ୍ ୱାର୍ନର ଓ ଉସ୍‌ମାନ ଖ୍ୱାଜାଙ୍କ ସହ କିଛି ଦର୍ଶକ ଯୁକ୍ତି କରିଥିଲେ। ଉକ୍ତ ଦର୍ଶକ ଷ୍ଟାଣ୍ଡଟି ଏମ୍‌ସିସି ପାଇଁ ସଂରକ୍ଷିତ ରହିଥିବା ବେଳେ ଏଥିରେ ବସିଥିବା ୩ ଜଣ ବ୍ୟକ୍ତି ଏମ୍‌ସିସିର ସଦସ୍ୟ ରହିଥିଲେ। ଏହି ଘଟଣାର ଭିଡିଓ ପ୍ରସାରିତ ହେବା ପରେ ତୁରନ୍ତ ଏମ୍‌ସିସି ପକ୍ଷରୁ ଅଷ୍ଟ୍ରେଲିଆ ଦଳକୁ କ୍ଷମା ପ୍ରାର୍ଥନା କରାଯାଇଥିଲା। ସୁରକ୍ଷାକର୍ମୀଙ୍କ ହସ୍ତକ୍ଷେପ ପରେ ଉଭୟ ଖେଳାଳିଙ୍କୁ ସେଠାରୁ ନିଆଯାଇଥିଲା। ଇଂଲଣ୍ଡ ଦଳର ଉଇକେଟକିପର ବ୍ୟାଟର ଜନି ବେୟାରଷ୍ଟୋ ସପ୍ତମ ଖେଳାଳି ଭାବରେ ବ୍ୟାଟିଂ କରିବାକୁ ଆସିଥିଲେ। ୨୨ ବଲ୍‌ରୁ ୨ ଚୌକା ସହିତ ୧୦ ରନ୍ କରିଥିବା ବେଳେ ଏକ ବଲ୍‌କୁ ଛାଡ଼ି ଦେଇଥିଲେ। ବଲ୍‌ଟିକୁ ସେ ଡକ୍ କରିଥିବା ବେଳେ ଏହା ଆଲେକ୍ସ କେରୀଙ୍କ ହାତକୁ ଯାଇଥିଲା। ବେୟାରଷ୍ଟୋ ଏହା ପରେ କ୍ରିଜ୍ ଛାଡ଼ି ନନ୍ ଷ୍ଟ୍ରାଇକରେ ଥିବା ବେନ୍ ଷ୍ଟୋକ୍ସଙ୍କ ସହିତ ଆଲୋଚନା ପାଇଁ ଆଗକୁ ଯାଇଥିଲେ। ବଲ୍‌ଟି ଡେଡ୍ ହେବା ପୂର୍ବରୁ ସେ କ୍ରିଜ୍ ବାହାରକୁ ଆସିଥିବାରୁ କେରୀ ଷ୍ଟମ୍ପକୁ ବଲ୍ ଥ୍ରୋ କରିବା ସହିତ ତାଙ୍କୁ ରନ୍ ଆଉଟ କରିଥିଲେ। ଏହାପରେ ଅଷ୍ଟ୍ରେଲୀୟ ଖେଳାଳିଙ୍କ ସହିତ ବେନ୍ ଷ୍ଟୋକ୍ସଙ୍କ ଯୁକ୍ତିତର୍କ ହୋଇଥିଲା। ଏହା ସ୍ପିରିଟ୍ ଅଫ୍ କ୍ରିକେଟର ବିରୋଧୀ ବୋଲି ଯୁକ୍ତି କରିବା ସହିତ ଇଂଲିଶ ଖେଳାଳି ବିରୋଧ କରିଥିଲେ।

ସୋମବାର ଏମ୍‌ସିସି ପକ୍ଷରୁ ଏହି ଯୁକ୍ତିତର୍କରେ ସମ୍ପୃକ୍ତ ଥିବା ୩ ଜଣ ଏମ୍‌ସିସି ଅଫିସିଆଲଙ୍କୁ ସସ୍‌ପେଣ୍ଡ କରାଯାଇଛି। ଏମ୍‌ସିସି ମୁଖ୍ୟ କାର୍ଯ୍ୟନିର୍ବାହୀ ଗାଏ ଲାଭେଣ୍ଡର ଏହି ଘଟଣା ସମ୍ପର୍କରେ ସୂଚନା ଦେଇଛନ୍ତି। ପଡ଼ିଆରେ ଉକ୍ତ ଘଟଣା ଘଟିବା ପରେ ଷ୍ଟାଡିୟମରେ ଉପସ୍ଥିତ ଦର୍ଶକମାନେ ଅଷ୍ଟ୍ରେଲୀୟ ଦଳକୁ ଚିଟର(ଠକ) ବୋଲି କହିଥିଲେ।

**ଖ୍ୱାଜାଙ୍କ ଅସନ୍ତୋଷ:** ଏହି ଘଟଣାକୁ ନେଇ ଅଷ୍ଟ୍ରେଲୀୟ ଓପନିଂ ବ୍ୟାଟର ଉସ୍‌ମାନ ଖ୍ୱାଜା ଅସନ୍ତୋଷ ପ୍ରକାଶ କରିଛନ୍ତି। ଲର୍ଡ୍ସ ଏମିତି ଏକ ସ୍ଥାନ, ଯେଉଁଠି କ୍ରିକେଟ ଓ କ୍ରିକେଟରଙ୍କୁ ସମ୍ମାନ ମିଳିଥାଏ। ମାତ୍ର ଲଙ୍ଗରୁମ୍‌ରେ କିଛି ସଦସ୍ୟ ଯେଉଁଭଳି ବ୍ୟବହାର କଲେ ତାହା ଅଗ୍ରହଣୀୟ ବୋଲି କହିଥିଲେ ଖ୍ୱାଜା।

## ୱିମ୍ବଲଡନରୁ ଓହରିଲେ କିର୍‌ଗିଓସ

**ୱିମ୍ବଲଡନ, ୩।୭ (ଏପି)**

କଟିରେ ଆଘାତପ୍ରାପ୍ତ ଯୋଗୁ ଗତଥରର ରନରଅପ୍ ନିକ୍ କିର୍‌ଗିଓସ ୱିମ୍ବଲଡନ ଗ୍ରାଣ୍ଡସ୍ଲାମ ଟେନିସ ପ୍ରତିଯୋଗିତାରୁ ଓହରିଯାଇଛନ୍ତି। ଅଲ ଇଂଲଣ୍ଡ କ୍ଲବଠାରେ ଗତବର୍ଷ ସେ ପ୍ରଥମଥର ଏକ ଗ୍ରାଣ୍ଡସ୍ଲାମ ଟୁର୍ନାମେଣ୍ଟର ଫାଇନାଲରେ ପହଞ୍ଚିଥିଲେ। ଏଥର ପୁରୁଷ ବିଭାଗରେ ସେ ୩୦ତମ ସିଡ୍ ମାନ୍ୟତାପ୍ରାପ୍ତ ଖେଳାଳି ଥିଲେ। ସୋମବାର ସେ ଡେଭିଡ୍ ଗଫିନଙ୍କ ସହ ମୁକାବିଲା କରିଥାନ୍ତେ।

# ବେଙ୍ଗାଲୁରୁ ପାଇଁ ଆଉ ଏକ ବର୍ଷ ଖେଳିବେ ଛେତ୍ରୀ

**ବେଙ୍ଗାଲୁରୁ, ୩।୭ (ପି.ଟି.)**

ଭାରତୀୟ ଫୁଟ୍‌ବଲ ଆଇକନ ସୁନୀଲ ଛେତ୍ରୀ ସୋମବାର ବେଙ୍ଗାଲୁରୁ ଏଫ୍‌ସି ସହ ଅତିରିକ୍ତ ବର୍ଷର ବିକଳ୍ପ ସହିତ ଏକ ନୂଆ ବର୍ଷିକିଆ ଚୁକ୍ତି କରିଛନ୍ତି। ବର୍ତ୍ତମାନର ସକ୍ରିୟ ଖେଳାଳିଙ୍କ ମଧ୍ୟରେ ଛେତ୍ରୀ ବିଶ୍ୱର ତୃତୀୟ ସର୍ବାଧିକ ଗୋଲ ସ୍କୋରର ବିବେଚିତ ହେଉଛନ୍ତି। ଆଉ ୨ ମାସ ପରେ ସେ ତାଙ୍କ ୩୯ତମ ଜନ୍ମଦିନ ପାଳିବେ। ଛେତ୍ରୀ କାନ୍ତିରାଭା ଷ୍ଟାଡିୟମରେ ଏକ ବ୍ୟାନରର ଉନ୍ମୋଚନ କରିଛନ୍ତି, ଯେଉଁଠାରେ ଭାରତ ଶନିବାର ଅନୁଷ୍ଠିତ ସାଫ୍ ଚାମ୍ପିୟନଶିପ୍ ସେମିଫାଇନାଲରେ ଲେବାନନଙ୍କୁ ହରାଇ ଦେଇଥିଲା। ୨୦୧୩ରେ ବେଙ୍ଗାଲୁରୁ ଏଫ୍‌ସି ଗଠନ ହୋଇଥିଲା। କ୍ଲବ ସହ ସେ ୧୦ ସିଜନ ଧରି ଖେଳି ଆସୁଛନ୍ତି। ସେ କ୍ଲବରେ ସବୁଠାରୁ ଅଧିକ ଦିନ ଧରି ଟିକ୍ସି ରହିଥିବା ଖେଳାଳି। କ୍ଲବ ସହ ସେ ୭ ଟ୍ରଫି ଜିତିଛନ୍ତି। ଛେତ୍ରୀ କହିଛନ୍ତି କ୍ଲବ ସହ ସେ ଖୁବ୍ ଖୁସି ଅଛନ୍ତି। କ୍ଲବ ପାଇଁ ଆଉ ଦୁଇ ବର୍ଷ ଖେଳିଲେ ତାଙ୍କର କୌଣସି ଅସୁବିଧା ନାହିଁ।




# ସ୍ୱିଟେକ୍, ପେଗୁଲା, ଜୋକୋଭିଚ୍‌ଙ୍କ ବିଜୟ

**ୱିମ୍ବଲଡନ୍, ୩।୭**

ଟେନିସ୍‌ର ସର୍ବପୁରାତନ ଗ୍ରାଣ୍ଡସ୍ଲାମ ଇଭେଣ୍ଟ ସୋମବାର ଆରମ୍ଭ ହୋଇଛି। ଏହି ଗ୍ରାସକୋର୍ଟ ଟୁର୍ନାମେଣ୍ଟର ପ୍ରଥମ ଦିନରେ ମହିଳା ଖେଳାଳିଙ୍କ ମଧ୍ୟରେ ଇଗା ସ୍ୱିଟେକ୍, ଭିକ୍ଟୋରିଆ ଆଜାରେଙ୍କା ଓ ଜେସିକା ପେଗୁଲା ବିଜୟରୁ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ପୁରୁଷ ଖେଳାଳିଙ୍କ ମଧ୍ୟରେ କ୍ରମାଗତ ପଞ୍ଚମ ଟାଇଟଲ ଲକ୍ଷ୍ୟରେ ଥିବା ସର୍ବିଆର ନୋଭାକ୍ ଜୋକୋଭିଚ୍‌ଙ୍କ ସମେତ ଆଣ୍ଡି ରୁବଲେଭ, ଲରେଞ୍ଜୋ ମୁସେଟ୍ଟି, ଆସ୍ଲାନ୍ କାରାଟସେଭ ଓ ଜୋର୍ଡାନ୍ ଥମ୍ପସନ୍ ପ୍ରମୁଖ ପ୍ରଥମ ରାଉଣ୍ଡରେ ବିଜୟୀ ହୋଇଛନ୍ତି।

ମହିଳା ସିଙ୍ଗଲ୍ସରେ ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା ସ୍ୱିଟେକ୍ ଚାଇନାର ଝୁ ଲିନ୍‌ଙ୍କୁ ୬-୧ ଓ ୬-୩ ସେଟରେ ପରାସ୍ତ କରିଛନ୍ତି। ପୋଲାଣ୍ଡର ସ୍ୱିଟେକ୍ ପ୍ରାଧାନ୍ୟ ବିସ୍ତାର କରି ଖେଳିବା ସହିତ ସହଜରେ ମ୍ୟାଚ୍‌କୁ ଜିତି ନେଇଥିଲେ। ୧୯ ନମ୍ବର ସିଡ୍ ଭିକ୍ଟୋରିଆ ଆଜାରେଙ୍କା ୪-୬, ୭-୫ ଓ ୪-୬ ସେଟରେ ଚାଇନାର ୟୁଏ ୟୁଆନଙ୍କୁ ପରାସ୍ତ କରିଛନ୍ତି। ପ୍ରଥମ ସେଟରେ ଆଜାରେଙ୍କା ବିଜୟୀ ହୋଇଥିବା ବେଳେ ୟୁଆନ୍ ପ୍ରତ୍ୟାବର୍ତ୍ତନ କରି ଦ୍ୱିତୀୟ ସେଟ୍ ଜିତିଥିଲେ। ପ୍ରତ୍ୟାବର୍ତ୍ତନ ସହିତ ଆଜାରେଙ୍କା ତୃତୀୟ ସେଟ୍‌କୁ ୬-୪ରେ ଜିତି ନେଇଥିଲେ। ବିଶ୍ୱ ମାନ୍ୟତାର ୪ ନମ୍ବର ସ୍ଥାନରେ ଥିବା ଆମେରିକାର ଜେସିକା ପେଗୁଲା ନିଜ ଦେଶର ଖେଳାଳି ଲରେନ୍ ଡେଭିସ୍‌ଙ୍କୁ ୬-୨, ୭-୬(୮-୧୦) ଓ ୬-୩ରେ ପରାସ୍ତ କରିଛନ୍ତି। ପ୍ରଥମ ରାଉଣ୍ଡରେ ପେଗୁଲା ସହଜ ବିଜୟ ହାସଲ କରିଥିଲେ। ଦ୍ୱିତୀୟ ରାଉଣ୍ଡରେ ଲରେନ୍ ଟାଇବ୍ରେକରରେ ବିଜୟୀ ହେବା ପରେ ତୃତୀୟ ରାଉଣ୍ଡକୁ ଜିତି ନେଇଥିଲେ ପେଗୁଲା। ବିଶ୍ୱ ମାନ୍ୟତାର ୫ ନମ୍ବର ସ୍ଥାନରେ ଥିବା ଫ୍ରାନ୍ସର କାରୋଲିନ୍ ଗାର୍ସିଆ୬-୪ ଓ ୬-୩ ସେଟରେ ଆମେରିକାର କେଟି ଭଲିନେଟ୍ସଙ୍କୁ ପରାସ୍ତ କରିଛନ୍ତି। ସେହିପରି



ମ୍ୟାଚ୍ ଜିତିବା ପରେ ଉଲ୍ଲସିତ ଇଗା ସ୍ୱିଟେକ।

### ୱିମ୍ବଲଡନ୍ ୨୦୨୩

ପ୍ରଥମ ଦିନରେ ଏକ ବିପର୍ଯ୍ୟୟ ମଧ୍ୟ ଦେଖିବାକୁ ମିଳିଛି। ବିଶ୍ୱ ମାନ୍ୟତାର ୫୭ତମ ସ୍ଥାନରେ ଥିବା ରୋମାନିଆର ଆନା ବୋଗଡାନ ୭-୬(୭-୧) ଓ ୭-୬(୭-୪) ସେଟରେ ବିଶ୍ୱ ମାନ୍ୟତାର ୧୫ ନମ୍ବର ସ୍ଥାନରେ ଥିବା ଲିଉଡମିଲା ସାମସୋନୋଭାଙ୍କୁ ପରାସ୍ତ କରିଛନ୍ତି। ଉଭୟ ସେଟ୍ ଟାଇ ବ୍ରେକରକୁ ଯାଇଥିଲା।

ପୁରୁଷ ସିଙ୍ଗଲ୍ସ ଇଭେଣ୍ଟରେ ବିଶ୍ୱ ମାନ୍ୟତାରେ ୨ ନମ୍ବର ସ୍ଥାନରେ ଥିବା ନୋଭାକ୍ ଜୋକୋଭିଚ୍ ୬-୩, ୬-୩ ଓ ୭-୬(୭-୪) ସେଟ୍‌ରେ ଆର୍ଜେଣ୍ଟିନାର ପେଡ୍ରୋ କାଚିନଙ୍କୁ ପରାସ୍ତ କରି ଅଭିଯାନ ଆରମ୍ଭ କରିଛନ୍ତି। ୭ ନମ୍ବର ସିଡ୍ ଆଣ୍ଡି ରୁବଲେଭ୍ ମଧ୍ୟ ସିଧାସଳଖ ବିଜୟ ସହିତ ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ସ୍ଥାନୀୟ ଖେଳାଳି ମ୍ୟାକ୍ସ ପର୍ସେଲଙ୍କୁ ୬-୩, ୭-୫ ଓ ୬-୪ ସେଟ୍‌ରେ ସେ ପରାସ୍ତ କରିଥିଲେ। ୫୦ ନମ୍ବର ସିଡେଡ୍ ଆସ୍ଲାନ କାରାଟସେଭ୍ ଫ୍ରାନ୍ସର ଲୁକା ଭାନ୍ ଆଶ୍ଚେଙ୍କୁ ୬-୭(୪-୭), ୬-୪, ୬-୨ ଓ ୬-୪ ସେଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅଣ ସିଡେଡ ବ୍ରିଟିଶ ଖେଳାଳି ଜୋର୍ଡାନ୍ ଥମ୍ପସନ୍ ୫ ସେଟ୍ ବିଶିଷ୍ଟ କଡା ସଂଘର୍ଷପୂର୍ଣ୍ଣ ମୁକାବିଲାରେ ଆମେରିକାର ବ୍ରାଣ୍ଡନ ନାକାଶିମାଙ୍କୁ ହରାଇଥିଲେ। ୬-୨, ୬-୨, ୪-୬, ୬-୭(୪-୭) ଓ ୩-୬ରେ ସେ ମ୍ୟାଚକୁ ଜିତି ନେଇଥିଲେ। ପ୍ରଥମ ଦୁଇ ସେଟକୁ ନାକାଶିମା ଜିତି ନେଇଥିଲେ। ତେବେ ଘରୋଇ ପରିବେଶର ଫାଇଦା ଉଠାଇ ଥମ୍ପସନ୍ ପରବର୍ତ୍ତୀ ୩ ସେଟ ଜିତି ନେଇଥିଲେ। ୧୪ ନମ୍ବର ସିଡ୍ ଇଟାଲୀର ଲରେଞ୍ଜୋ ମୁସେଟ୍ଟି ପେରୁର ଜୁଆନ୍ ପାବଲୋ ଭାରିଲାସଙ୍କୁ ୬-୩, ୬-୧ ଓ ୭-୫ ସେଟରେ ପରାସ୍ତ କରି ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

1-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ